# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୪/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, March 14/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





# ୩୦ ଜିଲାରେ ବିଜେଡି ଜିଲା ପରିଷଦ ସଭାପତି


ବବିତା ପ୍ରଧାନ
ଅନୁଗୋଳ


ନାରାୟଣ ପ୍ରଧାନ
ବାଲେଶ୍ୱର


ପ୍ରଫୁଲ୍ଲ ଜେନା
ଭଦ୍ରକ


ଭାରତୀ ହାଁସଦା
ମୟୂରଭଞ୍ଜ


ସାଗରିକା ସାହୁ
କେନ୍ଦୁଝର


ନଳିନୀପ୍ରଭା ଜେନା
ଯାଜପୁର


ଗୀତାଞ୍ଜଳି ସେଠୀ
କେନ୍ଦ୍ରାପଡ଼ା


ମନୋଜ କୁମାର ଭୋଇ
ଜଗତ୍‌ସିଂହପୁର


ଦେବାଶିଷ ପଟ୍ଟନାୟକ
ନୟାଗଡ଼


ରୂପଶ୍ରୀରାଣୀ ଗୁମାନସିଂହ
ଖୋର୍ଦ୍ଧା


କିଶୋର ଚନ୍ଦ୍ର ମିଶ୍ର
କଟକ


ସ୍ୱପ୍ନାରାଣୀ ସ୍ୱାଇଁ
ପୁରୀ


ଅର୍ଚ୍ଚନା ପୁହାଣ
ଢେଙ୍କାନାଳ


କୌଶିକ ପ୍ରଧାନ
ଦେବଗଡ଼


କୁମୁଦିନୀ ନାୟକ
ସମ୍ବଲପୁର


ତୁଳାବତୀ ମିଞ୍ଜ
ଝାରସୁଗୁଡ଼ା


ପ୍ରଭାସିନୀ ଦାସ
ବୌଦ୍ଧ


ଡଲି ମାଝି
ନୂଆପଡ଼ା


କୁନ୍ତି ପ୍ରଧାନ
ସୁନ୍ଦରଗଡ଼


ସୁପାରା ଠେଲା
ସୁବର୍ଣ୍ଣପୁର


ଦେବକୀ ସାହୁ
ବଲାଙ୍ଗୀର


ପୁଷ୍ପେନ୍ଦ୍ର ସିଂଦେଓ
କଳାହାଣ୍ଡି


ନନ୍ଦିନୀ ମଲ୍ଲିକ
କନ୍ଧମାଳ


ଅଞ୍ଜଳି ସ୍ୱାଇଁ
ଗଞ୍ଜାମ


ଜି. ତିରୁପତି ରାଓ
ଗଜପତି


ମୋତିରାମ ନାୟକ
ନବରଙ୍ଗପୁର


ସମାରୀ ଟାଙ୍ଗୁଲୁ
ମାଲକାନଗିରି


ସସ୍ମିତା ମେଲେକା
କୋରାପୁଟ


ସରସ୍ୱତୀ ମାଝି
ରାୟଗଡ଼ା


ମାନିନୀ ଭୋଇ
ବରଗଡ଼

## 'କେଜ୍‌ରିୱାଲ, ମାନ୍‌ଙ୍କ ବିଶାଳ ରୋଡ୍ ଶୋ'

### ପଞ୍ଜାବ ସଚ୍ଚୋଟ ମୁଖ୍ୟମନ୍ତ୍ରୀ ପାଇବାକୁ ଯାଉଛି: କେଜ୍‌ରିୱାଲ

ଅମୃତସର, ୧୩।୩(ପି.ଟି.)

ବହୁବର୍ଷ ପରେ ପଞ୍ଜାବ ଜଣେ ସଚ୍ଚୋଟ ମୁଖ୍ୟମନ୍ତ୍ରୀ ପାଇବାକୁ ଯାଉଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ରବିବାର କହିଛନ୍ତି। ତାଙ୍କ ଦଳ ପଞ୍ଜାବକୁ ଏକ ସଚ୍ଚୋଟ ସରକାର ଦେବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ପାଇଁ ଭୋଟରଙ୍କୁ ଧନ୍ୟବାଦ ଜଣାଇବା ନିମନ୍ତେ କେଜ୍‌ରିୱାଲ ଏବଂ ପଞ୍ଜାବର ଭାବୀ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ନେତୃତ୍ୱରେ ଅମୃତସରରେ ବିଶାଳ ରୋଡ୍ ଶୋ' ଆୟୋଜନ କରାଯାଇଥିଲା। ଏଥିରେ ନବନିର୍ବାଚିତ ଏଏପି ବିଧାୟକ ଏବଂ ଦଳୀୟ ସମର୍ଥକମାନେ ଭାଗ ନେଇଥିଲେ। କଚେରି ଚୌକରୁ ରୋଡ୍ ଶୋ' ଆରମ୍ଭ ହୋଇଥିଲା।

୧୧୭ ଆସନ ବିଶିଷ୍ଟ ପଞ୍ଜାବ ବିଧାନସଭା ନିର୍ବାଚନରେ ଏଏପି ୯୨ ଆସନରେ ବିଜୟୀ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଭୋଟରଙ୍କୁ ଧନ୍ୟବାଦ ଜଣାଇବା ଅବସରରେ ପଞ୍ଜାବକୁ ଭଲ ପାଏ ବୋଲି କେଜ୍‌ରିୱାଲ କହିଛନ୍ତି। ରାଜ୍ୟରେ


ପଞ୍ଜାବ ଅମୃତସରରେ ରବିବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଭଗୱନ୍ତ ମାନ୍‌ଙ୍କ ରୋଡ୍ ଶୋ'।

ଏକ ସଚ୍ଚୋଟ ସରକାର ଗଢ଼ାଯିବ। ପଞ୍ଜାବ ସରକାରଙ୍କ ରାଜକୋଷର ପ୍ରତିଟି ପଇସା ରାଜ୍ୟବାସୀଙ୍କ ପାଇଁ ଖର୍ଚ୍ଚ ହେବ। ଯଦି କୌଣସି ଏଏପି ବିଧାୟକ ଅସାଧୁ କାର୍ଯ୍ୟରେ ଲିପ୍ତ ଥିବା ଜଣାପଡ଼େ ତେବେ ତାଙ୍କୁ ଜେଲ୍‌କୁ ପଠାଇଦିଆଯିବ। କେବଳ ମାନ୍ ନୁହନ୍ତି, ପ୍ରତ୍ୟେକ ପଞ୍ଜାବ ଜନସାଧାରଣ ମୁଖ୍ୟମନ୍ତ୍ରୀ ହେବେ ବୋଲି କେଜ୍‌ରିୱାଲ କହିଛନ୍ତି।

## ନିର୍ବାଚନ ପରବର୍ତ୍ତୀ ହିଂସା, ୩ ଗିରଫ

**ସୋନପୁର, ୧୩।୩(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ବିନିକା ଥାନା ଚରଦା ହରିଜନ ପଡା ଓ ନୂଆପଡାରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ଶନିବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ପରେ ଚରଦା ଗ୍ରାମର କେତେକ ଲୋକ ବିଜୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାତିରେ ଘରକୁ ଫେରିବା ସମୟରେ ଚରଦା ଗ୍ରାମର ସବର୍ଣ୍ଣ ଶ୍ରେଣୀର କେତେକ ଲୋକ ହରିଜନପଡା ଓ ନୂଆପଡା ଲୋକଙ୍କୁ ନିର୍ବାଚନ ସମୟରେ ଭୋଟ ଦେଇ ନ ଥିବାରୁ ଗାଳିଗୁଲଜ କରିଥିଲେ। ଘର ସମ୍ମୁଖରେ ବାଣ ଫୁଟାଇବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏପରିକି ଗ୍ରାମର ୨ଟି ସୋଲାର ପାନୀୟ ଜଳ ପ୍ରକଳ୍ପର ପାଇପ୍‌କୁ ଭାଙ୍ଗି ଦେଇଥିଲେ। ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ହରିଜନପଡା ଓ ନୂଆପଡାର ୫୦ରୁ ଉର୍ଦ୍ଧ୍ୱ ମହିଳା ଏ ସମ୍ପର୍କରେ ବିନିକା ଥାନାରେ ଚରଦା ଗ୍ରାମର ୧୨ ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ବିନିକା ଥାନାରେ ଏକ ମାମଲା(୭୭/୨୨)ରୁଜୁ ହୋଇଛି। ପୋଲିସ ଚରଦା ଗ୍ରାମର ଦୀପକ ବାରିକ୍, ଗୋଲେକ ଥନାପତି ଓ ଦେବେନ୍ଦ୍ର ଥନାପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୋନପୁର ପୋଲିସ ଏସ୍‌ଡିପିଓ ପୁଷ୍ପାଞ୍ଜଳୀ ନିଙ୍ଗ ମାମଲାର ତଦନ୍ତ କରୁଛନ୍ତି।

## ୨୫ ବର୍ଷ ପରେ ମହିଳାଙ୍କ ହାତକୁ ଫେରିଲା ପଦ

ବ୍ରହ୍ମପୁର ଅଫିସ, ୧୩।୩

### ଗଞ୍ଜାମ ଜିଲା ପରିଷଦ ସଭାପତି ହେଲେ ଅଞ୍ଜଳି

ଗଞ୍ଜାମ ଜିଲା ପରିଷଦର ନୂଆ ଅଧ୍ୟକ୍ଷା ହୋଇଛନ୍ତି ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧରାକୋଟ ବ୍ଲକରୁ ଜିଲା ପରିଷଦ ସଦସ୍ୟା ନିର୍ବାଚିତ ହୋଇଥିବା ବିଜେଡିର ଅଞ୍ଜଳି ସ୍ୱାଇଁ। ୨୦୧୭ ପଞ୍ଚାୟତ ନିର୍ବାଚନରେ ସେ ପ୍ରଥମେ ସରପଞ୍ଚ ହୋଇ ରାଜନୀତିରେ ପାଦ ଥାପିଥିଲେ। ୧୯୯୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ସଭାପତି ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ସେ ସମୟରେ ଦିଗପହଣ୍ଡି ବ୍ଲକରୁ ନିର୍ବାଚିତ ସଦସ୍ୟା ରେଣୁବାଳା ପ୍ରଧାନ ଅଧ୍ୟକ୍ଷା ହୋଇଥିଲେ। ଦୀର୍ଘ ୨୫ ବର୍ଷ ପରେ ପୁଣି ମହିଳାଙ୍କ ନିମନ୍ତେ ଏହି ପଦ ସଂରକ୍ଷିତ ରଖାଯାଇଥିଲା। ୨୦୧୭ ନିର୍ବାଚନରେ ଛତ୍ରପୁର ବ୍ଲକର ସୁବାସ ଚନ୍ଦ୍ର ବେହେରା ପରିଷଦ ଅଧ୍ୟକ୍ଷ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ ବିଧାୟକ ହେବାରୁ ପଦ ଛାଡ଼ିଥିଲେ। ତେଣୁ ହୋଇଥିବା ଉପ ନିର୍ବାଚନରେ ଖଲିକୋଟ ବ୍ଲକରୁ ସୋନମ ପଲେଇ ଅଧ୍ୟକ୍ଷା ହୋଇଥିଲେ।

ଚଳିତ ୨୦୨୨ ନିର୍ବାଚନରେ ବିଜେଡି ନିରୁଙ୍କଶ ସଂଖ୍ୟା ଗରିଷ୍ଠ ହେବା ଓ ଅଧ୍ୟକ୍ଷା କିଏ ହେବେ ତାହା ଚର୍ଚ୍ଚାକୁ ଆସିଥିଲା। ୧୯୯୭ ପରେ ୨୦୦୨ରେ ହୋଇଥିବା ନିର୍ବାଚନରେ ବୁଗୁଡ଼ା ବ୍ଲକରୁ ରେବତୀ ମୋହନ ନାୟକ, ୨୦୦୭ରେ ରଙ୍ଗେଇଲୁଣ୍ଡା ବ୍ଲକରୁ ଧରଣୀଧର ବେହେରା ଅଧ୍ୟକ୍ଷ ହୋଇଥିଲେ। ଏକ ବିବାଦୀୟ ଘଟଣାରେ ସେ ପଦ ହରାଇବାରୁ ଉପନିର୍ବାଚନରେ ସେହି ବ୍ଲକରୁ କାମରାଜୁ ସେଠୀ ପଦ ପାଇଥିଲେ। ୨୦୧୨ ନିର୍ବାଚନରେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରୁ ସୁରଥ ପ୍ରଧାନ ଅଧ୍ୟକ୍ଷ ହୋଇଥିଲେ। ୨୦୧୭ରେ ଛତ୍ରପୁର ବ୍ଲକ ଭାଗରେ ଏହି ପଦ ପଡ଼ିଥିଲା। ତେବେ ସାନଖେମୁଣ୍ଡି ସମେତ ଅନ୍ୟ ନିର୍ବାଚନ ମଣ୍ଡଳୀରୁ କେହି ଜିଲା ପରିଷଦ ସଭାପତି ହୋଇନଥିବାରୁ ଏଥର କାହା ଭାଗରେ ପଡ଼ିବ ସେନେଇ ରାଜନୈତିକ ଚର୍ଚ୍ଚା ପାଲଟିଥିଲା।

## ସରପଞ୍ଚଙ୍କ ପୁଅଙ୍କୁ ମରଣାନ୍ତକ ଆକ୍ରମଣ

### ରାଜନୈତିକ ପରବର୍ତ୍ତୀ ହିଂସା

ସଜନାଗଡ଼, ୧୩।୩(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ବାଉଁଶବଣିଆ ପଞ୍ଚାୟତରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖାଦେଇଛି। ନିର୍ବାଚିତ ସରପଞ୍ଚ ନିରଞ୍ଜନ ବାରିକଙ୍କ ପୁଅ ଲେନିନ୍‌ଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏଥିରେ ତାଙ୍କର ୨ଗୋଡ଼ରେ ଗଭୀର ଆଘାତ ଲାଗିବା ସହ ସେ ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

ପଞ୍ଚାୟତ ନିର୍ବାଚନରେ ୱାର୍ଡ଼ମେମ୍ବର ହାରଜିତ୍‌କୁ ନେଇ ବାଦବିବାଦ ଲାଗି ରହିଥିଲା। ରବିବାର ପୂର୍ବାହ୍ନରେ ଲେନିନ ପାଟପୁର ବଜାରରୁ ନିଜ ଘର ଗୁହାଳିଆକୁ ଫେରୁଥିବା ବେଳେ ପରାଜିତ ପ୍ରାର୍ଥୀଙ୍କ


ଗୁରୁତର ଲେନିନ୍ ବାରିକ।

ସମର୍ଥକ କୃଷ୍ଣଚନ୍ଦ୍ର ବେହେରା, ଦୀନବନ୍ଧୁ ବେହେରା, ପଦ୍ମଲୋଚନ ବେହେରା, ଅଜୟ ରାଉତ, ଶିପ୍ରିକାନ୍ତ ରାଉତ ପ୍ରମୁଖ ଏକଜୁଟ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଠେଙ୍ଗା, ଭୁଜାଲି, ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ଲେନିନ୍‌ଙ୍କ ୨ ଗୋଡ଼, ମୁଣ୍ଡ, ଛାତି, ହାତ ଆଦି ସ୍ଥାନରେ ଗଭୀର ଆଘାତ ଲାଗିଥିଲା। କିଛି ଦୂରରେ ଜଣେ ମହିଳା ଦେଖି ଚିତ୍କାର କରିବାରୁ ଆକ୍ରମଣକାରୀମାନେ ଛାଡ଼ି ପଳାଇଯାଇଥିଲେ। ପରିବାର ଲୋକେ ଲେନିନ୍‌ଙ୍କୁ ଉଦ୍ଧାର କରି ପ୍ରଥମେ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ଲେନିନ୍‌ଙ୍କ ସାନ ଭାଇ ନୀଳମାଧବ ବାରିକ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## 'ଆଇନର ବାଟ ଓଗାଳୁଛନ୍ତି ସରକାର'

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ରାଜ୍ୟରେ ଆଇନ ତା' ବାଟରେ ଯାଉନାହିଁ। ଆଇନ ଆଗରେ ବାଟ ଓଗାଳି ଖୋଦ୍ ରାଜ୍ୟ ସରକାର ଛିଡ଼ା ହୋଇ ରହିଛନ୍ତି। ପଞ୍ଚାୟତ ନିର୍ବାଚନ ସମୟରେ ଶାସକ ବିଜେଡି ଦ୍ୱାରା ହିଂସାତ୍ମକ ଆଚରଣ ଆମ ସମସ୍ତଙ୍କ ମନରୁ ଲିଭି ନ ଥିବାବେଳେ ବର୍ତ୍ତମାନ ପୌର ନିର୍ବାଚନ ସମୟରେ ପୁଣିଥରେ ଶାସକ ଦଳର ସମାନ ମନୋଭାବ ସାମ୍ନାକୁ ଆସିଛି। ପୌର ନିର୍ବାଚନ ସମୟରେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ନିର୍ବାଚନୀ ହିଂସା ଘଟିବା ଅତ୍ୟନ୍ତ ଚିନ୍ତାର ବିଷୟ ପାଲଟିଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ରବିବାର ସମୀର ରାଜଧାନୀରେ ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଥିବା ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଆକ୍ରମଣର ଶିକାର ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା କାର୍ଯ୍ୟକର୍ତ୍ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ନିର୍ବାଚନକୁ ବିରୋଧୀ ଶୂନ୍ୟ କରି ଯେନତେନ ହିସାବରେ ଶାସନ କ୍ଷମତାକୁ ଜାବୁଡି ଧରିବାର ନିଶା ଶାସକ ବିଜେଡିକୁ ଘାରିଛି। କ୍ଷମତା ପାଇଁ ଯେକୌଣସି ସ୍ତରକୁ ଓହ୍ଲାଇବା ପାଇଁ ବିଜେଡି ନିଜକୁ ପ୍ରସ୍ତୁତ କରିଛି। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି ଡିଣ୍ଡିମ ପିଟୁଥିବା ବିଜେଡିର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ବୋଲି ସମୀର କହିଛନ୍ତି। ଭାଜପା କର୍ପୋରେଟର ପ୍ରାର୍ଥୀଙ୍କ ପରିବାର ସଦସ୍ୟଙ୍କୁ କରାଯାଇଥିବା ମରଣାନ୍ତକ ଆକ୍ରମଣ ଘଟଣା ଘଟିବାର ୨୪ ଘଣ୍ଟା ବିତିବାକୁ ଯାଉଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ନେଇ ସମୀର ପ୍ରଶ୍ନ ଉଠାଇଛନ୍ତି।

## ଆଜି ଭାଜପାର ସତ୍ୟାଗ୍ରହ

### ଜଗଦେବଙ୍କ ଗାଡ଼ି ଲୋକଙ୍କ ଉପରେ ମାଡ଼ିଯିବା ଘଟଣା

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ଲୋକତନ୍ତ୍ରରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଥାଏ। ବିଚାରଧାରାରେ ପ୍ରତିଦ୍ୱନ୍ଦ୍ୱିତା ଥାଏ। ନିର୍ବାଚନ ଲଢ଼ିଲେ ଜଣେ ଜିତିବ ଏବଂ ଅନ୍ୟ ଜଣେ ହାରିବ। ଏହାର ଅର୍ଥ ନୁହେଁ ଗାଡ଼ି ଚଢ଼ାଇ ମାରିଦେବା। ପ୍ରଶାନ୍ତ ଜଗଦେବଙ୍କ ଭଳି ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ବିଜେଡି ବହିଷ୍କାର ନ କରି କ'ଣ ପାଇଁ କେବଳ ନିଲମ୍ବନ କରିଥିଲା ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ପ୍ରଶ୍ନ କରିଛନ୍ତି। ଜଗଦେବ ଘଟାଇଥିବା ଘଟଣାର ପ୍ରତିବାଦରେ ସମସ୍ତ ସହରାଞ୍ଚଳ, ବ୍ଲକ ଓ ଜିଲା ମୁଖ୍ୟାଳୟ ଆଗରେ ସୋମବାର ସତ୍ୟାଗ୍ରହ କରାଯିବ। ଭାଜପା କର୍ମୀମାନେ ମୁହଁରେ କଳାପଟି ବାନ୍ଧି ଏହି ସତ୍ୟାଗ୍ରହରେ ସାମିଲ ହେବେ। ଫାଷ୍ଟଟ୍ରାକ କୋର୍ଟରେ ଏହି ଘଟଣା ବିଚାରକରି କଡ଼ା ଦଣ୍ଡ ଦେବାକୁ ଦଳ ତରଫରୁ ଦାବି କରାଯିବ ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବିତ କହିଛନ୍ତି ଯେ, ଚିଲିକା ବିଧାୟକଙ୍କ ଜଘନ୍ୟ କାର୍ଯ୍ୟକଳାପ ଅହଂକାରର ପରାକାଷ୍ଠା। ବିଧାୟକ ମଦ୍ୟପାନ କରି ଗାଡ଼ି ଚଳାଉଥିଲେ। ବିଧାୟକଙ୍କ କାର୍ଯ୍ୟକଳାପ ଗଣତନ୍ତ୍ର ପାଇଁ ଏକ ଷଡ଼ଯନ୍ତ୍ର। ତାଙ୍କର ଏଭଳି ଆଚରଣ ଓଡ଼ିଶା ଛବିକୁ ମଳିନ କରିଛି। ସେ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିଲେ ମଧ୍ୟ ବିଜେଡି ତାଙ୍କୁ ଦଳରେ ସ୍ଥାନ ଦେଇଥିଲା। ପୂର୍ବରୁ ଦଳିତ ଯୁବକଙ୍କୁ ମାଡ଼ ମାରିବା ସହ ବୌଦ୍ଧରେ ଜଗଦେବ ଭାଜପା କର୍ମୀଙ୍କୁ ବି ଆକ୍ରମଣ କରିଥିଲେ। ଏହାସତ୍ତ୍ୱେ ଦଳ ତାଙ୍କୁ କେଉଁ କାରଣରୁ ବହିଷ୍କାର ନ କରିଛି ବୋଲି ସମ୍ବିତ ପ୍ରଶ୍ନ ଉଠାଇଛନ୍ତି। ବିଧାୟକଙ୍କୁ ଦଳରୁ ନିଲମ୍ବନ କେବଳ ଏକ ନାଟକ ଥିଲା। ନିଲମ୍ବନ ପରେ ବି ତାଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାର

- ଅଭ୍ୟାସଗତ ଅପରାଧୀଙ୍କୁ ଦଳରେ ସ୍ଥାନ ଦେଇଥିଲା ବିଜେଡି: ସମ୍ବିତ
- ଭାଜପାର ଦୋମୁହାଁ ନୀତି ଠିକ୍ ନୁହେଁ: ବିଜେଡି

ଦେଖାଯାଇଥିଲା। ତେଣୁ ତାଙ୍କ ବିରୋଧରେ ସମ୍ବିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଏବେ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ସରିଥିବା ବେଳେ ୪ଟି ରାଜ୍ୟରେ ଭାଜପା ବହୁମତ ହାସଲ କରିଛି। କିନ୍ତୁ କୌଣସି ରାଜ୍ୟରେ ହିଂସାକାଣ୍ଡ ଘଟୁ ନ ଥିବା ବେଳେ ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ କାହିଁକି ଭାଜପା କର୍ମୀଙ୍କୁ ଏଭଳି ଆକ୍ରମଣ କରାଯାଉଛି ବୋଲି ସମ୍ବିତ ପ୍ରଶ୍ନ କରିଛନ୍ତି।

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଏବେ ଦଳରେ ନାହାନ୍ତି। ପୋଲିସ ଦ୍ୱାରା ତାଙ୍କ ବିରୋଧରେ ଦୃଢ଼ ତଥା କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ଦାବି କରିସାରିଛି। ଏହା ଜାଣିବା ସତ୍ତ୍ୱେ ସେହି ବର୍ଗର ଘଟଣାକୁ ରାଜନୀତୀକରଣ କରିବାକୁ ଭାଜପା ଅନାବଶ୍ୟକ ଭାବେ ବିଜେଡିକୁ ଟାଣିବାକୁ ଯେଉଁଭଳି ଚେଷ୍ଟା କରୁଛି ତାହା ଅତ୍ୟନ୍ତ ଦୁଃଖଦାୟକ ଏବଂ ଦୁର୍ଭାଗ୍ୟଜନକ। ଏହି ବର୍ଗର ଘଟଣାକୁ ନେଇ ଭାଜପା ଯେଉଁ ରାଜନୀତି କରିବାକୁ ଚାହୁଁଛି ତାକୁ ଏଡାଇବାକୁ ପଡ଼ିବ। ଭାଜପା ଶାସିତ ରାଜ୍ୟରେ ଯେତେବେଳେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଏପରି ଘଟଣା ଘଟାଇଥିଲେ ସେମାନେ ଏହି ପ୍ରସଙ୍ଗରେ ରାଜନୀତି କରିବା ଉଚିତ ନୁହେଁ ଆଇନ ତା' ବାଟରେ ଯିବ ବୋଲି କହିଥିଲେ। ହେଲେ ଓଡ଼ିଶାରେ ଭାଜପା ସମାନ ଘଟଣାରେ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରୁଛି। ଏପରି ଘଟଣାରେ ଦୋମୁହାଁ ନୀତି ଠିକ୍ ନୁହେଁ ବୋଲି ସସ୍ମିତ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ଅନ୍ୟ ନେତୃବୃନ୍ଦ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୪/୨୦୨୨ | Bhubaneswar, Monday, March 14/2022 | ପୃଷ୍ଠା-୧



## କପିଳଦେବଙ୍କ ରେକର୍ଡ ଭାଙ୍ଗିଲେ ପନ୍ତ

ଜଣେ ଭାରତୀୟ ଖେଳାଳି ହିସାବରେ କପିଳ ଦେବଙ୍କ ଦ୍ରୁତ ଅର୍ଦ୍ଧଶତକ ରେକର୍ଡ ଭଙ୍ଗ କରିଛନ୍ତି ଉଇକେଟକିପର ବ୍ୟାଟର ରିଷଭ ପନ୍ତ।

୧୦

୦୯

## ସଫଳତା ପାଇଁ ଫର୍ମୁଲା ନାହିଁ

କଠିନ ପରିଶ୍ରମ ହିଁ ସଫଳତାର ଏକମାତ୍ର ଚାବିକାଠି ବୋଲି 'ବଚ୍ଚନ ପାଣ୍ଡେ'ର ପ୍ରମୋଶନ ବେଳେ ଅଭିନେତା ଅକ୍ଷୟ କୁମାର କହିଛନ୍ତି।






# ବିଜେଡି: ୩୦ରୁ ୩୦

## ଇତିହାସ ରଚିଲା ଦଳ

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

- ୭୦% ମହିଳା ଜିଲା ପରିଷଦ ସଭାପତି
- ଯୁବ, ଶିକ୍ଷିତ ଏବଂ ସ୍ୱଚ୍ଛ ଭାବମୂର୍ତ୍ତିଙ୍କୁ ପ୍ରାଧାନ୍ୟ

ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଭାଜନ ହୋଇ ଦୀର୍ଘ ୨୨ବର୍ଷ ଧରି ଶାସନ କରି ଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ପଞ୍ଚାୟତ ନିର୍ବାଚନରେ ଇତିହାସ ରଚିଛନ୍ତି। କେବଳ ରାଜ୍ୟ ନୁହେଁ ବରଂ ସାରା ଭାରତ ବର୍ଷରେ ଏକ ବିରଳ ରେକର୍ଡ କରି ସମସ୍ତ ୩୦ଜିଲାରେ ବିଜେଡି ଜିଲା ପରିଷଦ ସଭାପତି ଆସନ ହାସଲ କରିଛି। ଯୁବ, ଶିକ୍ଷିତ ଏବଂ ସ୍ୱଚ୍ଛ ଭାବମୂର୍ତ୍ତି ଉପରେ ବିଜେଡି ଭରସା କରିବାସହ ମହିଳାଙ୍କୁ ବିଶେଷ ଅଗ୍ରାଧିକାର ଦେଇଛି। ବିଜେଡିର ଏଭଳି ଅଭୂତପୂର୍ବ ସଫଳତା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ସମ୍ଭବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।

ଜିଲା ପରିଷଦ ସଭାପତି ନିର୍ବାଚନ ରବିବାର ଶେଷ ହୋଇଛି। ସବୁ ଜିଲାରେ ବିଜେଡି ସଭାପତି ଆସନ ହାତେଇଥିବା ବେଳେ କଂଗ୍ରେସ ଏବଂ ଭାଜପା ଗୋଟିଏ ବି ଜିଲା ପରିଷଦ ନିଜ ଆଡ଼କୁ ନେବାରେ ସମର୍ଥ ହୋଇପାରିନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ରାଜ୍ୟବାସୀଙ୍କ ସମର୍ଥନର ଏହା ଏକ ବଡ ଉଦାହରଣ କହିଲେ କିଛି ଭୁଲ୍ ହେବ ନାହିଁ। ବିଜେଡି ପକ୍ଷରୁ କୁହାଯାଇଛି, ଦଳ ଏଥର ଭବିଷ୍ୟତ କଥାକୁ ଦୃଷ୍ଟିରେ ରଖି ଦୀର୍ଘମିଆଦୀ ରଣନୀତି ପ୍ରସ୍ତୁତ କରିବା ପାଇଁ ଯୁବ ଏବଂ ଶିକ୍ଷିତ ପ୍ରାର୍ଥୀଙ୍କୁ ସଭାପତି ପଦରେ ☞ପୃଷ୍ଠା-୨

## ରାୟଗଡ଼ାର ସରସ୍ୱତୀ ସର୍ବକନିଷ୍ଠା

ରାୟଗଡ଼ା ଅଫିସ,୧୩।୩

ରାୟଗଡ଼ା ଜିଲା ପରିଷଦ ସଭାପତି ରୂପେ କାଶୀପୁର ବ୍ଲକ 'ଗ' ଜୋନ୍‌ର



ଜିଲା ପରିଷଦ ସଭାପତି ଘୋଷଣା ପରେ ସରସ୍ୱତୀ ଶପଥପାଠ କରୁଛନ୍ତି।

ଜିଲା ପରିଷଦ ସଭ୍ୟା ସରସ୍ୱତୀ ମାଝି ନିର୍ବାଚିତ ହୋଇଛନ୍ତି। ବିଜେଡିରୁ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଏହି ଆସନ ହାତେଇବାରେ ସଫଳ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସରସ୍ୱତୀଙ୍କ ବୟସ ମାତ୍ର ୨୩ ବର୍ଷ। ରାଜନୀତିରେ ପ୍ରଥମ ଥର ପାଦଦେଇ ସେ ସର୍ବକନିଷ୍ଠ ଜିଲା ପରିଷଦ ସଭାପତି ହୋଇପାରିଛନ୍ତି। ଜିଲାର ୨୨ ଜିଲା ପରିଷଦ ସଭ୍ୟ ଉପସ୍ଥିତ ଥିଲେ ମଧ୍ୟ ବିଜେଡି ୧୬ ଆସନରେ ବିଜୟୀ ହୋଇ ସଂଖ୍ୟାଗରିଷ୍ଠତା ହାସଲ କରିଥିବାରୁ ସରସ୍ୱତୀ ଜଣେ ମାତ୍ର ପ୍ରାର୍ଥୀ ଭାବେ ଜିଲା ପରିଷଦ ସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସରସ୍ୱତୀ ଗୁଣପୁର ସରକାରୀ ମହାବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ ☞ପୃଷ୍ଠା-୨

# ଛାଡ଼ିବେନି ସୋନିଆ

**୫ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ହାଇକମାଣ୍ଡଙ୍କୁ ଅସନ୍ତୁଷ୍ଟ ଗୋଷ୍ଠୀ (ଜି-୨୩)ର କେତେଜଣ ନେତା ଦାୟୀ କରିଥିଲେ। ତେବେ ଦଳୀୟ ସ୍ୱାର୍ଥ ପାଇଁ କୌଣସି ପ୍ରକାର ତ୍ୟାଗ କରିବାକୁ ପ୍ରସ୍ତୁତ ବୋଲି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ରବିବାର ସିଡବ୍ଲୁସି ବୈଠକରେ ସ୍ପଷ୍ଟ କରିଥିଲେ। ୪ ଘଣ୍ଟାର ମାନସମନ୍ଥନ ପରେ ସୋନିଆ ହିଁ କଂଗ୍ରେସର ଅଧକ୍ଷା ରହିବେ। ସେ ପଦ ଛାଡ଼ିବେ ନାହିଁ ବୋଲି ବୈଠକରେ ସହମତି ପ୍ରକାଶ ପାଇଛି।**

ନୂଆଦିଲ୍ଲୀ,୧୩।୩

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଦଳର ମଙ୍ଗ ଛାଡ଼ିବେ ନାହିଁ। ସୋନିଆ ହିଁ କଂଗ୍ରେସ ଅଧକ୍ଷ ପଦରେ ରହିବେ ବୋଲି ରବିବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ବୈଠକରେ ନିଷ୍ପତ୍ତି ହୋଇଛି। ଏନେଇ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସଦ୍ୟ ଅନୁଷ୍ଠିତ ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁର ଓ ଗୋଆ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଏହାର କାରଣ ଖୋଜିବା ପାଇଁ ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ ସିଡବ୍ଲୁସି ବୈଠକ ବସିଥିଲା। ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ପୁଣି ଥରେ କଂଗ୍ରେସ ଅଧକ୍ଷ କରାଇବା ପାଇଁ କେତେଜଣ ନେତା ପୂର୍ବରୁ ମତ ରଖିଥିଲେ। ତେବେ ୪ ଘଣ୍ଟାର ମାନସମନ୍ଥନ ପରେ ବୈଠକରେ ସର୍ବସମ୍ମତିକ୍ରମେ ଦଳର ଅଧକ୍ଷା ସୋନିଆଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରାଯାଇଥିବା ଜଣାପଡ଼ିଛି।



ସୋନିଆ ଗାନ୍ଧୀ

### ସିଡବ୍ଲୁସି ବୈଠକରେ ନିଷ୍ପତ୍ତି

ସିଡବ୍ଲୁସି ବୈଠକ ପରେ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଖବରଦାତାମାନଙ୍କୁ କହିଛନ୍ତି, ସୋନିଆ ଅଧକ୍ଷ ପଦରେ ରହିବେ। ଦଳୀୟ ସଙ୍ଗଠନକୁ ମଜଭୁତ କରି ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ସେ ତ୍ୱରିତ ପଦକ୍ଷେପ ନେବେ। ପାର୍ଲାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ପରେ କଂଗ୍ରେସର ଚିନ୍ତନ ଶିବିର ଆରମ୍ଭ ହେବ। ଏହା ପୂର୍ବରୁ ପୁଣିଥରେ ସିଡବ୍ଲୁସି ବୈଠକ ବସିବ। ବୈଠକରେ ନେତାମାନଙ୍କ ମତାମତକୁ ସୋନିଆ ଶୁଣିଛନ୍ତି। ଯାହା ଜରୁରୀ ପଦକ୍ଷେପ ଆବଶ୍ୟକ ସେସବୁ ନେବା ପାଇଁ ସେ ସମ୍ମତି ପ୍ରକାଶ କରିଛନ୍ତି। ସିଡବ୍ଲୁସିର ପ୍ରତ୍ୟେକ ସଦସ୍ୟ ସୋନିଆଙ୍କ ମାର୍ଗଦର୍ଶନରେ କାମ କରିବାକୁ ଆଗ୍ରହୀ ଥିବା ମୁଖପାତ୍ର ରଣଦୀପ ସୁର୍ଯ୍ୟେୱାଲା କହିଛନ୍ତି।

ବରିଷ୍ଠ ନେତା ଗୁଲାମନବୀ ଆଜାଦ୍‌ଙ୍କ ବାସଭବନରେ ଶୁକ୍ରବାର ☞ପୃଷ୍ଠା-୨

# ୟୁକ୍ରେନ୍‌ରେ ଆମେରିକୀୟ ଫିଲ୍ମ ନିର୍ମାତା ନିହତ

ୱାଶିଂଟନ୍, ୧୩।୩

ଆମେରିକୀୟ ଫିଲ୍ମ ନିର୍ମାତା ତଥା ଖବରଦାତା ରବିବାର ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣର ଶିକାର ହୋଇଛନ୍ତି। କିଭ୍‌ରେ ରୁଷୀୟ ସୈନ୍ୟଙ୍କ ଗୁଳି ବାଜିବାରୁ ତାଙ୍କ ମୃତ୍ୟୁ ଘଟିଛି। ୫୧ ବର୍ଷୀୟ ଭିଡିଓ ଜର୍ନାଲିଷ୍ଟ ବ୍ରେଣ୍ଟ ଇର୍‌ପିନ୍‌ରେ ରିପୋର୍ଟିଂ କରୁଥିବାବେଳେ ରୋମାନିଭ୍‌ସ୍କି ବ୍ରିଜ୍ ନିକଟରେ ଥିବା ଏକ କାର ଉପରେ ରୁଷିଆ ସୈନ୍ୟ ଗୁଳି ଚଳାଇଥିଲେ। ଫଳରେ ବ୍ରେଣ୍ଟଙ୍କ ବେକରେ ଗୁଳି



ବ୍ରେଣ୍ଟ ରେନାଉଡ୍

ବାଜିଥିଲା। ଇର୍‌ପିନ୍‌ରେ ରିପୋର୍ଟିଂ କରୁଥିବା ପିବିଏସ୍ ନ୍ୟୁଜ୍‌ଆୱାରର ଜଣେ ଖବରଦାତା ସେଠାରେ ବ୍ରେଣ୍ଟଙ୍କ ମୃତଦେହ ଏକ ବ୍ଲାଙ୍କେଟ୍‌ରେ ଘୋଡ଼ା ହୋଇଥିବା ଦେଖିବାକୁ ପାଇଥିଲେ ବୋଲି ଟୁଇଟ କରିଛନ୍ତି। ସେ ନ୍ୟୁୟର୍କ ଟାଇମ୍ସର ଏକ ଆଇ-କାର୍ଡ ପକାଇଥିବା ଦେଖିବାକୁ ମିଳିଛି। ବ୍ରେଣ୍ଟଙ୍କ ମୃତ୍ୟୁରେ ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ଶୋକ ପ୍ରକାଶ ପାଇଛି। ସେ ଜଣେ ଦକ୍ଷ ଫଟୋଗ୍ରାଫର ଥିଲେ। କିନ୍ତୁ ୟୁକ୍ରେନ୍‌ରେ ଖବର ☞ପୃଷ୍ଠା-୨



କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଜର୍ମାନୀ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ମ୍ୟାଚରେ ଭାରତ ଶୁଟ୍‌ଆଉଟ ୩-୦ ଗୋଲରେ ବିଜୟୀ ହୋଇଛି।

# ବିମାନର ଜରୁରୀ ଅବତରଣ, ଯାତ୍ରୀ ମୃତ

ଭୁବନେଶ୍ୱର, ୧୩।୩ (ବ୍ୟୁରୋ)

ଜଣେ ଯାତ୍ରୀ ହଠାତ ଅସୁସ୍ଥ ଅନୁଭବ କରିବାରୁ ବେଙ୍ଗାଲୁରୁରୁ କୋଲକାତା ଅଭିମୁଖେ ଯାଉଥିବା ଏୟାର ଏସିଆ ବିମାନ (୨୪୭୨) ରବିବାର ଭୁବନେଶ୍ୱରରେ ଜରୁରୀ ଅବତରଣ କରିଥିଲା। ଏହାପରେ ସମ୍ପୃକ୍ତ ଯାତ୍ରୀଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯାତ୍ରୀଙ୍କ ନାଁ ତୈମୁର ଅଲ୍ଲୀ ଖାନ୍ ଓ ବୟସ ପ୍ରାୟ ୩୩ ହେବ। ଘର ପଶ୍ଚିମବଙ୍ଗର ମେଦିନାପୁର ବୋଲି ତାଙ୍କ ପାଖରୁ ମିଳିଥିବା ପରିଚୟପତ୍ରରୁ ଜଣାପଡ଼ିଛି। ସୂଚନାନୁସାରେ, ଏୟାର ଏସିଆର ବିମାନଟି ବେଙ୍ଗାଲୁରୁ ବିମାନବନ୍ଦରରୁ ସକାଳ ୬ଟା ୩୦ରେ କୋଲକାତା ଅଭିମୁଖେ ଉଡାଣ ଆରମ୍ଭ କରିଥିଲା। ବିମାନଟି ମଝି ଆକାଶରେ ଥିବାବେଳେ ସେଥିରେ ଯାତ୍ରା କରୁଥିବା ତୈମୁରଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସେ କ୍ରିୟୁ ମେମ୍ବରଙ୍କୁ ଜଣାଇଥିଲେ। ଏହି ସମୟରେ ବିମାନ ପାଇଁ ଭୁବନେଶ୍ୱର ନିକଟ ଥିଲା। ଏ ସଂକ୍ରାନ୍ତରେ ତୁରନ୍ତ ଏୟାର ଏସିଆ କର୍ତ୍ତୃପକ୍ଷ ଓ ଭୁବନେଶ୍ୱର ବିମାନବନ୍ଦର ସହିତ ଯୋଗାଯୋଗ କରାଯାଇଥିଲା। ଅନୁମତି ମିଳିବା ପରେ ପାଇଲଟ୍ ବିମାନଟିକୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରାଇଥିଲେ। ଏୟାରପୋର୍ଟ ଆମ୍ବୁଲାନ୍ସରେ ଅସୁସ୍ଥ ଯାତ୍ରୀ ତୈମୁରଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ସେତେବେଳକୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା।

# ୟୁପି: ୫୧% ବିଧାୟକଙ୍କ ନାଁରେ ଆପରାଧିକ ମାମଲା




| ଦଳ | ଜନସତ୍ତା ଦଳ ଲୋକତାନ୍ତ୍ରିକ | କଂଗ୍ରେସ | ବିଏସ୍‌ପି | ଆର୍‌ଏଲ୍‌ଡି | ସୋହେଲଦେବ ଭାରତୀୟ ସମାଜ ପାର୍ଟି | ନିଶାଦ ପାର୍ଟି | ଏସ୍‌ପି | ଭାଜପା | ଅପ୍‌ନା ଦଳ(ଏସ୍) |
|---|---|---|---|---|---|---|---|---|---|
| ଆପରାଧିକ ମାମଲା ଥିବା ବିଧାୟକଙ୍କ ସଂଖ୍ୟା | ୨ | ୨ | ୧ | ୭ | ୪ | ୪ | ୭୧ | ୧୧୧ | ୩ |

ଲକ୍ଷ୍ନୌ,୧୩।୩(ଆଇଏଏନ୍‌ଏସ୍)

ଉତ୍ତରପ୍ରଦେଶର ନବନିର୍ବାଚିତ ୪୦୩ ବିଧାୟକଙ୍କ ମଧ୍ୟରୁ ୨୦୫ ଜଣଙ୍କ ନାଁରେ ଆପରାଧିକ ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି। ଅର୍ଥାତ୍ ପାଖାପାଖି ୫୧ ପ୍ରତିଶତ ବିଧାୟକଙ୍କ ବିରୋଧରେ ବିଭିନ୍ନ ଅପରାଧ ମାମଲା ରହିଛି। ୨୦୧୭ ୟୁପି ବିଧାନସଭା ନିର୍ବାଚନ ବେଳେ ୩୬ ପ୍ରତିଶତ ବା ୧୪୩ ବିଧାୟକ ସତ୍ୟପାଠ ଜରିଆରେ ସେମାନଙ୍କ ଆପରାଧିକ ମାମଲା ସମ୍ପର୍କରେ ଘୋଷଣା କରିଥିଲେ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ରିପୋର୍ଟରେ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ ସଦ୍ୟ ନିର୍ବାଚିତ ବିଧାୟକଙ୍କ ମଧ୍ୟରୁ ୧୫୮ ଜଣ (୩୯%)ଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଅପହରଣ, ମହିଳାଙ୍କ ବିରୋଧରେ ଅପରାଧ ଆଦି ସଙ୍ଗିନ ଆପରାଧିକ ମାମଲା ରହିଛି। ୫ ଜଣଙ୍କ ବିରୋଧରେ ହତ୍ୟା ମାମଲା ଏବଂ ୨୯ ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରହିଥିବା ଜଣାପଡ଼ିଛି। ସେହିପରି ୬ ବିଧାୟକଙ୍କ ବିରୋଧରେ ମହିଳାଙ୍କ ପ୍ରତି ଅପରାଧ ମାମଲା ଥିବାବେଳେ ସେଥିରୁ ଜଣେ ବିଧାୟକଙ୍କ ବିରୋଧରେ ବଳାତ୍କାର ମାମଲା ରହିଛି। ୨୦୧୭ ନିର୍ବାଚନ ବେଳେ ୧୦୭ (୨୬%) ବିଧାୟକଙ୍କ ବିରୋଧରେ ଗୁରୁତର ଅପରାଧ ☞ପୃଷ୍ଠା-୨

### ଏଡିଆର୍ ରିପୋର୍ଟ

- ୩୯%ଙ୍କ ନାମରେ ସଙ୍ଗିନ ଅପରାଧ ମାମଲା
- ୯୧% ବିଧାୟକ କୋଟିପତି

# ଆସୁଛି ଉତ୍ତପ୍ତ ବାୟୁ, ବଢ଼ିବ ତାତି

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ମାର୍ଚ୍ଚ ଅଧାରୁ ରାଜ୍ୟରେ ଅସମ୍ଭାଳ ହେଲାଣି ତାତି। ଅଧିକାଂଶ ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି। ଦୁଇଦିନ ପରେ ପାରଦ ଆହୁରି ଉପରମୁହାଁ ହେବ। ରାଜ୍ୟକୁ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରୁ ଶକ୍ତିଶାଳୀ ଶୁଷ୍କ ଉତ୍ତପ୍ତ ବାୟୁ ପ୍ରବେଶ କରିବାର ଆଶଙ୍କା ଥିବାରୁ ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ। ଏହା ପ୍ରଭାବରେ ୧୬ ଓ ୧୭ ତାରିଖରେ କେତେକ ଜିଲାରେ ଅଧିକ ଗ୍ରୀଷ୍ମ ପ୍ରବାହ ଜାରି ରହିବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୧୬ ତାରିଖରେ ବଲାଙ୍ଗୀର, ସୋନପୁର ଓ ବୌଦ୍ଧ ଏବଂ ୧୭ରେ ବଲାଙ୍ଗୀର, ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ

### ଭିନ୍ନ ଉତ୍ତର ଭାରତ

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୪ ମାର୍ଚ୍ଚ, ୨୦୨୨

**ଆଜିର ମନ୍ତବ୍ୟ**
"ଭାରତୀୟ ମତଦାତାମାନେ ସମସ୍ତଙ୍କୁ ଚକିତ କରିଦେବା ପାଇଁ ସକ୍ଷମ। ଏଭଳି ଏକ ଦିନ ଆସିବ ଯେତେବେଳେ ଭାଜପା ବିସ୍ମିତ ହୋଇଯିବ। **-ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା**"



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ନୈନା
ପରିବାରବର୍ଗ


ପ୍ରନୀଳ
ପରିବାରବର୍ଗ


ମନୀଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ୍ ମାମଲା: ପୂର୍ବତନ ଏଜିଙ୍କୁ ସିବିଆଇର ପଚରାଉଚରା

ଭୁବନେଶ୍ୱର,୧୩।୩(ବ୍ୟୁରୋ): ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ୍ ମାମଲାରେ ଛନ୍ଦି ହୋଇଥିବା ଓଡ଼ିଶାର ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ୍ (ଏଜି) ଅଶୋକ ସେଠୀଙ୍କୁ ସିବିଆଇ ପଚରାଉଚରା କରିଛି। ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ତାଙ୍କୁ ପଚରାଉଚରା କରାଯାଇଥିଲା। ତେବେ ଗିରଫ ହୋଇ ଜେଲରେ ଥିବା ଅର୍ଥତତ୍ତ୍ୱ ମୁଖ୍ୟ ପ୍ରଦୀପ ସେଠୀଙ୍କୁ ଜାମିନ ମିଳିବା ପ୍ରସଙ୍ଗରେ ତାଙ୍କଠାରୁ ଅଧିକ କିଛି ତଥ୍ୟ ହାସଲ ପାଇଁ ସିବିଆଇ ଚେଷ୍ଟା କରିଥିବା ସୂଚନା ମିଳିଛି। ଏହି ମାମଲାରେ ଅଶୋକ ପୂର୍ବରୁ ଗିରଫ ହୋଇ ଜେଲ ଯାଇଥିଲେ। ଏବେ ସେ ଜାମିନରେ ଆସିଛନ୍ତି। ତାଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିବା ଜଣାପଡ଼ିଛି।



## ଠଗଠମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆତଙ୍କ କାଳେ ଯାଚନ୍ତି କୁକୁଡ଼ା**
**ଆତଙ୍କ ଗଲେ ଦିଅନ୍ତି ନେଫଡା ।**

ସାଧାରଣତଃ ଜନସାଧାରଣଙ୍କର ଭଗବାନଙ୍କ ପ୍ରତି ବିଶ୍ୱାସ ରହିଥାଏ। ଅନେକ ସମୟରେ କିଛି ବ୍ୟକ୍ତି ବିପଦରେ ପଡିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ ଭଗବାନଙ୍କ ପାଖରେ କିଛି ମାନସିକ କରୁଥିବାର ଦେଖିବାକୁ ମିଳିଥାଏ। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଆଉ ସେତେଟା ଧ୍ୟାନ ବା ନଜର ଦେଇ ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆମ୍ବ କୋଇଲି,**
**ମୋର ଧନକୁ ଖଟୁଛନ୍ତି ଯୋଡ଼ା ଯୋଡ଼ା ପୋଇଲି ।**

କିଛି ବ୍ୟକ୍ତି ନିଜର ଥିଲାପଣିଆ ଦେଖେଇ ହୁଅନ୍ତି। ଯୋଡ଼ା ଯୋଡ଼ା ପୋଇଲି ବା ଚାକର ବାକର ଅଛନ୍ତି, ଖଟୁଛନ୍ତି, ମୋର ଆଉ ଚିନ୍ତା କ'ଣ। ଖାଲି ଗୋଡ଼ ଉପରେ ଗୋଡ଼ ପକେଇ ବସିରହିବା ନେଇ ଗର୍ବ କରି କଥା କହିଥାନ୍ତି। ଅନ୍ୟ ଆଗରେ ନିଜର ଚଳଣି, ଆଟବାଟ ଜାହିର କରିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

**ପ୍ରଥମ ପୃଷ୍ଠାରୁ...**

## ରାୟଗଡ଼ାର ସରସ୍ୱତୀ ...

କରିଛନ୍ତି। ରାଜନୀତିରେ ପୂର୍ବରୁ ଅଭିଜ୍ଞତା ନ ଥିଲା। ବାପା ପବିତ୍ର ମାଝି ଦୀର୍ଘଦିନ ଧରି ବିଜେଡିରେ ଜଣେ ସକ୍ରିୟ କର୍ମୀ ଥିବାରୁ ରାଜନୀତି ପ୍ରତି ଆଗ୍ରହ ଥିଲା। ରାୟଗଡ଼ା ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ଚଳିତ ନିର୍ବାଚନରେ ଜିଲା ପରିଷଦ ସଭାପତି ଆସନଟି ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ସରସ୍ୱତୀଙ୍କୁ ଏହି ଆସନ ପାଇଁ ଯୋଗ୍ୟ ପ୍ରାର୍ଥୀ ଭାବେ ଦଳ ପକ୍ଷରୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା।

ଏତେ କମ୍ ବୟସରେ ଲୋକଙ୍କ ମନ ଜିଣିବାରେ କିପରି ସଫଳ ହେଲେ ବୋଲି ଏକ ପ୍ରଶ୍ନର ଉତ୍ତରରେ ସରସ୍ୱତୀ କହିଛନ୍ତି ଯେ, ଜଣେ ଶିକ୍ଷିତା ଯୁବତୀ ହୋଇଥିବାରୁ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ବିକାଶ କରିବାରେ ସଫଳ ହେବେ ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି। ତେଣୁ ଜିଲା ପରିଷଦ ନିର୍ବାଚନରେ ସେମାନେ ବିଜୟୀ କରାଇଛନ୍ତି । ଅଞ୍ଚଳବାସୀଙ୍କ ସେବା କରିବା ପାଇଁ ରାଜନୀତିକୁ ଆସିଛି। ବିଶେଷକରି କାଶୀପୁର ଅଞ୍ଚଳରେ ଅନେକ ସମସ୍ୟା ରହିଛି। ଗ୍ରାମାଞ୍ଚଳରେ ରାସ୍ତା ଓ ପାନୀୟ ଜଳର ସୁବିଧା ପ୍ରତି ଧ୍ୟାନ ଦେବି। ସ୍କୁଲ ଗୃହ ଓ ଅଙ୍ଗନୱାଡି କେନ୍ଦ୍ର ରହିଥିଲେ ମଧ୍ୟ ତାହା ଠିକ୍‌ରେ ପରିଚାଳନା ହେଉନାହିଁ। ଏସବୁର ଉପଯୁକ୍ତ ପରିଚାଳନା ଉପରେ ଗୁରୁତ୍ୱ ଦେବି ବୋଲି ସରସ୍ୱତୀ କହିଛନ୍ତି।

# ଆଜି ନାମାଙ୍କନ ପ୍ରତ୍ୟାହାରର ଶେଷଦିନ, ବାହାରିବ ଚୂଡ଼ାନ୍ତ ତାଲିକା

**ପୌର ଭୋଟ**

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

ରାଜ୍ୟରେ ୧୦୬ ମ୍ୟୁନିସିପାଲିଟି, ବିଜ୍ଞାପିତ ପରିଷଦ(ଏନ୍‌ଏସି) ଏବଂ ୩ ମହାନଗର ନିଗମରେ ଆସନ୍ତା ୨୪ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଗତ ୧ ତାରିଖଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଗତ ୭ ତାରିଖରେ ଶେଷ ହୋଇଛି। ସେହିପରି ୯ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ସରିଛି। ସୋମବାର ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ। ଅପରାହ୍ଣ ୫ଟା ସୁଦ୍ଧା ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ପ୍ରାର୍ଥୀମାନଙ୍କ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇସାରିଥିବା ବେଳେ ଅଧିକାଂଶ ସେମାନଙ୍କ ମଧ୍ୟରୁ ପ୍ରଚାରରେ ଲାଗିଛନ୍ତି। ନିକଟରେ ୮ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିନେଇଥିବା ବେଳେ ଯଦି କେଉଁମାନେ ଏହା କରିବାକୁ ଚାହୁଁଥିବେ ତେବେ ଏଥିଲାଗି ସେମାନେ ଆଉ ଆଗକୁ କୌଣସି ସୁବିଧା ନ ପାଇପାରନ୍ତି। ଅନ୍ୟପଟେ ସବୁ ଦଳ ନିଜ ନିଜର ଅସନ୍ତୁଷ୍ଟଙ୍କୁ ବୁଝାଇବାକୁ ଲାଗିପଡ଼ିଛନ୍ତି। ତେଣୁ ଏହି ପ୍ରକ୍ରିୟା ଲାଗି କମ୍ ସମୟ ଥିବାରୁ ଅସନ୍ତୁଷ୍ଟଙ୍କୁ ବୁଝାଇବାର ଚେଷ୍ଟା ଜୋରଦାର କରାଯାଉଛି। ଏହା ପରଠାରୁ ସବୁ ଦଳ ନିଜ ନିଜର ପ୍ରଚାର ବ୍ୟାପକ କରିବେ। ସେଥିପାଇଁ ଏକ ପ୍ରକାର ପ୍ରସ୍ତୁତି ବହୁ କର୍ପୋରେଟର ଶେଷ କରିଲେଣି। ମଙ୍ଗଳବାରଠାରୁ ଏକ ପ୍ରକାର ପ୍ରଚାର ଜମିବ। ୨୪ରେ ଭୋଟ ଥିବାବେଳେ ୨୬ରେ ଗଣତି ହେବ। ୨୯ରେ ନିର୍ବାଚିତ ମେୟର, ପୌରାଧ୍ୟକ୍ଷ ଏବଂ କର୍ପୋରେଟରମାନଙ୍କ ଏକ ସ୍ୱତନ୍ତ୍ର ବୈଠକ ଡକାଯିବ। ମାର୍ଚ୍ଚ ୩୧ରେ ଡେପୁଟି ମେୟର ନିର୍ବାଚନ ହେବ।

**ପ୍ରଥମ ପୃଷ୍ଠାରୁ...**

## ଛାଡ଼ିବେନି ସୋନିଆ...


ସିଡବ୍ଲ୍ୟୁସି ବୈଠକରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ନେତା ରାହୁଲ ଗାନ୍ଧୀ।

ଅସନ୍ତୁଷ୍ଟ ନେତାମାନଙ୍କ ବୈଠକ ବସିଥିଲା। ୫ ରାଜ୍ୟରେ କଂଗ୍ରେସର ଖରାପ ପ୍ରଦର୍ଶନ ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରାଯାଉ ବୋଲି ଏହି ବୈଠକରେ ଦାବି କରାଯାଇଥିଲା। କଂଗ୍ରେସର ବିଫଳତା ପାଇଁ ଗାନ୍ଧୀ ପରିବାରକୁ ଦାୟୀ କରି ଦୁଇବର୍ଷ ପୂର୍ବେ ସୋନିଆଙ୍କୁ ଚିଠି ଲେଖିଥିବା 'ଜି-୨୩' ନେତାମାନେ ଦଳୀୟ ନେତୃତ୍ୱ ପରିବର୍ତ୍ତନ ଲାଗି ଦାବି କରିଥିଲେ। ସେହି ଅସନ୍ତୁଷ୍ଟ ନେତାମାନେ ପୁଣି ଏକାଠି ହେବା ପରେ କଂଗ୍ରେସରୁ ଗାନ୍ଧୀ ପରିବାର ସଦସ୍ୟଙ୍କ ଇସ୍ତଫା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ଏଆଇସିସି ମୁଖପାତ୍ର ସୁର୍ଯ୍ୟେୱାଲା ଶନିବାର ଏହାକୁ ଖଣ୍ଡନ କରିଥିଲେ। ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀଙ୍କ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଥିଲେ। ଇତିମଧ୍ୟରେ ସିଡବ୍ଲ୍ୟୁସି ବୈଠକ ପୂର୍ବରୁ ଝାଡ଼ଖଣ୍ଡ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସୋନିଆ ଓ ରାହୁଲଙ୍କ ସପକ୍ଷରେ ଏକ ସଂକଳ୍ପନାମା ଗୃହୀତ ହୋଇଥିଲା। ସେହିପରି ସାଧାରଣ ସମ୍ପାଦକ ବେଣୁଗୋପାଳଙ୍କ ସମେତ କେତେଜଣ ବରିଷ୍ଠ ନେତା ଗାନ୍ଧୀ ପରିବାରକୁ ବାଦ୍ ଦେଇ କଂଗ୍ରେସ ତିଷ୍ଠିବା ସମ୍ଭବ ନୁହେଁ ବୋଲି ମତ ଦେଇଥିଲେ। ସିଡବ୍ଲ୍ୟୁସି ବୈଠକରେ ସୋନିଆ, ରହୁଲ, ପ୍ରିୟଙ୍କା, ଖାର୍ଗେ ଓ ବେଣୁଗୋପାଳଙ୍କ ସମେତ ବରିଷ୍ଠ ନେତା ପି. ଚିଦାମ୍ବରମ୍, ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ମଧ୍ୟ ଯୋଗଦେଇଥିଲେ। 'ଜି-୨୩'ର ଆଜାଦଙ୍କ ସମେତ ଆନନ୍ଦ ଶର୍ମା ଓ ମୁକୁଲ ୱାସ୍‌ନିକ ଏଥିରେ ଉପସ୍ଥିତ ଥିଲେ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ତାଙ୍କ ରାଜ୍ୟରେ କଂଗ୍ରେସର ଚିନ୍ତନ ଶିବିର ଆୟୋଜନ କରାଯିବ ବୋଲି କହିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ବୈଠକରେ ଯୋଗଦେଇ ନ ଥିବାବେଳେ ବରିଷ୍ଠ ନେତା ଏ.କେ. ଆଣ୍ଟୋନି କୋଭିଡ୍ ସଂକ୍ରମିତ ହୋଇଥିବାରୁ ଅନୁପସ୍ଥିତ ଥିଲେ।

ପ୍ରକାଶ ଯେ, କଂଗ୍ରେସର ନୂଆ ଅଧ୍ୟକ୍ଷ ବାଛିବା ଲାଗି ଆସନ୍ତା ଅଗଷ୍ଟ-ସେପ୍ଟେମ୍ବରରେ ସାଂଗଠନିକ ନିର୍ବାଚନ ହେବାକୁ ଥିବାବେଳେ ଅସନ୍ତୁଷ୍ଟଙ୍କ ଦାବି ପରେ ଏହାର ୨-୩ ମାସ ପୂର୍ବରୁ ନିର୍ବାଚନ କରାଯାଇପାରେ ବୋଲି କୁହାଯାଉଥିଲା। ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଅଧ୍ୟକ୍ଷ ପଦରୁ ରାହୁଲ ଇସ୍ତଫା ଦେଇଥିଲେ। ସେବେଠୁ ସେ କୌଣସି ପଦବୀରେ ନ ରହି ବିଭିନ୍ନ ପ୍ରସଙ୍ଗ ଉଠାଇ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଯଥାସାଧ୍ୟ କାଠଗଡ଼ାରେ ଛିଡ଼ା କରିବା ପାଇଁ ଉଦ୍ୟମ କରିଆସିଛନ୍ତି। ତେବେ ୨୦୨୨ର ଉତ୍ତର ପ୍ରଦେଶ ନିର୍ବାଚନରେ ବିଫଳତା ପାଇଁ ପ୍ରିୟଙ୍କାଙ୍କୁ ଦାୟୀ କରାଯାଉଥିବାବେଳେ ପଞ୍ଜାବରେ ଦଳର ବିପର୍ଯ୍ୟୟ ଲାଗି ରାହୁଲଙ୍କ ମୁଣ୍ଡରେ ଦୋଷ ଲଦାଯାଉଛି। ଏନେଇ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଷଣ ଆରମ୍ଭ କରିବା ପୂର୍ବରୁ ରାହୁଲଙ୍କୁ ଟାର୍ଗେଟ କରୁଛନ୍ତି। ଏହାର ତାତ୍ପର୍ଯ୍ୟ ସମସ୍ତେ ବୁଝିବା ଉଚିତ। ରାହୁଲ ହିଁ କଂଗ୍ରେସର ନେତୃତ୍ୱ ନିଅନ୍ତୁ ବୋଲି ଆମେ ଚାହୁଁଛୁ। ସେହିପରି ପ୍ରିୟଙ୍କା ଉତ୍ତରପ୍ରଦେଶରେ 'ଲଡ୍‌କି ହୁଁ ଲଡ଼ ସକ୍‌ତି ହୁଁ' ଅଭିଯାନ ଆରମ୍ଭ କରି ଏହାକୁ ସାରା ଦେଶରେ ବିସ୍ତାର କରାଇବା ପ୍ରଶଂସନୀୟ। ଭାଜପା ଧ୍ରୁବୀକରଣ କରି ବିଧାନସଭା ନିର୍ବାଚନଗୁଡ଼ିକରେ ବିଜୟୀ ହୋଇଥିବା ଗେହଲଟ ସମାଲୋଚନା କରିଥିଲେ।

## ବିଜେଡି:୩୦...

ବସାଇଛି। ରାୟଗଡ଼ା ଜିଲାରେ ୨୩ବର୍ଷୀୟା ସରସ୍ୱତୀ ମାଝି ଜିଲା ପରିଷଦ ସଭାପତି ଭାବେ ମନୋନୀତ ହୋଇଛନ୍ତି। ରାଜ୍ୟର ସବୁଠାରୁ କମ୍ ବୟସ୍କ ଜିଲା ପରିଷଦ ସଭାପତି ଭାବେ ସରସ୍ୱତୀ ରେକର୍ଡ କରିଛନ୍ତି। ଉପାନ୍ତ କାଶୀପୁର ବ୍ଲକରୁ ନିର୍ବାଚିତ ହୋଇଥିବା ସରସ୍ୱତୀ ବିଜ୍ଞାନରେ ସ୍ନାତକ କରିଛନ୍ତି, ତେଣୁ ଜିଲାରେ ବିକାଶମୂଳକ କାର୍ଯ୍ୟ ଅଧିକ ଫଳପ୍ରଦ ହେବ ବୋଲି ବିଜେଡି ଦାବି କରିଛି। ସେହିପରି ସ୍ୱାଭିମାନ ଅଞ୍ଚଳ ମାଲକାନଗିରିରେ ସମାରି ଟାଙ୍ଗୁଲଙ୍କୁ ଜିଲା ପରିଷଦ ସଭାପତି କରାଯାଇଛି। ତାଙ୍କୁ ମାତ୍ର ୨୬ବର୍ଷ ହୋଇଥିବା ବେଳେ ସେ ଯୁକ୍ତ୨ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ସମ୍ବଲପୁର ଜିଲାର ଉପାନ୍ତ ଅଞ୍ଚଳ ବାମରା ବ୍ଲକରୁ ଆସିଥିବା କୁମୁଦିନୀ ନାୟକ ମଧ୍ୟ ଜିଲା ପରିଷଦ ସଭାପତି ହୋଇଛନ୍ତି। ଚଳିତ ଜିଲା ପରିଷଦ ସଭାପତି ତାଲିକାରେ ୩୦ଜିଲା ମଧ୍ୟରୁ ୧୫ ଜିଲାରେ ୫୦%ରୁ ଉର୍ଦ୍ଧ୍ୱରେ ୪୦ ବର୍ଷରୁ କମ୍ ବୟସର ଅଛନ୍ତି। ସେହିପରି ୨୩ ଜିଲାରେ ୫୦ ବର୍ଷରୁ କମ୍ ବୟସ୍କ ରହିଛନ୍ତି। ତେଣୁ ଜିଲାପରିଷଦ ସଭାପତିଙ୍କ ହାରାହାରି ବୟସ ୪୧ ବର୍ଷ ହେବ। ୧୮ ଜଣ ଜିଲା ପରିଷଦ ସଭାପତି ସ୍ନାତକ ଶିକ୍ଷା ସମାପ୍ତ କରିଥିବାବେଳେ ୨୬ଜଣ ଯୁକ୍ତ୨ସ୍ତରୀୟ ଶିକ୍ଷା ସମାପ୍ତ କରିଛନ୍ତି। ସବୁ ଜିଲାରେ ମୁଖ୍ୟତଃ ଶିକ୍ଷିତ ଏବଂ କୌଣସି ଆପରାଧିକ ମାମଲାରେ ଜଡ଼ିତ ନ ଥିବା ବ୍ୟକ୍ତି ଜିଲା ପରିଷଦ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ମହିଳାଙ୍କ ଲାଗି ୫୦ପ୍ରତିଶତ ଆସନ ସଂରକ୍ଷଣ ରହିବାର ବ୍ୟବସ୍ଥା ଅଛି, ହେଲେ ବିଜେଡିର ୭୦ ପ୍ରତିଶତ ମହିଳା ସଭାପତି ହୋଇପାରିଛନ୍ତି। ୩୦ରୁ ୨୧ ଜିଲାରେ ମହିଳା ପ୍ରାର୍ଥୀ ଏହି ପଦବୀ ମଣ୍ଡନ କରିଛନ୍ତି। ୧୮ଅଣସଂରକ୍ଷିତ ଆସନ ମଧ୍ୟରୁ ମହିଳାଙ୍କ ସମେତ ୧୨ ଓବିସି ପ୍ରାର୍ଥୀ(୬୭%) ସଭାପତି ପଦ ହାତେଇଛନ୍ତି। ଓବିସି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦେବାରେ ଦଳ ସବୁବେଳେ ଗୁରୁତ୍ୱ ଦେଇଆସିଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ୟୁପି: ୫୧% ବିଧାୟକଙ୍କ ...

ମାମଲା ରହିଥିଲା। ଏଡିଆର୍ ବିଶ୍ଳେଷଣ ଅନୁଯାୟୀ ୨୫୫ ନବନିର୍ବାଚିତ ଭାଜପା ବିଧାୟକଙ୍କ ମଧ୍ୟରୁ ୧୧୧ ଜଣ ଅର୍ଥାତ୍ ୪୪ ପ୍ରତିଶତଙ୍କ ବିରୋଧରେ ଆପରାଧିକ ମାମଲା ଥିବାବେଳେ ସମାଜବାଦୀ ପାର୍ଟିର ୧୧୧ ବିଧାୟକଙ୍କ ମଧ୍ୟରୁ ୭୧ ଜଣ(୬୪%), ଆର୍‌ଏଲ୍‌ଡିର ୮ ବିଧାୟକଙ୍କ ମଧ୍ୟରୁ ୭ ଜଣ, ସୁହେଲଦେବ ଭାରତୀୟ ସମାଜ ପାର୍ଟିର ୬ ବିଧାୟକଙ୍କ ମଧ୍ୟରୁ ୪, ନିଶାଦ ପାର୍ଟିର ୬ ଜଣଙ୍କ ମଧ୍ୟରୁ ୪, ଅପ୍‌ନା ଦଳ(ଏସ୍)ର ୧୨ ଜଣଙ୍କ ମଧ୍ୟରୁ ୩, ଜନସତ୍ତା ଦଳ ଲୋକତାନ୍ତ୍ରିକର ୨, କଂଗ୍ରେସର ୨ ଏବଂ ବିଏସ୍‌ପିର ଜଣେ ବିଧାୟକଙ୍କ ବିରୋଧରେ ଆପରାଧିକ ମାମଲା ରହିଛି।

ଭାଜପାର ୯୦ ବିଧାୟକ (୩୫%)ଙ୍କ ବିରୋଧରେ ଗୁରୁତର ମାମଲା ଥିବାବେଳେ ସମାଜବାଦୀ ପାର୍ଟିର ୪୮ (୪୩%), ଆର୍‌ଏଲ୍‌ଡିର ୫ (୬୩%), ସୁହେଲଦେବ ଭାରତୀୟ ସମାଜ ପାର୍ଟିର ୪ (୬୭%), ନିଶାଦ ପାର୍ଟିର ୪ (୬୭%), ଅପ୍‌ନା ଦଳ(ଏସ୍)ର ୨ (୧୭%), ଜନସତ୍ତା ଦଳ ଲୋକତାନ୍ତ୍ରିକର ୨ (୧୦୦%), କଂଗ୍ରେସର ୨ (୧୦୦%)ଙ୍କ ବିରୋଧରେ ଗୁରୁତର ଆପରାଧିକ ମାମଲା ରହିଛି।

ଦାଖଲ ସମ୍ପତ୍ତି ତାଲିକା ଅନୁଯାୟୀ ୪୦୩ ବିଧାୟକଙ୍କ ମଧ୍ୟରୁ ୩୬୬ ଜଣ ବା ୯୧ ପ୍ରତିଶତ କୋଟିପତି ବୋଲି ଜଣାପଡ଼ିଛି। ଭାଜପାର ୨୫୫ ନବନିର୍ବାଚିତ ବିଧାୟକଙ୍କ ମଧ୍ୟରୁ ୨୩୩ ଜଣଙ୍କ ପାଖରେ ୧ କୋଟିରୁ ଉର୍ଦ୍ଧ୍ୱ ସମ୍ପତ୍ତି ରହିଛି। ସେହିପରି ସମାଜବାଦୀ ପାର୍ଟିର ୧୧୧ ବିଧାୟକଙ୍କ ମଧ୍ୟରୁ ୧୦୦ ଜଣ, ଅପ୍‌ନା ଦଳର ୧୨ ଜଣଙ୍କ ମଧ୍ୟରୁ ୯, ଆର୍‌ଏଲ୍‌ଡିର ୮ ଜଣଙ୍କ ମଧ୍ୟରୁ ୭, ସୁହେଲଦେବ ଭାରତୀୟ ସମାଜ ପାର୍ଟିର ସମସ୍ତ ୬, ନିଶାଦ ପାର୍ଟିର ୬, ଜନସତ୍ତା ଦଳ ଲୋକତାନ୍ତ୍ରିକର ୨, କଂଗ୍ରେସର ୨, ବିଏସ୍‌ପିର ଜଣେ ବିଧାୟକଙ୍କ ସମ୍ପତ୍ତି ପରିମାଣ ୧ କୋଟିରୁ ଉର୍ଦ୍ଧ୍ୱ ବୋଲି ଜଣାପଡ଼ିଛି। ନବନିର୍ବାଚିତ ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୮.୦୬ କୋଟି ଟଙ୍କା ବୋଲି ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି।

## ଆସୁଛି ଉତ୍ତପ୍ତ ବାୟୁ, ...

ସୋନପୁର, ବୌଦ୍ଧ, ଅନୁଗୋଳ, ନୟାଗଡ଼ ଓ ଖୋର୍ଦ୍ଧା ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏଥିପାଇଁ ଏସବୁ ଜିଲାକୁ ଦୁଇଦିନ ପାଇଁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ରବିବାର ରାଜ୍ୟର ୨୦ ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିଲା। ୩୮ ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ବଲାଙ୍ଗୀର ୩୭.୮, ଝାରସୁଗୁଡ଼ା ୩୭.୩, ଅନୁଗୋଳ ୩୭.୧, ବାଲେଶ୍ୱର ୩୬, କଟକ ୩୫.୬, ଭୁବନେଶ୍ୱର ୩୬.୬, ବାରିପଦା ୩୬.୫, ସମ୍ବଲପୁର ୩୬.୯, ସୁନ୍ଦରଗଡ଼ ୩୬, ହୀରାକୁଦ ୩୬.୨, ତାଳଚେର ୩୬, ଭବାନୀପାଟଣା ୩୫.୫, ମାଲକାନଗିରି ୩୬, ସୋନପୁର ୩୬.୨, ନୟାଗଡ଼ ୩୬.୫, ବୌଦ୍ଧ ୩୫.୫, ଛତ୍ରପୁର ୩୬, ଭଦ୍ରକ ୩୬ ଓ ଗୋପାଳପୁରରେ ସର୍ବାଧିକ ତାପମାତ୍ରା ୩୫.୫ ଡିଗ୍ରୀ ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କିତ ବାଦାନୁବାଦ ହେତୁ ମନ ବିରକ୍ତିକର ଲାଗିବ। କର୍ମକ୍ଷେତ୍ରରେ ବହୁତ ଦିନରୁ ଅଟକି ରହିଯାଇଥିବା ସବୁ କାମ ସୁବିଧାରେ ହୋଇଯିବ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବ।

**ବୃଷ** କୌଣସି କାମରେ ଅସଫଳତା ହେତୁ ନିଜ ଲୋକଙ୍କ ଉପରେ ଲଘୁକ୍ରୋଧ ସୃଷ୍ଟି ହୋଇପାରେ। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପୁରୁଣା ଗୃହ, ଜମିଜମା, ଗାଡ଼ିମୋଟର କ୍ରୟ ବିକ୍ରୟରୁ ଭଲ ଲାଭ ପାଇବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ।

**ମିଥୁନ** ସାଧାରଣ ଘଟଣାରେ ଝଗଡ଼ା ଲାଗି ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିପାରନ୍ତି। ବହୁ ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ପରିବାରରେ ହାତପାହାନ୍ତାରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ** ଆଜି ଦିନଟିରେ ଯାହା କରିବେ ସଫଳତା ନିଶ୍ଚିତ ପାଇବେ। ଦୂରଯାତ୍ରା ଓ ବନ୍ଧୁମିଳନରୁ ସାମୟିକ ଆନନ୍ଦ ଅନୁଭବ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବ କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବ୍ୟବସାୟ,ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** ସୁଚିନ୍ତିତ ଯୋଜନାକୁ ବାସ୍ତବରୂପ ଦେବା ଦିଗରେ ଚେଷ୍ଟା କରି ସଫଳ ହେବେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ବନ୍ଧୁଗହଣରେ ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ସହକର୍ମୀମାନେ ଆବଶ୍ୟକ ସହଯୋଗ କରି ଆନୁଷ୍ଠାନିକ କାମକୁ ବଢ଼ାଇ ନେବେ।

**କନ୍ୟା** ନିଜର ବନ୍ଧୁମାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ହେତୁ ସାମୟିକ ଖୁସି ଅନୁଭବ କରିବେ। ଚେଷ୍ଟା କରୁଥିବା ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ମିଳିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ଆବଶ୍ୟକ ଅର୍ଥ ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** ସ୍ୱାସ୍ଥ୍ୟହାନି କାରଣରୁ କୌଣସି କାମକୁ ଦୃଢ଼ତାର ସହ କରିବାକୁ ପଶ୍ଚାତ୍ପଦ ହୋଇପାରନ୍ତି। ପୂର୍ବର କୌଣସି ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଗତ୍ତ ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଗୃହସୀମା ଓ ଜମିଜମା କାରବାର ସମ୍ପର୍କିତ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପାରିବାରିକ ସମସ୍ୟାର ସମାଧାନ ହେବାରେ ସ୍ଥାନୀୟ ଲୋକେ ସହଯୋଗ କରିବେ। ବନ୍ଧୁ ଗହଣରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବାରେ ଅସୁବିଧା ହେବନାହିଁ। ଅର୍ଥାଭାବ ଯୋଗୁ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର** ଆକସ୍ମିକ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। ଆଜିର ଅଧିକାଂଶ ସମୟ ବନ୍ଧୁଙ୍କ ଗହଣରେ ଆଳାପ ଆଲୋଚନାରେ କଟାଇବେ। ଆତ୍ମୀୟମାନେ ସ୍ୱାର୍ଥସାଧନ ମାନସରେ କିଛି ଅଘଟଣ ଘଟାଇ ପାରନ୍ତି।

**କୁମ୍ଭ** ପ୍ରତ୍ୟେକ କାମରେ କିଛି ଅଭାବ ଅସୁବିଧା ରହି ଯାଉଥିବାର ଅନୁଭବ କରିବେ। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** ବନ୍ଧୁଙ୍କ ପରାମର୍ଶ ଅନୁସାରେ ସମସ୍ୟା ସମାଧାନ ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରାଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଖଳ ଲୋକଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି।

## ୟୁକ୍ରେନ୍‌ରେ ଆମେରିକୀୟ ...

ସଂଗ୍ରହପାଇଁତାଙ୍କୁପଠାଯାଇନଥିଲା।ବହୁଦିନପୂର୍ବରୁତାଙ୍କୁଉକ୍ତପ୍ରେସ୍‌ବ୍ୟାଜ୍‌ଦିଆଯାଇଥିଲା ବୋଲି ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି। ରୁଷିଆର ବର୍ବର ଆକ୍ରମଣକୁ ଦୁନିଆକୁ ଦେଖାଉଥିବା ଜଣେ ଖବରଦାତଙ୍କ ଜୀବନ ଯାଇଛି ବୋଲି କ୍ଭିଭ୍‌ର ପୋଲିସ ବିଭାଗ ମୁଖ୍ୟ ଆଣ୍ଡ୍ରେ ନେବିଟୋଭ୍ କହିଛନ୍ତି। ଆକ୍ରମଣରେ ଆଉ ଦୁଇ ଜଣ ଖବରଦାତା ଆହତ ହୋଇ ଚିକିତ୍ସାଧୀନ ଥିବା ସେ ସୂଚନା ଦେଇଛନ୍ତି। ବ୍ରେଣ୍ଟ ଏବଂ ତାଙ୍କ ଭାଇ କ୍ରାଇଗ୍ ମିଶି ଇରାକ୍, ଆଫଗାନିସ୍ତାନ, ଇଜିପ୍ଟ, ଲିବ୍ୟା ଭଳି ଯୁଦ୍ଧ ପ୍ରଭାବିତ ଦେଶ ଉପରେ ଫିଲ୍ମ ନିର୍ମାଣ କରିଛନ୍ତି। ରେନାଉଡ୍ ବ୍ରଦର୍ସ ଭାବେ ପରିଚିତ ଏହି ଦୁଇ ଭାଇ ପିବଡି ସମେତ ଏକାଧିକ ପୁରସ୍କାର ପାଇଛନ୍ତି। ଏମି ଆୱାର୍ଡ ପାଇଁ ମଧ୍ୟ ଉଭୟେ ଅନେକ ଥର ନୋମିନେଟ୍ ହୋଇଛନ୍ତି।


# classifieds Everyday
0674-2580101, 2549302

**real estate**

**SALE**

Plot for sale at Chhatabar per sq.ft @99/-. 7381268181, 9583295832. D-

ଜମି ବିକ୍ରି: ଭୁବନେଶ୍ୱର ପ୍ରାଇମ୍ ପ୍ଲଟ୍ 100X35 ଫୁଟ୍ ପାଚେରି ସହିତ ଶ୍ୟାମପୁର ମୌଜା ଦୁଇ କଡ଼ରେ ପକ୍କା ରାସ୍ତା, ସମ୍ ହସ୍ପିଟାଲ ପାଖରେ 9223399775/ sansub1963@gmail.com. D-23400

ମହାରାଜା କଲେଜ ପାଖରେ (Gangapada Bhubaneswar) 30ft. ରାସ୍ତା ଥାଇ 60 plot ବିକ୍ରିହେବ। loan available. 9938016295. D-73212

Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258. D-71957

Sum Hospital ଘଘଂପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765. D-73209

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

ପିପିଲି ମେଡ଼ିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939. D-71799

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71955

'Ready to move 2BHK flat near Mount Litera Zee Public School, Kateni, Bhubaneswar for sale. 9937847725'. D-23384

Plot for sale gharabari 30ft. road 4km. from NH Retang road near Polytechnic College. 9777345831. D-71020

**construction**

Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856. D-23344

**to-let**

Ground floor 5rooms 2Kitchens, 2Bathrooms for Godown-Cum-Office-Cum residence area 1500sqft. for rent- 30,000 at Gautam Nagar, Bhubaneswar. Contact: 9437033691. D-70266

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

3BHK independent duplex (Ground) 2Toilet, Pujaghar, Samantarapur, Bhubaneswar for Family/ Executive/ Office. Mobile: 7682848145. D-23371

**healthcare**

Ashirvaad Saloon and SPA get good massage for your health tha best therapy. 7077181074. D-71874

Refreshing your mind and body with the best therapy, 7873794731. D-23292

Newly open full body massage ladies and gents. 8327740003. D-71875

Relax, Refresh your body, Mind at Saikrupa Spa with best therapies. 8984068077. D-23343

**AFFIDAVIT**

I Geeta Pradhan spouse of Ex Seargent Bijay Kumar Baral resident of Vill- Palli, Via- Brahmagiri, G.P.- Kandagoda, Dist.- Puri, 752011 have changed my name from Geeta Baral to Geeta Pradhan vide affidavit No.-10 dated 08.03.22 of Executive Magistrate, Puri. D-68897

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୫,୭୭,୧୪,୭୬୨ | ୬୦,୬୪,୭୮୪ | ୩୯,୧୦,୯୬,୯୪୩ |
| ଭାରତ | ୪,୨୯,୯୦,୯୯୧ | ୫,୧୫,୮୫୦ | ୪,୨୪,୩୭,୦୭୨ |
| ଓଡ଼ିଶା | ୧୨,୮୬,୬୨୬ | ୯୧୧୧(+୫୩) | ୧୨,୭୬,୬୭୫ |

ରବିବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଜନସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଲୋଡ଼ା

**ନବଜାତ ଶିଶୁରୋଗ ବିଶେଷଜ୍ଞ ଭାବେ ସେ ଜଣାଶୁଣା। ବହୁ ଜଟିଳ ଅସ୍ତ୍ରୋପଚାର କରି ପାଇଛନ୍ତି ଅନେକ ସଫଳତା। କେବଳ ଓଡ଼ିଶା ନୁହେଁ, ରାଜ୍ୟ ବାହାରେ ବି ଅର୍ଜିଛନ୍ତି ସୁନାମ। ଦୂର ଦୂରାନ୍ତରୁ ଚିକିତ୍ସା ପାଇଁ ଲୋକେ ଧାଇଁଆସନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଅରିଜିତ ମହାପାତ୍ରଙ୍କ ପାଖକୁ। କଟକ ଏସ୍‌ସିବି ମେଡିକାଲ କଲେଜରୁ ଏମ୍‌ବିବିଏସ୍ ସାରିବା ପରେ ୧୯୯୮ରେ ଶିଶୁରୋଗରେ ଏମ୍‌ଡି କରିଥିଲେ। ୨୦୦୩ରେ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ନବଜାତ ଶିଶୁରୋଗ ଉପରେ ଡିଏମ୍ କରିଥିଲେ। ଏହି କ୍ଷେତ୍ରରେ ସେ ଓଡ଼ିଶାରେ ପ୍ରଥମ। ଚିକିତ୍ସା ସେବାରେ ୨୮ ବର୍ଷର ଅଭିଜ୍ଞତା ଥିବା ଡା. ମହାପାତ୍ର ଭୁବନେଶ୍ୱର ଶହୀଦନଗରସ୍ଥିତ ଜଗନ୍ନାଥ ହସ୍ପିଟାଲର ମ୍ୟାନେଜିଙ୍ଗ ଡାଇରେକ୍ଟର। ନିଜ ସଫଳ ଯାତ୍ରା ସମ୍ପର୍କରେ ଧରିତ୍ରୀ ସହ ଡା. ଅରଜିତ ମହାପାତ୍ରଙ୍କ ମନଖୋଲା କଥା।**




ଡା. ଅରଜିତ ମହାପାତ୍ର, ଏମ୍‌ଡି, ଜଗନ୍ନାଥ ହସ୍ପିଟାଲ

**▶▶ ଜଗନ୍ନାଥ ହସ୍ପିଟାଲର ଯାତ୍ରା କିପରି ଥିଲା?**

୨୦୧୨ ମସିହାରେ ଜଗନ୍ନାଥ ହସ୍ପିଟାଲ ଆରମ୍ଭ ହେଲା। ୧୦ବର୍ଷ ହୋଇଗଲାଣି। ନୂଆ ହସ୍ପିଟାଲ କରିବାରେ ଅନେକ ଚ୍ୟାଲେଞ୍ଜ ଥିଲା। ୨୪ ଘଣ୍ଟିଆ ରୋଗୀ ସେବା ଓ ରୋଗୀଙ୍କ ଯତ୍ନ କିପରି ନେଇପାରିବା ତାହା ଥିଲା ଆମ ଆଗରେ ବଡ଼ ଆହ୍ୱାନ। ଏଥିପାଇଁ ଡାକ୍ତର, ନର୍ସଙ୍କଠାରୁ ଆରମ୍ଭ କରି ହସ୍ପିଟାଲ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଟ୍ରେନିଂ ଦେବାକୁ ପଡ଼ିଥିଲା। ଏଥିରେ ସଫଳତା ମିଳିଥିବା ମନେକରୁଛି।

**▶▶ ହସ୍ପିଟାଲରେ କ'ଣ ସୁବିଧା ରହିଛି?**

ଶିଶୁଙ୍କ ସବୁ ପ୍ରକାର ଚିକିତ୍ସା ପାଇଁ ବ୍ୟବସ୍ଥା ରହିଛି। ନବଜାତକଙ୍କ ପାଇଁ ଆଇସିୟୁ, ଜରୁରିକାଳୀନ ସେବା, ୬/୭ ମାସରେ ଜନ୍ମ ହେଉଥିବା ଶିଶୁଙ୍କ ଚିକିତ୍ସା ଲାଗି ସ୍ୱତନ୍ତ୍ର ଉପକରଣ ରହିଛି। ଭେଣ୍ଟିଲେଟର ଏବଂ ଆଇସିୟୁ ମଧ୍ୟ ରହିଛି। ନବଜାତ ଓ ତଦୂର୍ଦ୍ଧ୍ୱ ଶିଶୁଙ୍କ ଜଟିଳ ଅସ୍ତ୍ରୋପଚାର କରାଯାଉଛି। କହିବାକୁ ଗଲେ ପିଲାଙ୍କ ଚିକିତ୍ସା ପାଇଁ ଆମ ପାଖରେ ସବୁ ପ୍ରକାର ବ୍ୟବସ୍ଥା ରହିଛି। ତେବେ ଏଠାରେ କେବଳ ପିଲାଙ୍କର ହୃଦ୍ ଅସ୍ତ୍ରୋପଚାର ହେଉନାହିଁ। ଖାଲି ଆମ ହସ୍ପିଟାଲରେ ନୁହେଁ, ଓଡ଼ିଶାରେ ମଧ୍ୟ ହେଉନାହିଁ। ସେହିଭଳି ପ୍ରସୂତିଙ୍କ ଚିକିତ୍ସା ପାଇଁ ସବୁ ପ୍ରକାର ବ୍ୟବସ୍ଥା ରହିଛି। ସବୁଠାରୁ ବଡ଼ କଥା ହେଲା, ମା' ଓ ପିଲାଙ୍କ ପାଇଁ ୨୪ଘଣ୍ଟିଆ ସେବା ଦେଉଛୁ, ଯାହାକି ଅନ୍ୟ ଘରୋଇ ହସ୍ପିଟାଲରେ କ୍ୱଚିତ ଦେଖିବାକୁ ମିଳେ।

**▶▶ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଅଧିକ ଟଙ୍କା ଆବଶ୍ୟକ ପଡ଼େ। ଏନେଇ ଆପଣଙ୍କ ମତ?**

ଦିନକୁ ଦିନ ସବୁ ଜିନିଷର ଦର ବଢ଼ୁଛି। ସେହି ମାତ୍ରାରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ବଢ଼ୁଛି। ଆମେ ତାକୁ ସାମ୍ନା କରିବା ପାଇଁ ଚେଷ୍ଟା କରିବା ଉଚିତ। ଏଥିପାଇଁ ସ୍ୱାସ୍ଥ୍ୟ ବୀମା ହେଉଛି ଗୁରୁତ୍ୱପୂର୍ଣ୍ଣ। ଲୋକେ ଏବେ ସଚେତନ ହେଲେଣି ଓ ବୀମା କରୁଛନ୍ତି। ତଥାପି ବୀମା ହାର କମ୍ ରହିଛି। ଆଗକୁ ଆହୁରି ଅଧିକ ଲୋକ ବୀମା କରିବା ଆବଶ୍ୟକ। କାରଣ ଭବିଷ୍ୟତରେ ହସ୍ପିଟାଲରେ ଟଙ୍କା ଖର୍ଚ୍ଚ ହେବ ବୋଲି କେହି ଜାଣି ନ ଥାନ୍ତି କି ସେଥିଲାଗି ବଜେଟ ମଧ୍ୟ କରି ନ ଥାନ୍ତି। ତେଣୁ ପ୍ରତ୍ୟେକ ବ୍ୟକ୍ତି ବୀମା କରିନେବା ଜରୁରୀ ବୋଲି ମୁଁ କହିବି।

**▶▶ ଓଡ଼ିଶା ସରକାରଙ୍କ ପକ୍ଷରୁ କ'ଣ ସୁବିଧା ଯୋଗାଇ ଦିଆଯାଉଛି?**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବହୁତ ପରିବାର ଅନ୍ତର୍ଭୁକ୍ତ ଥିବାରୁ ରାଜ୍ୟ ସରକାର ଆମକୁ ସାହାଯ୍ୟ କରୁଥିବା ମନେକରେ। ଓଡ଼ିଶା ଷ୍ଟେଟ୍ ଟ୍ରିଟ୍‌ମେଣ୍ଟ ଫଣ୍ଡ (ଓଏସ୍‌ଟିଏଫ୍)ରେ ରୋଗୀଙ୍କୁ ଅନ୍ୟ ରାଜ୍ୟକୁ ଚିକିତ୍ସା ପାଇଁ ରେଫର୍ କରାଯାଇପାରୁଛି। ଯେଉଁ ସର୍ଜରି ଏଠାରେ ହୋଇପାରୁନି କିମ୍ବା ଅଧିକ ଜଟିଳ ରହୁଛି, ତା'ର ଚିକିତ୍ସା ପାଇଁ ବାହାର ରାଜ୍ୟକୁ ପଠାଯାଉଛି। ସେମାନେ ସରକାରଙ୍କ ଓଏସ୍‌ଟିଏଫ୍ ସହଯୋଗରେ ବାହାର ରାଜ୍ୟକୁ ଯାଇ ପ୍ରାୟତଃ ମାଗଣାରେ ଚିକିତ୍ସା କରିପାରୁଛନ୍ତି।

**▶▶ ମହାମାରୀ ସମୟରେ ହସ୍ପିଟାଲରେ କ'ଣ ସବୁ ପଦକ୍ଷେପ ନିଆଯାଇଥିଲା?**

ମହାମାରୀ ଆମକୁ ବିସ୍ମିତ କରିଦେଇଥିଲା। ସରକାରଙ୍କ ଗାଇଡ୍‌ଲାଇନ୍ ପାଳନ କରି ଲକ୍‌ଡାଉନ୍ ସମୟରେ ବହୁ ପଦକ୍ଷେପ ନିଆଯାଇଥିଲା। ଫିବର କ୍ଲିନିକ୍ ଖୋଲାଗଲା, ଆଇସୋଲେଶନ ରୁମ୍ ଓ ଆଇସୋଲେଶନ ଆଇସିୟୁ ମଧ୍ୟ କରାଯାଇଥିଲା। କରୋନା ବିରୋଧୀ ଲଢ଼େଇ ପାଇଁ ସମସ୍ତେ ଚେଷ୍ଟା କରି ସଫଳ ହୋଇପାରିଛୁ।

**▶▶ ଭବିଷ୍ୟତରେ କୋଭିଡ୍-୧୯ ଭଳି ଚ୍ୟାଲେଞ୍ଜ ଆସିଲେ ମୁକାବିଲା ପାଇଁ କ'ଣ କରାଯିବା ଉଚିତ?**

ଏହି ମହାମାରୀ ଆମକୁ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବା ଶିଖାଇଛି। ଭବିଷ୍ୟତରେ ପୁଣି ଥରେ ମହାମାରୀ ଆସିବ ଓ ଆମେ ସାମ୍ନା କରିବା ତାହା ଭାବିପାରୁନି। କାରଣ ଅତୀତରେ ଦେଖାଯାଇଛି ମହାମାରୀ ୧୦୦ ବର୍ଷରେ ଆସୁଛି। ଆମେ ଗୋଟେ ମହାମାରୀକୁ ସାମ୍ନା କରିପାରିଲୁ ତାହା ଆମ ପାଇଁ ବଡ଼ କଥା। ଏହାର ପଜିଟିଭ୍ ସାଇଡ୍‌କୁ ଦେଖିଲେ ଆଗକୁ ଯାଇହେବ। କରୋନା ଯୋଗୁ ଲୋକଙ୍କ ବ୍ୟବହାର ବଦଳିଯାଇଛି। ନିଜ ସୁରକ୍ଷା ପାଇଁ ଲୋକେ ସଚେତନ ହୋଇଛନ୍ତି।

**▶▶ ଭିତ୍ତିଭୂମିର ବିକାଶ ହେବା ଜରୁରୀ ବୋଲି ଭାବୁନାହାନ୍ତି?**

ଭିତ୍ତିଭୂମିର କୌଣସି ଶେଷ ନାହିଁ। ଗତ ୨୦ ବର୍ଷ ଭିତରେ ବହୁତ ଭିତ୍ତିଭୂମି ବିକାଶ କରାଯାଇଛି। ନୂଆ ନୂଆ ଚିକିତ୍ସା ପଦ୍ଧତିଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ କରିଛୁ। ତେବେ ପୂର୍ବରୁ ଲୋକେ ଜନସ୍ୱାସ୍ଥ୍ୟ ସମ୍ପର୍କରେ ଜାଣୁ ନ ଥିଲେ। ଏବେ ଧୀରେ ଧୀରେ ସଚେତନ ହେଉଛନ୍ତି। ତେଣୁ ଜନସ୍ୱାସ୍ଥ୍ୟ ସଚେତନତା ବା ଫାସିଲିଟି କ୍ଷେତ୍ରରେ ଭିତ୍ତିଭୂମି ବିକାଶ ଜରୁରୀ ବୋଲି ଭାବୁଛି।

# ପୁନଃ ମୂଲ୍ୟାୟନ ନ ହେଲେ ଆନ୍ଦୋଳନ

## ସିବିଏସ୍‌ଇ ଟର୍ମ-୧ ଦଶମ ପରୀକ୍ଷା ଫଳ ପ୍ରକାଶନରେ ତ୍ରୁଟି ଅଭିଯୋଗ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ଟର୍ମ-୧ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଏହି ପରୀକ୍ଷା ଦେଇଥିବା ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ଭାଷା ଓଡ଼ିଆରେ କମ୍ ମାର୍କ ଦିଆଯାଇଥିବା ବହୁ ଅଭିଭାବକ ଏବଂ ପରୀକ୍ଷାର୍ଥୀ ଅଭିଯୋଗ ଆଣିଛନ୍ତି। ଓଡ଼ିଆ ପରୀକ୍ଷାର୍ଥୀମାନେ ଅନ୍ୟାନ୍ୟ ବିଷୟରେ ଭଲ ନମ୍ବର ପାଇଥିବା ବେଳେ ୨ୟ ଭାଷାରେ ଅତ୍ୟନ୍ତ କମ୍ ମାର୍କ ହାସଲ କରିଛନ୍ତି। ତେଣୁ ଏହାର ସମାଧାନ ଲାଗି ସିବିଏସ୍‌ଇ ତଦନ୍ତ କରି ଏହି ବିଷୟର ଉତ୍ତରଖାତାର ପୁନଃ ମୂଲ୍ୟାୟନ(ରିଚେକିଂ) କରିବାକୁ ଦାବି ହୋଇଛି। ଯଦି ଛାତ୍ରୀଛାତ୍ରଙ୍କୁ ନ୍ୟାୟ ନ ମିଳେ ତେବେ ସୋମବାରଠାରୁ ଆନ୍ଦୋଳନ ହେବ ବୋଲି ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଞ୍ଜ ସୂଚନା ଦେଇଛନ୍ତି। ଭଞ୍ଜ କହିଛନ୍ତି ଯେ, ଛାତ୍ରୀଛାତ୍ର ସେମାନଙ୍କ ମାର୍କ ଦେଖିବା ସମୟରେ ଓଡ଼ିଆରେ କମ୍ ମାର୍କ ରହିଥିବା ଜାଣିଥିଲେ। ଅନେକ ଛାତ୍ରୀଛାତ୍ର ଠିକ୍ ଉତ୍ତର ଦେଇ ବି କମ୍ ମାର୍କ ପାଇଥିବା ଜଣାପଡ଼ିଛି। ପ୍ରଶ୍ନପତ୍ରର ୪ ନମ୍ବର ପ୍ରଶ୍ନ ରହିଛି ଗାନ୍ଧିଜୀ ଏବଂ ନେତାଜୀ ସୁଭାଷ ଚନ୍ଦ୍ରଙ୍କ ସ୍ୱାଧୀନତା ସଂଗ୍ରାମ ଭିତରେ କି ପାର୍ଥକ୍ୟ ଥିଲା। ଏହାର ଉତ୍ତର ହେଉଛି ବି, ଅର୍ଥାତ୍ ନିରସ୍ତ୍ର ସତ୍ୟାଗ୍ରହ ସଂଗ୍ରାମ ଏବଂ ସଶସ୍ତ୍ର ସଂଗ୍ରାମ। କିନ୍ତୁ ପ୍ରଶ୍ନପତ୍ରର ଉତ୍ତର ପତ୍ରରେ ରହିଛି ଡି, ଅର୍ଥାତ୍ ପାରମ୍ପରିକ ସଂଗ୍ରାମ ଓ ଅତ୍ୟାଧୁନିକ ସଂଗ୍ରାମ। ଯାହା ସମ୍ପୂର୍ଣ୍ଣ ଭୁଲ୍। କେବଳ ୪ ନମ୍ବର ନୁହେଁ ୨୮, ୨୯, ୩୦, ୩୧ ଭଳି ୧୭ଟି ପ୍ରଶ୍ନର ଉତ୍ତର ପତ୍ର ଭୁଲ୍ ରହିଥିବା ସେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସିବିଏସ୍‌ଇ ଆଞ୍ଚଳିକ ମୁଖ୍ୟଙ୍କୁ ଅବଗତ କରାଯାଇଥିଲେ ହେଁ ସମସ୍ୟାର ସମାଧାନ ହୋଇ ନାହିଁ। ମୂଲ୍ୟାଙ୍କନରେ ହୋଇଥିବା ତ୍ରୁଟିକୁ ତୁରନ୍ତ ସଂଶୋଧନ କରି ସିବିଏସ୍‌ଇ ପୁଣି ପରୀକ୍ଷା ଫଳ ପ୍ରକାଶ କରୁ ନଚେତ୍ ଗ୍ରେସ୍ ମାର୍କ ଦିଆଯାଉ। ନଚେତ ଆନ୍ଦୋଳନ କରାଯିବ ବୋଲି ଭଞ୍ଜ କହିଛନ୍ତି।




# ଚିଲିକା ମଝିରେ ଅଟକିଲା ଭସାପୋଲ



**କୃଷ୍ଣପ୍ରସାଦ, ୧୩।୩(ଡି.ଏନ୍.ଏ.)**

ଚିଲିକା ମଝିରେ ଅଟକିଲା ଯାତ୍ରୀବାହୀ ଭସାପୋଲ (ଭେସେଲ)। ରବିବାର ଅପରାହ୍ନ ୫ଟାରେ ଏକ ପର୍ଯ୍ୟଟକ ବସ୍, ୧୫ଟି ଦୁଇଚକିଆ ଯାନ ଏବଂ ୩୦ଜଣ ଯାତ୍ରୀଙ୍କୁ ନେଇ ଭସାପୋଲଟି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ସାତପଡ଼ାରୁ ଚିଲିକାରେ ଜହ୍ନିକୁଦା ଅଭିମୁଖେ ଆସୁଥିଲା। ତେବେ ଜଳସ୍ତର କମ୍ ଥିବାରୁ ଭସାପୋଲଟି ଚିଲିକା ମଝିରେ ପ୍ରାୟ ୩୦ ମିନିଟ ପର୍ଯ୍ୟନ୍ତ ଅଟକି ରହିଥିଲା। ଫଳରେ ପର୍ଯ୍ୟଟକମାନେ ଚିନ୍ତିତ ହୋଇପଡ଼ିଥିଲେ। ଏକ ଜେସିବି ଦ୍ୱାରା ଉକ୍ତ ଭସାପୋଲକୁ ଟାଣି ଅଣାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଆଗକୁ ଖରାଦିନ ଆସୁଛି। ତେଣୁ ଚିଲିକାର ଜଳସ୍ତର ଆହୁରି କମିବ। ତେଣୁ ତୁରନ୍ତ ଚାନେଲ ଖୋଳିବା ପାଇଁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ପୂର୍ବରୁ ଅଧିକାଂଶ ସମୟରେ ବିଭିନ୍ନ କାରଣ ଯୋଗୁ ଭସାପୋଲ ମଝି ଚିଲିକାରେ ଅଟକିଥିବାର ମଧ୍ୟ ନଜର ରହିଛି।

# ଠିକା ନର୍ସଙ୍କ ଅସ୍ୱାଭାବିକ ମୃତ୍ୟୁ, ନିର୍ଯାତନା ଅଭିଯୋଗ

## ପାରାଦୀପ ପୋର୍ଟ ହସ୍ପିଟାଲ ଆଗରେ ମୃତଦେହ ରଖି ଧାରଣା

**ପାରାଦୀପ, ୧୩।୩(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ପାରାଦୀପ ପୋର୍ଟ ହସ୍ପିଟାଲର ଚୁକ୍ତିଭିତ୍ତିକ ନର୍ସ ନିବେଦିତା ଜେନା(୩୯)ଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ରବିବାର ତୁମୁଳକାଣ୍ଡ ଘଟିଛି। ମାନସିକ ନିର୍ଯାତନା ଦେବା ଏବଂ ଭୁଲ୍ ଇଞ୍ଜେକଶନ ଦିଆଯିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ପରିବାର, ବାଲିଝରା ବସ୍ତିର ଲୋକେ କ୍ଷତିପୂରଣ ଓ ନିର୍ଯାତନା ଦେଇଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଦିନତମାମ୍ ମୃତଦେହ ରଖି ଧାରଣା ଦେବା ସହ ଟାୟାର ଜାଳି ପ୍ରତିବାଦ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଜନପ୍ରତିନିଧି ଓ ପୋର୍ଟ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ପରେ ସାମୟିକ ଭାବେ ଧାରଣା ଟଳିଛି। ସୋମବାର ଆଲୋଚନା ଜରିଆରେ ସମାଧାନ ହେବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ମୃତା ନର୍ସଙ୍କ ବାପା ବୀରଭଦ୍ର ଜେନା କହିଛନ୍ତି। ଘଟଣାକୁ ନେଇ ପାରାଦୀପ ଆଦର୍ଶ ଥାନାରେ ବୀରଭଦ୍ର ଅଭିଯୋଗ କରିବା ପରେ ପୋଲିସ ନଂ.୬୯/୨୨ରେ ମାମଲା ରୁଜୁ କରିଛି।

୨୦୨୧ ଅଗଷ୍ଟ ୯ ରାତି ଡ୍ୟୁଟିରେ ଥିବା ଡାକ୍ତର ବାଦଲ ସିଂ ତାଙ୍କୁ ଅସଦାଚରଣ କରିଥିବା ନେଇ ନିବେଦିତା ଥାନାରେ ଅଭିଯୋଗ କରିଥିଲେ। ସିଏମ୍‌ଓ (ମୁଖ୍ୟ ଚିକିତ୍ସାଧିକାରୀ) ଡା. ପ୍ରହଲ୍ଲାଦ ପଣ୍ଡା ଏନେଇ ତଦନ୍ତ କମିଟି ଗଠନ କରିଥିଲେ। କିନ୍ତୁ ୯ ମାସ ହେଲା ତାଙ୍କୁ ତଦନ୍ତ ନାଁରେ ମାନସିକ ନିର୍ଯାତନା ଦିଆଯାଉଥିବା ନିବେଦିତା ଗତ ଶୁକ୍ରବାର ଗଣମାଧ୍ୟମ ଆଗରେ କହିଥିଲେ। ଏହାକୁ ନେଇ ହସ୍ପିଟାଲ ପକ୍ଷରୁ କାରଣ ଦର୍ଶାଅ ନୋଟିସ ହେବା ସହ ତାଙ୍କ ଉପରେ ମାନସିକ ଚାପ ବଢ଼ିଥିଲା। ଫଳରେ ଶନିବାର ରକ୍ତଚାପ ବଢ଼ିଯାଇ ନିବେଦିତା ବେହୋସ୍ ହୋଇପଡ଼ିଥିଲେ। ରକ୍ତଚାପ କମିବା ପାଇଁ ତାଙ୍କୁ ହସ୍ପିଟାଲରେ ଇଞ୍ଜେକ୍ସନ ଦିଆଯାଇଥିଲା। ରକ୍ତଚାପ ନ କମିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲ ଓ ପରେ ଭୁବନେଶ୍ୱର ଏମ୍ସକୁ ନିଆଯାଇଥିଲା। ସେଠାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କୁ ଭୁଲ୍ ଇଞ୍ଜେକଶନ ଦିଆଯାଇଥିବା ନେଇ ପରିବାର ଲୋକ ଅଭିଯୋଗ କରିଛନ୍ତି। ଏହାସହ ସେମାନେ ଡାକ୍ତର ସିଂ, ସିଏମ୍‌ଓ ପଣ୍ଡାଙ୍କୁ ଚାକିରିରୁ ବହିଷ୍କାର ଏବଂ ହତ୍ୟା ମାମଲାରେ ଗିରଫ କରିବା, ମୃତାଙ୍କ ପରିବାରରୁ ଜଣଙ୍କୁ ଚାକିରି ଓ ମୃତ୍ୟୁକାଳୀନ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

## ଓଲଟିଲା ଇଟା ବୋଝେଇ ଟ୍ରାକ୍ଟର

# ୨ ଡଙ୍ଗରିଆ ମହିଳା ଶ୍ରମିକ ମୃତ, ଜଣେ ସଙ୍କଟାପନ୍ନ

**ମୁନିଗୁଡ଼ା, ୧୩।୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଟିକରପଡ଼ାଠାରେ ଏକ ଇଟା ବୋଝେଇ ଟ୍ରାକ୍ଟର ରବିବାର ଓଲଟି ପଡ଼ିବାରୁ ୨ ଡଙ୍ଗରିଆ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକ ହେଲେ ମୁନିଗୁଡ଼ା ଥାନା ଅଧୀନ ମେରକାମଣ୍ଡଳୀର ଏଲିନା ସିକକା ଏବଂ ଲାକେ ନୁଣ୍ଡୁକା। ସକାଳେ ମେରକାମଣ୍ଡଳୀରୁ ଇଟା ବୋଝେଇ ଟ୍ରାକ୍ଟର ମୁନିଗୁଡ଼ା ଅଭିମୁଖେ ଆସୁଥିଲା। ଟିକରପଡ଼ା ନିକଟ ବୁଲାଣି ରାସ୍ତାରେ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ବସିଥିବା ୩ ମହିଳା ଶ୍ରମିକଙ୍କ ମଧ୍ୟରୁ ୨ ଜଣ ଛିଟିକି କିଛି ଦୂରରେ ପଡ଼ିଥିଲେ। ଅନ୍ୟ ଜଣେ ଇଟାଗଦା ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରୁ ଦୁଇ ଗୁରୁତର ଶ୍ରମିକଙ୍କୁ ଉଦ୍ଧାର କରି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଏଲିନାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ମୁନିଗୁଡ଼ା ଆଇଆଇସି ସୁଜ୍ଞାନୀ ସାହୁଙ୍କ ସମେତ ପୋଲିସ ଟିମ୍ ପହଞ୍ଚି ଜେସିବି ସାହାଯ୍ୟରେ ଟ୍ରାକ୍ଟରକୁ ଉଠାଇ ଇଟାଗଦା ତଳେ ରହିଥିବା ଲାକେ ନୁଣ୍ଡୁକାଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।



ରାସ୍ତାରେ ଓଲଟିପଡ଼ିଥିବା ଟ୍ରାକ୍ଟର।

Sime Darby Plantation

**ପୂର୍ବତନ ଶ୍ରମିକଙ୍କ ପ୍ରତିକାର ପାଇଁ ବିଜ୍ଞାପନ**

**ସିମ ଡାର୍ବି ପ୍ଲାଣ୍ଟେସନ୍ ବର୍ହାଦ**

ସିମ ଡାର୍ବି ପ୍ଲାଣ୍ଟେସନ୍ ବର୍ହାଦ (SDP) ବିଶ୍ୱରେ ସାର୍ଟିଫାଁଇଏଡ଼ ପାମୋଲିନ ତେଲର ସର୍ବବୃହତ ଉତ୍ପାଦକ ଆଟେ | ଆମର ଶ୍ରମିକମାନଙ୍କୁ ବାଧ୍ୟତାମୂଳକ ଶ୍ରମ ଏବଂ ଶୋଷଣରୁ ମୁକ୍ତ ରଖିବା ପାଇଁ ଏବଂ ତାହା ନିଶ୍ଚିତ କରିବାକୁ ଆମେ ସର୍ବଦା ଦାୟିପୂର୍ଣ୍ଣ ନିଯୁକ୍ତି ପାଇଁ ପ୍ରତିବଦ୍ଧ ଅଭ୍ୟାସରୁ ମୁକ୍ତ ହେବା ନିଶ୍ଚିତ କରିବାକୁ ଆମେ ଥାଉ |

ଜୁଲାଇ 2021 ରେ, ଆମକୁ ଜ୍ଞାତ ହେଲା ଯେ ଆମର କିଛି ବିଦେଶୀ ଶ୍ରମିକ ମାନଙ୍କ ଠାରୁ ଏକ ଅଜ୍ଞାତ ଏଜେନସି ଅତିରିକ୍ତ ରାଶି ଆଦାୟ କରିଛି | ଏଭଳି ଅତିରିକ୍ତ ରାଶି ଏଜେଣ୍ଟ, ସବ୍-ଏଜେଣ୍ଟ କିମ୍ବା ଅନ୍ୟ ତୃତୀୟ ପକ୍ଷ ଦ୍ୱାରା ଆମ ବିଦେଶୀ ଶ୍ରମିକମାନଙ୍କ ଠାରୁ ଆଦାୟ କରାଯାଏ ତାହା ଆମ କମ୍ପାନୀ ର 'ଶୂନ୍ୟ ନିଯୁକ୍ତି ଫି ପଲିସି' ର ପ୍ରତିବାଦରେ ଅଟେ |

ଆମର ଚାଲୁଥିବା ପ୍ରତିକାର କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, SDP ଆମର ଯୋଗ୍ୟ ବିଦେଶୀ ଶ୍ରମିକମାନଙ୍କୁ ଫେରସ୍ତ କରିବ, ଯେଉଁମାନେ ଆମ ପାଇଁ ଏକ-ଥର ଏକଲକ୍ଷ ଟଙ୍କା ଦେୟ (ରିମେଡିସନ୍ ପେମେଣ୍ଟ) ସହିତ କାମ କରୁଥିଲେ |

ଆମେ ସମସ୍ତ SDP ପୂର୍ବତନ କର୍ମୀଙ୍କୁ ନିମନ୍ତ୍ରଣ କରୁଛୁ, ଯେଉଁମାନେ 1 ନଭେମ୍ବର 2018 ରେ କିମ୍ବା ପରେ ଚାକିରୀ ଛାଡିଛନ୍ତି, ଏହି ବିଜ୍ଞାପନ ତାରିଖ ଠାରୁ ଦୁଇ ମାସ ମଧ୍ୟରେ ଆମର ନିଯୁକ୍ତ ଓକିଲଙ୍କ ସହ simedarby@induslaw.com ରେ କିମ୍ବା ଆମର ହେଲ୍ପଲାଇନ +91 8800339680 ରେ ପ୍ରତିକାର ଦେୟ ପାଇଁ ବିବେଚନା ହେତୁ ଯୋଗାଯୋଗ କରନ୍ତୁ | ଦାବିଦାର ମାନେ କିପରି ପ୍ରତିକାର ପାଇଁ ଦେୟ ପ୍ରଦାନ କରି ପାରିବେ ସେ ସମ୍ବନ୍ଧରେ ଆମର ନିଯୁକ୍ତ ଓକିଲ ଅଧିକ ସୂଚନା ପ୍ରଦାନ କରିବେ |

ଅଧିକ ସୂଚନା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ |

simedarby@induslaw.com

ପ୍ରତିକାର ଦେୟ ହେଲ୍ପଲାଇନ

+91 8800339680

Connect With Us

www.simedarbyplantation.com

ଏକମାତ୍ର କର୍ତ୍ତବ୍ୟ ହେଉଛି– ଧୀର, ଶାନ୍ତ ଭାବରେ ଧୈର୍ଯ୍ୟ ଓ ସହିଷ୍ଣୁତା ସହ ଭଲମନ୍ଦ ସବୁକିଛିର ସମ୍ମୁଖୀନ ହେବା । ... ଭୟ କରନାହିଁ । ଅକପଟ ସରଳତା ହିଁ ତୁମର ରକ୍ଷାକବଚ । –ଶ୍ରୀମା



# ଭିନ୍ନ ଉତ୍ତରଭାରତ

ଦେଶର ସର୍ବବୃହତ୍ ରାଜ୍ୟ ଉତ୍ତରପ୍ରଦେଶ ସମେତ ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରରେ ହୋଇଥିବା ବିଧାନସଭା ନିର୍ବାଚନ ଫଳାଫଳ ଇତିମଧ୍ୟରେ ପ୍ରକାଶ ପାଇସାରିଛି । ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଐତିହାସିକ ରେକର୍ଡ କରିଥିବା ବେଳେ ଅନ୍ୟ ୪ ରାଜ୍ୟରେ ଭାରତୀୟ ଜନତା ପାର୍ଟି (ଭାଜପା) ବିଜୟଲାଭ କରିଛି । ପଞ୍ଜାବରେ ୧୧୭ ଆସନରୁ ଏଏପି ୯୨ ଆସନ ପାଇଛି, ଯାହାର ଭୋଟ ପ୍ରତିଶତ ରହିଛି ୪୨.୦୧ । ଆଞ୍ଚଳିକ ଦଳ ଭାବେ ପ୍ରାର୍ଥୀ ଦେଇଥିବା ଏଏପିର ଏଭଳି ବିପୁଳ ବିଜୟ ଭାରତୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି । ଅନ୍ୟତମ ଜାତୀୟ ଦଳ କଂଗ୍ରେସର ଶୋଚନୀୟ ପରାଜୟ ଏଏପିକୁ ପଞ୍ଜାବରେ ସୁଦୃଢ଼ କରିଦେଇଛି । ଭାଜପାକୁ ମାତ୍ର ୨ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଅନ୍ୟପକ୍ଷରେ ଦେଶର ସର୍ବବୃହତ୍ ରାଜ୍ୟ ଉତ୍ତରପ୍ରଦେଶରେ ଭାଜପା ମୋଟ ୪୦୩ ଆସନ ମଧ୍ୟରୁ ୨୭୪ ପାଇ ସରକାର ଗଢ଼ିବାକୁ ଯାଉଛି । ଗତ ୨୦୧୭ରେ ଏହାର ସିଟ୍ ସଂଖ୍ୟା ୩୨୫ ଥିଲା । ତେବେ ଗତ ନିର୍ବାଚନଠାରୁ ଚଳିତ ନିର୍ବାଚନରେ ଭାଜପାର ଭୋଟ ପ୍ରତିଶତ ବୃଦ୍ଧି ପାଇଛି । ଗତ ଥର ଏହା ୩୯.୭ ପ୍ରତିଶତ ରହିଥିବା ବେଳେ ଚଳିତ ଥର ଏହା ବୃଦ୍ଧି ପାଇ ୪୧.୨୯ ପ୍ରତିଶତରେ ପହଞ୍ଚିଛି । କିନ୍ତୁ ସେଠାରେ ଭାଜପା ପୂର୍ବାପେକ୍ଷା ୫୦ ସିଟ୍ ହରାଇଛି । ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି (ଏସ୍‌ପି), ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଓ କଂଗ୍ରେସ ପାଇଥିବା ମୋଟ୍ ଭୋଟ ପ୍ରତିଶତ ୪୭.୨୭ ପ୍ରତିଶତ ହୋଇଛି । ଦେଖିବାକୁ ଗଲେ ବିରୋଧୀଙ୍କ ଭୋଟ ଭାଜପାଠାରୁ ପ୍ରାୟ ୬ ପ୍ରତିଶତ ଅଧିକ ରହିଛି ।

ଉପରଲିଖିତ ଭୋଟ ପ୍ରତିଶତକୁ ଦେଖିଲେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟିଏ ବିଜୟୀ ଦଳ ସମୁଦାୟ ଭୋଟର ଅର୍ଦ୍ଧେକ ପାଇପାରୁ ନ ଥିଲେ ମଧ୍ୟ ସରକାର ଗଢ଼ିବାକୁ ସକ୍ଷମ ହେଉଛି । ଏହି ବ୍ୟବସ୍ଥାରେ ଅଧିକ ଲୋକଙ୍କ ମତ ପ୍ରକାଶ ପାଇପାରୁ ନାହିଁ । ଏହା ହେଉଛି ଗଣତନ୍ତ୍ରର ବିଶେଷତା । ଇଂଲିଶ୍‌ରେ ଏହି ପରିସ୍ଥିତିକୁ କୁହାଯାଏ 'ଫାଷ୍ଟ ପାଷ୍ଟ ଦି ପୋଷ୍ଟ' । ଏହାର ଅର୍ଥ ହେଉଛି ଭୋଟ ବିଭାଜନ ହେଲେ ମଧ୍ୟ ଯିଏ ସର୍ବାଧିକ ଭୋଟ ପାଇଲେ ସିଏ ଜିତିଲେ । କିନ୍ତୁ ତାଙ୍କ ବିରୋଧରେ ପଡ଼ିଥିବା ଭୋଟର ସଂଖ୍ୟା ଯଥେଷ୍ଟ ହୋଇଥାଇପାରେ ।

ଭାରତର କେତେକ ଗଣମାଧ୍ୟମରେ ଆମ୍ ଆଦ୍‌ମୀ ଦଳର ବିଜୟକୁ ଗୁରୁତ୍ୱ ଦିଆଯିବା ଉଲ୍ଲେଖନୀୟ । ଭାଜପା ବିରୋଧରେ ଲୋକମତ ବୃଦ୍ଧି ପାଇଥିବା ସତ୍ତ୍ୱେ ବିରୋଧୀ ଦଳଗୁଡ଼ିକର ଶୋଚନୀୟ ପରାଜୟ ପ୍ରମାଣ କରିଦେଉଛି ଯେ ଗଣତନ୍ତ୍ର ପରିବର୍ତ୍ତେ ବିରୋଧୀମାନଙ୍କର ଲକ୍ଷ୍ୟ କେବଳ ଶାସନ ଦଖଲ କରିବାରେ ସୀମିତ । ସେଥିପାଇଁ ଏଏପି ଏବେ ଏକ ଭିନ୍ନ ସ୍ୱାଦ ରାଜନୀତିର ପରିଚୟ ଦେଉଥିବା ଭଳି ଅନେକେ ଚିନ୍ତା କରନ୍ତି । ଅରବିନ୍ଦ କେଜ୍‌ରିୱାଲ୍‌ଙ୍କ ସରକାର ଦିଲ୍ଲୀରେ ସବୁ ପ୍ରକାରର କ୍ଷମତାବିହୀନ ବୋଲି କହିହେବ । ଦିଲ୍ଲୀର ପୋଲିସ ବଳ ମଧ୍ୟ ରାଜ୍ୟ ସରକାର ନିୟନ୍ତ୍ରଣାଧୀନ ନୁହେଁ । କିନ୍ତୁ ପଞ୍ଜାବରେ ଆସନ୍ତା ୫ ବର୍ଷର ଶାସନ ସେହି ଦଳର ଭବିଷ୍ୟତ ନିର୍ଦ୍ଧାରଣ କରିବ । ଅନ୍ୟପଟେ ପଞ୍ଜାବରେ କ୍ଷମତାରେ ଥିବା କଂଗ୍ରେସ ସେହି ରାଜ୍ୟ ବ୍ୟତୀତ ଅନ୍ୟ ୪ଟି ରାଜ୍ୟରେ ନିଜର ସ୍ଥିତିକୁ ଅତ୍ୟନ୍ତ ଦୁର୍ବଳ କରିଦେଇଛି । ଏପରିକି ଉତ୍ତରପ୍ରଦେଶରେ ୯୭ ପ୍ରତିଶତ କଂଗ୍ରେସ ପ୍ରାର୍ଥୀ ଅମାନତ ହରାଇଛନ୍ତି । ଏହି ପ୍ରତିଦ୍ୱନ୍ଦ୍ୱିତାରେ କଂଗ୍ରେସର ପ୍ରିୟଙ୍କା ଗାନ୍ଧୀ ନେତୃତ୍ୱ ନେଇଥିବା ସତ୍ତ୍ୱେ ଏଭଳି ପରାଜୟ ପ୍ରମାଣ କରିଦେଉଛି ଯେ, ଆଜିର ଯେଉଁ କେତେଜଣ ଗାନ୍ଧୀ ନାମଧାରୀ ଅଛନ୍ତି ସେମାନଙ୍କ ଉପରେ କାହାର ବିଶ୍ୱାସ ନାହିଁ । ସମୟର ଚାହିଦା ଅନୁସାରେ ସେହି ପରିବାର ତା'ର ଗାନ୍ଧୀ ନାମକୁ ପରିବର୍ତ୍ତନ କରିପାରନ୍ତା । ଯାହାଦ୍ୱାରା ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ସହ ନାମରେ ସାମଞ୍ଜସ୍ୟ ରହନ୍ତା ନାହିଁ । ସର୍ବଭାରତୀୟ ସ୍ତରରେ କଂଗ୍ରେସର ଉପସ୍ଥିତି ଥିବା ସତ୍ତ୍ୱେ ଆଜି ସେହି ଦଳ ଲିଭିଯିବା ପଛରେ କେବଳ ଗାନ୍ଧୀ ପରିବାର ଦାୟୀ । ହୁଏତ ସେଥିପାଇଁ କେତେକ ରାଜନୈତିକ ପର୍ଯ୍ୟବେକ୍ଷକ ଏଏପିକୁ 'ନୂତନ କଂଗ୍ରେସ'ର ଆଖ୍ୟା ଦେବାକୁ ଆରମ୍ଭ କଲେଣି ।

ଭାରତର ଦକ୍ଷିଣ ଓ ପୂର୍ବରେ ଉଭୟ ଭାଜପା ଏବଂ କଂଗ୍ରେସ ଦୁର୍ବଳ ହେବାରେ ଲାଗିଛନ୍ତି । ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ଭାଜପାର ସ୍ଥିତି ମୁଖ୍ୟ ବିରୋଧୀଦଳ ଭାବେ ଥିବାବେଳେ କଂଗ୍ରେସ ତୃତୀୟ କିମ୍ବା ଚତୁର୍ଥ ସ୍ଥାନକୁ ଖସିଗଲାଣି । ଦକ୍ଷିଣରେ କଂଗ୍ରେସର ଦୁର୍ବଳ ଉପସ୍ଥିତି ଥିବାବେଳେ ଭାଜପାର ଶକ୍ତି ବୃଦ୍ଧି ପାଇପାରୁ ନାହିଁ । ପଶ୍ଚିମରେ ଥିବା ମହାରାଷ୍ଟ୍ରରେ ସେଠାକାର ମେଣ୍ଟ ସରକାର ଭାଜପାକୁ ପଛରେ ପକାଇ ରଖିଛି । କେବଳ ଉତ୍ତର ଭାରତର ସ୍ଥିତି ଭିନ୍ନ । ହିନ୍ଦୀଭାଷୀ ଅଞ୍ଚଳରେ ଭାଜପାର ଉପସ୍ଥିତି ବେଶ୍ ଦୃଢ଼ ରହିଥିବା ବେଳେ ଜନସମର୍ଥନ ବୃଦ୍ଧି ପରିବର୍ତ୍ତେ ହ୍ରାସ ପାଉଛି । ଯଦି ଉତ୍ତର ପ୍ରଦେଶରେ ମାତ୍ର ୪୧.୨୯ ପ୍ରତିଶତ ଭୋଟ ପାଇ ଭାଜପା ସରକାର ଗଠନ କରିପାରୁଛି, ସେହିପରି ଗୋଆରେ ମୋଟ ୪୦ରୁ ୨୦ ଆସନ ଜିଣିଥିବା ଭାଜପା ମାତ୍ର ୩୩.୩୧ ପ୍ରତିଶତ ଭୋଟ୍ ପାଇ ସେହି ରାଜ୍ୟକୁ ଶାସନ କରିବ । ଅନ୍ୟପଟେ ଉତ୍ତରାଖଣ୍ଡରେ ଭାଜପାର ଭୋଟ ପ୍ରତିଶତ ୪୪.୩୩ ରହିଥିବା ହେତୁ ସେଠାକାର ବିଜୟ ଆଖିଦୃଶିଆ ହେବା କଥା । କିନ୍ତୁ ୨୦୨୪ରେ ଦିଲ୍ଲୀକୁ ଆଖିରେ ରଖି ସବୁପ୍ରକାରର କଳ୍ପନାଜଳ୍ପନା ହେଉଥିବାରୁ ଉତ୍ତର ପ୍ରଦେଶର ଫଳାଫଳ ଅନେକଙ୍କୁ ଚକିତ କରିଛି । ଏହି ଭୋଟରୁ ମିଳିଥିବା ଶିକ୍ଷାକୁ ଯଦି ରାଜନୈତିକ ଦଳଗୁଡ଼ିକ ଆଭ୍ୟନ୍ତରୀଣ ବିଶ୍ଲେଷଣ କରି ନିଜ ଚରିତ୍ରକୁ ଅନୁଧ୍ୟାନ କରନ୍ତେ ତେବେ ଦେଶର ମଙ୍ଗଳ ହେବାର ସମ୍ଭାବନା ବୃଦ୍ଧି ପାଇପାରନ୍ତା ।



# ପ୍ରଶାସନରେ ଦୁର୍ନୀତି ଓ ଅପାରଗତା

ଡ. ସିଦ୍ଧାର୍ଥ କାନୁନ୍‌ଗୋ

"ଦୁଇ ପ୍ରକାରର ବାଟ ଅଛି । ଚାଲିଥିବା ବସ୍‌ରେ ଉଠିଯାଅ, ଯେଉଁଥିରେ ଦୁର୍ନୀତି ବୋଝେଇ ହୋଇଛି, ନ ହେଲେ ଚୁପ୍‌ଚାପ୍ ରାସ୍ତାର ଅନ୍ୟ ପାର୍ଶ୍ୱରେ ଚାଲ, କିନ୍ତୁ ଚଳନ୍ତା ବସ୍ ଆଗକୁ ଆସି ଦୁର୍ନୀତିର ପ୍ରତିରୋଧ କରିବାର କିଛି ଅର୍ଥ ନାହିଁ ।" ଷାଠିଏ ଦଶକରେ ହଂକଂରେ ଦୁର୍ନୀତି କାୟା ବିସ୍ତାରକୁ ଲକ୍ଷ୍ୟ କରି କେହି ଜଣେ ମନୀଷୀ ଏହି କଥା କହିଥିଲେ । ଅଶୀ ଦଶକରେ ଆମେ ଛାତ୍ର ଥିଲାବେଳେ ଜଣେ ପ୍ରମୁଖ ସମ୍ବାଦପତ୍ରର ସମ୍ପାଦକଙ୍କୁ ସାକ୍ଷାତ୍‌କାରରେ ଡ. ହରେକୃଷ୍ଣ ମହତାବ କହିଥିଲେ– "ଦୁର୍ନୀତିକୁ ନୀତି କରିଦେଲେ ସବୁ ସମସ୍ୟାର ସମାଧାନ ହୋଇଯିବ ।" ଯୌବନର ଉଦ୍ଦାମତାରେ ଆମେ କିଛି ଛାତ୍ରବନ୍ଧୁ ସେତେବେଳେ ଡ. ମହତାବଙ୍କୁ ଭୁଲ୍ ବୁଝିଥିଲୁ । ସମୟ ଯେତିକି ଯେତିକି ଆଗଉଛି, ଡ. ମହତାବଙ୍କର ଏହି କଥାଟି ଯେ କେତେ ବାସ୍ତବବାଦୀ ତାହା ମନେହେଉଛି । ଦିନକୁ ଦିନ ଦୁର୍ନୀତିର ଚେର ମାଡ଼ିଚାଲୁଛି ସିନା, ଏହାକୁ ପ୍ରତିହତ କରିବା ଏକ ପ୍ରକାର ଅସମ୍ଭବ ମନେହେଉଛି । ଏ ଦେଶ ତଥା ସମାଜ ଦୁର୍ନୀତି, ବ୍ୟଭିଚାର, ଅନ୍ୟାୟ ତଥା ଅନୀତିରେ ବୁଡ଼ିରହିଛି । ପରିସ୍ଥିତିର ଫାଇଦା ଉଠାଇ କିଛି ଲୋକ କଳାକୁ ଧଳା ଓ ମିଛକୁ ସତ କହି ବେଶ୍ ସୁବିଧାରେ ନିଜର କାର୍ଯ୍ୟ ହାସଲ କରିପାରୁଛନ୍ତି ।

ଅତ୍ୟଧିକ ଶାସନ ଓ ଅତି ଅଳ୍ପ ପ୍ରଶାସନ; ଅତ୍ୟଧିକ ଆଇନ ଓ ନାମମାତ୍ର ନ୍ୟାୟ ଅତ୍ୟଧିକ ଲୋକସେବକ ଏବଂ କ୍ଷୀଣ ଜନସେବା; ଅତ୍ୟଧିକ ନିୟନ୍ତ୍ରଣ; ସାମାନ୍ୟ କଲ୍ୟାଣ– ଏହା ହେଉଛି ଭାରତର ସ୍ଥାୟୀ ପ୍ରବୃତ୍ତି । ଭାରତର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ଲକ୍ଷ୍ୟ କରି ଏକଦା ବିଶିଷ୍ଟ ଆଇନଜ୍ଞ ପାଲ୍‌ଖିୱାଲା ଏକଥା କହିଥିଲେ ।

ହଁ, ଏଠାରେ ଅଛି କଠୋର ଆଇନ, ଅଧିକ ଟିକସ, ସେବା ଯୋଗାଣରେ ଅଭାବ ଅସୁବିଧା । ରାଜନୈତିକ ଭ୍ରଷ୍ଟାଚାର, ଶାସନଗତ ତ୍ରୁଟି, ସ୍ୱଚ୍ଛ ବ୍ୟବସ୍ଥାର ଅଭାବ ଏବଂ ଏହା ସହିତ ରହିଛି ଦୁର୍ବଳ ଦୁର୍ନୀତି ବିରୋଧୀ ଆଇନ ଓ ବ୍ୟବସ୍ଥା । ଏଥିଯୋଗୁ ଭ୍ରଷ୍ଟାଚାର ଦିନକୁ ଦିନ ବଢ଼ିଚାଲିଛି ସିନା କମିବାର ନାଁ ନେଉନାହିଁ । ନୈତିକ ମୂଲ୍ୟବୋଧ ଆଜି ସୁଦୂର ପରାହତ । ଆମ ଶାସନ ବ୍ୟବସ୍ଥାର ପ୍ରତିଟି ସ୍ତରରେ ଦୁର୍ନୀତି ଏପରି କାୟା ବିସ୍ତାର କରିଚାଲିଛି ଯେ, ସାଧାରଣ ଲୋକଟିଏ ସେହି ପରିସ୍ଥିତିକୁ ସାମ୍ନା କରି ନ ପାରି ଅଣନିଃଶ୍ୱାସୀ ହୋଇପଡୁଛି ।

ଏସବୁ କଥା ଚିନ୍ତା କଲାବେଳକୁ ମନରେ କେଜାଣି କାହିଁକି ଖୁବ୍ କ୍ଷୋଭ ଜାତ ହୁଏ । ଆଜି ଗଣତନ୍ତ୍ରର ଗର୍ଭପାତ ହୋଇଛି ବୋଲି ମନେହୁଏ । ଗଣତନ୍ତ୍ରର ମୂଳତତ୍ତ୍ୱ ହେଲା– ଏହା ବହୁମତ ଶାସନ, କିନ୍ତୁ ବାସ୍ତବରେ ଏଠାରେ ହେଉଛି କ'ଣ ? ଅଳ୍ପ କିଛି ଲୋକ କ୍ଷମତାର ଅଧିକାରୀ ହୋଇ ସମସ୍ତ ସୁବିଧା ସୁଯୋଗକୁ ଆପଣେଇ ନେଉଛନ୍ତି । 'ସମାନତା' ବୋଲି ଏକ ଶବ୍ଦ କେବଳ ତତ୍ତ୍ୱ ହୋଇ ରହିଗଲା । ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଗଣତନ୍ତ୍ରର ନୈତିକ ମୂଲ୍ୟବୋଧ ଆଜି ସୁଦୂରପରାହତ ।

ବର୍ତ୍ତମାନ ଆମେ ଦେଶ କଥା ଟିକେ ଚିନ୍ତା କରିବା । ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ସଂସ୍ଥାର ୨୦୨୧ ବିଶ୍ୱ ଦୁର୍ନୀତି ସୂଚକାଙ୍କ ଅନୁସାରେ ୧୮୦ ଦେଶ ମଧ୍ୟରେ ଭାରତର ସ୍ଥାନ ୮୫ରେ ଅଛି । ବ୍ୟାଙ୍କ ଦୁର୍ନୀତି, ଶହୀଦଙ୍କର କଫିନ୍‌କିଣା ଦୁର୍ନୀତି, ଲୋକ ସଭା ବା ବିଧାନସଭାରେ ପ୍ରଶ୍ନ ପଚାରିବାରେ ଟଙ୍କା ନେବା ଦୁର୍ନୀତି, ଅସ୍ତ୍ରକିଣା ଦୁର୍ନୀତି ଇତ୍ୟାଦି ଏପରି ବହୁ ଦୁର୍ନୀତିର ତାଲିକା ଲମ୍ବା । ଏହାକୁ ନେଇ କିଛିଦିନ ସଂସଦ ତଥା ବିଧାନସଭା ହୁଲସ୍ଥୂଲ୍ ହୁଏ । ଦରକାର ପଡ଼ିଲେ ବିଚାର ବିଭାଗୀୟ କମିଶନ କିମ୍ବା ଜଏଣ୍ଟ ପାର୍ଲାମେଣ୍ଟ କମିଟି ଦ୍ୱାରା ତଦନ୍ତ ହୁଏ । କିନ୍ତୁ ପର୍ବତର ମୂଷିକ ପ୍ରସବ ଭଳି କିଛିଦିନ ପରେ ଏସବୁ କଥାକୁ ଲୋକ ଭୁଲିଯାଆନ୍ତି ଏବଂ ଆମର ବିଧିବ୍ୟବସ୍ଥା ଥିବା ଦୁର୍ବଳତାକୁ ଆୟୁଧ କରି ଦୁର୍ନୀତି କରିଥିବା ଲୋକଟି ମୃତ୍ୟୁ ସଂଜୀବନୀ ପାଇଲା ପରି ପୁଣି ତା' କାମରେ ଲାଗିଯାଏ ।

ବର୍ତ୍ତମାନ ବହୁ କିଛି ହୋଇଗଲା । ଗଣତାନ୍ତ୍ରିକ ଉଦାରବାଦ ନାମରେ ଏଠି ଲୋକ ବ୍ୟାଙ୍କରୁ ଟଙ୍କା ନେଇ ଶୁଝିବେ ନାହିଁ । ଭୋଟ ବେଳେ ନେତା ରଣଛାଡ଼ ପାଇଁ ପ୍ରତିଶ୍ରୁତି ଦେବେ । ଅଫିସକୁ ଆସିବା ଓ ଅଫିସକୁ ଯିବାରେ ସମୟାନୁବର୍ତ୍ତିତା ନାହିଁ । ଆମେମାନେ ଅଧିକାର ପ୍ରତି ଯେତିକି ସଚେତନ; ଅନୁରୂପ ଭାବେ କର୍ତ୍ତବ୍ୟ ପାଇଁ ସଚେତନ ନୁହଁ । ବିଧାନସଭା ବା ସଂସଦ ଦୀର୍ଘ ଦିନ ଧରି ଛୋଟିଆ ଛୋଟିଆ କଥାରେ ଅଚଳ ହୋଇଯାଉଛି, କିନ୍ତୁ ଲୋକପ୍ରତିନିଧିମାନେ ସେମାନଙ୍କ ଭତ୍ତା ପାଇବାରେ କିଛି ଅସୁବିଧା ହୁଏ ନାହିଁ । ଏସବୁ କଥା ଭାବିଲା ବେଳକୁ ସତରେ ମନରେ ଭାରି ଦୁଃଖ ହେଉଛି ।

କିଛି ଦିନର ସରକାରୀ ଚାକିରି ଅଭିଜ୍ଞତାକୁ ଭିତ୍ତିକରି ଆମେ ଏକଥା କହିପାରୁ ଯେ, ବହୁ ଲୋକ ଭାବନ୍ତି ବଜେଟରେ ଅର୍ଥ ବ୍ୟବସ୍ଥା କଲେ ସବୁ ସମସ୍ୟାର ସମାଧାନ ହୋଇଯିବ । ମାତ୍ର ଏହା ବାସ୍ତବରେ ଠିକ୍ ନୁହେଁ । ଅସଲ କଥା ହେଉଛି, ଏହାର ସୁଫଳ ଲୋକମାନଙ୍କ ପାଖରେ ଠିକ୍ ଭାବେ ପହଞ୍ଚିପାରିଛି ନା ନାହିଁ । ଯୋଜନାର ୮୫ ପ୍ରତିଶତ ଅର୍ଥ ବାଟମାରଣା ହେଉଛି ବୋଲି ଖୋଦ୍ ଯେତେବେଳେ ପ୍ରଧାନମନ୍ତ୍ରୀ ସ୍ୱୀକାର କରନ୍ତି, ସେତେବେଳେ ସାଧାରଣ ଜନତା ଏଥିରୁ କି ଲାଭ ପାଇଛି ତାହା ଊଣାଅଧିକେ ସମସ୍ତେ ଜାଣନ୍ତି । ଏହାର ମୂଳ କାରଣ ହେଉଛି ଆମ ଜାତୀୟ ଚରିତ୍ରର ଘୋର ଅଭାବ । ସେଦିନ ସମ୍ବିଧାନ ପ୍ରଣେତା ବାବା ସାହେବ ଡକ୍ଟର ଆମ୍ବେଦକର ସମ୍ବିଧାନ ପ୍ରଣୟନ ସଭାରେ ଭାଷଣ ପ୍ରସଙ୍ଗରେ କହିଥିଲେ– "ଭବିଷ୍ୟତରେ ଯଦି କିଛି ଅଘଟଣ ଘଟେ, ତାହାର କାରଣ ଏହି ସମ୍ବିଧାନରେ କିମ୍ବା ତ୍ରୁଟି ଯୋଗୁ ନୁହେଁ, ବରଂ ଲୋକଙ୍କର ଭ୍ରଷ୍ଟ ଚରିତ୍ର ଏଥିପାଇଁ ଦାୟୀ ହେବ ।"

ଭ୍ରଷ୍ଟ ରାଜନେତା, ଅସାଧୁ ସରକାରୀ କର୍ମଚାରୀ, ମୁନାଫାଖୋର ବ୍ୟବସାୟୀଙ୍କୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି । ଏଠାରେ ଗୋଟିଏ କଥା କହିବାକୁ ଇଚ୍ଛା ହେଉଛି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଇତିମଧ୍ୟରେ ପ୍ରାୟ ୧୬୦୦ କମିଶନ ବସିଲାଣି । ଏ ଦିଗରେ ବହୁ ଟଙ୍କା ଖର୍ଚ୍ଚ ହେଉଛି । ମାତ୍ର ଫଳ କ'ଣ ହେଉଛି ? ବହୁ ଚର୍ଚ୍ଚିତ ଚିଟ୍‌ଫଣ୍ଡ କମିଶନ ଏହାର ଏକ ଉଦାହରଣ ନୁହେଁ କି ? ବର୍ତ୍ତମାନ ପର୍ଯ୍ୟନ୍ତ କ'ଣ ଜମାକାରୀମାନେ ସେମାନଙ୍କର ଟଙ୍କା ଫେରସ୍ତ ପାଇଲେଣି ? ଏହି କମିଶନ ପିଛା ଜନସାଧାରଣଙ୍କ ସ୍ୱେଦ ଓ ଶୋଣିତର ଉଦ୍‌ବୃତ୍ତ ଟିକସ ଟଙ୍କା କେତେ ଖର୍ଚ୍ଚ ହୋଇଛି ତାହା ଖୋଦ୍ ସରକାର ହିଁ କହିପାରିବେ । ସେହିପରି ବିଧାନସଭାରେ ହୋଇଥିବା ଦୁର୍ନୀତି ନେଇ ଯେଉଁ ତଦନ୍ତ କମିଶନ ବସିଥିଲା, ସେ ବିଷୟରେ ଆମେ ବିଶେଷ କିଛି କହିପାରିବୁ ନାହିଁ ।

ଏ ଦେଶର ଆଇନ ବ୍ୟବସ୍ଥା ଏପରି ଯେ, ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ପାଇନଥିବା ବ୍ୟକ୍ତିର ସହଧର୍ମିଣୀ ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ଏବଂ ପରୋକ୍ଷରେ ଦୁର୍ନୀତିଗ୍ରସ୍ତ ଲୋକଟି ଶାସନ ଚଳାଏ । ଏକଥା କ'ଣ ଆମକୁ ଅଛପା ଅଛି ? ନିକଟ ଅତୀତରେ ଲାଲୁ ପ୍ରସାଦ ଯାଦବ ସିବିଆଇ କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା, ଷଣ୍ଢ ଏବଂ ଗାଈମାନଙ୍କୁ ସ୍କୁଟର ଓ ସ୍କୁଟିରେ ବୁହା ହୋଇ ଅଣାଯାଇଥିବା ଦର୍ଶାଇ ଟ୍ରେଜେରିରୁ କୋଟି କୋଟି ଟଙ୍କା ତୋସରପାତ ହୋଇଛି । ବର୍ତ୍ତମାନ ଲାଲୁପ୍ରସାଦ ଯାଦବଙ୍କ ପୁଅ ସଗର୍ବେ କହୁଛନ୍ତି, ତଳକୋର୍ଟର ଦଣ୍ଡାଦେଶ ବିରୁଦ୍ଧରେ ସେମାନେ ଉପର କୋର୍ଟରେ ଅପିଲ କଲେ । ଆମେ ଜାଣୁ କାଲି ସକାଳୁ ଯଦି ଉପର କୋର୍ଟ ଦ୍ୱାରା ଲାଲୁ ପ୍ରସାଦ ଯାଦବ ନିର୍ଦ୍ଦୋଷରେ ଖଲାସ ହୁଅନ୍ତି, ତେବେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଆମର କହିବାର କଥା, ଦୁର୍ନୀତିକୁ ହଟାଇବା ପାଇଁ କେବଳ କଠୋର ଆଇନ ଯଥେଷ୍ଟ ନୁହେଁ । ଆମ ଅଦାଲତ ଦ୍ୱାରା ଦଣ୍ଡବିଧାନ ହାର କମ୍ ରହିଥିବାରୁ ବ୍ୟକ୍ତିଟି ପରବର୍ତ୍ତୀ ସମୟରେ ଦୁର୍ନୀତି କରିବାକୁ ଉତ୍ସାହିତ ହେଉଛି । କୁହାଯାଉଛି, ରାଜ୍ୟ ସରକାର ଏପର୍ଯ୍ୟନ୍ତ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ବାଧ୍ୟତାମୂଳକ ଅବସର ଦେଲେଣି ବା ବରଖାସ୍ତ କଲେଣି । ସେକଥା ବଡ଼ କଥା ନୁହେଁ । ଅସଲ କଥା ହେଉଛି, ଏତେ ଧରପଗଡ଼ ସତ୍ତ୍ୱେ ପ୍ରାୟ ପ୍ରତିଦିନ ବୈଦ୍ୟୁତିକ ଗଣମାଧ୍ୟମ ହେଉ ବା ଛପା ଗଣମାଧ୍ୟମ; ଏକଥା ପ୍ରକାଶ ପାଉଛି ଯେ, ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପ୍ରତି ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଅସଲ କଥା ହେଲା, ସେ ରାଜନେତା ହୁଅନ୍ତୁ ବା ସରକାରୀ କର୍ମଚାରୀ ହୁଅନ୍ତୁ; ଦୁର୍ନୀତି ଦୂର କରିବାକୁ ହେଲେ ଦୃଢ଼ ରାଜନୀତିର ଆବଶ୍ୟକତା ଅଛି ।

ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ମଧ୍ୟ ଏପରି ବହୁ ପ୍ରଶ୍ନ ଆମମାନଙ୍କ ମନକୁ ଆନ୍ଦୋଳିତ କରୁଛି । ବର୍ତ୍ତମାନ ବହୁତ କିଛି ହୋଇଗଲା । ଦେଶ ରସାତଳଗାମୀ ହେବା ପୂର୍ବରୁ ରାଜନେତା ଓ ସରକାରୀ କର୍ମଚାରୀ ସମସ୍ତେ ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦିଅନ୍ତୁ । ବିଜ୍ଞାପନ ଯୁଗରେ "ମେରା ଭାରତ ମହାନ୍ ବୋଲି ନ କହି ଭାରତର ଅନ୍ତରାତ୍ମାକୁ ଚିହ୍ନିବାକୁ ସମସ୍ତେ ପ୍ରୟାସୀ ହୁଅନ୍ତୁ । ତେବେ ଯାଇ ଦେଶର ମଙ୍ଗଳ ହେବ ।" ନହେଲେ କାହାକୁ କହିବା, କପାଳରେ ସିନା କର ମାରିବା ହିଁ ସାର ହେବ ।

**– ସେବାନିବୃତ୍ତ ଅତିରିକ୍ତ ଶାସନ ସଚିବ**
**ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର,**
**ମୋ: ୯୪୩୮୦୭୨୮୫୦**



# ସବୁଜ ଉଦ୍‌ଜାନ: ଆଜିର ଆବଶ୍ୟକତା

ସୀତାଂଶୁ କୁମାର ସାମଲ

ସମଗ୍ର ବିଶ୍ୱ ଏବଂ ଏହା ଅନ୍ତର୍ଗତ ସମସ୍ତ ପ୍ରାଣୀ, ଉଦ୍ଭିଦ, ଜଳ, ଖଣିଜ ପଦାର୍ଥ ଇତ୍ୟାଦି ବିଭିନ୍ନ ମୌଳିକ ଓ ଯୌଗିକର ସମାହାର । ମୌଳିକ ବସ୍ତୁର ସରଳତମ ରୂପ । ଏମାନଙ୍କର ରାସାୟନିକ ସଂଯୋଗ ଦ୍ୱାରା ଅସଂଖ୍ୟ ଯୌଗିକ ସୃଷ୍ଟି ହୋଇଥାଏ । ଏ ପର୍ଯ୍ୟନ୍ତ ଆବିଷ୍କୃତ ୧୧୮ ମୌଳିକ ମଧ୍ୟରେ ସବୁଠାରୁ ହାଲୁକା ମୌଳିକଟି ହେଲା ଉଦ୍‌ଜାନ (ହାଇଡ୍ରୋଜେନ୍) । ଏହାର ଦୁଇଟି ପରମାଣୁ ମିଶି ଉଦ୍‌ଜାନ ଅଣୁ ସୃଷ୍ଟି କରନ୍ତି । ଏହାର ସମାହାର ଉଦ୍‌ଜାନ ଗ୍ୟାସ୍ ରୂପେ ପରିଚିତ । ବାୟୁ ମଣ୍ଡଳରେ ଯଥେଷ୍ଟ ପରିମାଣରେ ଥିବା ଦୁଇଟି ଗ୍ୟାସୀୟ ମୌଳିକ ମଧ୍ୟରୁ ଅମ୍ଳଜାନ ଜୀବନ ରକ୍ଷାକାରୀ । ସୃଷ୍ଟିର ପ୍ରତ୍ୟେକ ଜୀବ ସବୁ ସମୟରେ ଅବାଧରେ ଏହାକୁ ପାଇଥାଏ । ଈଶ୍ୱରଙ୍କର ଏହା ଏକ ବିସ୍ମୟକର ଅବଦାନ । ଦ୍ୱିତୀୟ ମୌଳିକଟି ହେଲା ଯବକ୍ଷାରଜାନ ବା ନାଇଟ୍ରୋଜେନ୍ । ଏହା ବାୟୁରେ ସବୁଠାରୁ ବେଶି (୭୮%) ଥାଏ । ଏହାକୁ ବାୟୁରୁ ପୃଥକ କରି ୧:୩ ଅନୁପାତରେ ଉଦ୍‌ଜାନ ସହ ଜର୍ମାନ୍ ବୈଜ୍ଞାନିକ ଏଫ୍ ହାବରଙ୍କ ରାସାୟନିକ ପଦ୍ଧତିରେ ସଂଯୋଗ କରାଇ ଏମୋନିଆ ଗ୍ୟାସ୍ ସ୍ୱଳ୍ପ ମୂଲ୍ୟରେ ପ୍ରସ୍ତୁତ କରାଯାଇଥାଏ । ଯହିଁରୁ ୟୁରିଆ, ଏମୋନିୟମ୍ ନାଇଟ୍ରେଟ୍ ଇତ୍ୟାଦି ଯବକ୍ଷାରଜାନଯୁକ୍ତ ସାର ସ୍ୱଳ୍ପ ମୂଲ୍ୟରେ ଯଥେଷ୍ଟ ଉତ୍ପାଦନ କରାଯାଇ ପୃଥିବୀକୁ କ୍ଷୁଧା ଓ ଖାଦ୍ୟ ସଂକଟରୁ ରକ୍ଷା କରାଯାଇ ପାରୁଛି ।

ଏମୋନିଆ ପାଇଁ ବ୍ୟବହୃତ ଉଦ୍‌ଜାନ ଗ୍ୟାସ୍ ତୈଳକୂପରୁ ପେଟ୍ରୋଲିୟମ୍ ଉତ୍ତୋଳନ ସମୟରେ ପ୍ରଚୁର ମାତ୍ରାରେ ମିଳିଥାଏ । ଏହି ପ୍ରାକୃତିକ ଗ୍ୟାସ୍‌ରେ ଥିବା ମିଥେନ୍ ହାଇଡ୍ରୋକାର୍ବନକୁ ଉଚ୍ଚ ତାପମାତ୍ରାରେ ଥିବା ବାଷ୍ପ ସହିତ ମିଶାଇ ଜାରଣ ପ୍ରକ୍ରିୟା ଦ୍ୱାରା ଉଦ୍‌ଜାନ ଗ୍ୟାସ୍ ଉପଲବ୍ଧ ହୁଏ । ଉକ୍ତ ପଦ୍ଧତିରେ ପ୍ରଚୁର ପରିମାଣର ପରିବେଶ ପ୍ରଦୂଷଣ କରୁଥିବା ସବୁଜ ଗୃହ ଗ୍ୟାସ୍ (ଗ୍ରୀନ୍ ହାଉସ ଗ୍ୟାସ୍), ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହୁଏ । ଏଠାରେ ସୂଚିତ କରାଯାଇପାରେ ଯେ ଏକ ଟନ୍ (ହଜାରେ କିଲୋଗ୍ରାମ୍) ଏମୋନିଆ ଗ୍ୟାସ୍‌ର ପ୍ରସ୍ତୁତ ସମୟରେ ପ୍ରାୟତଃ ଦୁଇ ଟନ୍ ଅଙ୍ଗାରକାମ୍ଳ ଗ୍ୟାସ୍ ବାୟୁମଣ୍ଡଳକୁ ନିର୍ଗତ ହୁଏ । ଅଙ୍ଗାରକାମ୍ଳ ଗ୍ୟାସ୍ ଏକ ପ୍ରମୁଖ ବାୟୁ ପ୍ରଦୂଷଣ କରୁଥିବା ଯୌଗିକ । ଏହା ବିଶ୍ୱ ତାପମାତ୍ରା ବୃଦ୍ଧିରେ ସହାୟକ । ଏହାର ପରିମାଣ କମାଇବାକୁ ହେଲେ ସମଗ୍ର ବିଶ୍ୱ ଏବେ ଉଦ୍‌ଜାନ ଗ୍ୟାସ୍ ବଦଳରେ ସବୁଜ ଉଦ୍‌ଜାନ (ଗ୍ରୀନ୍ ହାଇଡ୍ରୋଜେନ୍) ଉପରେ ଗୁରୁତ୍ୱ ରଖୁଛି । ଏଠାରେ ସ୍ୱତଃ ମନକୁ ପ୍ରଶ୍ନ ଆସିବ ସବୁଜ ଉଦ୍‌ଜାନ କ'ଣ ? ଏହାର ସ୍ୱଳ୍ପ ମୂଲ୍ୟରେ ବହୁଳ ପ୍ରସ୍ତୁତି ଏବଂ ବ୍ୟବହାର ଉପରେ ଆଲୋଚନା କରିବା ।

ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ବିଶ୍ୱର ରସାୟନବିତ୍‌ମାନେ ସବୁଜ ରସାୟନ ବିଜ୍ଞାନ (ଗ୍ରୀନ୍ କେମିଷ୍ଟ୍ରି) ଉପରେ ବ୍ୟାପକ ଗବେଷଣା ଜାରି ରଖିଛନ୍ତି । ଯେଉଁ ରାସାୟନିକ ପଦାର୍ଥ ପ୍ରତ୍ୟକ୍ଷ ବା ପରୋକ୍ଷରେ ପରିବେଶ ପ୍ରଦୂଷିତ କରି ନଥାଏ, ତାହାକୁ ସବୁଜ ରାସାୟନିକ ପଦାର୍ଥ (ଗ୍ରୀନ୍ କେମିକାଲ୍‌ସ) କୁହାଯାଏ । ସେହି ଅର୍ଥରେ ସବୁଜ ଉଦ୍‌ଜାନ ଜଳର ବୈଦ୍ୟୁତିକ ବିଘଟନ (ଇଲେକ୍ଟ୍ରୋଲିସିସ୍) ଦ୍ୱାରା ସବୁଜ ଶକ୍ତି ପ୍ରୟୋଗ କରାଯାଇ ଉତ୍ପାଦିତ ହୋଇଥାଏ । ପାରମ୍ପରିକ ପଦ୍ଧତିରେ ମିଳୁଥିବା ବିଦ୍ୟୁତ୍ ଶକ୍ତି ଜୀବାଶ୍ମ ଇନ୍ଧନର ଦହନ ଦ୍ୱାରା ସୃଷ୍ଟି ହୁଏ, ଯାହା ବହୁତ ପ୍ରଦୂଷଣକାରୀ । ତେଣୁ ସବୁଜ ଉଦ୍‌ଜାନ ପ୍ରସ୍ତୁତି ପାଇଁ ରିନିୱେବଲ୍ ଶକ୍ତିର ବ୍ୟବହାର ଅପରିହାର୍ଯ୍ୟ । ବର୍ତ୍ତମାନ ସବୁଜ ଉଦ୍‌ଜାନର ଆମଦାନୀ ବ୍ୟୟବହୁଳ । ଏହାର ବହୁଳ ଓ ସୁଲଭ ମୂଲ୍ୟରେ ଉତ୍ପାଦନ ପାଇଁ ବିଶ୍ୱର ବିଭିନ୍ନ ଦେଶ ଶିଳ୍ପ ଅନୁକୂଳ ନୀତି ନିର୍ଦ୍ଧାରଣ କରୁଛନ୍ତି । ୧୨ ଫେବୃୟାରୀ, ୨୦୨୧ରେ ଭାରତର ସରକାରଙ୍କ ଗୃହୀତ ନୀତି ସବୁଜ ଉଦ୍‌ଜାନର ଉତ୍ପାଦିତ ମୂଲ୍ୟକୁ ଶତକଡ଼ା ୫୦ ଭାଗକୁ ହ୍ରାସ କରିବ ବୋଲି ବିଶେଷଜ୍ଞମାନଙ୍କର ମତ, ଯାହା ଆମ ଦେଶ ପାଇଁ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଏଠାରେ ସୂଚିତ କରାଯାଇ ପାରେ କି ନଭେମ୍ବର ୨୦୨୧ରେ ସମାପ୍ତ ହୋଇଥିବା ସଂଯୁକ୍ତ ରାଷ୍ଟ୍ରଗୁଡ଼ିକର ଗ୍ଲାସ୍‌ଗୋ ସମ୍ମିଳନୀରେ ପ୍ରାୟତଃ ୨୦୦ ରାଷ୍ଟ୍ର ଅଙ୍ଗାର ନିର୍ଗମନ ଶୂନ୍ୟ (ଜିରୋ କାର୍ବନ ଏମିଶନ୍) ସ୍ତରକୁ ଆଣିବା ପାଇଁ ଏକମତ ହୋଇଛନ୍ତି । ସବୁଜ ଉଦ୍‌ଜାନର ସ୍ୱଳ୍ପମୂଲ୍ୟରେ ପ୍ରସ୍ତୁତି ଏ ଦିଗରେ ନିଶ୍ଚୟ ଏକ ସକାରାତ୍ମକ ପଦକ୍ଷେପ । ଶତାବ୍ଦୀ ଧରି ଉପରେ କୁହାଯାଇଥିବା ହାବର ପଦ୍ଧତି ଦ୍ୱାରା ସ୍ୱଳ୍ପ ମୂଲ୍ୟରେ ବହୁତ ଏମୋନିଆ ଗ୍ୟାସ୍ ପ୍ରସ୍ତୁତ କରାଯାଇଥାଏ, ଯହିଁରେ ବ୍ୟବହୃତ ଯବକ୍ଷାରଜାନ ବାୟୁରୁ ସଂଗୃହୀତ ହୋଇଥିବାରୁ ଏହା ପରିବେଶ ପ୍ରଦୂଷଣ କରି ନ ଥାଏ । ଅନୁରୂପ ଭାବେ ସବୁଜ ଉଦ୍‌ଜାନ ମଧ୍ୟ ପାଣିରୁ ସଂଗୃହୀତ ହେଉଥିବାରୁ ତାହା ମଧ୍ୟ ପରିବେଶ ପ୍ରଦୂଷଣ କରେ ନାହିଁ । ପ୍ରାକୃତିକ ଉତ୍ସରୁ ସଂଗୃହୀତ ଉଭୟ ଉଦ୍‌ଜାନ ଓ ଯବକ୍ଷାରଜାନ ପାରମ୍ପରିକ ହାବର ପଦ୍ଧତି ଦ୍ୱାରା ସବୁଜ ଏମୋନିଆ ଗ୍ୟାସ୍ ପ୍ରସ୍ତୁତ କରାଯାଇ ପାରିବ, ଯାହାକୁ ନେଇ ୟୁରିଆ ଓ ଅନ୍ୟ ଯବକ୍ଷାରଜାନଯୁକ୍ତ ସାର ପ୍ରସ୍ତୁତ କରାଯାଇ ଖାଦ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହେବ ।

ସବୁଜ ଉଦ୍‌ଜାନ ମଧ୍ୟ ସହଜରେ ନିଆଯାଇ ପାରୁଥିବା ଶକ୍ତିର ଏକ ବଳିଷ୍ଠ ବାହକ । ଏହାକୁ ଦହନ କରି ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇପାରିବ, ଯାହା ସବୁଜ ଶକ୍ତି ରୂପେ ପରିଚିତ । କାରଣ ସବୁଜ ଉଦ୍‌ଜାନର ଦହନ କେବଳ ଜଳ ସୃଷ୍ଟି କରିଥାଏ ଏବଂ ପରିବେଶ ପ୍ରଦୂଷଣକାରୀ ପଦାର୍ଥ ନୁହେଁ । ଏହି ସବୁଜ ଉଦ୍‌ଜାନର ପ୍ରସ୍ତୁତି ଖାଲି ପରିବେଶ ପାଇଁ ଅନୁକୂଳ ନୁହେଁ ଏହା ମଧ୍ୟ ସବୁଜ ଶକ୍ତିର ଏକ ଉତ୍ସ । ତେଣୁ ସବୁଜ ଉଦ୍‌ଜାନର ବହୁଳ ମାତ୍ରାରେ ତଥା ସୁଲଭ ମୂଲ୍ୟରେ ଉତ୍ପାଦନ ଆଗାମୀ ଦିନ ପାଇଁ ଏକ ବଡ଼ ଆହ୍ୱାନ । ମୋର ବିଶ୍ୱାସ ବିଶ୍ୱର ବୈଜ୍ଞାନିକମାନେ ସେମାନଙ୍କର ପ୍ରଭାବୀ ଗବେଷଣା ଦ୍ୱାରା ଏହି ଆହ୍ୱାନର ସଫଳ ମୁକାବିଲା କରିବାକୁ ସକ୍ଷମ ହେବେ । ଭାରତ ଏବଂ ବିଶ୍ୱର ରାଷ୍ଟ୍ରସମୂହ ଗ୍ଲାସ୍‌ଗୋ ସମ୍ମିଳନୀରେ ରଖିଥିବା ଶୂନ୍ୟ ଅଙ୍ଗାର ନିର୍ଗମନ ଲକ୍ଷ୍ୟ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ହାସଲ କରିପାରିବେ ।

**ଅବସରପ୍ରାପ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ବାଲେଶ୍ୱର**
**ମୋ– ୯୪୩୭୨୯୫୭୭୫**

## ଏଇ ଭାରତରେ

ପାଠ ଓ ପରିବାର ବୋଝକୁ ନେଇ ଆଗକୁ ବଢୁଥିବା କେରଳର ଦୁଇ ଭଉଣୀଙ୍କ ସଂଗ୍ରାମ ଯୁବପିଢ଼ିଙ୍କ ଲାଗି ପ୍ରେରଣାଦାୟକ । ଥିରୁଭାନନ୍ତପୁରମ ଅଟିଙ୍ଗଲର ହରିପ୍ରିୟା ଓ ଶିବପ୍ରିୟା ଚାଷ କରି ପରିବାର ପ୍ରତିପୋଷଣ କରିବା ସହ ସ୍କୁଲ ଫି' ଦେଉଛନ୍ତି ଓ ପାଠ୍ୟ ଉପକରଣ କିଣୁଛନ୍ତି । କାହା ଉପରେ ନିର୍ଭର ନ କରିବାର ସଂକଳ୍ପ ନେଇ ଦୁଇ ଭଉଣୀ ପ୍ରଥମେ ଘରେ ପ୍ରୋ ବ୍ୟାଗ୍‌ରେ ପରିବା ଚାଷ କରି ତାହାକୁ ସ୍କୁଲରେ ଶିକ୍ଷକମାନଙ୍କୁ ବିକିଥିଲେ । ପରେ ପଡ଼ୋଶୀଙ୍କ କିଛି ଜମିରେ ଚାଷ ଆରମ୍ଭ କରିଥିଲେ । ପିତା ଆର୍ଥିକ ସଂକଟର ସମ୍ମୁଖୀନ ହେବା ପରେ ସେମାନେ ପରିବାର ଚଳାଇବା ସହ ପଢ଼ା ଖର୍ଚ୍ଚ ତୁଲାଇବାକୁ ଜୈବିକ ଚାଷ କରିଥିଲେ । ଏବେ ସେମାନେ ସବୁ ଋତୁରେ ବିଭିନ୍ନ ପରିବା ଚାଷ କରୁଛନ୍ତି । ସକାଳ ୫ଟାରୁ ଚାଷରେ ଲାଗୁଛନ୍ତି ଓ ପରେ ଟାସ୍କ ଶେଷ କରି ସ୍କୁଲ ଯାଉଛନ୍ତି । ସ୍କୁଲରୁ ଫେରି ପୁଣି କ୍ଷେତକୁ ଯାଉଛନ୍ତି । ହରିପ୍ରିୟା ଓ ଶିବପ୍ରିୟ ନିକଟ କୁକୁଡ଼ା ଫାର୍ମରୁ ଖତ ସଂଗ୍ରହ କରି ଚାଷ କରୁଛନ୍ତି । ହରିପ୍ରିୟା ୯ମ ଶ୍ରେଣୀରେ ପଢୁଛନ୍ତି ଓ ଶିବପ୍ରିୟା ତଳ କ୍ଲାସର ଛାତ୍ରୀ । ହରିପ୍ରିୟା କୃଷି ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିବା ବେଳେ ଶିବପ୍ରିୟା ସେନାରେ ଯୋଗଦେବାକୁ ଚାହାନ୍ତି । ଦୁହେଁ କେବେ ବି ସ୍କୁଲ ବନ୍ଦ କରିନାହାନ୍ତି । କୃଷି ପ୍ରତି ଦୁଇ ଭଉଣୀଙ୍କ ଏଭଳି ଆଗ୍ରହକୁ ଲକ୍ଷ୍ୟକରି ରାଜ୍ୟ କୃଷି କର୍ମଶାଳାରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ମାର୍ଚ୍ଚ ୧୯୯୭

- ଫ୍ରାନ୍ସର ପ୍ରଖ୍ୟାତ ପର୍ବତାରୋହୀ ଆଲେନ ଏଷ୍ଟେଭ ଦକ୍ଷିଣ ନରୱେର ଏକ ବରଫ ପାହାଡ଼ ଉପରୁ ଖସିପଡ଼ି ପ୍ରାଣ ହରାଇଛନ୍ତି ।
- ମହାରାଷ୍ଟ୍ରରୁ ୫୨ କିମି ଦୂର ସତାରା ନିକଟବର୍ତ୍ତୀ ସଙ୍ଗମନଗରଠାରେ ଥିବା ଜିଲେଟିନ ଗୋଦାମ ଘରେ ବିସ୍ଫୋରଣ ଘଟି ୧୮ ମୃତ ।

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 1 | | 5 | | | | 4 | | |
| | | | | 2 | | | | |
| | | | | 6 | 3 | | 8 | |
| | | | 9 | | | 2 | | |
| | | 1 | | 7 | 8 | | 9 | |
| 3 | 9 | | | | 4 | | | |
| 5 | | 6 | | | 1 | | | |
| | | 8 | | | | 3 | | |
| 2 | | 3 | | 5 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 5 | 2 | 7 | 1 | 8 | 6 | 9 |
| 6 | 2 | 7 | 8 | 5 | 9 | 1 | 4 | 3 |
| 8 | 9 | 1 | 6 | 3 | 4 | 5 | 2 | 7 |
| 9 | 1 | 2 | 7 | 6 | 5 | 3 | 8 | 4 |
| 5 | 6 | 4 | 3 | 1 | 8 | 7 | 9 | 2 |
| 7 | 8 | 3 | 4 | 9 | 2 | 6 | 1 | 5 |
| 4 | 7 | 9 | 5 | 8 | 6 | 2 | 3 | 1 |
| 2 | 3 | 6 | 1 | 4 | 7 | 9 | 5 | 8 |
| 1 | 5 | 8 | 9 | 2 | 3 | 4 | 7 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିକାଶର ଡୋରି ସରପଞ୍ଚ ହାତରେ

ମହାଶୟ,

ଜନତାଙ୍କ ସୁଖଦୁଃଖରେ ଠିଆ ହେଉଥିବା ଲୋକଟି ହେଲା ସରପଞ୍ଚ । ସରପଞ୍ଚ ପଦବୀରେ ଆସୀନ ଲୋକଟି ସାଧାରଣ ନେତାଙ୍କ ସ୍ୱରର ପ୍ରଥମ ବାର୍ତ୍ତାବହ । ଗଣତାନ୍ତ୍ରିକ ବ୍ୟବସ୍ଥା ପଛରେ ଯେଉଁ ମୂଳ ଭାବନାଟି ରହିଛି ଯେ ଶାସନ ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ; ସେ ଦୃଷ୍ଟିରୁ ଲୋକେ ଅର୍ଥାତ୍ ଭୋଟରମାନେ ହେଉଛନ୍ତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଭୋଟରମାନେ ପ୍ରାର୍ଥୀମାନଙ୍କ ବିଷୟରେ ଜାଣି ଭୋଟ ଦେଇଛନ୍ତି ଓ ଫଳାଫଳ ଆସିବା ଆରମ୍ଭ ହୋଇଯାଇଛି । ସ୍ୱାଧୀନତାର ପଚସ୍ତରି ବର୍ଷ ପରେ ବି ଗ୍ରାମାଞ୍ଚଳର ବିକାଶ ଲାଗି ଜାତୀୟ ବା ରାଜ୍ୟସ୍ତରର କୌଣସି ରାଜନେତା, ଅମଲାତାନ୍ତ୍ରିକ ଅଫିସର ନିଜକୁ ଉତ୍ତରଦାୟୀ କରିପାରିନାହାନ୍ତି । ଆମ ରାଜ୍ୟ ଜିଲାର ଜିଲାପାଳମାନଙ୍କ ପାଦ କେବେ ବି ସେମାନଙ୍କ ଅଧୀନରେ ଥିବା ଗାଁଗୁଡ଼ିକରେ ପଡ଼େନା । ନିର୍ବାଚିତ ଲୋକପ୍ରତିନିଧି ବିଧାୟକମାନଙ୍କ ନିର୍ବାଚନ ବେଳେ ଯାହା ନିର୍ବାଚନମଣ୍ଡଳୀ ବୁଲନ୍ତି । ତା'ପରେ ସେମାନଙ୍କ ଦର୍ଶନ ମିଳେନା । ଏଭଳି ସ୍ଥିତିରେ ଗୋଟିଏ ଗାଁରୁ ପ୍ରକୃତ ବିକାଶର ଡୋରି ରହେ ସରପଞ୍ଚ ହାତରେ । ସେ ହିତାଧିକାରୀମାନଙ୍କ ଅଭାବ ଅସୁବିଧା ନେଇ ବିଧାୟକ, ଜିଲାପାଳ, ତହସିଲଦାର, ବିଡିଓ, ଅମଲାତାନ୍ତ୍ରିକ ଅଫିସରମାନଙ୍କ ନିକଟରେ ପହଞ୍ଚାନ୍ତି, ଏ କଥା ମନେରଖିବା ଉଚିତ । ରାଜ୍ୟର ବିଭାଗୀୟ ମନ୍ତ୍ରୀ, ଅମଲାତାନ୍ତ୍ରିକ ଅଫିସର ସାଧାରଣ ହିତାଧିକାରୀଙ୍କ ଲାଗି ଯାତ୍ରା କରିପାରିବେ ନାହିଁ, ତାହା ପଞ୍ଚାୟତରେ ସରପଞ୍ଚ କରିପାରିବେ ।

**–ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଶ୍ୱର ତରଙ୍ଗେ ଭାସି
ଅଭାବର ରାଶି ରାଶି
ଜମିଅଛି କେତେ ଶତ ମୋର ଏ ଅନ୍ତରେ,
ନିବିଡ଼ ସେ ଆଲିଙ୍ଗନେ
ଉଠିବ ପୂରି ସଘନେ
ନୀରବ ନିଭୃତ ଏହି ନିଶୀଥ ରାତ୍ରରେ ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର

କୁଆମରା,୧୩।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କୁଆମରା ଫାଣ୍ଡି ଅଞ୍ଚଳର ଜଣୈକା ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୬୪/୨୨) ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଖୁଣ୍ଟା ଥାନା ଅଧୀନ ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲା ସ୍ଥିତ ଡିଗିସାହି ଗ୍ରାମର ଗଣେଶ୍ୱର ଦେହୁରୀ। ଶନିବାର ମଧ୍ୟାହ୍ନରେ ଯୁବତୀ ଜଣକ ଘରେ ଏକୁଟିଆ ଥିବା ବେଳେ ଗଣେଶ୍ୱର ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି।

### ରାସ୍ତାକଡ଼ରୁ ମିଳିଲା ୨ ନାବାଳକଙ୍କ ମୃତଦେହ

**ଯାତ୍ରା ଦେଖିବାକୁ ଯାଇ ଫେରିଲେନି**

ସୋର, ୧୩।୩(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସୋର-କୁପାରୀ ରାସ୍ତା ନଦିଗାଁ କାନପୁର ଛକ ନିକଟ ରାସ୍ତାକଡ଼ରୁ ରବିବାର ସକାଳେ ଦୁଇ ନାବାଳକଙ୍କ ମୃତଦେହ ଜବତ କରାଯାଇଛି। ଶନିବାର ରାତିରେ ସେମାନେ ଯାତ୍ରା ଦେଖିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ସକାଳେ ସ୍ଥାନୀୟ ଲୋକେ ରାସ୍ତାକଡ଼ରେ ଏକ ବାଇକ୍ ପାଖରେ ନାବାଳକଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇଛି। ମୃତକ ହେଲେ ନଦିଗାଁ ପଞ୍ଚାୟତ କାନପୁର ଗ୍ରାମର ସୁକୁରା ସିଂ(୧୩) ଓ ଚକନ ସିଂ(୧୭)। ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନ ଥିଲେ ମଧ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଉଭୟଙ୍କ ମୃତ୍ୟୁ ହୋଇଥିବା ସୋର ଆଇଆଇସି ସୁଜାତା ଖମାରୀ କହିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୧୬/୨୨) ରୁଜୁ ହୋଇଛି।

### ଆହତଙ୍କୁ ଭେଟିଲେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର

ବାଣପୁର,୧୩।୩(ଡି.ଏନ୍.ଏ.): ବାଣପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ପଞ୍ଚାୟତ ସମିତି ଅଧକ୍ଷ ପଦ ପାଇଁ ନିର୍ବାଚନ ଚାଲିଥିବାବେଳେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଲୋକଙ୍କୁ ଗାଡ଼ି ମଡ଼ାଇଦେଇଥିଲେ। ଏଥିରେ ପ୍ରାୟ ୨୭ଜଣ ଆହତ ହୋଇଥିଲେ। ରବିବାର ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର ଓ ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଦଳୀୟ ନେତୃବୃନ୍ଦଙ୍କ ସହ ଭୁବନେଶ୍ୱର ଏମ୍ସରେ ପହଞ୍ଚି ଆହତଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏହା ପରେ ବାଣପୁରରେ ପହଞ୍ଚି ନୀଳାଦ୍ରିପ୍ରସାଦ ପଞ୍ଚାୟତର ଅରାଙ୍ଗ ଗ୍ରାମର ଶତ୍ରୁଘ୍ନ ଜାନିଙ୍କୁ ଭେଟିବା ସହ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଭେଟେଶ୍ୱର ପଞ୍ଚାୟତ ଗସ୍ତ କରି ଆହତ ଶାନ୍ତିଲତା ସାମନ୍ତରାୟ ଏବଂ ସୌଦାମିନୀ ସାମନ୍ତରାୟଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଗୁରୁତର ଅବସ୍ଥାରେ ଏମ୍ସରେ ଚିକିତ୍ସିତ ହେଉଥିବା କୁନି ରଣା ଏବଂ ଚନ୍ଦ୍ରିକା ପ୍ରଧାନଙ୍କ ପରିବାରକୁ ଭେଟିବା ସହ ଉଭୟଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ।






ଲଗାତର ୬ବର୍ଷ ଧରି ପୂର୍ବ ଭାରତର ଶ୍ରେଷ୍ଠ ଶିଶୁ ହସ୍ପିଟାଲ ଭାବେ ଖ୍ୟାତି ଅର୍ଜନ କରିଥିବା ଭୁବନେଶ୍ୱର ଶହୀଦନଗରସ୍ଥିତ ଜଗନ୍ନାଥ ହସ୍ପିଟାଲର ୧୦ବର୍ଷ ପୂର୍ତ୍ତି ଅବସରରେ ରବିବାର ଚନ୍ଦ୍ରଶେଖରପୁରସ୍ଥିତ ପଦ୍ମଜା ହୋଟେଲ୍‌ରେ ଆୟୋଜିତ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ (ବାମରୁ) ପରିଚାଳନା ନିର୍ଦ୍ଦେଶକ ଡା. ଅରଜିତ ମହାପାତ୍ର, ଚେୟାରମ୍ୟାନ ଡା. ଅବିନାଶ ମହାପାତ୍ର ଏବଂ ମୁଖ୍ୟଅତିଥି ତଥା ଶିଶୁ ବିଶେଷଜ୍ଞ ଡା. ଜି.ଭି. ବାସବରାଜା। ଉତ୍ସବର ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ସ୍ତ୍ରୀରୋଗ ବିଶେଷଜ୍ଞ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଜଗନ୍ନାଥ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସଂଘମିତ୍ରା ଶତପଥୀ। ନିକଟରେ ଅଛନ୍ତି ହସ୍ପିଟାଲର ନିର୍ଦ୍ଦେଶକ ଡା. ବିଶ୍ୱଜିତ ମିଶ୍ର।

# ଚାଚେରି ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ଶ୍ରୀମନ୍ଦିରରେ ଦୋଳଯାତ୍ରା ନୀତି ଆରମ୍ଭ**



ପୁରୀ ଅଫିସ, ୧୩।୩

ଶ୍ରୀମନ୍ଦିରରେ ରବିବାର ଦୋଳଯାତ୍ରା ନୀତି ଆରମ୍ଭ ହୋଇଛି। ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଚାଚେରି ବେଶରେ ଦର୍ଶନ ଦେଇଛନ୍ତି। ମଧ୍ୟାହ୍ନ ଧୂପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ଶ୍ରୀବିଗ୍ରହମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗିକରାଇଥିଲେ। ସର୍ବାଙ୍ଗ ନୀତି ପରେ ରତ୍ନସିଂହାସନରେ ଶ୍ରୀବିଗ୍ରହମାନଙ୍କ ଚାଚେରି ବେଶ ବଢିଥିଲା। ଏହି ବେଶରେ ଠାକୁରମାନେ ଲାଲ୍ ବସ୍ତ୍ର ପରିଧାନ କରିଥିଲେ। ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ର ନଳିଭୁଜ ପରିଧାନ କରିବା ସହ ତାବିଜ ମାଳ, ପଦ୍ମମାଳି, ହରଡ଼ ମାଳି, କୁଣ୍ଡଳ, ଚନ୍ଦ୍ରିକା, ଅଲ୍କା ପଟି, ଛ'ମୂର୍ତ୍ତି ଅଳଙ୍କାର ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାର ଲାଗି ହୋଇଥିଲେ। ସେହିପରି ଦେବୀ ସୁଭଦ୍ରା ଚନ୍ଦ୍ର ସୂର୍ଯ୍ୟ ଓ ତଡ଼ଗୀ ଲାଗି ସହ ପୁଷ୍ପ ଅଳଙ୍କାରରେ ସଜ୍ଜିତ ହୋଇଥିଲେ। ଏହି ବେଶ ପୂର୍ବରୁ ମହାଜନଙ୍କ ଦ୍ୱାରା ଭୂଦେବୀ, ଶ୍ରୀଦେବୀ ଦକ୍ଷିଣୀ ଘରକୁ ବିଜେ ହୋଇଥିଲେ। ବେଶ ବଢି ପାଣି ପଡ଼ିଲା ପରେ ଚାଚେରି ଭୋଗ ଛାମୁକୁ ଆସିଥିଲା। ଭୂଦେବୀ, ଶ୍ରୀଦେବୀ ଏବଂ ଶ୍ରୀଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲା ପରେ ପଞ୍ଚ ଉପଚାରରେ ଚାଚେରି ଭୋଗ ବଢିଥିଲା। ପରେ ପୂଜାପଣ୍ଡା ସାମନ୍ତେ, ପତିମହାପାତ୍ରେ ଓ ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା ହୋଇଥିଲେ। ମୁଦିରସ୍ତ ସିଂହାସନ ତଳେ ଝିମିରି ଫଗୁ ଅଞ୍ଜଳି ଓ ଶ୍ରୀଅଙ୍ଗରେ ଫଗୁ ଲାଗି ସହ ଆଲଟ ଚାମର କରିଥିଲେ। ଆଜ୍ଞାମାଳ ପାଇବା ପରେ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥିଲେ। ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ବଢି ସନ୍ଧ୍ୟା ଧୂପ ନିମନ୍ତେ ପାଣି ପଡ଼ିଥିଲା। ଜଗନ୍ନାଥ ବଲ୍ଲଭରେ ଜଉଡାବ ଖେଳ, ଫଗୁ ବନ୍ଦାପନା, ଶୀତଳ ଭୋଗ ସରିବାପରେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ପାଣି ଲାଗିହୋଇ ଭୂଦେବୀ, ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ଶ୍ରୀଦୋଳଗୋବିନ୍ଦ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଏହାପରେ ମହାପ୍ରଭୁଙ୍କ ପରବର୍ତ୍ତୀ ନୀତିମାନ ହୋଇଥିଲା।

ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା ଅନ୍ୟତମ। ଶ୍ରୀକ୍ଷେତ୍ରରେ ସାତଦିନ ପର୍ଯ୍ୟନ୍ତ ଦୋଳଯାତ୍ରା ପାଳନ ହୁଏ। ଦୋଳପୂର୍ଣ୍ଣିମାର ପାଞ୍ଚଦିନ ପୂର୍ବରୁ ଏହା ଆରମ୍ଭ ହୋଇ ପୂର୍ଣ୍ଣିମା ପରଦିନ ଶେଷ ହୋଇଥାଏ।

# ଏମ୍‌ସିଏଲ୍ ସର୍ବବୃହତ୍ କୋଇଲା ଉତ୍ପାଦନକାରୀ କମ୍ପାନୀ

ତାଳଚେର,୧୩।୩(ଡି.ଏନ.ଏ.)

ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଚଳିତ ଆର୍ଥିକ ବର୍ଷରେ କୋଇଲା ଉତ୍ପାଦନରେ ୧୫୭ ମିଲିୟନ୍ ଟନ୍ ଅତିକ୍ରମ କରି ଦେଶର ଅଗ୍ରଣୀ କୋଇଲା ଉତ୍ପାଦନକାରୀ କମ୍ପାନୀ ହୋଇପାରିଛି। ଗତ ୧୨ ତାରିଖ ସୁଦ୍ଧା କମ୍ପାନୀ ଶୃଙ୍ଖଳା ଇନ୍ଧନର ୭.୬୨ ଲକ୍ଷ ଟନ୍ ଉତ୍ପାଦନ କରିଛି, ଯାହା ଗତ ଆର୍ଥିକ ବର୍ଷଠାରୁ ପ୍ରାୟ ୧୬% ଅଭିବୃଦ୍ଧି ସହିତ ଚଳିତ ଆର୍ଥିକ ବର୍ଷରେ ୧୫୭.୭ ମିଲିୟନ ଟନ୍‌ରେ ପହଞ୍ଚିଛି। ଏହି ସଫଳତା ପାଇଁ କମ୍ପାନୀ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ ସମସ୍ତ ଅଧିକାରୀ, କର୍ମଚାରୀ, ଚୁକ୍ତିଭିତ୍ତିକ କମ୍ପାନୀ କର୍ମଚାରୀ ଏବଂ ଅନ୍ୟ ହିତାଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦେଶକୁ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାରେ ଏମ୍‌ସିଏଲ୍‌କୁ ଏକ ବଡ଼ ଭୂମିକା ଗ୍ରହଣ କରିବାକୁ ପଡିବ ବୋଲି ସିଏମ୍‌ଡି ପ୍ରକାଶ କରିଛନ୍ତି।

OMC | ODISHA NEW OPPORTUNITIES
Mining Happiness

NOTICE

No.4066/OMC/2022
Date:12.03.2022

Pursuant to the Notice No.3092/OMC dtd. 24.02.2022 regarding conduct of Computer Based Test(CBT) on 17.03.2022 for the posts of Jr. Accountant and Electrician-III against Advertisement No.65 dtd.04.01.2022, this is for information of the candidates that due to some unavoidable & compelling circumstances, the CBT centre at **"Orissa Institute of Engineering And Technology"** in **Dhenkanal** is shifted to **Utkal Institute of Engineering And Technology** in **Bhubaneswar.** The candidates, who have been allocated at the aforesaid centre in Dhenkanal are hereby re-allocated at the Centre in Bhubaneswar as under:

| Earlier Allocated Centre | Re-allocated Centre |
|---|---|
| **Orissa Institute of Engineering And Technology** Patimal, Mahulpara, Dhenkanal, Odisha, India, 759121 | **Utkal Institute of Engineering And Technology** Gyan Vihar, Rathipur, Kantia, Jatni, Bhubaneswar, Odisha, India, 752050 |

❖ The concerned candidates are advised to attend the CBT at the re-allocated centre. E-mail & SMS in this regard are being sent to all shortly. Candidates may download the e-Admit Card from the link provided in the e-mail (being sent to them shortly) as well as by logging in OMC Website (https://omcltd.in).
❖ The concerned candidates may follow other guidelines issued by OMC Management through various notices/OMC Website from time to time. They may also visit the Facilitation Counter as notified for **Bhubaneswar** vide Notice No. 4055/ OMC dtd. 11.03.2022 for any issue related to non-receipt of link for the revised e-Admit Card or any error/ discrepancy related to revised e-Admit Card on 16.03.2022 from 10:00 AM to 1:00 PM as communicated.
❖ All other CBT Centres allocated to the other candidates in different cities (except the change of centre as detailed above) remain unchanged.
❖ The inconvenience caused is regretted.

**Sd./-ADDL. GENERAL MANAGER (PERSONNEL)**

NB: The candidates are advised to check the OMC website (https://omcltd.in) regularly for important instructions/notifications relating to the online Computer Based Test.

# ବେଗୁନିଆ ସରପଞ୍ଚଙ୍କ ସମେତ ୨ ଗିରଫ

**ନିର୍ବାଚନ ଫଳାଫଳକୁ ନେଇ ଉତ୍ତେଜନା ଘଟଣା**

ବେଗୁନିଆ,୧୩।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ପଞ୍ଚାୟତ ସମିତି ଅଧକ୍ଷ ନିର୍ବାଚନର ଫଳାଫଳ ଶନିବାର ଘୋଷଣା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗାଡ଼ି ଭଙ୍ଗାରୁଜା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ସାରୁଅ ଗ୍ରାମର ସମ୍ବିତ୍ କୁମାର ମହାଭୋଇଙ୍କ ଅଭିଯୋଗକ୍ରମେ ବେଗୁନିଆ ପୋଲିସ ୧୬ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ରବିବାର ପୋଲିସ ବେଗୁନିଆ ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ ଓ ସୁରେନ୍ଦ୍ର କୁମାର ପାଲଟାସିଂହଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ସତ୍ୟନାରାୟଣଙ୍କୁ ଜାମିନ ମିଳିଥିବା ପୋଲିସ କହିଛି।

ପ୍ରକାଶ ଯେ, ସମିତି ଅଧକ୍ଷ ପଦ ପାଇଁ ଶନିବାର ବ୍ଲକ କାର୍ଯ୍ୟାଳୟରେ ମତଦାନ କରାଯାଇଥିଲା। ଏଥିରେ ସାରୁଅ ପଞ୍ଚାୟତର ନବନିର୍ବାଚିତ ସମିତିସଭ୍ୟ ଲକ୍ଷ୍ମୀଧର ସୁବୁଦ୍ଧି ତାଙ୍କ ନିକଟତମ ପ୍ରତଦ୍ୱନ୍ଦ୍ୱୀଙ୍କୁ ଖଣ୍ଡେ ଭୋଟରେ ହରାଇ ସମିତିଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏହାକୁ ନେଇ ପରାଜିତ ପ୍ରାର୍ଥୀଙ୍କ ସମର୍ଥକମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ୩ଟି କାର ଭଙ୍ଗାରୁଜା କରିଥିଲେ। ଏହା ସହିତ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକଙ୍କୁ ଧମକ ଦେଇଥିଲେ। ଏନେଇ ସାରୁଅ ଗ୍ରାମର ସମ୍ବିତଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୬୨/୨୨) ରୁଜୁ କରିଥିଲା। ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଓ ଆଇଆଇସି ଲକ୍ଷ୍ମୀ ପ୍ରସାଦ ଶତପଥୀଙ୍କ ସମେତ ୭ଜଣିଆ ପୋଲିସ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି। ଅନ୍ୟପକ୍ଷରେ ଉତ୍ତେଜନା ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ବେଗୁନିଆ ବ୍ଲକ ଛକରୁ ପୋଷ୍ଟଅଫିସ ଛକ ଓ ବେଗୁନିଆ ବଜାର ଅଞ୍ଚଳରେ ୧୪୪ଧାରା ଜାରି କରାଯାଇଛି। ଏହି କଟକଣା ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ ବଳବତ୍ତର ରହିବ।

# ରିପୋର୍ଟ ଦାଖଲ ନେଇ ଡିଜିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଜିଲାପାଳଙ୍କ ପିଏ ହତ୍ୟା ମାମଲା**

ଜୟପୁର ୧୩।୩ (ନି.ପ୍ର.)

ମାଲାକନଗିରିର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ପିଏ ସ୍ୱର୍ଗତ ଦେବ ନାରାୟଣ ପଣ୍ଡାଙ୍କ ହତ୍ୟା ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ହସ୍ତକ୍ଷେପ କରି ଅଭିଯୁକ୍ତ ଏଯାଏ ଗିରଫ ହୋଇ ନ ଥିବା ନେଇ ପ୍ରଶ୍ନ ଉଠାଇଛନ୍ତି। ୧୮।୪।୨୨ ସୁଦ୍ଧା ଏହି ଘଟଣାର ଏକ ତଥ୍ୟ ସମ୍ବଳିତ ରିପୋର୍ଟ ଦାଖଲ କରିବାକୁ କମିଶନର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜି)ଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି।

ସତୀଗୁଡା ଜଳଭଣ୍ଡାର ନିକଟରୁ ପିଏ ପଣ୍ଡାଙ୍କ ମୃତଦେହ ଉଦ୍ଧାର ଘଟଣାରେ ରାଜ୍ୟ ସରକାରଙ୍କ ତଦନ୍ତରେ ଅସନ୍ତୋଷ ବ୍ୟକ୍ତ କରି ସ୍ୱର୍ଗତଃ ପଣ୍ଡାଙ୍କ ସ୍ତ୍ରୀ ବନଜା ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଅଭିଯୋଗର ଶୁଣାଣି କରି କମିଶନ କ୍ଷୋଭ ପ୍ରକାଶ କରି ଏହି ମାମଲାରେ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରଶ୍ନ କରିଛନ୍ତି। କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଏ ପର୍ଯ୍ୟନ୍ତ କାହିଁକି ଥରେ ହେଲେ ଜେରା କରିନାହିଁ। ସମସ୍ତ ଅଭିଯୁକ୍ତଙ୍କ କଲ ଡିଟେଲସର ରେକର୍ଡ କାହିଁକି ସଂଗ୍ରହ କରାଯାଇନାହିଁ ବୋଲି କମିଶନ ଜାଣିବାକୁ ଚାହିଁଛନ୍ତି। ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ତଥ୍ୟ ଶୀଘ୍ର ଜଣାଇବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ପୁଞ୍ଜିଭୂତ ଜନଅସନ୍ତୋଷର ପ୍ରତିଫଳନ

**ଚିଲିକା ବିଧାୟକଙ୍କୁ ମାଡ଼ ଘଟଣା**



ଖୋର୍ଦ୍ଧା ଅଫିସ,୧୩।୩

ବିଜେଡିରୁ ନିଲମ୍ବିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଗୁଣ୍ଡାଗର୍ଦ୍ଦିକୁ ନେଇ ଏବେ ସବୁଠି ଚର୍ଚ୍ଚା। ଶନିବାର ବାଣପୁର ପଞ୍ଚାୟତ ସମିତି ଅଧକ୍ଷ ପଦ ପାଇଁ ନିର୍ବାଚନ ଚାଲୁଥିବାବେଳେ ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଉପରକୁ ବିଧାୟକ ଜଗଦ୍ଦେବ ଗାଡ଼ି ମଡ଼ାଇ ଦେଇଥିଲେ। ଫଳରେ ୧୦ ପୋଲିସ କର୍ମଚାରୀ, ୧୫ରୁ ଊର୍ଦ୍ଧ୍ୱ ଲୋକ ଏବଂ ୨ଜଣ ଖବରଦାତା ଗୁରୁତର ଆହତ ହୋଇଥିଲେ। ବିଧାୟକଙ୍କ ଏଭଳି ଅମାନବୀୟ କାର୍ଯ୍ୟରେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଗାଡ଼ିରୁ ଟାଣିଆଣି ନିସ୍ତୁକ ମାଡ଼ ମାରିଥିଲେ। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏହାକୁ ନେଇ ରାଜନୀତି ଜୋର ଧରିଛି। ଅନ୍ୟପକ୍ଷରେ ଜଗଦ୍ଦେବଙ୍କୁ ମାଡ଼ ମରାଯିବା ଓ ତାଙ୍କ କାର୍ ଭାଙ୍ଗିଦିଆଯିବା ଘଟଣା ପଛରେ ଜନସାଧାରଣଙ୍କ ପୁଞ୍ଜିଭୂତ ଅସନ୍ତୋଷ ହିଁ ମୁଖ୍ୟ କାରଣ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ବିଧାୟକ ଜଗଦ୍ଦେବ ଦୀର୍ଘଦିନ ଧରି ଚିଲିକା ଅଞ୍ଚଳରେ ନିଜ ମନମାନି କରିଆସୁଥିଲେ। ତାଙ୍କୁ ଯିଏ ବିରୋଧ କରୁଥିଲା କିମ୍ବା ତାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଥିଲା, ସେମାନଙ୍କୁ ଆକ୍ରମଣ କରାଯାଉଥିଲା। କେତେବେଳେ ନିଜ ଦଳର କର୍ମୀ, ଆଉ କେବେ ପ୍ରଶାସନିକ ଅଧିକାରୀ ତ ଆଉ କେବେ ଲୋକଙ୍କୁ ଆକ୍ରମଣ କରିବାକୁ ସେ ପଛାଉ ନ ଥିଲେ। ଚିଲିକା ନିର୍ବାଚନ ମଣ୍ଡଳୀରେ ନିଜ ପତିଆରା ଦେଖାଇ ଆସୁଥିଲେ। ଏଥିଯୋଗୁ ଦୀର୍ଘଦିନ ଧରି ଲୋକଙ୍କ ମନରେ ଅସନ୍ତୋଷର ବହ୍ନି ଜଳୁଥିଲା। ଏହି ପୁଞ୍ଜିଭୂତ ଅସନ୍ତୋଷ ଶନିବାର ବିସ୍ଫୋରଣ ହୋଇଥିଲା। ବିଧାୟକଙ୍କ ମନମାନି ଚଳିବ ନାହିଁ କି ଗୁଣ୍ଡାଗିରିକୁ ବରଦାସ୍ତ କରାଯିବ ନାହିଁ ବୋଲି ଲୋକେ ଗଣମାଧମ ଆଗରେ କହିଥିଲେ।

ଜଗଦ୍ଦେବଙ୍କ ବିରୋଧରେ ଅଭିଯୋଗର ଲମ୍ବା ତାଲିକା ରହିଛି। ୨୦୧୪ରେ ସେ ବିଜେଡି ଟିକେଟ ପାଇ ବେଗୁନିଆ ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହାପରଠାରୁ ତାଙ୍କ ବିଶୃଙ୍ଖଳତା ଆରମ୍ଭ ହୋଇଯାଇଥିଲା। ବୌଦ୍ଧରେ ଭାଜପା କର୍ମୀଙ୍କୁ ଆକ୍ରମଣ ନେଇ ତାଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ବେଗୁନିଆରେ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ ଆସିଥିଲା। ୨୦୧୯ ନିର୍ବାଚନରେ ସେ ବିଜେଡି ଟିକେଟରେ ଚିଲିକାରୁ ଜିତିବା ପରେ ଜିଲା ଯୋଜନା କମିଟି ସଭାପତି ହୋଇଥିଲେ। ପରେ ଭୁବନେଶ୍ୱରସ୍ଥିତ ନିଜ ବାସଭବନ ଆଗରେ ଉଠାଦୋକାନୀଙ୍କୁ ଗାଳିଗୁଲଜ କରି ଚର୍ଚ୍ଚାକୁ ଆସିଥିଲେ। ଏପରିକି ପୁରୀରେ ଶ୍ରୀମନ୍ଦିର ସିଂହଦ୍ୱାର ଆଗରେ ଜଣେ ଆଇପିଏସ୍ ଅଫିସରଙ୍କୁ ଧକ୍କା ମାରି ବିବାଦରେ ଫସିଥିଲେ। ଚିଲିକାରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ସହ ଗାଳିଗୁଲଜ ନେଇ ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ଗତବର୍ଷ ସେପ୍ଟେମ୍ବର ୮ରେ ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ଜାତିଆଣ ଆକ୍ଷେପ, ଆକ୍ରମଣ ଘଟଣାରେ ସେ ଗିରଫ ହୋଇ ଜେଲ ଯାଇଥିଲେ। ଏଥିଯୋଗୁ ତାଙ୍କୁ ବିଜେଡିରୁ ନିଲମ୍ବନ କରାଯିବା ସହ ଜିଲା ଯୋଜନା କମିଟି ସଭାପତି ପଦରୁ ହଟାଇ ଦିଆଯାଇଥିଲା। ପଞ୍ଚାୟତ ନିର୍ବାଚନ ସମୟରେ କର୍ମୀ ସମାବେଶରେ ଜଣେ ମହିଳା କର୍ମୀଙ୍କୁ ଅଶାଳୀନ ବ୍ୟବହାର କରିଥିବା, ଜଣେ ସମିତିସଭ୍ୟ ପ୍ରାର୍ଥୀଙ୍କ ସ୍ୱାମୀଙ୍କୁ ଧମକଚମକ ଦେଇଥିବା ଇତ୍ୟାଦି ଅଭିଯୋଗ ହୋଇଥିଲା। ଏନେଇ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଯଦି ଜଗଦ୍ଦେବଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା ତେବେ ସେ ଦଳୀୟ କାର୍ଯ୍ୟକ୍ରମରେ କିପରି ଯୋଗଦେଉଥିଲେ। ଏସବୁ ପ୍ରହସନ ଚାଲିଛି। ଚିଲିକାରେ ଜଗଦ୍ଦେବଙ୍କ ଗୁଣ୍ଡାଗିରି ଯୋଗୁ ଚଳିତ ପଞ୍ଚାୟତ ନିର୍ବାଚନରେ ତାଙ୍କ ପତିଆରା କାମ ଦେଲାନାହିଁ। ଚିଲିକାର ୬ଟି ନିର୍ବାଚନମଣ୍ଡଳୀରୁ ଭାଜପା ୨ଟିରେ ଜିତିବା ସହ ୨ବ୍ଲକରେ ପଞ୍ଚାୟତ ସମିତି ଗଠନ କରିଛି। ଭାଜପାର ବିଜୟ ଦେଖି ଏବଂ ତାଙ୍କ ହାତରୁ ବ୍ଲକ ଅଧକ୍ଷ ପଦ ଖସିଯିବାରୁ ସେ ଆତଙ୍କିତ ହୋଇପଡ଼ିଥିଲେ। ମାନସିକ ସ୍ତରରେ ଜଗଦ୍ଦେବ ଭାରସାମ୍ୟ ହରାଇ ମଦ୍ୟପାନ କରି ଲୋକଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୃଥ୍ୱୀରାଜ କହିଛନ୍ତି।

DADLS-423

STATE MEDICINAL PLANTS BOARD, ODISHA
(Forest, Environment & Climate Change Department, Govt. of Odisha)

Solicit your gracious presence
in the closing ceremony of

14th STATE LEVEL KALINGA HERBAL FAIR, 2022
on 14th March, 2022 at 6.00 PM
by

Shri Rajiv Kumar, IFS
PCCF & Chairman, Odisha Bio-diversity Board
Chief Guest

In the August presence of

Dr. K. Murugesan, IFS
Member Secretary, State Pollution Control Board
Guest of Honour

Smt. Padma Mahanti, IFS
DIGF (Central), Ministry of Environment & Climate Change, Govt. of India, Bhubaneswar
Guest Speaker

Venue
Janata Maidan
Bhubaneswar

DADLS-423

Shri Sudeep Nayak, IFS
Chief Executive

OIPR-08117/13/0002/2122

## ହୋଟେଲରେ ଗଞ୍ଜେଇ ବିକ୍ରି, ମାଲିକ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ହୋଟେଲରେ ଗଞ୍ଜେଇ ବିକ୍ରି କରୁଥିବାବେଳେ ଇନ୍‌ଫୋସିଟି ଥାନା ପୋଲିସ ଚଢ଼ାଉ କରି ମାଲିକଙ୍କୁ ଗିରଫ କରିଛି। ସେ ହେଲେ ନନ୍ଦନକାନନ କଲ୍ୟାଣପୁର ଅଞ୍ଚଳର ଚକ୍ରଧର ସାହୁ (୪୫)। ତାଙ୍କଠାରୁ ୨୧.୮୦ ଗ୍ରାମର ଗଞ୍ଜେଇ ଜବତ କରାଯାଇଛି। ଏନେଇ ପୋଲିସ ମାମଲା (ନଂ.୬୮/୨୨) ରୁଜୁ କରି ଚକ୍ରଧରଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ଅଭିଯୁକ୍ତ ଚକ୍ରଧର ପଟିଆ ରେଳଷ୍ଟେଶନ ନିକଟରେ ଏକ ଚାଳିଆ ହୋଟେଲ କରିଛନ୍ତି। ସେ ସେଠାରେ ଦୀର୍ଘଦିନ ଧରି ଲୁଚାଛପାରେ ଗଞ୍ଜେଇ ବେପାର କରୁଥିଲେ। ଏନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ଇନ୍‌ଫୋସିଟି ଥାନା ପୋଲିସ ଟିମ୍ ଗଠନ କରି ଚଢ଼ାଉ କରିଥିଲା।

## ସଂକ୍ଷେପରେ

### ଶବରଙ୍କୁ ଆଦିବାସୀ ଜାତିଗତ ପ୍ରମାଣପତ୍ର ଦିଆଯାଉ
### ନଚେତ ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର,୧୩।୩(ବ୍ୟୁରୋ) - ଶବରମାନଙ୍କୁ ଆଦିବାସୀ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିବାକୁ ପୁଣି ଦାବି କରିଛି ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ। ନ୍ୟାୟ ନ ମିଳିଲେ ଏଣିକି ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ବି ଦିଆଯାଇଛି। ଏ ସଂକ୍ରାନ୍ତରେ ରବିବାର ବୁଦ୍ଧମନ୍ଦିର ପରିସରରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚ ଅଧକ୍ଷ ବିଦ୍ୟାଧର ଦେହୁରୀ ଏଥିରେ ଅଧକ୍ଷତା କରି କହିଲେ, ଶବର ଶବ୍ଦକୁ ଅପଭ୍ରଂଶ କରାଯାଇ ସଅର ଲେଖିଦେବା ଫଳରେ ଶବରମାନେ ଜାତିଗତ ପ୍ରମାଣପତ୍ର ପାଇପାରୁନାହାନ୍ତି। ଫଳରେ ସରକାରୀ ସୁବିଧା ସୁଯୋଗ ଓ ସମସ୍ତ ପ୍ରକାର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ କିଛି ସୁଫଳ ମିଳୁନି। ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ତେଣୁ ଏହା ସରକାରଙ୍କର ଏକ ଚକ୍ରାନ୍ତ। ଆଗାମୀ ଦିନରେ ଏହି ଅନ୍ୟାୟ ବିରୋଧରେ ରାଜ୍ୟବ୍ୟାପୀ ଲଢ଼େଇ କରିବାକୁ ପ୍ରସ୍ତୁତ ରହିବା ପାଇଁ ଅଧକ୍ଷ ଦେହୁରୀଙ୍କ ସମେତ ଉପସ୍ଥିତ ପୂର୍ବତନ ଏମ୍‌ପି ମୋହନ ଜେନା, ପୂର୍ବତନ ପ୍ରଶାସନିକ ଅଧିକାରୀ ଶରତ ନାୟକ, ଦାସ୍‌ମୋର ଉପାଧକ୍ଷ ଗୌତମ ଗୋପାଳ, ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ଆହ୍ୱାନ ଦେଇଛନ୍ତି।

### ବାଲକାଟୀ ପଞ୍ଚୁଦୋଳ ମେଳଣ
### ୨୩ରେ ଜମାଣ, ୨୫ରେ ହରିହର ଭେଟ

ବାଲକାଟୀ,୧୩।୩ (ଡି.ଏନ୍.ଏ.): ଓଡିଶାରେ ହେଉଥିବା କେତୋଟି ପଞ୍ଚୁଦୋଳ ମେଳଣ ମଧ୍ୟରୁ ରାଜଧାନୀ ଉପକଣ୍ଠ ବାଲକାଟୀ ପଞ୍ଚୁଦୋଳ ମେଳଣ ଅନ୍ୟତମ । ଆସନ୍ତା ୨୩ ତାରିଖ ମଧରାତ୍ରରୁ ବାଲକାଟୀର ଜମାଣ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ରବିବାର ପ୍ରତାପ ଶାସନ ପଞ୍ଚାୟତ କାର୍ଯ୍ୟାଳୟରେ ନବ ନିର୍ବାଚିତ ସରପଞ୍ଚ ରୀନାରାଣି ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦ, କପିଳ ମହାରଣା, ବସନ୍ତ ସାହୁ, ସମିତି ସଭ୍ୟ ଗଙ୍ଗାଧର ମାହାରୀ, ନାଏବ ସରପଞ୍ଚ ଅରୁଣ କୁମାର ସାହୁ, ସାମାଜିକ କର୍ମୀ ବେଣୁଧର ଭୋଇ, ରାଜେନ୍ଦ୍ର ସାହୁ ,ସୁରେନ୍ଦ୍ର ବେହେରା, ଶତ୍ରୁଘ୍ନ ପୃଷ୍ଟି,ଗିରିଧାରୀ ସାହୁ, ଗଗନ ବେହେରା, ପବିତ୍ର ବେହେରାଙ୍କ ସମେତ ବିଭିନ୍ନ ୱାର୍ଡର ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ମେଳଣକୁ ଆକର୍ଷଣୀୟ କରିବା ପାଇଁ ଭାର୍ଗବୀ ନଦୀ ପଠାରେ ତିନିଦିନ ଧରି ଯାତ୍ରା ପରିବେଷଣ କରାଯିବାକୁ ନିଷ୍ପତ୍ତି ହୋଇଛି।

### କଟୁରି ଚୋଟରେ ଯୁବକ ଗୁରୁତର

ବାରଙ୍ଗ,୧୩।୩(ଡି.ଏନ୍.ଏ.): ମେଣ୍ଢାଶାଳ ଗ୍ରାମ ବାରାପିଟା ମୁଣ୍ଡାସାହିରେ ଗୁଣିଗାରେଡ଼ି ସନ୍ଦେହରେ ରବିବାର ଜଣେ ବ୍ୟକ୍ତିଙ୍କ କଟୁରି ଚୋଟରେ ଉକ୍ତ ଗ୍ରାମର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହଲେ ପ୍ରଧାନ ସମାଡ଼। ଚିକିତ୍ସା ପାଇଁ ତାଙ୍କୁ ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏନେଇ ସମାଡ଼ଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ମେଣ୍ଢାଶାଳ ଫାଣ୍ଡି ପୋଲିସ ଅଭିଯୁକ୍ତ ନାଜିର ପିଙ୍ଗୁଆଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କଟୁରି ଜବତ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ପିଙ୍ଗୁଆଙ୍କୁ କୋର୍ଟଚାଲାଣ କରିଛି।





ୱାର୍ଡ ନଂ. ୩୫ରେ ବିଜେଡି କର୍ପୋରେଟର ପ୍ରାର୍ଥିନୀ ରଞ୍ଜୁଲତା ରୟ ଓ ୱାର୍ଡ ନଂ. ୪୧ରେ ସିପିଆଇ ପ୍ରାର୍ଥିନୀ ମିନତୀ ବେହେରା ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

# ପ୍ରାର୍ଥିପତ୍ର ପ୍ରତ୍ୟାହାର: ଅସନ୍ତୁଷ୍ଟଙ୍କ ଉପରେ ନଜର

ଭୁବନେଶ୍ୱର, ୧୩।୩ (ବ୍ୟୁରୋ)

ପୌର ନିର୍ବାଚନ ପାଇଁ ଉଠୁଛି ପଡୁଛି ରାଜଧାନୀ ଭୁବନେଶ୍ୱର। ୱାର୍ଡ ଟୁ ୱାର୍ଡ, ଡୋର୍ ଟୁ ଡୋର୍ ବୁଲି ପ୍ରଚାର କରୁଛନ୍ତି ପ୍ରାର୍ଥୀ। ଚଳିତ ନିର୍ବାଚନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୬୭ ୱାର୍ଡ ପାଇଁ ମୋଟ ୩୪୩ଜଣ କର୍ପୋରେଟର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ପ୍ରାର୍ଥିପତ୍ର ଖାରଜ ହୋଇଥିଲା। ବାକି ୩୪୨ଜଣଙ୍କ ମଧ୍ୟରୁ ପ୍ରାର୍ଥିପତ୍ର ପ୍ରତ୍ୟାହାରର ପ୍ରଥମ ଦିନରେ ୮ଜଣ ଆଶାୟୀ ନାମାଙ୍କନ ଫେରାଇ ଆଣିଛନ୍ତି। ତେବେ ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ଥିବାରୁ ଏକାଧିକ ପ୍ରାର୍ଥୀ ନିର୍ବାଚନରୁ ଓହରିବାର ସମ୍ଭାବନା ରହିଛି। ବିଶେଷ କରି ଅସନ୍ତୁଷ୍ଟଙ୍କୁ ସନ୍ତୁଷ୍ଟ କରିବାକୁ ବିଭିନ୍ନ ଦଳ ପକ୍ଷରୁ ଚେଷ୍ଟା ଜାରି ରହିଥିବା ବେଳେ ଶେଷଦିନ ସେମାନଙ୍କ ଉପରେ ନଜର ରହିବ। ସନ୍ଧ୍ୟା ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରକାଶିତ କରାଯିବ। ଏହାପରେ ନିର୍ବାଚନ ରଣାଙ୍ଗନରେ କେତେଜଣ ରହିବେ ତାହା ସ୍ପଷ୍ଟ ହେବ। ଅପରପକ୍ଷେ ଭୁବନେଶ୍ୱର ମହାନଗର ନିଗମରେ ବିଭିନ୍ନ ୱାର୍ଡ଼ରେ ୩ ପ୍ରମୁଖ ରାଜନୈତିକ ଦଳ ସହ ଅନ୍ୟ ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀ ଲଢ଼େଇ ପାଇଁ ଅଣ୍ଟା ଭିଡିଛନ୍ତି। ବିଶେଷକରି ୱାର୍ଡ଼ ନଂ.୧୧କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏଠାରେ ପ୍ରଭାସିନୀ ମହାନ୍ତିଙ୍କୁ ବିଜେଡି ଟିକେଟ ଦେଇଥିଲେ ମଧ ଦଳରୁ ୩ଜଣ ସ୍ମରଣିକା ମହାନ୍ତି, ଝୁନା ପଟ୍ଟନାୟକ ଓ ରଶ୍ମିତା ମହାନ୍ତି ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ସ୍ମରଣିକାଙ୍କୁ ଫଳନ୍ତି ନଡ଼ିଆଗଛ, ଝୁନାଙ୍କୁ ରେଡ଼ିଓ ଏବଂ ରଶ୍ମିତାଙ୍କୁ ବାଳକ ବାଳିକା ଚିହ୍ନ ପ୍ରଦାନ କରାଯାଇଥିଲା। ତେବେ ଆରମ୍ଭ ହିଁ ଅସନ୍ତୁଷ୍ଟଙ୍କୁ ସନ୍ତୁଷ୍ଟ କରିବାରେ ନେତାମାନେ ସଫଳ ହୋଇଛନ୍ତି। ନାମାଙ୍କନ ପ୍ରତ୍ୟାହାରର ପ୍ରଥମ ଦିନରୁ ହିଁ ସ୍ମରଣିକା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଝୁନା ଓ ରଶ୍ମିତା ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାକୁ ଯାଉଛନ୍ତି। ସ୍ୱାଧୀନ ଭାବେ ଲଢ଼ି ଦଳ ବିରୋଧୀ କାର୍ଯ୍ୟ କରିବେ ନାହିଁ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ସ୍ମରଣିକା କହିଛନ୍ତି, ଦଳରୁ ଟିକେଟ ପାଇବାକୁ ଆଶା କରିଥିଲୁ। ମାତ୍ର ତାହା ହେଲା ନାହିଁ। ଆମେ ଲୋକଙ୍କ ବିକାଶ ପାଇଁ ନିର୍ବାଚନ ଲଢିବାକୁ ଆଗେଇ ଆସିଥିଲୁ। ତେବେ ଦଳର ବିରୋଧୀ ହୋଇ କୌଣସି କାର୍ଯ୍ୟ କରିବାକୁ ଯୋଜନା ନାହିଁ। ସେହିପରି ଅଲ୍ ଇଣ୍ଡିଆ ରେଡ଼ିଓରେ ଆନାଉନ୍ସର ଭାବେ କାର୍ଯ୍ୟରତ ଝୁନା କହିଛନ୍ତି, ଯୋଗ୍ୟତା ଦେଖି ଦଳ ଟିକେଟ ଦେଇନାହିଁ। ଯଦି ତାହା ହୋଇଥାନ୍ତା ତେବେ ମୋତେ ନିଶ୍ଚୟ ଟିକେଟ ମିଳିଥାନ୍ତା। ୧୬ ବର୍ଷରୁ ଅଧିକ ସମୟ ଧରି ମୁଁ ଦଳ ପାଇଁ କାର୍ଯ୍ୟ କରୁଛି। ତଥାପି ଦଳ ମତେ ଭରସା କରି ପାରିଲାନାହିଁ। ଏପରିକି ନାମାଙ୍କନ ଦାଖଲ ହେବାର ଏତେଦିନ ପରେ ମଧ ଦଳ ପକ୍ଷରୁ କୌଣସି ଫୋନ୍ କଲ୍ କିମ୍ବା କେହି ଯୋଗାଯୋଗ କରି ନାହାନ୍ତି। ଏଥିରୁ ମୁଁ ଦଳରେ ଅଛି କି ନାହିଁ ତାହା ମଧ ଜଣାପଡୁ ନାହିଁ। ତଥାପି ଦଳ ପ୍ରତି ଆନୁଗତ୍ୟ ପ୍ରକାଶ କରି ଏଥିରୁ ଓହରିଯିବି ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ୱାର୍ଡରେ କଂଗ୍ରେସ କୌଣସି ପ୍ରାର୍ଥୀ ଦେଇ ନ ଥିବାବେଳେ ଭାଜପା ନିରୂପମା ପାତ୍ରଙ୍କୁ ପ୍ରାର୍ଥୀ କରିଛି। ତେଣୁ ଏହି ୱାର୍ଡରେ ବିଜେଡି ପ୍ରାର୍ଥୀ ପ୍ରଭାସିନୀ ଓ ଭାଜପା ପ୍ରାର୍ଥୀ ନିରୂପମା ପାତ୍ରଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ଜଣାପଡୁଛି।

### ଚର୍ଚ୍ଚାରେ ବିଏମ୍‌ସିର ୱାର୍ଡ ନଂ.୧୧

■ପ୍ରାର୍ଥିପତ୍ର ପ୍ରତ୍ୟାହାର କରିପାରନ୍ତି ୨ ସ୍ୱାଧୀନ

■ମୁହାଁମୁହିଁ ହେବେ ବିଜେଡି- ଭାଜପା ପ୍ରାର୍ଥୀ

## ଟ୍ରେନିଂ ନେଲେ ମାଷ୍ଟର୍ସ ଟ୍ରେନର, ଆଜିଠାରୁ ପୋଲିଂ ପର୍ସନ ଟ୍ରେନିଂ

ଭୁବନେଶ୍ୱର, ୧୩।୩ (ବ୍ୟୁରୋ)

ବିଏମ୍‌ସିରେ ଶୃଙ୍ଖଳିତ ନିର୍ବାଚନ ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତ୍ରୁଟିମୁକ୍ତ ଇଭିଏମ୍ ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସୋମବାରଠାରୁ ପୋଲିଂ ପର୍ସନ ଟ୍ରେନିଂ ଆରମ୍ଭ ହେବ। ତେବେ ସେମାନଙ୍କୁ ଟ୍ରେନିଂ ଦେବେ ମାଷ୍ଟର୍ସ ଟ୍ରେନର। ଏଥିପାଇଁ ରବିବାର ସ୍ପେଶାଲ ସର୍କିଟ ହାଉସଠାରେ ମାଷ୍ଟରର୍ସ ଟ୍ରେନର୍ସମାନଙ୍କୁ ଟ୍ରେନିଂ ଦିଆଯାଇଛି। ରାଜ୍ୟ ନିର୍ବାଚନ କମିଶନରୁ ପ୍ରଶିକ୍ଷଣ ନେଇଥିବା ବିଏମ୍‌ସି ଡେପୁଟି କମିଶନର କମଳାକାନ୍ତ ବେହେରା, ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ ଏବଂ ଆସିଷ୍ଟାଣ୍ଟ କଲେକ୍ଟର ସମୀର କୁମାର ଦାସ ଅନ୍ୟ ଅଧିକାରୀଙ୍କୁ ମାଷ୍ଟର୍ସ ଟ୍ରେନର ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଏହି ଅଧିକାରୀମାନେ ହେଲେ ଲିଲନ୍ ସାହୁ, ନାରାୟଣ ନାୟକ, ମୃତ୍ୟୁଞ୍ଜୟ ତ୍ରିପାଠୀ, ସ୍ନେହଲତା ଆଚାର୍ଯ୍ୟ, ସରୋଜ କୁମାର ପଣ୍ଡା, ସଞ୍ଜୁକ୍ତା ସ୍ୱାଇଁ, ରମେଶ ସେଠୀ, ଶିବାଶିଷ ପରିଡ଼ା ଏବଂ ଗାୟତ୍ରୀ ସାମନ୍ତରାୟ। ସମୀର ଦାସଙ୍କ ବ୍ୟତୀତ ଅନ୍ୟ ୧୧ଜଣ ଅଧିକାରୀ ୧୪ରୁ ହେବାକୁ ଥିବା ପୋଲିସଂ ପର୍ସନ ଟ୍ରେନିଂ ପ୍ରଦାନ କରିବେ। ୩ଦିନ ଧରି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ହେବାକୁ ଥିବା ଏହି ଟ୍ରେନିଂରେ ପ୍ରତିଦିନ ୫୫୦ ଲେଖାଏ କର୍ମଚାରୀ ଟ୍ରେନିଂ ନେବେ ବୋଲି ସୂଚନା ଦିଆଯାଇଛି। ଏଥର କର୍ପୋରେଟର ଏବଂ ମେୟର ପଦବୀ ପାଇଁ ନିର୍ବାଚନ ହେଉଛି। ସମୁଦାୟ ୭୦୫ଟି ବୁଥ୍‌ରେ ଏ ନେଇ ମତଦାନ ହେବାକୁ ଯାଉଛି। ପ୍ରତି ବୁଥ୍‌ରୁ ୫ଜଣ ଅଧିକାରୀ ଏହି ଟ୍ରେନିଂକୁ ଆସିବେ। ସେମାନଙ୍କ ମଧ୍ୟରେ ଇଲେକ୍ସନ ଅଫିସର, ପ୍ରିଜାଇଡିଂ ଅଫିସର ଓ ଫାଷ୍ଟ ପୋଲିଂ ଅଫିସର ରହିବେ।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ରବିବାର ସନ୍ଧ୍ୟାରେ ପରିବେଷିତ ନାଟକ 'ମାଙ୍କଡ଼'ର ଏକ ଦୃଶ୍ୟ।

## ଉଠାଦୋକାନୀଙ୍କ ଥଇଥାନ ଉପରେ ସବୁ ରାଜ୍ୟ ଗୁରୁତ୍ୱ ଦିଅନ୍ତୁ

ଭୁବନେଶ୍ୱର, ୧୩।୩(ବ୍ୟୁରୋ)

### ସର୍ବଭାରତୀୟ ଉଠାଦୋକାନୀ ସମ୍ମିଳନୀ ଉଦ୍‌ଯାପିତ

ଉଠା ଦୋକାନୀଙ୍କ ଥଇଥାନ ସହ ପ୍ରତି କ୍ଷେତ୍ରରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ କରାଯାଉ। ଏଥିପ୍ରତି ରାଜ୍ୟ ସରକାରମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସର୍ବଭାରତୀୟ ଉଠା ଦୋକାନୀ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ଗୁଜରାଟ କଚ୍ଛସ୍ଥିତ ନାରାୟଣ ସରୋବରଠାରେ ଆୟୋଜିତ ଏହି ୩ଦିନିଆ ସମ୍ମିଳନୀକୁ ସର୍ବଭାରତୀୟ ଉଠା ଦୋକାନୀ ମହାସଂଘ ସଭାପତି କୋଲିନ୍ ଗୋନ୍‌ସାଲ୍‌ଭେସ୍ ଉଦ୍‌ଘାଟନ କରିଥିଲେ। ରବିବାର ଏହା ଉଦ୍‌ଯାପିତ ହୋଇଥିବାବେଳେ ଏଥିରେ ୨୮ ରାଜ୍ୟରୁ ପ୍ରାୟ ୨୦୦ ପ୍ରତିନିଧି ଯୋଗଦେଇଥିଲେ। ଓଡ଼ିଶାରୁ ଉଠା ଦୋକାନୀ ମହାସଂଘ ପ୍ରତିଷ୍ଠାତା ସଭାପତି ପ୍ରତାପ ସାହୁ, ଜୟନ୍ତ ଦାସ, ଅନୁଜ ପ୍ରଧାନ, ଅନୁ ମିଶ୍ର, ଅଳକାନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସର୍ବଭାରତୀୟ ଉଠା ଦୋକାନୀ ମହାସଂଘ ସଭାପତି ଭେସ୍ କହିଲେ, ଉଠା ଦୋକାନୀଙ୍କୁ ଥଇଥାନ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ସମସ୍ତ ରାଜ୍ୟ କାର୍ଯ୍ୟକାରୀ କରିବା ଆବଶ୍ୟକ। ଉଠା ଦୋକାନୀ ଆଇନ ୨୦୧୪ ସାରା ଦେଶରେ ଲାଗୁ କରିବା, ପ୍ରଧାନମନ୍ତ୍ରୀ ସ୍ୱରୋଜଗାର ଯୋଜନା, ଉଠା ଦୋକାନୀଙ୍କ ସମସ୍ୟା, ଟାଉନ୍ ଭେଣ୍ଡିଂ କମିଟି ସମସ୍ୟା, ସୁପ୍ରିମକୋର୍ଟ ଓ ପ୍ରତ୍ୟେକ ରାଜ୍ୟର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶର କାର୍ଯ୍ୟକାରିତା, ନୂତନ ଭେଣ୍ଡିଂ ଜୋନ ପ୍ରତିଷ୍ଠା, ଉଠା ଦୋକାନୀଙ୍କ ସାମାଜିକ ସୁରକ୍ଷା, ଦୋକାନ ବୀମା, ପେନସନ ଯୋଜନା ଆଦି ଉପରେ ଆଲୋଚନା କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଆଇଜିଏସ୍‌ଏସ୍‌ର ଅର୍ବାନ ଟିମ୍ ଲିଡର ଅରବିନ୍ଦ ଉନେ ଯୋଗଦେଇ, ମାଷ୍ଟର ପ୍ଲାନ, ସିଟି ପ୍ଲାନ ଓ ଲୋକାଲ ପ୍ଲାନରେ ଉଠାଦୋକାନୀଙ୍କ ପାଇଁ ୨.୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯିବା ଦରକାର ବୋଲି କହିଥିଲେ।

## ରାଜ୍ୟ ପୁସ୍ତକ ମହୋତ୍ସବ ଡିସେମ୍ବରରେ କରାଯାଉ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରରେ ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'ର ୪ର୍ଥ ସଂସ୍କରଣ ଆସନ୍ତା ଏପ୍ରିଲ ୨ରୁ ଆରମ୍ଭ ହେବାକୁ ଯାଉଛି। ହେଲେ ଏହି ମହୋତ୍ସବକୁ ଡିସେମ୍ବରକୁ ଘୁଞ୍ଚାଇବାକୁ ଉତ୍କଳ ପବ୍ଲିଶର୍ସ ଏଣ୍ଡ ବୁକ୍‌ସ ଆସୋସିଏଶନ ପକ୍ଷରୁ ନିବେଦନ କରାଯାଇଛି। ସଂଘ କହିଛି ଯେ, ଆର୍ଥିକ ଅନଟନରେ ଥିବା ପ୍ରକାଶନ ସଂସ୍ଥାଗୁଡ଼ିକୁ ଉତ୍ସାହିତ କରି ଆସୁଥିବା ଏହି ପୁସ୍ତକ ମହୋତ୍ସବ ଏପ୍ରିଲରେ ହେଲେ ପ୍ରକାଶକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ କ୍ଷତି ସହିବେ। ଅଧିକ ଖରା ତାତି ସହ କାଳବୈଶାଖୀ ଓ ଅଂଶୁଘାତର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ରାଜ୍ୟ ପୁସ୍ତକ ମହୋତ୍ସବରେ ସହଭାଗିତା ହେବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲେ ମଧ ବିଭାଗ ନଜର ଦେଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଛି। ଏଥିସହ ସଂଘ ପକ୍ଷରୁ କେତେଗୁଡ଼ିଏ ଦାବି ରଖାଯାଇଛି। ଏହା କୋଲକାତା ପୁସ୍ତକ ମେଳା କିମ୍ବା କେନ୍ଦ୍ର ସରକାରଙ୍କ ଏନ୍.ବି.ଟି ମେଳା ଢାଞ୍ଚାରେ ହେଉ। ମେଳା ପାଇଁ ଏକ କ୍ୟାଲେଣ୍ଡର ଡେଟ୍ ରଖାଯାଉ। ବହୁ ଆଗରୁ ପଡ଼ିଆ ବୁକ୍ କରି ବିଜ୍ଞାପନ ମାଧ୍ୟମରେ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଷ୍ଟଲ୍ ବୁକିଂ କରାଯାଉ। ପ୍ରକାଶକଙ୍କଠାରୁ ଷ୍ଟଲ୍ ପିଛା ଟୋକନ୍ ଆମାଉଣ୍ଟ ସଦୃଶ ୧ ହଜାର ଟଙ୍କା ନିଆଯାଉ। ଏହାକୁ ଧ୍ୟାନରେ ରଖି ଚଳିତ ପୁସ୍ତକ ମହୋତ୍ସବକୁ ଡିସେମ୍ବରରେ କରାଇବାକୁ ସଂଘ ଦାବି କରିଛି।

## ମାଙ୍କଡ଼ ପ୍ରବୃତ୍ତିର ମଣିଷ ବଦଳରେ ମାଙ୍କଡ଼ ପୋଷିବା ଭଲ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ଘରେ ପୁଅଟିଏ ଜନ୍ମ ନେଲେ ବାପା'ମାଙ୍କ ଖୁସି କହିଲେ ନ ସରେ। କିନ୍ତୁ ଅନେକ ସମୟରେ ଜିଦ୍‌ଖୋର ପୁଅ ପାଇଁ ପରିବାର ଲୋକଙ୍କୁ ସର୍ବସ୍ୱ ହରାଇବାକୁ ପଡ଼ିଥାଏ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ରାଜ୍ୟ ସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନାଟକ 'ମାଙ୍କଡ'ରେ ଏପରି ଚରିତ୍ର ଦେଖିବାକୁ ମିଳିଛି। ପ୍ରଫୁଲ୍ଲ ନାମକ ବାପା ଚରିତ୍ରରେ ଅଭିନୟ କରିଥିବା ବ୍ୟକ୍ତି ଜଣକ ତାଙ୍କ ପୁଅକୁ ଶାସନ କରିବାକୁ ବାହାରିଥିଲେ ହେଁ ଫଳ ଓଲଟା ମିଳିଛି। ପୁଅଟି ପ୍ରତ୍ୟେକ ଦିନ ବାପାଙ୍କ ପକେଟରୁ ଟଙ୍କା ଚୋରି କରି ମାଙ୍କଡ଼ ନାଚ ଦେଖିବାକୁ ଯାଉଛି। ବାପା ରାଗି ବାଡ଼େଇବାରୁ ପୁଅଟି ରାଗରେ ଘର ଛାଡ଼ି ଚାଲିଯାଉଛି। ପୁଅକୁ ଖୋଜିବାକୁ ଯାଇ ମା' ଏକ ଦୁର୍ଘଟଣାରେ ଆରପାରିକୁ ଚାଲି ଯାଇଥିବାବେଳେ ବାପା ନିଜର ଚାକିରୀ ଓ ଘର ହରାଇ ସମ୍ପୂର୍ଣ୍ଣ ଏକା ହୋଇ ଯାଇଛନ୍ତି। ଶେଷରେ ପୁଅକୁ ନ ପାଇ ତା'ର ସ୍ମୃତିକୁ ନେଇ ବଞ୍ଚିବାକୁ ମାଙ୍କଡ଼ଟିଏ କିଣି ତାକୁ ବୁଲାଉଥାଆନ୍ତି। ଭାବୁଥାନ୍ତି କାଳେ ତାଙ୍କ ପୁଅ ପୁଣି ଫେରି ଆସିବ। କିନ୍ତୁ ଏକ ଅଫେରା ଆଶାକୁ ନେଇ ବାପା ଦିନ ପରେ ଦିନ ବିତାଉଥାଆନ୍ତି। ଅନେକ ଦିନ ପରେ ପୁଅ କୌଣସି ଅପରାଧ କରି ପୋଲିସ ଭୟରେ ଗାଁକୁ ଫେରେ। ତାକୁ ଦେଖି ବାପାଙ୍କ ଖୁସି ନ କହିଲେ ସରେ। ପୁଅକୁ ହରାଇ ମାଙ୍କଡ଼କୁ ଦେଖି ଦିନ କାଟୁଥିବା ବାପାଙ୍କୁ ହଠାତ୍ ପୁଅ ମାଙ୍କଡ ଓ ନିଜ ଭିତରେ ଜଣକୁ ରଖିବାକୁ କହିବାରୁ ବାପାଙ୍କ ମୁଣ୍ଡରେ ଚଡ଼କ ପଡ଼ିଯାଏ। ପରିଶେଷରେ ମାଙ୍କଡ ପ୍ରବୃତ୍ତି ରଖିଥିବା ପୁଅକୁ ପାଳିବା ଅପେକ୍ଷା ମାଙ୍କଡକୁ ପାଳିବା ପାଇଁ ଆଦରେଇ ନେଲେ ପ୍ରଫୁଲ୍ଲ। ନାଟକରେ ଉମାକାନ୍ତ ମୁଦୁଲି, ସରୋଜ ସାମଲ, ବୀର ସ୍ୱାଧିନ୍, ଦୀପନ୍, ନିରଞ୍ଜନ, ବାପି ପ୍ରମୁଖ ଅଭିନୟ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ବିପ୍ଳବ କେଶରୀ ଶତପଥୀ। ଏକାଡେମୀ ଉପସଭାପତି ମନ୍ମଥ କୁମାର ଶତପଥୀ, କବି ପ୍ରଫେସର ରମାକାନ୍ତ ମିଶ୍ର, ଓଡ଼ିଶା ନାଟ୍ୟ ସଂଘ ସଚିବ ଶୁଭକାନ୍ତ ପାଢ଼ୀ, ଏକାଡେମୀ ସଚିବ ପ୍ରବୋଧ ରଥ ଉପସ୍ଥିତ ଥିଲେ। ପ୍ରକାଶ ମହାରଣା ପରିଚାଳନା କରିଥିଲେ।

## ମାଂସ ବୋଝେଇ କଣ୍ଟେନର ଜବତ

ଯାଁଳା,୧୩।୩(ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ନିକଟ କାଇମାଟିଆ ରାସ୍ତାରୁ ରବିବାର ଇନଫୋଭ୍ୟାଲି ଥାନା ପୋଲିସ ଏକ ମାଂସ ବୋଝେଇ କଣ୍ଟେନର ଜବତ କରିଛି। ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଶନିବାର ବିଳମ୍ବିତ ରାତିରେ ଏନଏଚ-୧୬ ତମାଣ୍ଡୋ ଛକରୁ ଏକ ମାଂସ ବୋଝେଇ କଣ୍ଟେନର ଚାଳକଙ୍କୁ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରି ନେଇଯାଇଥିଲେ। ରବିବାର ସକାଳେ କାଇମାଟିଆ ଗାଁ ରାସ୍ତାରେ ଏହି ଗାଡ଼ି ଛିଡ଼ା ହୋଇଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପ୍ରବଳ ଗନ୍ଧ ହେବାରୁ ଗୋମାଂସ ଚୋରାଚାଲାଣ ହୋଇଥିବା ସନ୍ଦେହ କରି ଥାନାକୁ ଜଣାଇଥିଲେ।

## ଝିଅ ପୁଅଙ୍କ ମଧ୍ୟରେ ସମାନତା ରହୁ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ଝିଅ ଓ ପୁଅଙ୍କ ମଧ୍ୟରେ ସମାନତା ରହୁ। ଏଥିସହ ଝିଅମାନେ କିପରି ନିଜେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ସେଥିପାଇଁ ଚେଷ୍ଟା କରନ୍ତୁ। ଉତ୍କଳ ରଙ୍ଗମଞ୍ଚଠାରେ ରବିବାର କଳିଙ୍ଗ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ଝିଅ ବଞ୍ଚାନ୍ତୁ, ଝିଅ ପଢାନ୍ତୁ' ଶୀର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳା କମିଶନ ଅଧକ୍ଷା ଡ. ମିନତି ବେହେରା ଏହା କହିଛନ୍ତି। ଏଥିସହ ଝିଅମାନଙ୍କ ସହିତ ଖରାପ ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେବା ସହ ସମାଜରେ ଭ୍ରୁଣ ହତ୍ୟା କିପରି ରୋକାଯାଇପାରିବ ସେଥିପାଇଁ ସମସ୍ତେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଲଜିତ୍ ସିଂହ କହିଲେ, ଝିଅଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସମସ୍ତେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ତେବେ ଏ କ୍ଷେତ୍ରରେ ଅନୁଷ୍ଠାନର କାର୍ଯ୍ୟକୁ ସେ ପ୍ରଶଂସା କରିଥିଲେ। ଅନୁଷ୍ଠାନ ସଭାପତି ଡ. ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ. ଅଶୋକ ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ପଣ୍ଡିତ ଦାଶରଥି ସାମନ୍ତରାୟ ଏବଂ ଓଡ଼ିଶୀ ପାଇଁ ନୃତ୍ୟଶିଳ୍ପୀ ମଧୁସ୍ମିତା ମହାନ୍ତିଙ୍କୁ 'ରାଜ୍ୟସ୍ତରୀୟ କଳିଙ୍ଗ ରତ୍ନ' ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଡ. ଉତ୍କଳ ଖାଡେଙ୍ଗା, ଡ. ନଳିନୀ କାନ୍ତ ସାହୁ, ଡ. ସତ୍ୟସ୍ମିତା ଜେନା, ଡ. ସୁଶୀଲ ପଟ୍ଟନାୟକ, ଡ. ସୁପ୍ରୀତି ପାତ୍ର, ବିଜୟ ଖୁଣ୍ଟିଆ, ଅଭିଷେକ ମହାନ୍ତି, ବିନୋଦ ବେହେରା, ସୁବୀର କୁମାର ପାଣ୍ଡେ ପ୍ରମୁଖଙ୍କୁ 'ସେବା ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ମନୋଜ ରାଉଳ, ଉପଦେଷ୍ଟା ଶାଶ୍ୱତି ମିଶ୍ର, ଉମାନାଥ ମିଶ୍ର, ଦିଲୀପ ପଟ୍ଟନାୟକ, ବିପିନ ବିହାରୀ ସାହୁ, ଅନ୍ତର୍ଯ୍ୟାମୀ ନାୟକ, ରଞ୍ଜନ ସାମଲ, ସୁମନ୍ତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ବ୍ୟକ୍ତିତ୍ୱଙ୍କୁ 'ରାଜ୍ୟସ୍ତରୀୟ କଳିଙ୍ଗ ରତ୍ନ' ସମ୍ମାନ

## ବିଜେଡିରୁ ୫, ଭାଜପାରୁ ୬ ଗିରଫ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

### ଲକ୍ଷ୍ମୀସାଗର ନିର୍ବାଚନୀ ହିଂସା



■ଆକ୍ରମଣରେ ବ୍ୟବହୃତ ଠେଙ୍ଗା, ଲୁହା ରଡ୍ ଜବତ

■ଦୁଇଗୋଷ୍ଠୀରୁ ୮ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ

ରାଜଧାନୀରେ ନିର୍ବାଚନୀ ହିଂସାକୁ ନେଇ କମିଶନରେଟ ପୋଲିସର ଚିନ୍ତା ବଢ଼ିଛି। ଭୋଟଆହୁରି ୧୦ଦିନବାକିରହିଥିବାବେଳେ ସହରର ବିଭିନ୍ନ ସ୍ଥାନରେ ଛୋଟବଡ଼ ଗଣ୍ଡଗୋଳ ଦେଖିବାକୁ ମିଳିଛି। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଥାନା ସମ୍ମୁଖରେ ବିଜେଡି ଓ ଭାଜପାର ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ କରିବା ପରେ ୧୧ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଠେଙ୍ଗା, ଲୁହାରଡ୍ ଆଦି ଜବତ କରାଯାଇଛି। ମାମଲା ନଂ. ୧୧୫ରେ ବିଜେଡି କର୍ମୀ ସନ୍ନ୍ୟାସୀ ସାହୁ (୩୫), ଉପେନ୍ଦ୍ର ସାହୁ (୩୪), ହରିପଦ ମିସ୍ତ୍ରି (୪୩), ବିନୋଦ ମହାନ୍ତି (୩୪) ଓ ଦିନବନ୍ଧୁ ମହାରଣା (୩୫)ଙ୍କୁ ଗିରଫ କରାଯାଇଥିବାବେଳେ ମାମଲା ନଂ.୧୧୬ରେ ଭାଜପାର ଲକ୍ଷ୍ମଣ ସାହୁ (୪୮), ଅନିରୁଦ୍ଧ ବେହେରା (୨୬), ମୁନା ଦାସ (୨୭), ସଞ୍ଜୟ ଦାସ (୨୩), ପିଣ୍ଟୁ ଦାସ (୨୨) ଓ ନରେନ୍ଦ୍ର ନାୟକ (୩୧)ଙ୍କୁ ଗିରଫ କରାଯାଇଥିଲା। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ତଦନ୍ତ ଓ ଚଢ଼ାଉ ଜାରି ରଖିଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩୩ ନଂ. ୱାର୍ଡରେ ହିଁ ଏହି ଗଣ୍ଡଗୋଳ ହୋଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଦୁଇ ଗୋଷ୍ଠୀ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିବାକୁ ଯିବାବେଳେ ମୁହାଁମୁହିଁ ହୋଇଥିଲେ। ପ୍ରାୟ ୩୦ ମିନିଟ୍ ଧରି ଥାନା ସମ୍ମୁଖ ରଣକ୍ଷେତ୍ର ପାଲଟିଥିଲା। ଠେଙ୍ଗା, ଲୁହାରଡ୍ ଆଦିରେ ପରସ୍ପରକୁ ଆକ୍ରମଣ କରିବାରୁ ଦୁଇ ଗୋଷ୍ଠୀରୁ ୮ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଗଣ୍ଡଗୋଳ ଏତେ ଉଗ୍ର ଥିଲା ଯେ କାହାର ମୁଣ୍ଡ ଫାଟିବା ସହ ହାତ ଭାଙ୍ଗିଯାଇଛି। ଏଥିସହ ଅଧିକାଂଶ ଆହତଙ୍କ ଶରୀରରେ ଗଭୀର କ୍ଷତ ହୋଇଛି। ଭାଜପା କର୍ପୋରେଟର ପ୍ରାର୍ଥିନୀ ଧରିତ୍ରୀ ଜେନାଙ୍କ ସ୍ୱାମୀ ଉମାକାନ୍ତ ଜେନାଙ୍କ ସମେତ ନିବାସ ଜେନା, ସୁରେଶ ଜେନା ଆହତ ହୋଇଥିଲେ। ସେହିପରି ବିଜେଡିର ଶିଖର ଜେନା, ଶ୍ରୀଧର ଜେନା, ଆଲୋକ ଜେନା, ଦୀପକ ଜେନାଙ୍କୁ ମିଶାଇ ୫ଜଣ ଆହତ ହୋଇଥିଲେ। ତେବେ ଦୁଇଗୋଷ୍ଠୀ ମୁହାଁମୁହିଁ ସ୍ଥିତିରେ ଥିବାରୁ ପରବର୍ତ୍ତୀ ହିଂସା ଏଡ଼ାଇବାକୁ ସ୍ଥାନୀୟ ଅଞ୍ଚଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ଓଡ଼ିଶା ରାଜ୍ୟ ଆତ୍ମା କର୍ମଚାରୀ ସଂଘର ବୈଠକ

ଭୁବନେଶ୍ୱର, (ବ୍ୟୁରୋ): ଓଡ଼ିଶା ରାଜ୍ୟ ଆତ୍ମା କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୌମ୍ୟ ରଞ୍ଜନ ସାହୁ, ଉପସଭାପତି ଦେବାଶିଷ ସାହୁ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବେଉରାଙ୍କ ସମେତ ୧୬ଜଣ କୋର୍ କମିଟି ସଭ୍ୟ ଉପସ୍ଥିତ ଥିଲେ। ତୃଣମୂଳ ସ୍ତରରେ ସମସ୍ତଙ୍କୁ ସଂଗଠିତ କରିବା ପାଇଁ ନିଷ୍ପତ୍ତି ନିଆଯିବା ସହ ବାର୍ଷିକ ୧୦ ପ୍ରତିଶତ ବେତନରେ ବୃଦ୍ଧି, ନିୟମିତ ବେତନ, ମହିଳା କର୍ମଚାରୀଙ୍କ ମାତୃତ୍ୱ ବାବଦ ଛୁଟି, ନିୟମିତ ବେତନ ଆଦି କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଉମାକାନ୍ତ ଦଳାଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଉପଦେଷ୍ଟା ମଣ୍ଡଳୀ ସଭ୍ୟ ପ୍ରେମଜିତ୍ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର, କୋଲକୋତା ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ସମାରୋହ, ପୂର୍ବତଟ ରେଳ ପ୍ରେକ୍ଷାଳୟ, ମଞ୍ଚେଶ୍ୱର, ସନ୍ଧ୍ୟା ୬ଟା ୩୦।
- ଦି ଓଡ଼ିଶା ଷ୍ଟେଟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ପକ୍ଷରୁ ପ୍ରତୀକ୍ଷା କାର୍ଯ୍ୟକ୍ରମ, ରାଜ୍ୟ ମୁଖ୍ୟାଳୟ, ୟୁନିଟ-୩, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବିବାହ ବନ୍ଧନରେ ବାନ୍ଧିହେଲେ ୨୫ ଯୋଡ଼ି

**ପ୍ରୟାସ ଅନୁଷ୍ଠାନର ନିଆରା ପ୍ରୟାସ**

**ଭୁବନେଶ୍ୱର, ୧୩।୩(ବ୍ୟୁରୋ):** ସମାଜର ସବୁ ବର୍ଗ, ଗୋଷ୍ଠୀ, ଜାତି ତଥା ବିଧବା, ଅକର୍ମଣ୍ୟ ଅବହେଳିତଙ୍କୁ ଏକାଠି କରି ସାମୂହିକ ବିବାହକୁ ଏକ ସାମାଜିକ ମହୋତ୍ସବର ମାନ୍ୟତା ଦେବାକୁ 'ପ୍ରୟାସ' ଅନୁଷ୍ଠାନ ଦୀର୍ଘ ୭ବର୍ଷର ଯାତ୍ରା ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ରବିବାର ୮ମ ସାମୂହିକ ବିବାହ ଉତ୍ସବ ରାମମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ମାର୍ଚ୍ଚ ୧୨ରେ ମଙ୍ଗନି, ମେହେନ୍ଦୀ ଓ ସଙ୍ଗୀତ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ୨୫ ଯୋଡ଼ି ବରକନ୍ୟା ହାତକୁ ଦି ହାତ ହୋଇ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ତେବେ ସେମାନଙ୍କ ମଧ୍ୟରେ ଅନ୍ଧ ଯୋଡ଼ି ମଧ୍ୟ ଥିଲେ। କାର୍ଯ୍ୟକ୍ରମରେ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସମାଜସେବୀ ନମ୍ରତା ଚଢ଼ା, କମଲ ମହାନ୍ତି, ସୋନାଲି ପ୍ରିୟଦର୍ଶିନୀ, ଜୟନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ତରଫରୁ ବରକନ୍ୟାଙ୍କୁ ବର୍ଷକ ପାଇଁ ଜିନିଷ ପତ୍ର ଯୋଗାଇ ଦିଆଯାଇଥିବା ସଦସ୍ୟ ବନ ମହାନ୍ତି ସୂଚନା ଦେଇଛନ୍ତି। ପାରମ୍ପରିକ ବିବାହ ପ୍ରଥାକୁ ସାମୂହିକ, ଅର୍ଥ ପ୍ରାବଲ୍ୟହୀନ ଓ ନିରାଡମ୍ବର କରି ଏକ ନୂତନ ସାମାଜିକ ଚେତନା ଉଦ୍ରେକ ଦ୍ୱାରା ଯୁବଗୋଷ୍ଠୀ ମଧ୍ୟରେ ବିବାହର ଏକ ମର୍ଯ୍ୟାଦାପୂର୍ଣ୍ଣ ଅର୍ଥ ଉପସ୍ଥାପନ କରିବାକୁ ପ୍ରୟାସ ଉଦ୍ୟମ କରିଛି। ଅନୁଷ୍ଠାନର ଏହି ପ୍ରୟାସକୁ ଉପସ୍ଥିତ ବ୍ୟକ୍ତିମାନେ ବହୁ ପ୍ରଶଂସା କରିଛନ୍ତି।

# କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ହେବ ପରିକ୍ରମା ପ୍ରକଳ୍ପ

- ସାହି ଆଖଡ଼ା ମୁରବିଙ୍କ ସହ ଆଲୋଚନା କଲେ ଜିଲାପାଳ
- ମେଘନାଦ ପାଚେରିଠାରୁ କୌଣସି ନିର୍ମାଣ ଉଚ୍ଚ ହେବ ନାହିଁ

**ପୁରୀ ଅଫିସ, ୧୩।୩**


ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟମାନେ।

ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରକଳ୍ପ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ପୁରୀ ସାହି ଆଖଡ଼ାର ମୁରବିମାନଙ୍କ ସହିତ ରବିବାର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ପ୍ରକଳ୍ପର ଆବଶ୍ୟକତା ସମ୍ପର୍କରେ ଜିଲାପାଳ ମତ ଉପସ୍ଥାପନ କରିଥିଲେ। ଏହି ପ୍ରକଳ୍ପ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରାଯିବ। ଭକ୍ତଙ୍କ ସେବା ଓ ସୁବିଧା ନିମନ୍ତେ ବିଭିନ୍ନ ପଦକ୍ଷେପ ନିଆଯିବା ସହ ସମସ୍ତଙ୍କ ସହଯୋଗରେ ଏହାର ସୁଫଳ ସୁଦୂର ପ୍ରସାରୀ ହେବ। ପରିକ୍ରମା ମାର୍ଗର ୭୫ ମିଟର ମଧ୍ୟରେ ସବୁଜିମା ବୃଦ୍ଧି, ସାଧାରଣ ସୁବିଧା ଉପଲବ୍ଧ କରାଇବା, ଶୌଚାଳୟ, ଆଶ୍ରୟସ୍ଥଳୀ, ପୋଲିସ କଣ୍ଟ୍ରୋଲ ରୁମ୍, ସୂଚନା ଓ ଆଶୁ ଚିକିତ୍ସା କେନ୍ଦ୍ର, ଜୋତା ଓ ସାମଗ୍ରୀ ରଖିବା ସ୍ଥାନ, ୨୪ ଘଣ୍ଟିଆ ପାଣି ଓ ବିଦ୍ୟୁତ ଯୋଗାଣ ଆଦି ବ୍ୟବସ୍ଥା ରହିବ। ଏଥିସହ ଉକ୍ତ ପ୍ରକଳ୍ପ ପାଇଁ ମନ୍ଦିର ସମେତ ସ୍ଥାନୀୟ ପର୍ବପର୍ବାଣି ଏବଂ ନୀତିକାନ୍ତି ଯେପରି ବ୍ୟାହତ ନ ହୁଏ ଏଥିପ୍ରତି ଧ୍ୟାନ ଦିଆଯିବ। ଭଜନ ମଣ୍ଡପ ଓ ଭସାଣି ଯାତ ପାଇଁ ସ୍ଥାନ ନିମନ୍ତେ ବ୍ୟବସ୍ଥା ରହିବ। ଅଧିଗ୍ରହଣ ହୋଇଥିବା ଜମିର ଅଧିକାଂଶ ସ୍ଥାନରେ କୌଣସି ନିର୍ମାଣ କାର୍ଯ୍ୟ କରାଯାଉ ନାହିଁ ଏବଂ କୌଣସି ନିର୍ମାଣ ମେଘନାଦ ପାଚେରିଠାରୁ ଉଚ୍ଚ ହେବ ନାହିଁ ବୋଲି ଜିଲାପାଳ ବୈଠକରେ ସୂଚନା ଦେଇଥିଲେ। ବୈଠକରେ ଉପସ୍ଥିତ ମୁରବିମାନେ ପ୍ରକଳ୍ପ ସମ୍ପର୍କରେ ଜାଣି ଖୁସିବ୍ୟକ୍ତ କରିବା ସହ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକଳ୍ପକୁ ନେଇ ଥିବା ସଂଶୟ ଏହି ବୈଠକ ପରେ ଦୂର ହୋଇଥିବା ଏବଂ ଏହାଦ୍ୱାରା ଶ୍ରଦ୍ଧାଳୁଙ୍କୁ ଉତ୍ତମ ସେବା ଉପଲବ୍ଧ ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏଥିସହ ମନ୍ଦିରର ଚାରି ଦ୍ୱାରରେ ଉକ୍ତ ପ୍ରକଳ୍ପ ସମ୍ପର୍କରେ ସମସ୍ତ ତଥ୍ୟ, ଫଟୋ, ଭିଡିଓ ଏବଂ ଅଡିଓ ମାଧ୍ୟମରେ ପ୍ରଚାର କରିବାକୁ ମୁରବିମାନେ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରକଳ୍ପ ସମ୍ପର୍କରେ ସହରର ବିଭିନ୍ନ ଅନୁଷ୍ଠାନକୁ ଅବଗତ କରାଇବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ଏଥିସହ ସମସ୍ତ ଆଖଡ଼ା ବୁଲି ଦେଖି ରକ୍ଷଣାବେକ୍ଷଣ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ମୁରବିମାନଙ୍କ ପ୍ରସ୍ତାବକୁ ଜିଲାପାଳ ଗ୍ରହଣ କରି ସହଯୋଗ ଯୋଗାଇ ଦେବାକୁ କହିଥିଲେ। ଉକ୍ତ ବୈଠକରେ ସାହି ଆଖଡ଼ାର ପ୍ରମୁଖ ମୁରବିମାନେ ଉପସ୍ଥିତ ଥିଲେ। ଉପଜିଲାପାଳ ଭବତାରଣ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସାହି ଆଖଡ଼ାର ସଦସ୍ୟ ତଥା ଶ୍ରୀମନ୍ଦିର ବରିଷ୍ଠ ସେବାୟତ ତଲୁଛ ନୀଳକଣ୍ଠ ମହାପାତ୍ର ଏବଂ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ବୈଠକ ସମ୍ପର୍କରେ ସୂଚନା ଦେଇ କହିଥିଲେ, ପ୍ରଶାସନ ତରଫରୁ ବର୍ତ୍ତମାନ ଐତିହ୍ୟ କରିଡର ନିର୍ମାଣ ସମ୍ପର୍କରେ ଅନେକ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ତେଣୁ ସମସ୍ତ ସାହି ଆଖଡା ମଧ୍ୟରେ ଏକ ବୈଠକ କରାଯାଇ ଏ ଘଟଣା ସମ୍ପର୍କରେ ସତ୍ୟ ଜାଣିବା ପାଇଁ ଜିଲାପାଳଙ୍କୁ ସାକ୍ଷାତ କରାଯାଇଥିଲା। ଜିଲାପାଳ ଅଭିଯୋଗ ଶୁଣିବା ପରେ ଏକ ବୈଠକ କରାଯାଇ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଅବଗତ କରାଇବେ ବୋଲି କହିଥିଲେ। ସେହି ଅନୁଯାୟୀ ରବିବାର ବୈଠକ କରାଇ ବିସ୍ତୃତ ସୂଚନା ଦେଇଥିଲେ। ଆଖଡ଼ା ସଦସ୍ୟମାନଙ୍କୁ ମଧ୍ୟ ଡାକିଥିଲେ। ଯାହା ନିର୍ମାଣ କରାଯାଉଛି ଓ ଆଗକୁ ଯାହା ନିର୍ମାଣ କରାଯିବ ସେ ସମସ୍ତ ପ୍ରକଳ୍ପ ଏବଂ କାର୍ଯ୍ୟ ସମ୍ପର୍କରେ ଭିଡିଓ ଦେଖାଇ ଅବଗତ କରାଇଥିଲେ। ପ୍ରକଳ୍ପ ରୂପରେଖ ଅନୁଯାୟୀ ଶ୍ରୀମନ୍ଦିର ଚାରିପାଖରେ ବଡ ବଡ ଅଟ୍ଟାଳିକା ନିର୍ମାଣ ହେବାର ଯୋଜନା ନାହିଁ। ସମସ୍ତ ପ୍ରକଳ୍ପ ମେଘନାଦ ପାଚେରିର ଉଚ୍ଚତା ଠାରୁ କମ୍ ରହିବ ବୋଲି ଜଣାପଡ଼ିଛି।


ପ୍ରୟାସ ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରାମ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ଗଣବିବାହ।

## ଉଦ୍ଧାର ବଜ୍ରକାପ୍ତା ଶାବକ ମୃତ

**ବାରଙ୍ଗ, ୧୩।୩(ଡି.ଏନ୍.ଏ.)**

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଦେବଗଡ଼ ବନ ବିଭାଗରୁ ଆସିଥିବା ବଜ୍ରକାପ୍ତା ଶାବକର ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ବଜ୍ରକାପ୍ତା ଚାଲାଣ ବେଳେ ଗତ ୭ତାରିଖରେ ଦେବଗଡ଼ ପୋଲିସ ବାରକୋଟ ଅଞ୍ଚଳରୁ ଏକ ମାଈ ବଜ୍ରକାପ୍ତା ଉଦ୍ଧାର କରି ଦେବଗଡ଼ ବନ ବିଭାଗକୁ ହସ୍ତାନ୍ତର କରିଥିଲା। ୮ତାରିଖରେ ଉଦ୍ଧାର ବଜ୍ରକାପ୍ତା ଏକ ଶାବକ ଜନ୍ମ ଦେଇଥିଲା। ଶାବକଟିର ଉପଯୁକ୍ତ ଲାଳନପାଳନ ପାଇଁ ବନ ବିଭାଗ ଶନିବାର ନନ୍ଦନକାନନ ପଠାଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରଶାନ୍ତ


@ ଶିବପ୍ରସାଦ


@ ତନୁ


@ ବିଭୂତି


@ ଦୀପକ


@ ଶୁଭକାନ୍ତ

# ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଇକ ଦେଖିଲେ କାର୍ଯ୍ୟାନୁଷ୍ଠାନ

**କମିଶନରେଟ ପୋଲିସର ସ୍ୱତନ୍ତ୍ର ଡ୍ରାଇଭ୍**

- ପ୍ରଥମ ଦିନରେ ୨୭ ବାଇକ ଜବତ
- ସୂଚନା ଦେବାକୁ ଫୋନ୍ ନଂ.୮୦୯୩୦୨୮୧୦୭ ଜାରି
- ଆବଶ୍ୟକସ୍ଥଳେ ଚାଳକଙ୍କ ବିରୋଧରେ ମାମଲା

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**


ଜବତ ବାଇକ୍।

ସାବଧାନ! ଏଣିକି ବାଇକ୍ରୁ ଉଚ୍ଚ ଶବ୍ଦ ବାହାରୁଥିଲେ ହେବ କାର୍ଯ୍ୟାନୁଷ୍ଠାନ। ଖୋଜି ଖୋଜି ଧରିବ ପୋଲିସ। ରାଜଧାନୀରେ ଅନେକ ଯୁବକ ବାଇକ୍କୁ ମଡେଲିଂ କରିବା ସହ ସେଥିରେ ବିକଟାଳ ବା ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ପାଇପ୍ ଲଗାଉଛନ୍ତି। କେଉଁ ସାଲେନ୍ସର ପାଇପ୍ରୁ ବାଟ ଫୁଟିବାର ଶବ୍ଦ ବାହାରୁଛି ତ ପୁଣି ଆଉ କେଉଁଥିରୁ ଛାତି ଥରାଇ ଦେବା ଭଳି ଢ଼ୋ ଢ଼ା ଠୋ ଠା ଶବ୍ଦ ବାହାରୁଛି। ରାସ୍ତାରେ ଏଭଳି ଶବ୍ଦ ମାଧ୍ୟମରେ ଅନ୍ୟ ଯାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଯୁବପିଢ଼ି ଖୁସି ହେଉଥିଲେ ମଧ୍ୟ ଏହା ଅନ୍ୟ ଯାତ୍ରୀଙ୍କ ପାଇଁ ବିପଦ ଆଣୁଛି। ଦୁର୍ଘଟଣା ଘଟାଇବା ସହ ହୃଦ୍‌ରୋଗୀଙ୍କ ପାଇଁ ଘାତକ ସାଜୁଛି। ଏହାଦ୍ୱାରା ପରିବେଶ ଓ ଧ୍ୱନି ପ୍ରଦୂଷିତ ହେଉଛି। ଏହା ବେଆଇନ ହୋଇଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ଥିବାରୁ କେହି ମାନୁନାହାନ୍ତି। ତେବେ ବିଳମ୍ବରେ ହେଲେ ମଧ୍ୟ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରିଛି। ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଡିସିପି ଉମାଶଙ୍କର ଦାଶଙ୍କ ନିର୍ଦ୍ଦେଶରେ ଟ୍ରାଫିକ୍ ପୋଲିସର ଏକାଧିକ ଟିମ୍ ସହରର ଫାଲକନ୍ ହାଉସ ଛକ, ମ୍ୟୁଜିଅମ୍ ଛକ, ରୂପାଲି ଛକ, ଲିଙ୍ଗିପୁର ଛକ, ନାଲ୍କୋ ଛକ, ପଟିଆ ଛକ, ନନ୍ଦନକାନନ ଛକରେ ରହି ସ୍ୱତନ୍ତ୍ର ଭାବେ ଯାଞ୍ଚ କରିଥିଲା। ରାସ୍ତାରେ ଯାଉଥିବା ବାଇକଗୁଡ଼ିକୁ ଅଟକାଇ ସାଇଲେନ୍ସର ପାଇପ୍ ଯାଞ୍ଚ କରାଯାଇଥିଲା। ପ୍ରଥମ ଦିନରେ ପ୍ରାୟ ୨୭ ବାଇକ୍ ଜବତ କରାଯାଇଛି। ବାଇକ୍ ଚାଳକଙ୍କଠାରୁ ଜରିମାନା ନିଆଯିବା ସହ ନିର୍ବାଚନ ସରିବା ପର୍ଯ୍ୟନ୍ତ ଗାଡିଗୁଡ଼ିକୁ ଥାନାରେ ରଖାଯିବ ବୋଲି ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ କମିଶନରେଟ ପୋଲିସ ପକ୍ଷରୁ ଏକ ମୋବାଇଲ ଫୋନ୍ ନଂ.୮୦୯୩୦୨୮୧୦୭ ଜାରି କରାଯାଇଛି। ଯଦି ଏପରି ଉଚ୍ଚଶବ୍ଦ କରୁଥିବା କୌଣସି ବାଇକ ନଜରକୁ ଆସେ ତା'ହେଲେ ତାହାର ଫଟୋ ଉଠାଇ ଏହି ନମ୍ବରରେ ହ୍ୱାଟ୍ସଆପ୍ ମାଧ୍ୟମରେ ପୋଷ୍ଟ କରିବୁ ପରାମର୍ଶ ଦିଆଯାଇଛି। ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି କୁହାଯାଇଛି। ଏନେଇ ଡିସିପି ଦାଶ କହିଛନ୍ତି, ରାସ୍ତାରେ ନିଜର ଉପସ୍ଥିତି ଜାହିର କରିବାକୁ ଏଭଳି ବାଇକ ବ୍ୟବହାର କରାଯାଉଛି। ସ୍ୱତନ୍ତ୍ର ଡ୍ରାଇଭ୍ ମାଧ୍ୟମରେ ବିକଟାଳ ବା ଉଚ୍ଚ ଶବ୍ଦ କରୁଥିବା ବାଇକ ବ୍ୟବହାର କରୁଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମେ ସିସିଟିଭି ଦ୍ୱାରା ଅଭିଯାନକୁ ମନିଟର କରୁଛୁ। ଯେଉଁଠି ବି ପରିବର୍ତ୍ତିତ ସାଇଲେନ୍ସର ଦେଖାଯିବ ସେ ବାଇକକୁ ଜବତ କରିବାକୁ ପିସିଆର୍ ଟିମ୍‌କୁ କୁହାଯାଇଛି। ଆବଶ୍ୟକତା ପଡ଼ିଲେ ଚାଳକଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରାଯିବ ବୋଲି ଡିସିପି ଦାଶ କହିଛନ୍ତି।

### ନିୟମ କ'ଣ ରହିଛି?

ସାଇଲେନ୍ସର ପାଇପରୁ ସର୍ବାଧିକ ୮୦ ଡେସିମିଲ ଶବ୍ଦ ବାହାରିବାର ନିୟମ ରହିଛି। ଏହାଠାରୁ ଅଧିକ ଶବ୍ଦ ବାହାରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲେ ଲୋକେ ଏହାଠାରୁ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ପାଇପ୍ ବ୍ୟବହାର କରୁଥିବା ଦେଖାଯାଉଛି। ଏହା ବେଆଇନ ହୋଇଥିବାରୁ ଟ୍ରାଫିକ୍ ପୋଲିସ ପକ୍ଷରୁ ସାଇଲେନ୍ସର କଢାଯିବା ସହ ଚାଳକଙ୍କଠୁ ଏମ୍‌ଭି ଆକ୍ଟ ଅନୁଯାୟୀ ଜରିମାନା କଟାଯାଉଛି। ଏଥିସହ ଆର୍‌ଟିଓ ପକ୍ଷରୁ ମଧ୍ୟ ଜରିମାନା କଟାଯିବାର ନିୟମ ରହିଛି।

## ମହାପର୍ବତ ପାଦଦେଶରେ ଅଗ୍ନିକାଣ୍ଡ

**ବାଙ୍କୀ, ୧୩।୩(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଢଁସର ପଞ୍ଚାୟତ ଜାମୁଣ୍ଡି ନିକଟରେ ଥିବା ମହାପର୍ବତ ପାଦଦେଶର ପୂର୍ବ ପାର୍ଶ୍ୱ ଅଞ୍ଚଳରେ ରବିବାର ମଧ୍ୟାହ୍ନରେ ନିଆଁ ଲାଗିଥିଲା। ଉକ୍ତ ଗ୍ରାମର ଜଣେ ମହିଳା ନିଆଁକୁ ଦେଖି ଭୟଭୀତ ହୋଇଯାଇଥିଲେ। ସେ ଏ ସମ୍ପର୍କରେ ଗ୍ରାମବାସୀଙ୍କୁ କହିବା ପରେ ସୁରେନ୍ଦ୍ର ପଣ୍ଡା ଅଗ୍ନିଶମ ବିଭାଗକୁ ଫୋନ କରି ଢଁସର ସବୁଜ ବାହିନୀର କର୍ମକର୍ତ୍ତାଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ଦମକଳ ବାହିନୀ ପହଞ୍ଚି ୨ଘଣ୍ଟା କଞ୍ଚାଡାଳ ସାହାଯ୍ୟରେ ନିଆଁକୁ ବାଡେଇ ବାଡେଇ ଆୟତ୍ତ କରାଯାଇଥିଲା। ଏହି ଅଗ୍ନିକାଣ୍ଡ ଯୋଗୁ ବହୁ ମୂଲ୍ୟବାନ ବୃକ୍ଷ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି।


ଫଗୁ ଦଶମୀ ଅବସରରେ ରବିବାର ନୀତି ସମ୍ପନ୍ନ ପାଇଁ ଭୂଦେବୀ ଏବଂ ଶ୍ରୀଦେବୀଙ୍କ ସହିତ ଶ୍ରୀଦୋଳଗୋବିନ୍ଦଙ୍କୁ ଜଗନ୍ନାଥ ବଲ୍ଲଭକୁ ବିଜେ କରାଯାଉଛି।



ଶୋଭାଯାତ୍ରାକାରୀଙ୍କ ଉପରେ କାର୍ ଚଢ଼ାଇ ହତ୍ୟା ଉଦ୍ୟମ କରିଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ରବିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।


କଟକ ଜିଲା ବାଙ୍କୀ ବ୍ଲକ ଢଁସର ପଞ୍ଚାୟତ ଜାମୁଣ୍ଡି ନିକଟ ମହାପର୍ବତ ପାଦଦେଶରେ ରବିବାର ଲାଗି ଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଲୋକେ ଲିଭାଉଛନ୍ତି।

## ଆଜି ହୋଇପାରେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା

ରୁଷିଆ-ୟୁକ୍ରେନ୍ ସଂଘର୍ଷରେ କେବଳ ଦୁଇ ପଡ଼ୋଶୀ କ୍ଷତିଗ୍ରସ୍ତ ହୋଇନାହାନ୍ତି। ମସ୍କୋର ଏହି ଆକ୍ରମଣ ସାରା ବିଶ୍ୱକୁ ପ୍ରଭାବିତ କରିଛି। ଏଥିପାଇଁ ଅନ୍ତର୍ଜାତୀୟ ସମୁଦାୟର ମୁଣ୍ଡବ୍ୟଥା ବଢ଼ିଛି। ପୂର୍ବରୁ ଦୁଇ ଦେଶର ପ୍ରତିନିଧି ଦଳ ୩ ଥର ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଆଲୋଚନାକୁ ଆଗକୁ ବଢ଼ାଇ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନର ବାଟ ଖୋଜିବା ଲାଗି ସୋମବାର କିମ୍ବା ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ବୈଠକ କରିବାକୁ ଉଭୟ ପକ୍ଷ ରାଜି ହୋଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପରାମର୍ଶଦାତା ମିଖାଇଲୋ ପୋଡୋଲିଆକ୍ ଏହି ସୂଚନା ଦେଇଛନ୍ତି।



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ସୈନ୍ୟ ବାହିନୀ ୟୁକ୍ରେନ୍ ଆକ୍ରମଣ ଜାରି ରଖିଛନ୍ତି। ସେମାନେ କେବଳ ୟୁକ୍ରେନୀୟ ସୈନ୍ୟଙ୍କୁ ଟାର୍ଗେଟ କରୁନାହାନ୍ତି। ରେସିଡେନ୍ସିଆଲ ବିଲ୍ଡିଂ ସମେତ ସ୍କୁଲ, କଲେଜ, ଚର୍ଚ୍ଚ, ହସ୍ପିଟାଲ, ଆମ୍ବୁଲାନ୍ସଗୁଡ଼ିକ ଉପରେ ମଧ୍ୟ ଧୁହାକୁ ଧୁହା ବୋମା ଓ କ୍ଷେପଣାସ୍ତ୍ର ମାଡ଼ କରୁଛନ୍ତି। ଏଥିଯୋଗୁ ପ୍ରାୟ ୪ ହଜାର ନୀରିହ ନାଗରିକଙ୍କ ଜୀବନ ଗଲାଣି। ନିରସ୍ତ୍ର ଜନତାଙ୍କୁ ଶକ୍ତିଶାଳୀ ରୁଷୀୟ ସୈନ୍ୟଙ୍କ ଏହି ବର୍ବର ଆକ୍ରମଣକୁ ଅନ୍ତର୍ଜାତୀୟ ସମୁଦାୟ ଗଣହତ୍ୟା ବୋଲି ନିନ୍ଦା କରିଛନ୍ତି।



ଜର୍ମାନୀର ବର୍ଲିନରେ ୟୁକ୍ରେନ୍ ସପକ୍ଷରେ ଯୁଦ୍ଧ ବିରୋଧୀଙ୍କ ବିକ୍ଷୋଭ।

# ଯୁଦ୍ଧ ନୁହେଁ, ଗଣହତ୍ୟା

## ରୁଷିଆ ଏୟାରଷ୍ଟ୍ରାଇକ୍‌ରେ ୩୫ ମୃତ

**ଲଭିଭ୍, ୧୩।୩**

ପୋଲାଣ୍ଡ ସୀମାନ୍ତ ୟାଭୋରିଭ୍‌ରେ ଥିବା ୟୁକ୍ରେନ୍ ସେନା ଘାଟିରେ ରବିବାର ରୁଷିଆ ଏୟାର ଷ୍ଟ୍ରାଇକ୍ କରିଛି। ଏଥିରେ ୩୫ ମୃତ ଓ ୧୩୪ ଜଣ ଆହତ ହୋଇଥିବା ୟୁକ୍ରେନ୍ କହୁଥିବାବେଳେ ୧୮୦ ବିଦେଶୀ ଭଡ଼ାଟିଆ ସୈନ୍ୟଙ୍କୁ ନିପାତ କରିଥିବା ମସ୍କୋ ଦାବି କରିଛି। ପଶ୍ଚିମ ୟୁକ୍ରେନ୍‌ର ଲଭିଭ୍ ଗଭର୍ନର ମକ୍‌ସ୍ୟମ କୋଜିତ୍‌ସ୍କିଙ୍କ ସୂଚନା ଅନୁସାରେ, ପୋଲାଣ୍ଡ ସୀମାଠାରୁ ପ୍ରାୟ ୨୫ କି.ମି. ଦୂରରେ ରୁଷିଆ ଆକ୍ରମଣ କରିଛି। ମସ୍କୋର ପ୍ରାୟ ୩୦ ମିଶାଇଲ ଉକ୍ତ ମିଲିଟାରୀ ବେସ୍‌କୁ ଟାର୍ଗେଟ କରିଥିଲା। ସେଥିରୁ ଅଧିକାଂଶ କ୍ଷେପଣାସ୍ତ୍ରକୁ ଅଟକାଇବାରେ ଏୟାର ଡିଫେନ୍ସ ସିଷ୍ଟମ ସଫଳ ହୋଇଥିଲା। କିନ୍ତୁ ଗୋଟିଏ ମିଶାଇଲ ସେଠାରେ ପଡ଼ିବାରୁ ଲୋକଙ୍କ ଜୀବନ ଯାଇଥିବା ସେ କହିଛନ୍ତି।

ପାଶ୍ଚାତ୍ୟ ଦେଶ ୟୁକ୍ରେନ୍‌କୁ ଅସ୍ତ୍ର ଯୋଗାଣରେ ପୋଲାଣ୍ଡ ସୀମାନ୍ତ ଅଞ୍ଚଳର ପ୍ରମୁଖ ଭୂମିକା ରହିଛି। ଏହି ବାଟ ଦେଇ ଆମେରିକା ସମେତ ୟୁରୋପୀୟ ଦେଶଗୁଡ଼ିକ ରୁଷିଆ ବିରୋଧରେ ୟୁକ୍ରେନ୍‌କୁ ଅସ୍ତ୍ରଶସ୍ତ୍ର ପଠାଉଛନ୍ତି। ଲଭିଭ୍‌ର ୟାଭୋରିଭ୍‌ଠାରେ ଅନ୍ତର୍ଜାତୀୟ ଶାନ୍ତିରକ୍ଷକ ଏବଂ ନିରାପତ୍ତା କେନ୍ଦ୍ର ରହିଛି। ଏହି କେନ୍ଦ୍ର ଅନ୍ତର୍ଜାତୀୟସ୍ତରରେ ନାଟୋ ସୈନିକଙ୍କ ସମରାଭ୍ୟାସ ମଧ୍ୟ ଆୟୋଜିତ କରିଥାଏ। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ୧୮

- ପୋଲାଣ୍ଡ ନିକଟ ସେନା ଶିବିରରେ ଆକ୍ରମଣ
- ୧୮୦ ଭଡ଼ାଟିଆ ସୈନ୍ୟଙ୍କୁ ମାରିଥିବା ରୁଷିଆର ଦାବି

ଦିନ ମଧ୍ୟରେ ଏହି ଟ୍ରେନିଂ ସେଣ୍ଟରରେ ପାଶ୍ଚାତ୍ୟ ଦେଶରୁ ଆସୁଥିବା ଯୁଦ୍ଧାସ୍ତ୍ର ଠୁଳ ହେଉଛି। ଏଠାରୁ ୟୁକ୍ରେନ୍‌ର ବିଭିନ୍ନ ସହରକୁ ସେଗୁଡ଼ିକ ଯୋଗାଣ ହେଉଛି। ପାଶ୍ଚାତ୍ୟ ଦେଶଗୁଡ଼ିକର ଅସ୍ତ୍ର ଯୋଗାଣକୁ ରୁଷିଆ ଟାର୍ଗେଟ କରିବ ବୋଲି କହିବାର ଦିନକ ପରେ ଏହି ଆକ୍ରମଣ କରିଛି। ଶାନ୍ତିରକ୍ଷକ ଏବଂ ନିରାପତ୍ତା କ୍ଷେତ୍ରରେ ବହୁ ବିଦେଶୀ କର୍ମଚାରୀ କାର୍ଯ୍ୟରତ। ତେଣୁ ଏହା ଉପରେ ରୁଷିଆର ଆକ୍ରମଣ ନିନ୍ଦନୀୟ ବୋଲି ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ପଶ୍ଚିମ ୟୁକ୍ରେନ୍‌ରେ ଥିବା ଇଭାନୋ-ଫ୍ରାଙ୍କିଭ୍‌ସ୍କ ବିମାନବନ୍ଦରକୁ ମଧ୍ୟ ଟାର୍ଗେଟ କରି ରୁଷିଆ ମିଶାଇଲ ମାଡ଼ କରିଛି। ଏଥିରେ ମୃତାହତଙ୍କ ସଂଖ୍ୟା ଜଣାପଡ଼ିନାହିଁ। ରୁଷୀୟ ସୈନ୍ୟ ୟୁକ୍ରେନ୍‌ର ୩,୬୮୭ ସେନା ଭିତ୍ତିଭୂମି ନଷ୍ଟ କରିସାରିଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଆଇଗୋର କୋନାଶେନ୍‌କୋଭ୍ କହିଛନ୍ତି।

## ନରସଂହାର ବନ୍ଦ କର: ପୋପ୍



**ଭାଟିକାନ୍ ସିଟି, ୧୩।୩**

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ନିନ୍ଦା କରିଛନ୍ତି କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍। ବୋଲି ପୋପ୍ ସେଣ୍ଟ ପିଟର୍ସ ସ୍କୋୟାରରେ ରବିବାର ଆୟୋଜିତ ସାମୂହିକ ପ୍ରାର୍ଥନାସଭାରେ ରୁଷିଆର ନାଁ ନ ନେଇ ସେ କହିଛନ୍ତି, ଯୁଦ୍ଧାସ୍ତ୍ରରେ ଆକ୍ରମଣ କେବେ ଗ୍ରହଣୀୟ ନୁହେଁ। ଈଶ୍ୱରଙ୍କ ନାମରେ ଦୁର୍ଦ୍ଦଶା ଭୋଗୁଥିବା ଲୋକଙ୍କ ଆର୍ତ୍ତନାଦ ଶୁଣ ଏବଂ ୟୁକ୍ରେନ୍‌ରେ ନରସଂହାର ବନ୍ଦ କର। ଶିଶୁ ହସ୍ପିଟାଲ, ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ତାହାକୁ ବୈଧ ରଣନୀତି ବୋଲି କୁହାଯାଇପାରିବ ନାହିଁ ବୋଲି ପୋପ୍ ପ୍ରକାଶ କରିଛନ୍ତି। ୟୁକ୍ରେନ୍‌ର ମାରିଉପୋଲ ସହରକୁ ସେ 'ଶହୀଦ ସହର' ଆଖ୍ୟା ଦେଇଛନ୍ତି। ସେଠାରୁ ଲୋକଙ୍କୁ ତୁରନ୍ତ ସ୍ଥାନାନ୍ତର ନିମନ୍ତେ ମାନବୀୟ କରିଡର ନିର୍ମାଣ କରିବାକୁ ପୋପ୍ ନିବେଦନ କରିଛନ୍ତି।

## ମାରିଉପୋଲରେ ୨୧୮୭ ନିହତ

➡ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ରବିବାର ୧୮ ଦିନ ପୂରିଥିବାବେଳେ କିଭ୍ ସମେତ ବିଭିନ୍ନ ସହରରେ ଘନଘନ ବୋମା, ଗୁଳି, ମିଶାଇଲ ମାଡ଼ ଜାରିରହିଛି। କେବଳ ମାରିଉପୋଲରେ ରୁଷିଆ ଆକ୍ରମଣରେ ଏଯାଏ ୨,୧୮୭ ନାଗରିକଙ୍କ ଜୀବନ ଯାଇଥିବା ସିଟି କାଉନ୍‌ସିଲ ପକ୍ଷରୁ କୁହାଯାଇଛି।

➡ମାନବୀୟ କରିଡର ମାଧ୍ୟମରେ ପ୍ରାୟ ୧ ଲକ୍ଷ ୨୫ ହଜାର ଜନସାଧାରଣଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଏବେ ମାରିଉପୋଲ ବାସିନ୍ଦାଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

➡ମେଲିଟୋପାଲ ପରେ ନିପୋରୁଡ୍‌ନୋୟେ ମେୟର ୟେଭ୍‌ହେନ ମାତ୍‌ଭେୟଭଙ୍କୁ ରୁଷିଆ ଅପହରଣ କରିଥିବା ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା ଅଭିଯୋଗ କରିଛନ୍ତି। ରୁଷିଆର ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ କରିବା ନିମନ୍ତେ ସେ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି।

➡ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନାଟୋ, ପାଶ୍ଚାତ୍ୟ ଦେଶ, ଆମେରିକା ମଧ୍ୟରେ ବିଭ୍ରାଟ ସୃଷ୍ଟି କରିବାକୁ ଚାହୁଁଥିଲେ। କିନ୍ତୁ ସେ ଏଥିରେ ସଫଳ ହୋଇପାରି ନ ଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି।

➡ୟୁକ୍ରେନ୍‌ରେ ପ୍ରଥମ କରି ଜଣେ ମହିଳାଙ୍କୁ ମରଣୋତ୍ତର ଭାବେ 'ୟୁକ୍ରେନ୍ ହିରୋ' ଉପାଧି ପ୍ରଦାନ କରାଯାଇଛି। ସରଜେଣ୍ଟ ଇନ୍ନା ଡେରୁସୋଭା ରୁଷିଆ ବିରୋଧରେ ସାହସିକତାର ସହ ଲଢ଼ି ଜୀବନ ଦେଇ ଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜେଲେନ୍‌ସ୍କି କହିଛନ୍ତି। ଫେବୃୟାରୀ ୨୪ରେ ସେ ରୁଷିଆ ଆକ୍ରମଣରୁ ୧୦ ୟୁକ୍ରେନ୍ ସୈନ୍ୟଙ୍କ ଜୀବନ ବଞ୍ଚାଇଥିଲେ।

## ଶିଶୁକନ୍ୟା ଜନ୍ମଦେଲେ ଆହତ ମହିଳା



**ମାରିଉପୋଲ, ୧୩।୩**

ୟୁକ୍ରେନ୍‌ର ପ୍ରମୁଖ ବନ୍ଦର ସହର ମାରିଉପୋଲ ହସ୍ପିଟାଲରେ ରୁଷିଆ ଆକ୍ରମଣରେ ଆହତ ହୋଇଥିବା ଗର୍ଭବତୀ ମହିଳା ମାରିଆନା ବିଶେଗିରସ୍କୟା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ଏ ନେଇ ତାଙ୍କ ଭଣଜା ଲୋକାଲ ମିଡିଆକୁ ଜଣାଇଛନ୍ତି। ପିଲାକୁ ଗର୍ଭରେ ଧରି ସେ ହସ୍ପିଟାଲରୁ ବାହାରୁଥିବା ବେଳର ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା। ଆକ୍ରମଣ ଯୋଗୁ ତାଙ୍କ ଶରୀର କ୍ଷତାକ୍ତ ହୋଇଥିବାବେଳେ ମୁଣ୍ଡ ଓ ମୁହଁରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା। ଡାକ୍ତରଖାନା ଉପରେ ରୁଷିଆର ଏଭଳି ଟାର୍ଗେଟକୁ ଜାତିସଂଘ ସମେତ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିଲା। ନବଜାତକର ନାଁ ଭେରୋନିକା ରଖାଯାଇଥିବା ଜାତିସଂଘରେ ୟୁକ୍ରେନ୍‌ର ରାଷ୍ଟ୍ରଦୂତ ଥିବା ସେର୍‌ଗି କିସ୍‌ଲିତ୍‌ସ୍ୟା କହିଛନ୍ତି। ଗର୍ଭବତୀ ମହିଳା ଓ ଶିଶୁମାନେ ମଧ୍ୟ ରୁଷିଆର ବର୍ବର ଆକ୍ରମଣର ଶିକାର ହେଉଥିବା ନେଇ

**ମାରିଉପୋଲ ହସ୍ପିଟାଲ ଆକ୍ରମଣ**

ସେର୍‌ଗି ପ୍ରସୂତି ମାରିଆନା ଓ ତାଙ୍କ ଝିଅର ଫଟୋକୁ ଜାତିସଂଘରେ ଦେଖାଇଛନ୍ତି। ମିଲିଟାରୀ ଅପରେଶନ ନାଁରେ ରୁଷିଆ କିପରି ଜନସାଧାରଣଙ୍କୁ ଟାର୍ଗେଟ କରୁଛି ଏହା ତାହାର ପ୍ରମାଣ ବୋଲି କହିଛନ୍ତି। ମାରିଆନା ଜଣେ ଅଭିନେତ୍ରୀ ଏବଂ ବିୟୁଟି ବ୍ଲଗର। ସେ ଗର୍ଭବତୀ ଥିବା ନେଇ ଗତ ଜାନୁୟାରୀରେ ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକଙ୍କୁ ଜଣାଇଥିଲେ।



ମେଲିଟୋପାଲ ସହରରେ ରୁଷୀୟ ସୈନ୍ୟଙ୍କ ଆକ୍ରମଣ ପରେ ହସ୍ପିଟାଲରୁ ଜଣେ ବ୍ୟକ୍ତି ନିଜ ପିଲାକୁ ନେଇଯାଉଛନ୍ତି।

## ପୋଲାଣ୍ଡକୁ ଯିବ ଭାରତୀୟ ଦୂତାବାସ

ନୂଆଦିଲ୍ଲୀ, ୧୩।୩: ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରେ ଥିବାର ଭାରତୀୟ ଦୂତାବାସ ଅସ୍ଥାୟୀ ଭାବେ ସୀମାନ୍ତ ପୋଲାଣ୍ଡକୁ ସ୍ଥାନାନ୍ତର କରାଯିବାକୁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ରୁଷିଆ-ୟୁକ୍ରେନ୍ ମଧ୍ୟରେ ଲାଗିରହିଥିବା ବିବାଦ ଏବଂ ବୈଶ୍ୱିକ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସୁରକ୍ଷା ସମ୍ବନ୍ଧୀୟ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, ବହିର୍ବ୍ୟାପାର ସଚିବ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ପ୍ରମୁଖ ଯୋଗ ଦେଇଥିଲେ।



ୟୁକ୍ରେନ୍‌ର ଜଣେ ଆହତ ସୈନ୍ୟଙ୍କୁ ୟାଭୋରିଭ୍ ସେନା ଶିବିରରୁ ହସ୍ପିଟାଲ କର୍ମଚାରୀମାନେ ଚିକିତ୍ସା ପାଇଁ ନେଉଛନ୍ତି।

## ପୁଟିନ୍‌ଙ୍କୁ ଉଗ୍ର କରିଛି ଷ୍ଟେରଏଡ୍

**ମସ୍କୋ, ୧୩।୩**

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ରବିବାର ୧୮ ଦିନ ପୂରିଥିବାବେଳେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା ଭଳି ରିପୋର୍ଟ ସାମ୍ନାକୁ ଆସିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଅନ୍ତନଳୀ କ୍ୟାନ୍‌ସରରେ ପୀଡ଼ିତ ଏବଂ ଚିକିତ୍ସା ପାଇଁ ସେ ଷ୍ଟେରଏଡ୍ ଡ୍ରଗ୍ସ ନେଉଥିବା ଡେଲି ମେଲ୍, ମିରର୍ ସମେତ ଏକାଧିକ ପ୍ରମୁଖ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଗୋଇନ୍ଦା ସୂଚନା ଆଧାରରେ ଆମେରିକା, ଅଷ୍ଟ୍ରେଲିଆ, କାନାଡା, ନ୍ୟୁଜିଲାଣ୍ଡ, ବ୍ରିଟେନର ପ୍ରମୁଖ ବ୍ୟକ୍ତିତ୍ୱ ଏହି ରିପୋର୍ଟକୁ ସତ ମାନିବା ସହ ଷ୍ଟେରଏଡ୍ ଚିକିତ୍ସା ଯୋଗୁ ୬୯ ବର୍ଷୀୟ ପୁଟିନ୍ ମାନସିକ ସନ୍ତୁଳନ ହରାଇ ଆକ୍ରମଣାତ୍ମକ ହୋଇପଡ଼ିଥିବା ବିଶ୍ୱାସ କରୁଛନ୍ତି। କ୍ରେମ୍ଲିନର ନିକଟତମ ସୂତ୍ରରୁ ମଧ୍ୟ ଏପରି ସୂଚନା ହସ୍ତଗତ ହୋଇଥିବା ରିପୋର୍ଟରେ ଦାବି କରାଯାଇଛି।

ବିଭିନ୍ନ ସୂତ୍ରରୁ ସଂଗୃହୀତ ତଥ୍ୟ ଅନୁସାରେ, ଡିକ୍ଟେଟର ପୁଟିନ୍ କ୍ୟାନ୍‌ସର ଚିକିତ୍ସା ନିମନ୍ତେ ଷ୍ଟେରଏଡ୍ ନେଉଥିବାରୁ ତାଙ୍କ ରୋଗ ପ୍ରତିରୋଧକ ଶକ୍ତି ପ୍ରଭାବିତ ହୋଇଛି। ତେଣୁ ଅନ୍ୟ ସଂସ୍ପର୍ଶରେ ଆସିଥିଲେ ଅଧିକ ଅସୁସ୍ଥ ହେବା ଆଶଙ୍କା ଥିବାରୁ ସେ ନିଜକୁ ସମ୍ପୂର୍ଣ୍ଣ ଅଲଗା ରଖୁଛନ୍ତି। କୌଣସି ବ୍ୟକ୍ତିଙ୍କ ସହ ବୈଠକ କିମ୍ବା ମିଶିବାର ଥିଲେ ସେ ଦୂରରେ ରହି ଆଲୋଚନା କରୁଛନ୍ତି। ନିକଟରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ ୟୁକ୍ରେନ୍ ସମସ୍ୟା ବାବଦରେ ପୁଟିନ୍‌ଙ୍କୁ ଭେଟିବାକୁ ଯାଇଥିବାବେଳେ ସେ ପ୍ରାୟ ୧୩ ଫୁଟ୍ ଲମ୍ବର ଟେବୁଲର ଗୋଟିଏ ପାର୍ଶ୍ୱରେ ବସିଥିବାବେଳେ ପୁଟିନ୍ ଅପରପାର୍ଶ୍ୱରେ ଥିବା ଦେଖିବାକୁ ମିଳିଥିଲା। ଏପରିକି ନିଜ ବହିର୍ବ୍ୟାପାର ମନ୍ତ୍ରୀ ସେରଗି ଲାଭ୍ରୋଭ୍ ପୁଟିନ୍‌ଙ୍କଠାରୁ ଦୂରତା ରଖି ଛିଡ଼ା ହୋଇଥିବାର ଦେଖାଯାଇଥିଲା।



**କର୍କଟ ରୋଗରେ ପୀଡ଼ିତ**

ପୂର୍ବରୁ ମଧ୍ୟ ପୁଟିନ୍ ଷ୍ଟେରଏଡ୍ ନେଉଥିବା ନେଇ ଖବର ପ୍ରକାଶ ପାଇଥିଲା। ତାଙ୍କ ମୁହଁ ଅଣ୍ଡାକୃତି ହୋଇଯାଇଥିବା କୁହାଯାଉଛି। ଶକ୍ତିଶାଳୀ ମାଂସପେଶୀ ପାଇଁ ପୁଟିନ୍ ଡ୍ରଗ୍ସ ନେଉଥିବା କାରଣରୁ ପୁଟିନ୍‌ଙ୍କ ମୁହଁରେ ପରିବର୍ତ୍ତନ ଆସିଥିବା ରୁଷିଆର ପୂର୍ବତନ ବହିର୍ବ୍ୟାପାର ସଚିବ ଲର୍ଡ୍ ଡେଭିଡ୍ ଓୱେନ୍ ସନ୍ଦେହ ବ୍ୟକ୍ତ କରିଛନ୍ତି। ସବୁବେଳେ ପୁଟିନ୍ ନିଜକୁ ଅନ୍ୟମାନଙ୍କଠାରୁ ଅଲଗା ରଖିବା, ମାନସିକ ଚାପରେ ରହିବା ସହ ଆକ୍ରମଣାତ୍ମକ ମନୋଭାବରେ ବୃଦ୍ଧି ଷ୍ଟେରଏଡ୍‌ଜନିତ ପ୍ରଭାବ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ପୁଟିନ୍ ସ୍ନାୟୁତନ୍ତ୍ରକୁ ପ୍ରଭାବିତ କରୁଥିବା ପାର୍କିନସନ୍‌ରେ ପୀଡ଼ିତ ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଏହି ରୋଗରେ ମଧ୍ୟ ପୀଡ଼ିତଙ୍କ ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ ଏବଂ ସେ ମାନସିକ ଭାରସାମ୍ୟ ହରାଇବାର ଯଥେଷ୍ଟ ଆଶଙ୍କା ରହିଥାଏ। ଯଦି ଏପରି ରିପୋର୍ଟ ସତ ହୋଇଥାଏ ତେବେ ପୁଟିନ୍ କୌଣସି ସମୟରେ ନ୍ୟୁକ୍ଲିୟର ଅସ୍ତ୍ରରେ ଆକ୍ରମଣ ଦେବାର ଆଶଙ୍କା ଉପୁଜିଛି, ଯାହା କି ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି।

ଧରିତ୍ରୀ
DHARITRI
Bhubaneswar, Monday, 14 March, 2022



## ପେଟିଏମ୍ ସିଇଓଙ୍କୁ ମିଳିଲା ଜାମିନ

**ନୂଆଦିଲ୍ଲୀ:** ପେଟିଏମ୍‌ର ଫାଉଣ୍ଡର ଏବଂ ସିଇଓ ବିଜୟ ଶେଖର ଶର୍ମାଙ୍କୁ ଗତ ମାସରେ ଦିଲ୍ଲୀ ପୋଲିସ ଗିରଫ କରିଥିବା ବେଳେ ରବିବାର ତାଙ୍କୁ ଜାମିନ ମିଳିଛି। ଏହି ମାମଲାରେ ଫାଇଲ୍ କରାଯାଇଥିବା ପିଟିଶନ ଅନୁସାରେ ଶର୍ମା ଗତ ଫେବୃୟାରୀ ୨୨ରେ ନିଜ ଜାଗୁଆର ଲ୍ୟାଣ୍ଡ ରୋଭରରେ ଯାଉଥିବା ସମୟରେ ଅରବିନ୍ଦ ମାର୍ଗ ନିକଟରେ ଦକ୍ଷିଣ ଦିଲ୍ଲୀ ଡିସିପି ବନିତା ମ୍ୟାରୀ ଜ୍ୟାକରଙ୍କ ଗାଡ଼ିକୁ ଧକ୍କା ଦେଇଥିଲେ। ଡିସିପି ଜ୍ୟାକର ଏନେଇ ଶର୍ମାଙ୍କ ନାଁରେ ପିଟିଶନ ଦେଇଥିଲେ। ଏ ସମ୍ପର୍କରେ ଦିଲ୍ଲୀ ପୋଲିସ ମୁଖପାତ୍ର ସୁମନ ଗଲଓ୍ବା କହିଛନ୍ତି ଯେ, ଡିସିପିଙ୍କ ଏତଲା ପରେ ଶର୍ମାଙ୍କୁ ଗିରଫ କରାଯାଇଥିଲା ଏବଂ ତାଙ୍କୁ ରବିବାର ଜାମିନ ପ୍ରଦାନ କରାଯାଇଛି।

### ସଂକ୍ଷେପରେ

## ଭାରତୀୟ ବଜାରରେ ଏଫ୍‌ପିଆଇର କାରବାର ଜାରି

**ନୂଆଦିଲ୍ଲୀ, ୧୩।୩:** କ୍ରମାଗତ ୬ଷ୍ଠ ମାସ ପାଇଁ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ର ଭାରତୀୟ ବଜାରରେ କାରବାର ଜାରି ରହିଛି। ମାର୍ଚ୍ଚ ମାସରେ ବର୍ତ୍ତମାନ ସୁଦ୍ଧା ଏଫ୍‌ପିଆଇ ଭାରତୀୟ ବଜାରରୁ ମୋଟ୍ ୪୫,୬୦୮ କୋଟି ଟଙ୍କା ବାହାର କରିପାରିଛି। ଡିପୋଜିଟରଙ୍କ ସଂଖ୍ୟା ଅନୁସାରେ ଏଫ୍‌ପିଆଇ ୨ରୁ ୧୧ ମାର୍ଚ୍ଚ ମଧ୍ୟରେ ଶେୟାରଗୁଡିକରୁ ୪୧,୧୬୮ ଟଙ୍କା ବାହାର କରିଛି। ଏହାଛଡା ସେ ଡେଟ୍ ସେଗମେଣ୍ଟରୁ ୪,୪୩୧ କୋଟି ଟଙ୍କା ଏବଂ ହାଇବ୍ରିଡ୍ ଇନ୍‌ଷ୍ଟ୍ରୁମେଣ୍ଟରୁ ୯ କୋଟି ଟଙ୍କା ଉଠାଇପାରିଛି। ଫଳସ୍ୱରୂପ ଲଗାତର ୬ଷ୍ଠ ମାସ ପାଇଁ ଏଫ୍‌ପିଆଇ ଭାରତୀୟ ବଜାରରୁ ମୋଟ୍ ୪୫,୬୦୮ କୋଟି ଟଙ୍କା ବାହାର କରିପାରିଛି।

## ସାଟୋ ଟ୍ୟାପ୍‌ର ବଜାର ପ୍ରବେଶ

**ଭୁବନେଶ୍ୱର, ୧୩।୩:** ପରିମଳ କ୍ଷେତ୍ରରେ ଏକ ସୁପରିଚିତ ନାମ ସାଟୋ ଭାରତୀୟ ବଜାରକୁ ସାଟୋ ଟ୍ୟାପ୍‌ର ନୂତନ ଉତ୍ପାଦଗୁଡିକୁ ବଜାର ପ୍ରବେଶ କରାଇଛି। ବର୍ତ୍ତମାନ ଏହାର ଚାହିଦା ଓ ଉପଲବ୍ଧକୁ ଲୋକମାନଙ୍କ ପାଇଁ ଓ ଆନୁଷ୍ଠାନିକ ଉପଭୋକ୍ତାଙ୍କ ପାଇଁ ବାଣିଜ୍ୟିକ ରୂପେ ଉପଲବ୍ଧ କରାଯାଇଛି। ଏ ସମ୍ପର୍କରେ ସାଟୋର ଗ୍ଲୋବାଲ ଏସ୍‌ସିଏମ୍ ଅପରେଶନ୍ସ ବିଭାଗ ମୁଖ୍ୟ ଅମିତ କୋନ୍‌ଲାଡେ କହିଛନ୍ତି, ଆମେ ଏବେ ଭାରତରେ ସାଟୋ ଟ୍ୟାପ୍‌କୁ ଉପଲବ୍ଧ କରାଇ ବେଶ୍ ଉତ୍ସାହିତ ରହିଛୁ। ସାଟୋର ବିଶ୍ୱସ୍ତରୀୟ ଡିଜାଇନ୍ କ୍ଷମତା ଓ ସାମାଜିକ ପ୍ରଭାବ ବିଶେଷଜ୍ଞତାକୁ ସମସ୍ତଙ୍କ ପାଇଁ ହାତ ଧୋଇବାକୁ ସରଳ ଓ ସହଜ କରିବା ଲାଗି ଅଣାଯାଇଛି। ଗ୍ରାମୀଣ ଭାରତରେ ପ୍ରାୟ ୧୦କୋଟି ପରିବାରଙ୍କ ନିକଟରେ ଟ୍ୟାପ୍ ପାଣିର ଆବଶ୍ୟକ ସଂଯୋଗ ନାହିଁ। ଏପରିକି ଏନ୍‌ଏସ୍‌ଏସ୍‌ର ତଥ୍ୟ ଅନୁଯାୟୀ ଭାରତର ୩୫.୮% ଘରର ଲୋକମାନେ ଖାଇବା ପୂର୍ବରୁ ସାବୁନ ବ୍ୟବହାର କରନ୍ତି।

# ଆସୋଟେକ୍‌ର ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟର ଶୁଭାରମ୍ଭ

ଭୁବନେଶ୍ୱର, ୧୩।୩





ରାଜ୍ୟର ଏକ ପ୍ରମୁଖ ଘରୋଇ ସଂସ୍ଥା 'ଆସୋଟେକ୍' ପକ୍ଷରୁ ରବିବାର ସ୍ଥାନୀୟ ପାତ୍ରପଡ଼ାର ଏକ ହୋଟେଲ ପରିସରରେ ଏହାର ୨ଟି ନୂତନ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ସଞ୍ଜୀବ ଶ୍ରୀବାସ୍ତବ କହିଛନ୍ତି, ଦ୍ୱୈତନଗରର କଳେବର ଦିନକୁ ଦିନ ବୃଦ୍ଧି ପାଉଛି, ହେଲେ ଉପଯୁକ୍ତ ସ୍ଥାନରେ ଏକ ଘର କରିବା ବର୍ତ୍ତମାନ ସମୟରେ ସବୁବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସେହିଭଳି ଘର କରିବାଠାରୁ ନେଇ ଗୃହ ପ୍ରବେଶ ପର୍ଯ୍ୟନ୍ତ ଅନେକ ସମସ୍ୟାର ଲୋକେ ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ଲୋକେ ଆପାର୍ଟମେଣ୍ଟକୁ ସବୁ ଦୃଷ୍ଟିରୁ ଭଲ ଭାବୁଛନ୍ତି। ଏଭଳି କିଛି ଘଟଣା ଓ ସମସ୍ୟାର ସମାଧାନ ପାଇଁ କମ୍ପାନୀ ଦୀର୍ଘ ବର୍ଷ ହେବ ପ୍ରୟାସ ଜାରି ରଖିଛି। ସେହିପରି ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ କମ୍ପାନୀ ଭୁବନେଶ୍ୱର ନିକଟବର୍ତ୍ତୀ ରୁଦ୍ରପୁରଠାରେ ୨ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କ୍ରୋନସ ଏବଂ ଆଟଲାସର ପରିକଳ୍ପନା ସହ ଉକ୍ତ ପ୍ରକଳ୍ପର ଶୁଭାରମ୍ଭ ହୋଇସାରିଛି। ୨୦୨୫-୨୬ ବେଳକୁ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ସହ ଗ୍ରାହକଙ୍କୁ ଚାବି ହସ୍ତାନ୍ତର କରାଯିବ ବୋଲି ଯୋଜନା କରାଯାଇଛି। ବିଶେଷକରି କମ୍ପାନୀ ଏହି ୨ଟି ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟରେ ବର୍ତ୍ତମାନର ଆବଶ୍ୟକତା ଓ ସବୁଜ ପରିବେଶ ଏବଂ ସବୁ ପ୍ରକାରର ମୌଳିକ ସୁବିଧା ପୂରଣ ଭଳି ବ୍ୟବସ୍ଥା କରାଯାଇଛି। ନିକଟରେ ଆରମ୍ଭ ହେବାକୁ ଥିବା ଆଟଲାସରେ ୩.୫ ବିଏଚ୍‌କେର ଅତ୍ୟାଧୁନିକ ସୁବିଧାସୁଯୋଗ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏହାର ମୂଲ୍ୟ ୨.୪୨ କୋଟି ରହିଥିବା ବେଳେ ୪.୫ ବିଏଚ୍‌କେ କ୍ରୋନସର ମୂଲ୍ୟ ମଧ୍ୟ ୩.୧୫ କୋଟି ରହିଛି। ଏହି ସୁଉଚ୍ଚ ଅଟ୍ଟାଳିକାରେ ପାର୍କିଂଠାରୁ ନେଇ ପରିବେଶ ପର୍ଯ୍ୟନ୍ତ ସବୁ ସ୍ତରରେ ଅତ୍ୟାଧୁନିକର ଛାପ ରହିବ। ସୁରକ୍ଷାଠାରୁ ନେଇ ସନ୍ତୋଷଜନକ ପରିବେଶ ପର୍ଯ୍ୟନ୍ତ ଗ୍ରାହକଙ୍କୁ ଯୋଗାଇ ଦେବା କମ୍ପାନୀର ଲକ୍ଷ୍ୟ ବୋଲି ଏହାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ଓଆଇଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୩ତମ ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୧୩।୩

ଓଡ଼ିଶା ଆୟକର ବିଭାଗ (ଓଆଇଟି)ର ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୩ତମ ବାର୍ଷିକ ସାଧାରଣ ଅଧିବେଶନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଧିବେଶନ ସ୍ଥାନୀୟ ଆୟକର ବିଭାଗ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଆୟକର ଆୟୁକ୍ତ ଧୀରେନ୍ଦ୍ର କୁମାର ମିଶ୍ର ଯୋଗଦାନ କରି ଉଦ୍‌ବୋଧନ ଦେଇଥିଲେ। ଉକ୍ତ ଅଧିବେଶନରେ ସଂଘର ଶତାଧିକ ସଦସ୍ୟ ଯୋଗଦାନ କରିଥିଲେ। ଏଥିରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିଭଳି ସଂଘର ଯେଉଁ ସଦସ୍ୟମାନେ ଇତିମଧ୍ୟରେ ମୃତ୍ୟୁବରଣ କରିସାରିଛନ୍ତି ସେମାନଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ ସହ ତାଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ନିକଟରେ ୮୦ବର୍ଷରେ ପଦାର୍ପଣ କରିଥିବା ୩ ସଭ୍ୟ ପଦ୍ମନାଭ ସେଠୀ, ଚୌଧୁରୀ ଭାବଗ୍ରାହୀ ମିଶ୍ର ଓ କେ.ସି. ସାସମଲଙ୍କୁ ଏହି ପରିପ୍ରେକ୍ଷୀରେ ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ଇତିମଧ୍ୟରେ ଯେଉଁ ୧୬ଜଣ ନୂତନ ସଦସ୍ୟ ସଂଘରେ ଯୋଗଦାନ କରିଛନ୍ତି, ସେମାନଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅଧିବେଶନରେ ଓଡ଼ିଶା ଆୟକର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ ଓ ଓଡ଼ିଶା ଆୟକର ପଞ୍ଜୀକୃତ ଅଧିକାରୀ ସଂଘର ଅତିରିକ୍ତ ସମ୍ପାଦକ ରମାକାନ୍ତ ମାହାଳି ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ ଅଧିବେଶନରେ ପୂର୍ବତନ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡର ଅଧ୍ୟକ୍ଷ ପ୍ରସନ୍ନ ମିଶ୍ର, ପୂର୍ବତନ ବୋର୍ଡ ସଭ୍ୟ ସେଖ ନଇମୁଦ୍ଦିନ, ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ଜୟନ୍ତ ହୋତା ଓ ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ପ୍ରଥମ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୩।୩



ଦେଶର ସର୍ବବୃହତ୍ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ଓଡ଼ିଶା ଶୋ'ରୁମ୍(ଭୁବନେଶ୍ୱର ଷ୍ଟୋର)ର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ ରବିବାର ସ୍ଥାନୀୟ ଶହୀଦ ନଗରସ୍ଥିତ ପ୍ରତିଷ୍ଠାନର ଫ୍ଲାଗସିପ ଶୋ'ରୁମ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ମିସେସ ଇଣ୍ଡିଆ-୨୦୨୧ର ବିଜେତା ଶିଖା ଗାୟତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମାଲାବାର ଯେ ଖାଲି ଭାରତରେ ସୁନାମ ଅର୍ଜନ କରିନାହିଁ, ଏହାର ଗୁଣାତ୍ମକ ସାମଗ୍ରୀ ଓ ବ୍ୟବସାୟରେ ସାଧୁତା ଓ ଶୁଦ୍ଧତା ପାଇଁ ବିଦେଶର ମଧ୍ୟ ଅନେକ ସଫଳତା ହାସଲ କରିଛି। ସେହିଭଳି ଏହାର ସମସ୍ତ ଅଳଙ୍କାର ଉଚ୍ଚମାନର କାରୁକାର୍ଯ୍ୟ ଓ ସ୍ଥାନୀୟ କଳାକୃତିର ଝଲକ ପ୍ରତି ଡିଜାଇନରେ ରହିଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଭୁବନେଶ୍ୱର ଶୋ'ରୁମର ଷ୍ଟୋର ହେଡ ମି. ଅସନାଫ କହିଛନ୍ତି, ଏହି ଏକ ବର୍ଷ ମଧ୍ୟରେ ସାରା ଦେଶବାସୀ ଅନେକ ପ୍ରକାର ସମସ୍ୟାରେ ରହି ମଧ୍ୟ ପ୍ରତିଷ୍ଠାନ ପ୍ରତି ଭଲ ପାଇବା ଓ ସଦିଚ୍ଛା ଜଣାଇଛନ୍ତି। ଫଳରେ ଶୋ'ରୁମକୁ ଗତ ଏକ ବର୍ଷରେ ଅନେକ ସଫଳତା ମିଳିଛି। ଗ୍ରାହକଙ୍କ ଭଲ ପାଇବା ଓ ଚାହିଦାକୁ ଆଖି ଆଗରେ ରଖି ପ୍ରତିଷ୍ଠାନ ଆସନ୍ତା ଦିନରେ (ଚଳିତ ବର୍ଷ) ଓଡ଼ିଶାରେ ଆଉ ୨ଟି ଶୋ'ରୁମର ଶୁଭାରମ୍ଭ କରିବାକୁ ଯାଉଛି। ବିଶେଷକରି ଭୁବନେଶ୍ୱର ଓ କଟକରେ ଏହି ୨ ଶୋ'ରୁମ ଖୁବ୍‌ଶୀଘ୍ର ଖୋଲିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷରେ ମାଲାବାର ସଦାସର୍ବଦା ସରକାରଙ୍କ ନୀତି ନିୟମ ଓ ବିଏସ୍‌ଆଇର ହଲ୍‌ମାର୍କ ସୁନା ଓ ଆଇଜିଆଇ ଏବଂ ଜିଆଇଏର ସାର୍ଟିଫାଏଡ ହୀରା ଗ୍ରାହକଙ୍କୁ ଉପଯୁକ୍ତ ମୂଲ୍ୟ ଓ ଗୁଣାତ୍ମକ ସାମଗ୍ରୀ ଯୋଗାଇ ଦେଇଥାଏ। ଶୋ'ରୁମର ବାଣିଜ୍ୟିକ ମୁଖ୍ୟ ସିଦ୍ଧେଶ୍ୱର ରଥ ବାର୍ଷିକ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଖୁବ୍‌ଶୀଘ୍ର ଓଡ଼ିଶାରେ ଆଉ ୨ ଷ୍ଟୋର

# ମେ'ରେ ଏଲ୍‌ଆଇସି ଆଇପିଓ

ନୂଆଦିଲ୍ଲୀ, ୧୩।୩

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ଆଇପିଓ ଲଞ୍ଚ୍‌କୁ ନେଇ ନିବେଶକମାନେ ଆଗ୍ରହର ସହିତ ଅପେକ୍ଷା କରିଛନ୍ତି। ତେବେ ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ(ସେବି)ନିକଟରେ ନୂଆ ଦସ୍ତାବିଜ ଦାଖଲ ନ କରି ଏଲ୍‌ଆଇସି ଆଇପିଓ ଆଣିବା ପାଇଁ ସରକାରଙ୍କ ନିକଟରେ ମେ' ୧୨ ସୁଦ୍ଧା ସମୟ ରହିଛି। ସରକାର ପ୍ରଥମେ ଏଲ୍‌ଆଇସିର ପ୍ରାୟ ୫% ଶେୟାର ବିକ୍ରି କରିବା ଉଦ୍ଦେଶ୍ୟରେ ମାର୍ଚ୍ଚ ଶେଷ ସୁଦ୍ଧା ଆଇପିଓ ଆଣିବା ଲକ୍ଷ୍ୟରେ ଥିଲେ। ଆଇପିଓରେ ପ୍ରାୟ ୬୦,୦୦୦ କୋଟି ନିବେଶ କରିବା ଯୋଜନା ରଖିଥିବା ବେଳେ ରୁଷ୍ -ୟୁକ୍ରେନ୍ ଯୁଦ୍ଧ ଫଳରେ ଶେୟାର ବଜାରରେ ଦେଖାଦେଇଥିବା ଅନିଶ୍ଚିତତା ଯୋଗୁ ଯୋଜନାକୁ ସ୍ଥଗିତ ରଖାଯାଇଥିଲା। ତେବେ ସରକାର ଫେବୃୟାରୀ ୧୩ରେ ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ କରିଥିଲା ଏବଂ ଗତ ସପ୍ତାହରେ ତାକୁ ମଞ୍ଜୁରୀ ମିଳିଯାଇଛି।

# ୨୦୨୨-୨୩ରେ ୭.୯% ଜିଡିପି ବୃଦ୍ଧି ସମ୍ଭାବନା

ନୂଆଦିଲ୍ଲୀ, ୧୩।୩

ଆମେରିକୀୟ ବ୍ରୋକ୍‌ରେଜ କମ୍ପାନୀ ମୋର୍ଗାନ୍ ଷ୍ଟେନ୍‌ଲି ପକ୍ଷରୁ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଭାରତର ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ଆନୁମାନିକ ବୃଦ୍ଧି ଦର ହ୍ରାସ କରି ୭.୯% କରିଛି। ମୋର୍ଗାନ୍ ଷ୍ଟେନ୍‌ଲି ପକ୍ଷରୁ ପୂର୍ବରୁ ଜିଡିପିରୁ ନେଇ ପ୍ରକାଶିତ ରିପୋର୍ଟର ୫୦ ବେସିସ୍ ପଏଣ୍ଟସ୍‌କୁ ହଟାଇ ଦିଆଯାଇଥିବା ବେଳେ ରିଟେଲ୍ ଇନ୍‌ଫ୍ଲେସନର ଅନୁମାନକୁ ୬% ବୃଦ୍ଧି କରାଯାଇଛି। ଏହାଛଡ଼ା ଦେଶରେ ଚାଲୁ ରହିଥିବା କରେଣ୍ଟ ଆକାଉଣ୍ଟ ଡେଫିସିଟ୍ (ସିଏଡି)ରେ ବୃଦ୍ଧି ଘଟି ଜିଡିପିରେ ୩% ପର୍ଯ୍ୟନ୍ତ ପହଞ୍ଚିଯିବ ବୋଲି ମଧ୍ୟ ମୋର୍ଗାନ୍ ଷ୍ଟେନ୍‌ଲି ଅନୁମାନ କରିଛି।

### ଫୁର୍‌ସତ୍

# ନଦୀ କୁହେ ସଭ୍ୟତା କଥା



**ମ**ଣିଷ ସଭ୍ୟତାଗୁଡ଼ିକ ପ୍ରାୟତଃ ନଦୀକୂଳରେ ଗଢ଼ି ଉଠିଥିଲା। ସଭ୍ୟତାର କ୍ରମବିକାଶ ସମ୍ପର୍କରେ ନଦୀ ମୂକସାକ୍ଷୀ ପାଲଟିଛି। ନଦୀର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରତିବର୍ଷ ମାର୍ଚ୍ଚ ୧୪ରେ ଅନ୍ତର୍ଜାତୀୟ ନଦୀ ଦିବସ (ଇଣ୍ଟରନ୍ୟାଶନାଲ ଡେ ଅଫ୍ ଆକ୍ସନ୍ ଫର୍ ରିଭର୍ସ) ପାଳନ କରାଯାଇଥାଏ। ନଦୀଗୁଡ଼ିକର ମହତ୍ତ୍ୱ ବିଷୟରେ ସଚେତନ ହୋଇ ଏସବୁର ସଂରକ୍ଷଣ ପାଇଁ ଉପଯୋଗୀ ପଦକ୍ଷେପ ଗ୍ରହଣ ସମ୍ପର୍କରେ ଏହି ଦିବସ ପାଳନ ଅବସରରେ ସମସ୍ତଙ୍କୁ ଅବଗତ କରାଯାଇଥାଏ। ପ୍ରତିଦିନ ଦୁଇଲକ୍ଷ ଟନ ସ୍ୱେରେଜ, ଶିଳ୍ପ ଏବଂ କୃଷି ବର୍ଜ୍ୟବସ୍ତୁ ପୃଥିବୀର ବିଭିନ୍ନ ନଦୀଜଳରେ ମିଶି ଥାଏ। ଏହା ସମଗ୍ର ମାନବ ଜନସଂଖ୍ୟାର ୬.୮ ବିଲିୟନ ଲୋକଙ୍କ ଓଜନ ସହିତ ସମାନ। ଏହି କାରଣରୁ ମାନବଜାତିର ମଙ୍ଗଳ ପାଇଁ ନଦୀଗୁଡ଼ିକୁ ସୁରକ୍ଷିତ ରଖିବା ଆମର କର୍ତ୍ତବ୍ୟ। ଏହି ଦିବସରେ ନଦୀ ପରିଚାଳନା, ନଦୀ ପ୍ରଦୂଷଣ, ନଦୀ ସଂରକ୍ଷଣ ଇତ୍ୟାଦି ସମ୍ବନ୍ଧୀୟ ସମସ୍ୟାର ସମାଧାନ କରି ପୃଥିବୀର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ। ୧୯୯୫ ସେପ୍ଟେମ୍ବରରେ, ଅନ୍ତର୍ଜାତୀୟ ନଦୀ ନେଟୱର୍କ ଭାରତର ନର୍ମଦା ବଞ୍ଚାଅ ଆନ୍ଦୋଳନ, ଚିଲିକାର ବାୟୋବିଓ ଆକ୍ସନ ଗ୍ରୁପ୍ ଏବଂ ୟୁରୋପୀୟ ରିଭର ନେଟୱର୍କ ସମେତ ଅନେକ ସଂଗଠନ ଏକତ୍ରିତ ହୋଇ ବ୍ରାଜିଲରେ ଏକ ବୈଠକ କରିଥିଲେ। ଫଳସ୍ୱରୂପ, ସେମାନେ ଏକ ଅନ୍ତର୍ଜାତୀୟ ଆୟୋଜନ କମିଟି ଗଠନ କଲେ, ଯାହା ବ୍ରାଜିଲର ମୁଭ୍‌ମେଣ୍ଟ ଅଫ ପିପୁଲ୍ସ ଦ୍ୱାରା ପରିଚାଳିତ ହୋଇଥିଲା। ମାର୍ଚ୍ଚ ୧୯୯୭ରେ ବ୍ରାଜିଲର କୁରିଟିବାରେ ଡ୍ୟାମ୍ ଦ୍ୱାରା ପ୍ରଭାବିତ ଲୋକଙ୍କ ପ୍ରଥମ ଅନ୍ତର୍ଜାତୀୟ ସଭାର ଅଂଶଗ୍ରହଣକାରୀମାନେ ଡ୍ୟାମ୍ ଏବଂ ନଦୀ, ଜଳ ଓ ଜୀବନ ପାଇଁ ଅନ୍ତର୍ଜାତୀୟ କାର୍ଯ୍ୟ ଦିବସ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ନଦୀଗୁଡ଼ିକୁ ଜାତୀୟ ସମ୍ପତ୍ତି ଭାବରେ ଘୋଷଣା କରାଯିବା ସହ ଏଥିରେ ବର୍ଜ୍ୟପଦାର୍ଥ ପକାଇବାକୁ ରୋକିବା ପାଇଁ ଆଇନଗତ ଅଧିକାର ଦିଆଯାଉ ବୋଲି ବୈଠକରେ ଦାବି କରାଯାଇଥିଲା। ନଦୀରେ ବର୍ଜ୍ୟବସ୍ତୁ ନ ପକାଇବା ଏବଂ ଜଳ ନିଷ୍କାସନ ପାଇଁ ଡମ୍ପିଂ ସାଇଟ କରିବା ନେଇ ସଚେତନତା ସୃଷ୍ଟି କରିବା। ଏ ସମ୍ପର୍କିତ ବାର୍ତ୍ତା ବିସ୍ତାର କରିବା କ୍ଷେତ୍ରରେ ପରିବେଶ ଉତ୍ସାହୀମାନେ ଏହି ଦିନଟି ପାଳନ କରିବା ସହିତ କର୍ମଶାଳା, ସେମିନାର ଏବଂ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି।

### ଅନ୍ତର୍ଜାତୀୟ ନଈ ଦିବସ

# ପକେଟମାର୍ କରି ବଙ୍ଗଳା ବ୍ୟୁଟି ଗିରଫ

କୋଲକାତା



ପକେଟମାର୍ ଅଭିଯୋଗରେ ବଙ୍ଗଳା ଟିଭି ଅଭିନେତ୍ରୀ ରୂପା ଦତ୍ତାଙ୍କୁ କୋଲକାତା ବିଧାନନଗର ଉତ୍ତରାଞ୍ଚଳ ପୋଲିସ ଗିରଫ କରିଛି। କୋଲକାତାରେ ଚାଲିଥିବା ଅନ୍ତର୍ଜାତୀୟ କୋଲକାତା ପୁସ୍ତକ ପ୍ରଦର୍ଶନୀ ୨୦୨୨ରେ ରୂପା ପକେଟମାର୍ କରୁଥିବା ପୋଲିସ ପକ୍ଷରୁ କୁହାଯାଇଛି। ଗିରଫ ପରେ ତାଙ୍କ ପର୍ସରୁ ପୋଲିସ ନଗଦ ୭୫ ହଜାର ଟଙ୍କା ଜବତ କରିଛି। ଶନିବାର ପୋଲିସ ରୂପାଙ୍କୁ ଗିରଫ କରିଥିବାବେଳେ ଏ ମାମଲାରେ ତାଙ୍କୁ କୋର୍ଟ ଚାଲାଣ କରାଯିବ। ପ୍ରଦର୍ଶନୀରେ ରୂପା ଏକ ପର୍ସ ଡଷ୍ଟବିନ୍‌ରେ ଫିଙ୍ଗୁଥିବାବେଳେ ପୋଲିସ ଅଧିକାରୀ ଦେଖିଥିଲେ ; ଯାହାପରେ ତାଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ରୂପା ହେଉଛନ୍ତି ବଙ୍ଗଳା ଟିଭି ଅଭିନେତ୍ରୀ । ଫିଲ୍ମ ନିର୍ଦ୍ଦେଶକ ଅନୁରାଗ କଶ୍ୟପ ତାଙ୍କୁ ମେସେଞ୍ଜର ଜରିଆରେ ଖରାପ ମେସେଜ୍ ଦେଉଥିବା ଅଭିଯୋଗ ଆଣି ରୂପା ବିଗତ ଦିନରେ ଚର୍ଚ୍ଚାର ପରିସରକୁ ଆସିଥିଲେ। ରୂପା ଏହି ମେସେଞ୍ଜର ସ୍କ୍ରିନ୍‌ଶଟ୍ ସବୁ ସୋସିଆଲ ମିଡିଆରେ ଶେୟାର ମଧ୍ୟ କରିଥିଲେ। କିନ୍ତୁ ତଦନ୍ତ ପରେ ଜଣାପଡ଼ିଥିଲା ଯେ, ଅନୁରାଗ ନାମଧାରୀ ଆଉଜଣେ ବ୍ୟକ୍ତି ରୂପାଙ୍କୁ ଏହି ମେସେଜ୍ କରୁଥିଲେ।

# ସଫଳତା ପାଇଁ ଫର୍ମୁଲା ନାହିଁ




**ମୁମ୍ବାଇ:** ଖିଲାଡି କୁମାର ଅକ୍ଷୟ ନିଜ ଆଗାମୀ ଫିଲ୍ମ 'ବଚ୍ଚନ ପାଣ୍ଡେ'ର ପ୍ରମୋଶନ୍‌ରେ ଏବେ ବ୍ୟସ୍ତ। ଫିଲ୍ମରେ ଏକ ଭିନ୍ନ ଚରିତ୍ରରେ ଅକ୍ଷୟ ଦେଖାଯିବାକୁ ଥିବାବେଳେ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ଏବଂ କ୍ରିତି ସାନନ୍ ତାଙ୍କ ବିପକ୍ଷରେ ଅଭିନୟ କରିଛନ୍ତି। ପ୍ରମୋଶନ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜଣେ ପତ୍ରକାର ଅକ୍ଷୟଙ୍କୁ ତାଙ୍କ ସଫଳତାର ଫର୍ମୁଲା ବିଷୟରେ ପଚାରିଥିଲେ ; ଯାହାର ଉତ୍ତରରେ ଅକ୍ଷୟ କହିଥିଲେ ଯେ, ସଫଳତାର କୌଣସି ଫର୍ମୁଲା ନାହିଁ। ସବୁକିଛି ଭାଗ୍ୟ ଉପରେ ନିର୍ଭର କରେ। ୩୦ ବର୍ଷର ଫିଲ୍ମ କ୍ୟାରିୟର ଭିତରେ କିଛି ଫିଲ୍ମ ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିଥିବାବେଳେ କିଛି ଫିଲ୍ମ ଫ୍ଲପ୍ ହୋଇଛି। ବଲିଉଡ୍‌ର ମୁଁ ଏକମାତ୍ର କଳାକାର ; ଯାହାର ଲଗାତର ୧୬ଟି ଫିଲ୍ମ ଫ୍ଲପ୍ ହୋଇଛି। ସମୟକୁ ମୁଁ ବେଶି ଗୁରୁତ୍ୱ ଦିଏ। ମୋ କାମ ଜରିଆରେ ସମାଜକୁ ଭଲ ବାର୍ତ୍ତା ଦେବାକୁ ଚାହେଁ, କମେଡି ଦ୍ୱାରା ଲୋକଙ୍କୁ ହସାଇବାକୁ ଚାହେଁ। ସଫଳତା ଓ ବିଫଳତା ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ। କଠିନ ପରିଶ୍ରମ ଦ୍ୱାରା ସଫଳତା ମିଳିବ ନିଶ୍ଚୟ। ବଚ୍ଚନ ପାଣ୍ଡେ ୧୮ ତାରିଖରେ ମୁକ୍ତିଲାଭ କରିବ। ଫରହଦ ସାମଜି ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ ଅର୍ସଦ୍ ୱାରସିଙ୍କୁ ମଧ୍ୟ ଫିଲ୍ମରେ ଦେଖିପାରିବେ ଦର୍ଶକ।

# ଲୁଟ୍ କରି ମନ୍ଦିରରେ ଦାନ

ନୂଆଦିଲ୍ଲୀ, ୧୩।୩

ଏକ ଅଜବ ଘଟଣା ଘଟିଛି ରାଜଧାନୀ ଦିଲ୍ଲୀରେ। ୧.୧ କୋଟି ଟଙ୍କା ଲୁଟ୍ ଅଭିଯୋଗରେ ଦିଲ୍ଲୀ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ମାର୍ଚ୍ଚ ୩ ତାରିଖର ଘଟଣା। ରୋହିଣୀରେ ଥିବା ଏକ ଗହଣା ଦୋକାନର ଦୁଇ ଅଧିକାରୀ ଦୋକାନ ବନ୍ଦ କରି ଫେରୁଥିବା ବେଳେ ଚାନ୍ଦିନୀ ଚୌକ ମାର୍କେଟରେ ତିନିଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ସେମାନଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ସେମାନଙ୍କ ପାଖରେ ଥିବା ୧.୧ କୋଟି ଟଙ୍କା ଲୁଟ କରି ନେଇଥିଲେ। ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ୫ ଜଣଙ୍କୁ ଗିରଫ କରିଥିଲା। ଫୁଟେଜ ଅନୁସାରେ ଦୁର୍ବୃତ୍ତ ଲୁଟ୍ ଟଙ୍କାରୁ ୧ ଲକ୍ଷ ମନ୍ଦିରରେ ଦାନ କରିଥିବା ଉତ୍ତରାଞ୍ଚଳ ଦିଲ୍ଲୀ ଡିସିପି ସାଗର ସିଂ କାଲସି କହିଛନ୍ତି। ଦିଲ୍ଲୀର ଯମୁନା ଅଞ୍ଚଳରୁ ଦୁର୍ବୃତ୍ତଙ୍କୁ ଗିରଫ କରାଯାଇଥିଲା।

# ଗଣିତ ସମାଧାନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ



**ଗ**ଣିତ ସମାଧାନରେ ଗ୍ରୀକ୍ ଚିହ୍ନ 'ପାଇ' ହେଉଛି ଏକ ସ୍ଥିରାଙ୍କ । ଏହା ଦ୍ୱାରା ଜ୍ୟାମିତିକ ଗଣିତରେ ବୃତ୍ତର କ୍ଷେତ୍ରଫଳ ଏବଂ ଗୋଲକର ଆୟତନ ସହିତ ପାର୍ଶ୍ୱପୃଷ୍ଠତଳ ତଥା ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ଠିକ୍ ଭାବେ ନିର୍ଦ୍ଧାରଣ କରାଯାଇ ପାରିଥାଏ । ଏହା ଏକ ଭଗ୍ନାଂଶ। ଭଗ୍ନାଂଶରେ ଏହାର ମୂଲ୍ୟ ୨୨/୭। ଏହାର ମୂଲ୍ୟ ଦଶମିକରେ ୩.୧୪ ଭାବେ ଗ୍ରହଣ କରାଯାଇଥାଏ। ତେବେ ଏହା ଏକ ନନ୍ ରିକ୍ୟୁରିଂ ଡେସିମାଲ୍। ଗଣିତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ମାର୍ଚ୍ଚ ୧୪ରେ ପ୍ରତିବର୍ଷ 'ପାଇ' ଦିବସ ପାଳନ କରାଯାଇ ସଚେତନତା ସୃଷ୍ଟି କରାଯାଇଥାଏ। ଦଶମିକ ପରେ ଦୁଇ ସ୍ଥାନ ପର୍ଯ୍ୟନ୍ତ ଏହାର ମୂଲ୍ୟ ଅନୁସାରେ ମାର୍ଚ୍ଚ ବର୍ଷର ତୃତୀୟ ମାସ ଏବଂ ୧୪ ତାରିଖ (୩/୧୪) ଆଧାରରେ ଏହି ଦିବସକୁ ପାଳନ କରାଯିବା ଲାଗି ୧୯୮୮ରେ ଏକ୍ସପ୍ଲୋରାଟୋରିୟମର ଜଣେ କର୍ମଚାରୀ ଲ୍ୟାରି ଶ' ଯୋଜନା ପରିଥିଲେ । ଏହି ଅବସରରେ ପିଠା ଖାଇବା ଏବଂ ପାଇ ରିଟିସନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ୨୦୦୯ ମାର୍ଚ୍ଚ ୧୨ରେ ଆମେରିକା ପ୍ରତିନିଧି ସଭା ପକ୍ଷରୁ ଏହି ଦିବସ ପାଳନକୁ ସମର୍ଥନ କରାଯାଇଥିଲା। ୨୦୧୫ ମସିହାରେ ମାର୍ଚ୍ଚ ୧୪କୁ 'ସୁପର ପାଇ ଡେ' ଭାବରେ ପାଳନ କରାଯାଇଥିଲା। ଯେହେତୁ ମାସ / ଦିନ / ବର୍ଷ ଫର୍ମାଟ୍‌ରେ ତାରିଖ ୩/୧୪/୧୫ ଭାବରେ ଲେଖା ହୋଇଛି। ଯାହାକି ପାଇର ରିକ୍ୟୁରିଙ୍ଗ୍ ଡେସିମାଲ୍‌ର ମୂଲ୍ୟ। ଏହି ଦିବସ ଅବସରରେ ଗଣିତ ସମାଧାନରେ ପାଇର ଗୁରୁତ୍ୱ ସମ୍ପର୍କରେ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥାଏ।

### ପାଇ ଦିବସ

# ଦିବାରାତ୍ର ଟେଷ୍ଟ
# ଦୃଢ଼ ସ୍ଥିତିରେ ଭାରତ

**ବେଙ୍ଗାଲୁରୁ, ୧୩।୩**

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ (ଦିବାରାତ୍ର)ରେ ଭାରତ ଦୃଢ଼ ସ୍ଥିତିରେ ପହଞ୍ଚିଛି। ପ୍ରଥମ ଇନିଂସରେ ୨୫୨ ରନ କରିଥିବା ଭାରତ ଶ୍ରୀଲଙ୍କାକୁ ୧୦୯ ରନରେ ସୀମିତ ରଖିଥିଲା। ଦ୍ୱିତୀୟ ଇନିଂସକୁ ଘରୋଇ ଦଳ ୩୦୩/୯ରେ ଘୋଷଣା କରିବାରୁ ଶ୍ରୀଲଙ୍କା ସମ୍ମୁଖରେ ୪୪୭ ରନ ବିଜୟ ଧାର୍ଯ୍ୟ ହୋଇଥିଲା। ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ହେବା ବେଳକୁ ଶ୍ରୀଲଙ୍କା ୧ ଉଇକେଟ ହରାଇ ୨୮ ରନ କରିଛି। ଫଳରେ ଦଳ ହାତରେ ୯ ଉଇକେଟ ଥାଇ ଆହୁରି ୪୧୯ ରନ ପଛରେ ରହିଛି। ଲାହିରୁ ଥିରିମାନେ ଖାତା ଖୋଲିପାରି ନ ଥିବାବେଳେ ଅଧିନାୟକ ଦିମୁଥ କରୁଣାରତ୍ନେ ୧୦ ଓ କୁଶାଲ ମେଣ୍ଡିସ ୧୬ ରନରେ ଅପରାଜିତ ଅଛନ୍ତି। ଭାରତର ଯଶପ୍ରୀତ୍ ବୁମ୍ରା ଗୋଟିଏ ଉଇକେଟ ନେଇଛନ୍ତି।

### ବୁମ୍ରାଙ୍କୁ ୫ ଉଇକେଟ

ପ୍ରଥମ ଦିବସର ଅସମାପ୍ତ ସ୍କୋର ୮୬/୬ରୁ ଖେଳ ଆରମ୍ଭ କରିଥିବା ଶ୍ରୀଲଙ୍କା ଦ୍ୱିତୀୟ ଦିବସରେ ଆଉ ୨୩ ରନ ଯୋଗକରି ଅବଶିଷ୍ଟ ୪ ଉଇକେଟ ହରାଇଥିଲା। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍ରା ୨୪ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସାମି ୨ଟି ଲେଖାଏ ଏବଂ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ।

### ପନ୍ତ, ଆୟାରଙ୍କ ଅର୍ଦ୍ଧଶତକ

ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଥିବା ଭାରତ ଦ୍ୱିତୀୟ ଇନିଂସରେ ମଧ୍ୟ ପ୍ରଭାବୀ ବ୍ୟାଟିଂ କରିଥିଲା। ଟପ୍ ଅର୍ଡରରେ ମୟଙ୍କ ଅଗ୍ରୱାଲ ୨୨, ଅଧିନାୟକ ରୋହିତ ଶର୍ମା ୪୬, ହନୁମା ବିହାରୀ ୩୫ ଓ ବିରାଟ କୋହଲି ୧୩ ରନ କରି ଆଉଟ ହୋଇଥିବାବେଳେ ମିଡିଲ ଅର୍ଡରରେ ରିଷଭ ପନ୍ତ ଓ ଶ୍ରେୟାସ ଆୟାର ଅର୍ଦ୍ଧଶତକ ହାସଲ କରି ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ପନ୍ତ ୩୧ ବଲ୍‌ରୁ ୭ ଚୌକା ଓ ୨ ଛକା ସହାୟତାରେ ୫୦ ରନ କରିଥିବାବେଳେ ଚମତ୍କାର ଫର୍ମରେ ଥିବା ଆୟାର ୮୭ ବଲ୍‌ରୁ ୯ ଚୌକା ସହ ସର୍ବାଧିକ ୬୭ ରନ ସ୍କୋର କରିଥିଲେ। ରବୀନ୍ଦ୍ର ଜାଡେଜା ୨୨ ଓ ରବିଚନ୍ଦ୍ରନ ଅଶ୍ୱିନ ୧୩ ରନର ଯୋଗଦାନ ଦେଇଥିଲେ। ଦ୍ୱିତୀୟ ଇନିଂସରେ ଭାରତ ୯ ଉଇକେଟ ହରାଇ ୩୦୩ ରନ କରି ଇନିଂସ ଘୋଷଣା କରିଥିଲା।



୫ ଉଇକେଟ ସଫଳତା ପରେ ବଲ୍ ସହ ଯଶପ୍ରୀତ୍ ବୁମ୍ରା।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୨୫୨। ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୦୯/ଅଲ୍‌ଆଉଟ (ଆଞ୍ଜେଲୋ ମାଥ୍ୟୁସ-୪୩, ନିରୋଶାନ ଡିକ୍‌ୱେଲା-୨୧, ଯଶପ୍ରୀତ୍ ବୁମ୍ରା-୫/୨୪, ମହମ୍ମଦ ସାମି-୨/୧୮, ରବିଚନ୍ଦ୍ରନ ଅଶ୍ୱିନ-୨/୩୦, ଅକ୍ଷର ପଟେଲ-୧/୨୧)। ଭାରତ ଦ୍ୱିତୀୟ ଇନିଂସ: ୩୦୩/୯ ଘୋଷଣା (ଶ୍ରେୟାସ ଆୟାର-୬୭, ରିଷଭ ପନ୍ତ-୫୦, ରୋହିତ ଶର୍ମା-୪୬, ପ୍ରବୀଣ ଜୟବିକ୍ରମା-୪/୭୮, ଲସିଥ ଏମ୍ବୁଲଦେନିୟା-୩/୮୭, ବିଶ୍ୱ ଫର୍ନାଣ୍ଡୋ-୧/୪୮, ଧନଞ୍ଜୟ ଡି'ସିଲ୍‌ଭା-୧/୪୭)। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୨୮/୧।



**ଜନ୍ମଦିନ ଶୁଭେଚ୍ଛା**
**ପ୍ରନୀଲ ଦାଶ**
ମିଶ୍ରପଡ଼ା, ଅନୁଗୋଳ
ଜନ୍ମଦିନର ଶୁଭ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ଅଳି, ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ଜେପା, ଜେମା, ବାପା, ମାମା, ଆଈ, ଭାଇନା, ପ୍ରାଂଶୁ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୩୧୯


**ଜନ୍ମଦିନ ଶୁଭେଚ୍ଛା**
**ନାମ: ମନୀଷା**
ଫୁଲ ପରି ମହକି ଉଠୁ ଜୀବନ ତୁମର।
ଚଲା ପଥରେ ଖୁସି ଭରିଯାଉ ତୁମର,
ଏତିକି ଆଶୀର୍ବାଦ ଥାଉ ତୁମରି
ଉପରେ। ଜନ୍ମ ଦିନର ହାର୍ଦ୍ଦିକ ଶୁଭେଚ୍ଛା,
ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଲିଙ୍ଗରାଜଙ୍କ
ପାଖରେ ଏତିକି ପ୍ରାର୍ଥନା ।
ଧ-୨୩୩୬୩


**ଜନ୍ମଦିନ ଶୁଭେଚ୍ଛା**
(ନୈନା)
**ଆର୍ଯ୍ୟା ମିଶ୍ର**
ବରଗଡ଼
ତୋର ଚଲାପଥ କୁସୁମିତ ହେଉ। ଆଜି ତୋର ୧୧ତମ ଜନ୍ମଦିନରେ ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ବାପା, କାକା, ବଡ଼ବାପା, ମା, ବଡ଼ମା, ଖୁଡୀ ତଥା ମିଶ୍ର ପରିବାରବର୍ଗ ।
ଧ-୨୩୩୧୮


## ଫେଡେରେଶନ କପ୍ ସୁନ୍ଦର ସ୍ୱାସ୍ଥ୍ୟରେ ଓଡ଼ିଶା ରନର୍ସଅପ୍

**ଭୁବନେଶ୍ୱର, ୧୩।୩ (କ୍ରୀଡ଼ା ପ୍ରତିନିଧି)**

ଗ୍ୟାଙ୍ଗଟକ୍‌ଠାରେ ରବିବାର ଶେଷ ହୋଇଥିବା ସର୍ବଭାରତୀୟ ୧୧ତମ ଫେଡେରେଶନ୍ କପ୍ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶା ରନର୍ସଅପ୍ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ସଂଘ ସଭାପତି ସୁମିତ୍ରା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୧୮ ଜଣିଆ (ମହିଳା ଓ ପୁରୁଷ) ଦଳ ଅଂଶଗ୍ରହଣ କରିଥିଲା। ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ନିତେଶ କୁମାର ବାରିକ ୫୫ କେଜି ଓ ଜଗନ୍ନାଥ ଖୁଣ୍ଟିଆ ୭୫ କେଜି ଓଜନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ଶଶାଙ୍କ ଶେଖର ସାହୁ ୬୫ କେଜି ବର୍ଗରେ ରୌପ୍ୟ ପାଇଥିବାବେଳେ ଅମିତ କୁମାର ଭୂୟାଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପୁରୁଷ ଫିଜିକ୍ ସ୍ପୋର୍ଟ୍ସରେ ପୁପୁନି ସ୍ୱାଇଁ ରୌପ୍ୟ ପଦକ ପାଇଥିବାବେଳେ ସାତ୍ତ୍ୱିକ ପଟ୍ଟନାୟକ ୪ର୍ଥ ଏବଂ ମହିଳା ପ୍ରତିଯୋଗୀ ଶିବାନୀ ଦାଶ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲେ। ବିଚାରକ ଭାବେ ତରୁଣ କୁମାର ଚାଟାର୍ଜୀ ଓ କୋଚ୍ ଭାବେ ପଙ୍କଜ ଲୋଚନ ପ୍ରତିହାରୀ ଯୋଗଦାନ କରିଥିଲେ। ଓଡ଼ିଶା ଦଳର ଏହି ସଫଳତା ପାଇଁ ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ମହାପାତ୍ର, ସଭାପତି ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର ଏବଂ ସମସ୍ତ କର୍ମକର୍ତ୍ତା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ଫେଡେରେଶନ୍ କପ୍ ସୁନ୍ଦର ସ୍ୱାସ୍ଥ୍ୟରେ ରନର୍ସଅପ୍ ହୋଇଥିବା ଓଡ଼ିଶା ଦଳର ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

## କପିଳ ଦେବଙ୍କ ଦ୍ରୁତ ଅର୍ଦ୍ଧଶତକ ରେକର୍ଡ ଭାଙ୍ଗିଲେ ପନ୍ତ


ଶଟ୍ ଖେଳିବା ଅବସରରେ ଭାରତର ରିଷଭ ପନ୍ତ।

**ବେଙ୍ଗାଲୁରୁ, ୧୩।୩ (ପି.ଟି.)**

ଜଣେ ଭାରତୀୟ ହିସାବରେ ଉଇକେଟକିପର ବ୍ୟାଟର ରିଷଭ ପନ୍ତ କିମ୍ବଦନ୍ତୀ କପିଳ ଦେବଙ୍କ ଦ୍ରୁତତମ ଟେଷ୍ଟ ଅର୍ଦ୍ଧଶତକ ୪୦ ବର୍ଷର ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଏଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ତଥା ଦିବାରାତ୍ର ମ୍ୟାଚରେ ସେ ଏହି ସଫଳତା ହାସଲ କରିଛନ୍ତି। ପନ୍ତ ଭାରତୀୟ ଦ୍ୱିତୀୟ ଇନିଂସର ୪୨ତମ ଓଭରରେ ପ୍ରବୀଣ ଜୟବିକ୍ରମାଙ୍କ ବଲ୍‌କୁ ଏକ୍ସଟ୍ରା କଭର ଅଞ୍ଚଳକୁ ଏକ ଚୌକା ମାରି ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୨୮ ବଲ୍‌ରେ ୭ ଚୌକା ଓ ୨ ଛକା ସହ ତାଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତର ପ୍ରଥମ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ ୧୯୮୨ କରାଚୀ ଟେଷ୍ଟରେ ପାକିସ୍ତାନ ବିପକ୍ଷରେ ୩୦ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ପନ୍ତ ଅନ୍ୟପକ୍ଷରେ ଟେଷ୍ଟରେ ଜଣେ ଉଇକେଟକିପର-ବ୍ୟାଟର ହିସାବରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ଅଷ୍ଟ୍ରେଲିଆର ଇଆନ ସ୍ମିଥ୍ ଓ ପୂର୍ବତନ ଭାରତ ଅଧିନାୟକ ଏମ୍‌ଏସ୍ ଧୋନୀ (ଉଭୟେ ୩୪ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି)ଙ୍କ ରେକର୍ଡକୁ ଭାଙ୍ଗିଦେଇଛନ୍ତି। ଟେଷ୍ଟ କ୍ରିକେଟରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିବା ଭାରତୀୟ ଖେଳାଳି ତାଲିକାରେ ଶାର୍ଦ୍ଦୁଳ ଠାକୁର ତୃତୀୟ ସ୍ଥାନରେ ଅଛନ୍ତି। ସେଗତବର୍ଷ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ୩୧ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ୩୨ ବଲ୍‌ରୁ ୫୦ରନ ୨୦୦୮ରେ ଚେନ୍ନାଇରେ ଇଂଲଣ୍ଡ ବିପକ୍ଷରେ କରିଥିଲେ।

## ଆଇସିସି ମହିଳା ବିଶ୍ୱକପ୍
## ଅଷ୍ଟ୍ରେଲିଆର ସହଜ ବିଜୟ

**ୱେଲିଂଟନ, ୧୩।୩ (ପି.ଟି.)**

ମହିଳା କ୍ରିକେଟ ବିଶ୍ୱକପ୍‌ରେ ଏଲିସି ପେରୀ, ଟାହିଲା ମ୍ୟାକ୍‌ଗ୍ରା ଓ ଆଶଲେ ଗାର୍ଡନରଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଅଷ୍ଟ୍ରେଲିଆ ୧୪୧ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ରବିବାର ମ୍ୟାଚରେ ଅଷ୍ଟ୍ରେଲିଆ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ ନେଇଥିଲା। ପେରୀ (୮୬ ବଲ୍‌ରୁ ୬୮ରନ) ଓ ମ୍ୟାକଗ୍ରା (୫୬ ବଲ୍‌ରୁ ୫୭ରନ)ଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ପରେ ଗାର୍ଡନରଙ୍କ ୧୮ ବଲ୍‌ରୁ ୪୮ ରନ ସହାୟତାରେ ଅଷ୍ଟ୍ରେଲିଆ ୮ ଉଇକେଟରେ ଚ୍ୟାଲେଞ୍ଜିଂ ୨୬୯ରନ କରିଥିଲା। ପରେ ଅଷ୍ଟ୍ରେଲିଆ ଚମତ୍କାର ବୋଲିଂ କରି ନ୍ୟୁଜିଲାଣ୍ଡକୁ ୩୦.୨ ଓଭରରେ ୧୨୮ ସ୍କୋରରେ ଅଲଆଉଟ କରିଦେଇଥିଲା। ଅଷ୍ଟ୍ରେଲିଆ ୩ ବିଜୟ ସହ ୬ ପଏଣ୍ଟ ପାଇ ୮ଟି ଦଳକୁ ନେଇ ଟେବୁଲ ତାଲିକାରେ ଭାରତକୁ ହଟାଇ ପ୍ରଥମ ସ୍ଥାନ ଅଧିକାର କରିଛି।



## ଲକ୍‌ଡାଉନରେ ଚାଇନାର ୧.୭ କୋଟି

**ବେଜିଂ, ୧୩।୩ :** ଚାଇନାର ଅନ୍ୟତମ ସର୍ବବୃହତ ସହର ଶେନ୍‌ଝେନ୍‌ରେ ରବିବାର ୬୬ କୋଭିଡ୍ ମାମଲା ଚିହ୍ନଟ ହେବା ସହ ଦେଶରେ ମାମଲା ସଂଖ୍ୟା ୩,୪୦୦କୁ ବୃଦ୍ଧି ପାଇଛି। ପଡୋଶୀ ହଂକଂ ସୀମାକୁ ଲାଗିଥିବା ଏହି ସହରକୁ ସମ୍ପୂର୍ଣ୍ଣ କୋଭିଡ୍ ମୁକ୍ତ କରିବା ଲାଗି ସେଠାର ସମସ୍ତ ୧.୭ କୋଟି ଲୋକଙ୍କୁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଲକ୍‌ଡାଉନରେ ରଖାଯାଇଛି। ଏହି ସମୟରେ ସାଧାରଣ ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ସରକାରୀ ବିଜ୍ଞପ୍ତିରେ କୁହାଯାଇଛି। ସମସ୍ତଙ୍କର ୩ ଥର ଲେଖାଏ କୋଭିଡ୍ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଓମିକ୍ରନ୍ ଭାରିଆଣ୍ଟ ଜନିତ ସଂକ୍ରମଣ ହଂକଂରେ ଦ୍ରୁତ ବୃଦ୍ଧି ପାଉଛି। ସେଠାରେ ରବିବାର ୩୨,୪୩୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ସଂକ୍ରମଣ ଯେପରି ଚାଇନାକୁ ନ ବ୍ୟାପେ ସେଥିପାଇଁ ଶେନଝେନ୍ କର୍ତ୍ତୃପକ୍ଷ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି।

# ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

**ନୂଆଦିଲ୍ଲୀ, ୧୩।୩(ପି.ଟି.)**

ପାର୍ଲାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ବିରୋଧୀ ଦଳଗୁଡ଼ିକ ବେରୋଜଗାରୀ, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଜମା ଉପରେ ସୁଧ ହ୍ରାସ ଏବଂ ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନ୍‌ରୁ ଭାରତୀୟଙ୍କୁ ଉଦ୍ଧାର ଆଦି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏହି ପର୍ଯ୍ୟାୟରେ ସରକାର ପାର୍ଲାମେଣ୍ଟରେ ବଜେଟ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରାଇବା ସହ ସୋମବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଲାଗି ଲୋକ ସଭାରେ ବଜେଟ ଉପସ୍ଥାପନ କରିବେ। ଏହା ବ୍ୟତୀତ ସରକାର ସମ୍ବିଧାନ (ଅନୁସୂଚିତ ଜନଜାତି) ନିର୍ଦ୍ଦେଶାବଳୀ (ସଂଶୋଧନ) ବିଲ୍ ଲୋକ ସଭାରେ ଗୃହୀତ କରାଇବା ପାଇଁ ତାଲିକାଭୁକ୍ତ କରିଛନ୍ତି।



କୋଭିଡ୍ ସଂକ୍ରମଣ କମିଥିବାରୁ ଉଭୟ ଲୋକ ସଭା ଓ ରାଜ୍ୟ ସଭା ସକାଳ ୧୧ଟାରୁ ଏକସଙ୍ଗେ ଆରମ୍ଭ ହେବ। ଜାନୁୟାରୀ ୨୯ରୁ ଫେବୃୟାରୀ ୧୧ ପର୍ଯ୍ୟନ୍ତ ଚାଲିଥିବା ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଲୋକ ସଭା ଓ ରାଜ୍ୟ ସଭା ଅଲଗା ଶିଫ୍ଟରେ ହେଉଥିଲା। ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରିଥିଲେ।

### ବେରୋଜଗାରି, ଇପିଏଫ୍ ସୁଧ ହ୍ରାସ ପ୍ରସଙ୍ଗରେ ସରକାରଙ୍କୁ ଘେରିବେ ବିରୋଧୀ

ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ପୂର୍ବରୁ ରବିବାର ସକାଳେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବାସଭବନରେ କଂଗ୍ରେସ ସଂସଦୀୟ ନୀତିନିର୍ଦ୍ଧାରଣ ଗୋଷ୍ଠୀର ବୈଠକ ବସିଥିଲା। ଅଧିବେଶନରେ ସମଭାବାପନ୍ନ ଦଳଗୁଡ଼ିକ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ କହିଛନ୍ତି।

## ଆମେରିକା ବାଣିଜ୍ୟିକ ଦୂତାବାସ ନିକଟରେ ଇରାନର କ୍ଷେପଣାସ୍ତ୍ର ମାଡ଼

**ବାଗଦାଦ, ୧୩।୩**

ଉତ୍ତର ଇରାକର ଇର୍ବିଲ ସହରରେ ଥିବା ଆମେରିକା ବାଣିଜ୍ୟିକ ଦୂତାବାସ କମ୍ପ୍ଲେକ୍ସ ନିକଟରେ ରବିବାର ୧୨ଟି ମିଶାଇଲ ମାଡ଼ ହୋଇଛି। ଇରାନରୁ ଏହି କ୍ଷେପଣାସ୍ତ୍ରଗୁଡ଼ିକ ଛଡ଼ାଯାଇଥିବା ଆମେରିକା ପ୍ରତିରକ୍ଷା ଅଧିକାରୀ ଏବଂ ଇରାକ କର୍ତ୍ତୃପକ୍ଷ କହିଛନ୍ତି। ଆକ୍ରମଣରେ କେହି ମୃତାହତ ହୋଇନାହାନ୍ତି। ତେବେ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ଆମେରିକା ବାଣିଜ୍ୟିକ ଦୂତାବାସ ଆକ୍ରମଣର ଲକ୍ଷ୍ୟସ୍ଥଳ ଥିଲା ବୋଲି ଇରାକୀ ଅଧିକାରୀମାନେ କହିଛନ୍ତି। ତେବେ କୌଣସି କ୍ଷେପଣାସ୍ତ୍ର ଆମେରିକା କନ୍‌ସୁଲେଟ କମ୍ପ୍ଲେକ୍ସରେ ମାଡ଼ ନ କରି ଏହା ବାହାରେ ପଡ଼ିଥିଲା। ପ୍ରକୃତରେ କେତେ ମିଶାଇଲ୍ ଛଡ଼ାଯାଇଥିଲା ତାହା ସ୍ପଷ୍ଟ ହୋଇ ନ ଥିବା ଆମେରିକା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। କନ୍‌ସୁଲେଟ୍ ନିକଟରେ ଥିବା କୁର୍ଦ୍ଦିସ୍ତାନ୨୪ ସାଟେଲାଇଟ୍ ବ୍ରଡକାଷ୍ଟ ଚ୍ୟାନେଲ୍ ଷ୍ଟୁଡିଓ କ୍ଷତିଗ୍ରସ୍ତ ହୋଇଛି। କିଛିଦିନ ପୂର୍ବରୁ ସିରିଆ ରାଜଧାନୀ ଡାମାସ୍କସ୍ ନିକଟରେ ଇସ୍ରାଏଲ୍ ଆକ୍ରମଣରେ ରିଭଲ୍ୟୁଶନାରୀ ଗାର୍ଡର ୨ ସଦସ୍ୟ ନିହତ ହୋଇଥିଲେ। ଇସ୍ରାଏଲ୍ ଆକ୍ରମଣର ଜବାବ ଦିଆଯିବ ବୋଲି ଇରାନ କହିଥିଲା।


**ମନେ ପଡ଼ନ୍ତି**
**ଏକାଦଶାହ ଶ୍ରଦ୍ଧାଞ୍ଜଳି**

**୰ଗୌରୀଶଙ୍କର ରାଉତରାୟ**
(ମନ୍ତୁ)
ଆବିର୍ଭାବ: ୦୬।୦୬।୧୯୪୭
ତିରୋଧାନ: ୦୪।୦୩।୨୦୨୨
କଳା, ସାହିତ୍ୟ, ସଂସ୍କୃତି, ପରିବେଶ ସୁରକ୍ଷା ଓ ସମାଜସେବା କ୍ଷେତ୍ରରେ ତୁମେ ଥିଲ ଖୋର୍ଦ୍ଧାର ଏକ ଅନୁଷ୍ଠାନ। ଆପଣଙ୍କ ଅବର୍ତ୍ତମାନରେ ଗୁରୁଜଙ୍ଗ ମାଟି ଝୁରୁଛି, ଝୁରୁଥିବ ସାରା ଦିନ ।
ଶୋକସନ୍ତପ୍ତ: ପତ୍ନୀ: ଜ୍ୟୋତ୍ସ୍ନା, ପୁତ୍ର: ପିନାକୀ, ପ୍ରିତମ, ପୁତ୍ରବଧୂ: ସୁଜାତା, ସୋନାଲିସା, ପରିବାରବର୍ଗ ଏବଂ ଆଶ୍ୱାସନା ପରିବାର ।
ଧ-୬୮୮୯୮


## ଶତ୍ରୁଘ୍ନ ସିହ୍ନା, ବାବୁଲ ସୁପ୍ରିୟୋ ଟିଏମ୍‌ସି ପ୍ରାର୍ଥୀ


ବାବୁଲ ସୁପ୍ରିୟୋ


ଶତ୍ରୁଘ୍ନ ସିହ୍ନା

**ପଶ୍ଚିମବଙ୍ଗ ଉପନିର୍ବାଚନ**

**କୋଲକାତା, ୧୩।୩(ଆଇଏଏନ୍‌ଏସ୍):** ପଶ୍ଚିମବଙ୍ଗରେ ଏପ୍ରିଲ ୧୨ରେ ହେବାକୁ ଥିବା ଉପନିର୍ବାଚନ ଲାଗି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୁଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶତ୍ରୁଘ୍ନ ସିହ୍ନା ଏବଂ ବାବୁଲ ସୁପ୍ରିୟୋଙ୍କୁ ପ୍ରାର୍ଥୀ ଘୋଷଣା କରିଛନ୍ତି। ଆସାନସୋଲ ଲୋକ ସଭା ଆସନ ଲାଗି ଶତ୍ରୁଘ୍ନ ଟିଏମ୍‌ସି ପ୍ରାର୍ଥୀ ହୋଇଥିବାବେଳେ ସୁପ୍ରିୟୋ ବଲ୍ଲିଗୁଙ୍ଗେ ବିଧାନସଭା ଆସନ ଲାଗି ଲଢ଼ିବେ। ଦୁଇଥର ଭାଜପାରୁ ଏମ୍‌ପି ହୋଇଥିବା ସୁପ୍ରିୟୋ ଦଳ ଛାଡ଼ି ଟିଏମ୍‌ସିରେ ଯୋଗଦେବା ପରେ ଆସାନସୋଲ ଆସନ ଖାଲିପଡ଼ିଥିଲା। ସେହିପରି ମନ୍ତ୍ରୀ ସୁବ୍ରତ ମୁଖାର୍ଜିଙ୍କ ମୃତ୍ୟୁ ଯୋଗୁ ବଲ୍ଲିଗୁଙ୍ଗେ ବିଧାନସଭା ଆସନ ଖାଲି ହୋଇଥିଲା।

# କଶ୍ମୀର ଇତିହାସର କଳା ଅଧ୍ୟାୟ

### 'ଦି କଶ୍ମୀର ଫାଇଲ୍ସ': ୨ ଦିନରେ ୧୨.୦୫ କୋଟି ବ୍ୟବସାୟ

**ମୁମ୍ବାଇ, ୧୩।୩**

ବଡ଼ ବ୍ୟାନର୍ କିମ୍ବା ଖ୍ୟାତନାମା ନାୟକ, ନାୟିକା ଅଭିନୟ କରିଥିବା ଫିଲ୍ମ ନଗ୍ନତାକୁ ପ୍ରତିଫଳିତ କରୁଥିଲେ ଯେ ତାହା ବକ୍ସ ଅଫିସରେ ଭଲ ବ୍ୟବସାୟ କରିବ ଅବା ଦର୍ଶକଙ୍କୁ ପ୍ରସନ୍ଦ ଆସିବ ସେ କଥାକୁ ଭୁଲ୍ ପ୍ରମାଣିତ କରି ଦେଖାଇଛି 'ଦି କଶ୍ମୀର ଫାଇଲ୍ସ'। ରିଲିଜ୍‌ର ଦ୍ୱିତୀୟ ଦିନରେ ଫିଲ୍ମଟି ୮.୫ କୋଟିର ବ୍ୟବସାୟ କରିଥିବାବେଳେ ଦୁଇଦିନରେ ୧୨.୦୫ କୋଟି ଟଙ୍କା ଆୟ କରିଛି। ବକ୍ସ ଅଫିସ୍‌ରେ ଦମ୍‌ଦାର ପ୍ରଦର୍ଶନ କରିବାରେ ଲାଗିଛି ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ ଦି କଶ୍ମୀର ଫାଇଲ୍ସ। ୮୦ ଓ ୯୦ ଦଶକ ବେଳେ କଶ୍ମୀର ପଣ୍ଡିତଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ଉପରେ ଫିଲ୍ମର କାହାଣୀ ପର୍ଯ୍ୟବସିତ।

ବିବେକଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମ ଦି ତାସକେଣ୍ଟ ଫାଇଲ୍ସ ଦର୍ଶକଙ୍କୁ ପସନ୍ଦ ଆସିଥିଲେ ସୁଦ୍ଧା ବକ୍ସ ଅଫିସରେ ଭଲ ବ୍ୟବସାୟ କରି ନ ଥିଲା। ସମାନ ପ୍ରକାର ବ୍ୟବସାୟ ହେବା ନେଇ ଦି କଶ୍ମୀର ଫାଇଲ୍ସ ଟିମ୍ ଆଶା ରଖିଥିବାବେଳେ ଏହା ସମ୍ପୂର୍ଣ୍ଣ ବିପରୀତ ଫଳାଫଳ ଦେଇଛି।



ସେପଟେ ଫିଲ୍ମକୁ ନେଇ ବି' ଟାଉନ୍‌ରେ ବଲିଉଡ୍ କୁଇନ୍ କଙ୍ଗନା ସମାଲୋଚନା ଆରମ୍ଭ କରିଦେଇଛନ୍ତି। ସୋସିଆଲ ମିଡିଆକୁ ଅସ୍ତ୍ର ବନେଇଥିବା କଙ୍ଗନା ରବିବାର ଏକ ପୋଷ୍ଟ ଶେୟାର କରି ଦି କଶ୍ମୀର ଫାଇଲ୍ସ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ବି' ଟାଉନ୍ ଚୁପ୍ ରହିବାକୁ ନେଇ ସେ କଟାକ୍ଷ କରି ଲେଖିଛନ୍ତି ଯେ, ଦି କଶ୍ମୀର ଫାଇଲ୍ସକୁ ନେଇ ବଲିଉଡ୍ ଇଣ୍ଡଷ୍ଟ୍ରିରେ ଏତେ ନୀରବତା କ'ଣ ପାଇଁ?

ରିଲିଜ୍ ପୂର୍ବରୁ ଫିଲ୍ମକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। କୌଣସି ବଡ଼ କଳାକାର ଅଭିନୟ କରି ନ ଥିବାରୁ ଫିଲ୍ମର ପ୍ରମୋଶନ ପାଇଁ କପିଲ ଶର୍ମା ମନା କରି ଦେଇଥିବା ଅଭିଯୋଗ ଆଣିଥିଲେ ବିବେକ। ଫିଲ୍ମର କୌଣସି କମର୍ସିଆଲ୍ ପ୍ରମୋଶନ କରାଯାଇ ନ ଥିବାବେଳେ ଦେଶବ୍ୟାପୀ ୭୦୦ ପ୍ରେକ୍ଷାଳୟରେ ଫିଲ୍ମ ରିଲିଜ୍ ହୋଇଛି।

## ୟୁକ୍ରେନ୍ ଫେରନ୍ତାଙ୍କୁ ଭାରତରେ ଶିକ୍ଷା ସୁଯୋଗ ଦିଆଯାଉ

### ସୁପ୍ରିମକୋର୍ଟରେ ପିଆଇଏଲ୍

**ନୂଆଦିଲ୍ଲୀ, ୧୩।୩ (ପି.ଟି.)**

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ନିକଟରେ ଫେରିଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ଭାରତୀୟ ମେଡିକାଲ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ସହ ପାଠପଢ଼ା ଜାରି ରଖିବା ଲାଗି ନିର୍ଦ୍ଦେଶ ଦେବାକୁ ନିବେଦନ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ଭାରତୀୟ ପାଠ୍ୟକ୍ରମରେ ସେମାନଙ୍କୁ ନାମଲେଖା ପାଇଁ ଡାକ୍ତରୀ ବିଷୟ ସମତୁଲ୍ୟ ଓରିଏଣ୍ଟେଶନ ପ୍ରୋଗ୍ରାମ ଯୋଗାଇ ଦେବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ କୁହାଯାଇଛି। ଆଇନଜୀବୀ ରାଣା ସନ୍ଦିପ୍ ବୁସା ଓ ଅନ୍ୟମାନେ ଦାଖଲ କରିଥିବା ରିଟ୍ ପିଟିଶନରେ ଦର୍ଶାଇଛନ୍ତି ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ଜୀବନ ଓ ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷା ପ୍ରମୁଖ ମୌଳିକ ଅଧିକାର। ୟୁକ୍ରେନ୍‌ରୁ ଫେରିଆସିଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଭାରତରେ ଜାରି ରଖିବା ଲାଗି ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି।


**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637, 9471160476
Whatsapp: 8902923601

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କିଡ୍‌ନୀ ସମସ୍ୟା ଓ ଡାଏଲିସିସ୍


ଡା. ନିତ୍ୟାନନ୍ଦ ସ୍ୱାଇଁ

"କିଡ୍‌ନୀ ଏପରି ଏକ ଅଙ୍ଗ, ଯାହାର କାର୍ଯ୍ୟ ଅକ୍ଷମତା ଅନେକ ଡେରିରେ ଧରାପଡ଼େ । ଅଙ୍ଗଟି ପ୍ରାୟ ୮୦-୯୦ ଶତାଂଶ ଅକ୍ଷମ ହୋଇପଡ଼ିବାର ପୂର୍ବ ପର୍ଯ୍ୟନ୍ତ ରୋଗୀକୁ ସେ ସମ୍ପର୍କରେ କିଛି ଜଣାପଡ଼େନି । ପୁଣି ଅନେକ କ୍ଷେତ୍ରରେ ଗୋଟିଏ କିଡ୍‌ନୀ କାର୍ଯ୍ୟରହିତ ହୋଇଥିଲେ ମଧ୍ୟ ଅନ୍ୟଟି ସନ୍ତୋଷଜନକ ଭାବରେ କାର୍ଯ୍ୟ କରିଚାଲିଥିବାରୁ କିଡ୍‌ନୀ ଅସୁସ୍ଥତା ବିଷୟରେ କୌଣସି ସୂଚନା ନ ମିଳିବା କିଛି ଅସ୍ୱାଭାବିକ ନୁହେଁ।"



ଆମମାନଙ୍କ ଜୀବନଯାତ୍ରା ଏବେ ଖୁବ୍ ପରିବର୍ତ୍ତିତ ହୋଇଗଲାଣି। ଫଳରେ ବଢ଼ି ବଢ଼ି ଚାଲିଛି ଡାଇବେଟିସ୍, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମେଦବହୁଳତା ଓ କ୍ରନିକ୍ କିଡ୍‌ନୀ ଡିଜିଜ୍ ବା ଦୀର୍ଘକାଳୀକ ବୃକ୍କ ରୋଗ। ୨୦୧୯ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ପରିସଂଖ୍ୟାନ ଅନୁଯାୟୀ ପୃଥିବୀର ପ୍ରାୟ ୮୫ କୋଟି ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ। ସେମାନଙ୍କ ମଧ୍ୟରେ ପାଖାପାଖି ୨୪ ଲକ୍ଷ ରୋଗୀ ପ୍ରତିବର୍ଷ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଆମ ଦେଶରେ ମଧ୍ୟ କ୍ରନିକ୍ କିଡ୍‌ନୀ ରୋଗୀଙ୍କ ସଂଖ୍ୟା କିଛି କମ୍ ନୁହେଁ।

**କିଡ୍‌ନୀର କାମ:**

ଆମ ପେଟ ଭିତରେ ମେରୁ ଦଣ୍ଡର ବାମ ଓ ଡାହାଣ ପଟେ ଥାଏ ଗୋଟିଏ ଲେଖାଏ କିଡ୍‌ନୀ। କିଡ୍‌ନୀର ଆକୃତି ଶିମ୍ବ ମଞ୍ଜି ଭଳି ଓ ପ୍ରତ୍ୟେକର ଓଜନ ୧୫୦ ଗ୍ରାମ ପାଖାପାଖି। କିଡ୍‌ନୀ ଦୁଇଟି ଶରୀରର ରକ୍ତଛଣା ଅଙ୍ଗ। ଏହା ଭିତର ଦେଇ ରକ୍ତ ପ୍ରବାହିତ ହେଲେ ଏହା ସେହି ରକ୍ତକୁ ଛାଣି ପ୍ରୋଟିନ୍ ଭଳି ଦରକାରୀ ଉପାଦାନ ରକ୍ତରେ ରଖିଦିଏ ଏବଂ ୟୁରିଆ, ୟୁରିକ୍ ଏସିଡ୍, କ୍ରିଏଟିନିନ୍, କ୍ଲୋରାଇଡ ଫସ୍‌ଫେଟ୍, ସଲ୍‌ଫେଟ୍ ଆଦି କେତେକ ଅଦରକାରୀ ଉପାଦାନକୁ ପରିସ୍ରା ବାଟେ ଶରୀରରୁ ନିଷ୍କାସନ କରିଦିଏ। ଏହାର ଅନ୍ୟାନ୍ୟ କାର୍ଯ୍ୟ ଥିଲେ ମଧ୍ୟ ଅପ୍ରୟୋଜନ ଉପାଦାନଗୁଡ଼ିକୁ ଦେହରୁ ବାହାର କରିଦେବା କିଡ୍‌ନୀର ପ୍ରଧାନ କାର୍ଯ୍ୟ। ତେଣୁ ଏହି ଅଙ୍ଗଟି ରୋଗଗ୍ରସ୍ତ ହୋଇପଡ଼ିଲେ ସେହି ଅଦରକାରୀ କ୍ଷତିକାରୀ ପଦାର୍ଥଗୁଡ଼ିକ ଦେହରୁ ବାହାରି ନ ପାରି ରକ୍ତରେ ଜମି ଚାଲେ। ଏହାର ପରିଣାମରେ ରୋଗୀର ଜୀବନ ପାଇଁ ଜାତ ହୋଇପଡ଼େ ମହାସଙ୍କଟ।

**କିଡ୍‌ନୀର ଅକ୍ଷମତା:**

କିଡ୍‌ନୀ ଏପରି ଏକ ଅଙ୍ଗ ଯାହାର କାର୍ଯ୍ୟ ଅକ୍ଷମତା ଅନେକ ଡେରିରେ ଧରାପଡ଼େ। ଅଙ୍ଗଟି ପ୍ରାୟ ୮୦-୯୦ ଶତାଂଶ ଅକ୍ଷମ ହୋଇପଡ଼ିବାର ପୂର୍ବ ପର୍ଯ୍ୟନ୍ତ ରୋଗୀକୁ ସେ ସମ୍ପର୍କରେ କିଛି ଜଣାପଡ଼େନି। ପୁଣି ଅନେକ କ୍ଷେତ୍ରରେ ଗୋଟିଏ କିଡ୍‌ନୀ କାର୍ଯ୍ୟରହିତ ହୋଇପଡ଼ିଥିଲେ ମଧ୍ୟ ଅନ୍ୟଟି ସନ୍ତୋଷଜନକ ଭାବରେ



କାର୍ଯ୍ୟ କରି ଚାଲିଥିବାରୁ କିଡ୍‌ନୀ ଅସୁସ୍ଥତା ବିଷୟରେ କୌଣସି ସୂଚନା ନ ମିଳିବା କିଛି ଅସ୍ୱାଭାବିକ ନୁହେଁ।

ଦୁଇଟିଯାକ କିଡ୍‌ନୀ ସୁସ୍ଥ ଭାବରେ କାମ କରି ଚାଲିଥିବାବେଳେ ବିଭିନ୍ନ କାରଣବଶତଃ ଏହା ହଠାତ୍ ଅକାମୀ ହୋଇପଡ଼େ। ଏପରି ଅବସ୍ଥାକୁ କୁହାଯାଏ 'ଆକ୍ୟୁଟ ରେନାଲ ଫେଲ୍ୟୁର୍' ବା ଏଆର୍‌ଏଫ୍। କିଡ୍‌ନୀ ମଧ୍ୟଦେଇ ଯଥେଷ୍ଟ ରକ୍ତ ପ୍ରବାହିତ ହୋଇ ନ ପାରିବା ଯୋଗୁ ଏହାର ଅକ୍ଷମତା ଉପୁଜେ। ତରଳ ଝାଡ଼ା, ବାନ୍ତି ଯୋଗୁ ଡିହାଇଡ୍ରେଶନ୍ ହେବା, ଶରୀରରୁ ଅଧିକ ରକ୍ତକ୍ଷୟ ଘଟିବା, ଚର୍ମର ବେଶି ଅଂଶ ପୋଡ଼ିଯିବା, ସଂକ୍ରମଣ ବଢ଼ି ସେପ୍ଟିସିମିଆ ହେବା, ଅଂଶୁଘାତ ହେବା, ବିଷାକ୍ତ ସାପ କାମୁଡ଼ିବା, ବିଷ ଖାଇବା ଇତ୍ୟାଦି କାରଣରୁ ପ୍ରକାଶ ପାଏ ଆକ୍ୟୁଟ୍ କିଡ୍‌ନୀ ଅକ୍ଷମତା। ଏହା ମାରାତ୍ମକ ହୋଇଥିଲେ ମଧ୍ୟ ବିହିତ ଚିକିତ୍ସା ଫଳରେ ସୁଫଳ ମିଳିବାର ସମ୍ଭାବନା ବେଶି।

**ଲକ୍ଷଣ:**

ପରିସ୍ରାର ପରିମାଣ କମିଯିବା, ଅଇ ଉଠିବା, ବାନ୍ତି ହେବା, ଭୋକ ମରିଯିବା, ଦୁର୍ବଳତା ଅନୁଭବ କରିବା, ନିଦୁଆ ନିଦୁଆ ଲାଗିବା, ଶ୍ୱାସକଷ୍ଟ ହେବା, ପାଦ ଫୁଲିବା ଆଦି ଏହାର କେତୋଟି ସାଧାରଣ ଲକ୍ଷଣ।

ଅନ୍ୟ ପକ୍ଷରେ ରକ୍ତଚାପ ବଢ଼ି ଦୀର୍ଘଦିନ ଧରି ଅନିୟନ୍ତ୍ରିତ ଅବସ୍ଥାରେ ରହିଲେ, ଡାଇବେଟିସ୍ ନିୟନ୍ତ୍ରଣରେ ନ ଥିଲେ, କିଡ୍‌ନୀ ବାରମ୍ବାର ସଂକ୍ରମିତ ହେଲେ କିମ୍ବା ଯନ୍ତ୍ରଣା କମେଇବା ପାଇଁ ମୁଠା ମୁଠା ପେନ୍‌କିଲର୍ ଔଷଧ ଖାଇବା ଓ ପୁରୁଷଙ୍କଠାରେ ପ୍ରୋଷ୍ଟେଟ୍ ବଢ଼ିଥିଲେ କିଡ୍‌ନୀର କାର୍ଯ୍ୟଦକ୍ଷତା ଧୀରେ ଧୀରେ ହ୍ରାସ ପାଇ ତାହା କାର୍ଯ୍ୟରହିତ ହୋଇପଡ଼େ। ଏପରି ଅବସ୍ଥାକୁ କୁହାଯାଏ ଦୀର୍ଘକାଳୀକ କିଡ୍‌ନୀ ଅକ୍ଷମତା। ଡାକ୍ତରୀ ଭାଷାରେ 'କ୍ରନିକ୍ ରେନାଲ୍ ଫେଲ୍ୟୁର୍' ବା ସିଆର୍‌ଏଫ୍। ସିଆର୍‌ଏଫ୍‌କୁ ମଧ୍ୟ କ୍ରନିକ କିଡ୍‌ନୀ ଡିଜିଜ୍ ବା ସିକେଡି ବୋଲି କହନ୍ତି। ଏହି କ୍ରନିକ୍ ଅକ୍ଷମତାର ପ୍ରଥମ ଅବସ୍ଥାରେ କୌଣସି ଲକ୍ଷଣ ପ୍ରକାଶ ନ ପାଇପାରେ। ପରେ ପରେ ପରିସ୍ରାର ପରିମାଣ କମିଯାଏ, ଦୁର୍ବଳ ଲାଗେ, ଅଇ ଉଠେ, ଭୋକ ହୁଏନି, ଦେହ ହାତ କୁଣ୍ଡେଇ ହୁଏ, ରକ୍ତ କମିଯାଇ ରୋଗୀ ଅଚେତ ହେବା ଦେଖାଯାଏ, ଶ୍ୱାସ କଷ୍ଟ ହୁଏ ଓ ମୁହଁ, ପାଦ ଫୁଲେ।

ସିକେଡିର ପାଞ୍ଚଟି ପର୍ଯ୍ୟାୟ ଥାଏ। ପ୍ରଥମ ୪ଟି ପର୍ଯ୍ୟାୟଭୁକ୍ତ ରୋଗୀମାନେ ଔଷଧ ଚିକିତ୍ସାରେ ଉପଶମ ପାଇଥାନ୍ତି। ପଞ୍ଚମ ପର୍ଯ୍ୟାୟରେ ରୋଗୀଙ୍କ ପାଇଁ ଦରକାର ପଡ଼େ ଡାଏଲିସିସ୍ କିମ୍ବା କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟେଶନ୍ ବା ବୃକ୍କ ପ୍ରତିରୋପଣ। କିନ୍ତୁ ଡାଏଲିସିସ୍ ଅସ୍ଥାୟୀ ପ୍ରତିକାର ହୋଇଥିବା ବେଳେ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟେଶନ୍ ହେଉଛି ସ୍ଥାୟୀ ପ୍ରତିକାର।

**ଡାଏଲିସିସ୍ କ'ଣ:**

ଡାଏଲିସିସ୍ ହେଉଛି ରାସାୟନିକ ଉପାଦାନଗୁଡ଼ିକର ଏକ ପୃଥକୀକରଣ ପଦ୍ଧତି। କିଡ୍‌ନୀଦ୍ୱୟ କାମ କରିବା ପାଇଁ ଅକ୍ଷମ ହୋଇପଡ଼ିଲେ ଡାଏଲିସିସ୍ ପଦ୍ଧତିଟି କିଡ୍‌ନୀ ଭଳି ରକ୍ତ ଛାଣିବା କାମ ତୁଲେଇଥାଏ। ରକ୍ତରେ ଥିବା କୋଷିକା ଓ ପ୍ରୋଟିନ୍ ଅଣୁ ଇତ୍ୟାଦିକୁ ବାହାର କରି ନ ଦେଇ ରକ୍ତରେ ଜମି ଯାଇଥିବା ଅଦରକାରୀ ତଥା କ୍ଷତିକାରୀ ଉପାଦାନଗୁଡ଼ିକୁ ନିଷ୍କାସନ କରିଦିଏ। ଡାଏଲିସିସ୍‌ରେ ବ୍ୟବହୃତ ହୋଇଥାଏ ସେମିପର୍‌ମିଏବଲ୍ ପରଦା। ଏହି ପରଦାଟି ସେଲ୍ୟୁଲୋଜ୍ ଏସିଟେଟ୍ କିମ୍ବା ପଲି ୟୁରେଥେନ୍ କିମ୍ବା ନାଇଟ୍ରୋ ସେଲ୍ୟୁଲୋଜ୍ ନାମକ ଉପାଦାନରେ ତିଆରି। ପରଦାଟିରେ ରହିଥାଏ ବିଭିନ୍ନ ଆକାର ବିଶିଷ୍ଟ ସୂକ୍ଷ୍ମ ଛିଦ୍ରମାନ। ସେହି ଛିଦ୍ରଗୁଡ଼ିକ ମଧ୍ୟ ଦେଇ ରକ୍ତରେ ଜମି ଥିବା କ୍ଷତିକାରୀ ବର୍ଜ୍ୟ ଉପାଦାନମାନ ରକ୍ତ ଭିତରୁ ପରଦାର ଅନ୍ୟପଟେ ରହିଥିବା ଡାଏଲିସିସ୍ ଦ୍ରବଣ ବା ଡାୟାଲାଇସେଟ୍ ଭିତରକୁ ସ୍ଥାନାନ୍ତରିତ ହୋଇଯାଏ। ଫଳରେ ରକ୍ତରେ ହ୍ରାସ ପାଏ ସେହି ସବୁ ବର୍ଜ୍ୟର ପରିମାଣ। ରକ୍ତ କୋଷିକା ଓ ପ୍ରୋଟିନ୍ ଅଣୁ ଭଳି ବଡ଼ ଆକାରର ଉପାଦାନମାନ ଉକ୍ତ ସେମିପର୍‌ମିଏବଲ୍ ପରଦାକୁ ଭେଦି ଅନ୍ୟପଟକୁ ଯାଇପାରନ୍ତିନି।

ଆକ୍ୟୁଟ୍ ରେନାଲ୍ ଫେଲ୍ୟୁର୍ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେଶନ୍ ପାଇଁ ଅପେକ୍ଷା କରିଥିବା କ୍ରନିକ୍ ରେନାଲ୍ ଫେଲ୍ୟୁର୍ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେଶନ୍ ସମ୍ଭବ ହୋଇ ପାରୁ ନ ଥିବା ରୋଗୀମାନଙ୍କ ପାଇଁ ଡାଏଲିସିସ୍ ହିଁ ଏକମାତ୍ର ସନ୍ତୋଷଜନକ ପନ୍ଥା। (କ୍ରମଶଃ..)

-ଅଭିପ୍ସା, ସେକ୍ଟର-୬, ପ୍ଲଟ ନଂ- ୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭

## ପ୍ରାକୃତିକ ପେନ୍‌କିଲର



ରୋଗୀର ରୋଗକୁ ନିରୂପଣ କରି ସେହି ଅନୁସାରେ ଡାକ୍ତର ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ରୋଗରୁ ଶୀଘ୍ର ଆରୋଗ୍ୟ ପାଇବା ପାଇଁ ପେନ୍‌କିଲର ଖାଇବାର ଦେଖାଯାଇଥାଏ। ତେବେ ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ପୁଣି କେତେକ ପରିସ୍ଥିତିକୁ ଦେଖି ପେନ୍‌କିଲର ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ବୋଲି ଡାକ୍ତରମାନେ କହିଥାନ୍ତି। ଶରୀରରେ କେଉଁଠି ପେନ୍ ହେଲେ, ବ୍ୟଥା ଲାଗିଲେ ଆମେ ଆବଶ୍ୟକତାଠାରୁ ଅଧିକ ପେନ୍‌କିଲର ଖାଇଦେଇଥାଉ। କିନ୍ତୁ କେତେକ ପେନ୍‌କିଲରର ସାଇଡ୍ ଇଫେକ୍ଟ ରହିଛି। ଏପରି କେତୋଟି ପ୍ରାକୃତିକ ଦ୍ରବ୍ୟ ରହିଛି, ଯାହାକୁ ପ୍ରାକୃତିକ ପେନ୍‌କିଲର ଭାବରେ ଆପଣ ବ୍ୟବହାର କରିପାରନ୍ତି। କାରଣ ଏଗୁଡ଼ିକରେ ଥିବା ଔଷଧୀୟ ଗୁଣ ଅଳ୍ପ ସମୟ ଭିତରେ ଉପଶମ ଦେଇଥାଏ। ପ୍ରାକୃତିକ ଭାବରେ ଶରୀର ପାଇଁ ହଳଦୀ ବହୁତ ଭଲ। ଏଥିରେ ଥିବା ଔଷଧୀୟ ଗୁଣ ସ୍ୱାସ୍ଥ୍ୟ ପାଇଁ ହିତକର। ତେବେ ଶରୀର ଦରଜ ଲାଗିଲେ, ଗଣ୍ଠିବାତ କିମ୍ବା ମାଡ଼ ହୋଇ ବିନ୍ଧାବିନ୍ଧି ହେଉଥିଲେ ସୋରିଷ ତେଲରେ ହଳଦୀ ଓ ରସୁଣକୁ ପକାଇ ଉଷୁମ କରନ୍ତୁ। ଏହି ତେଲକୁ ଦରଜ ସ୍ଥାନରେ ଲଗାଇଲେ ଆରାମ ଲାଗିବ। ଜାଣନ୍ତି କି ପାଣି ପିଇବା ଦ୍ୱାରା ମଧ୍ୟ ଦରଜରୁ ମୁକ୍ତି ମିଳିଥାଏ। ଏଥିପାଇଁ ସବୁବେଳେ ଅଧିକରୁ ଅଧିକ ପାଣି ପିଅନ୍ତୁ। ଋତୁସ୍ରାବ ସମୟରେ ମହିଳାମାନେ ଅଧିକ ପାଣି ପିଇବା ଦ୍ୱାରା ପେଟ ଦରଜରୁ ଆରାମ ଲାଗିଥାଏ। ଦାନ୍ତ ବିନ୍ଧୁଥିଲେ ଦରଜ ସ୍ଥାନରେ ଲବଙ୍ଗ ଜାକି ରଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ଦରଜରୁ ମୁକ୍ତି ମିଳିବ।

## ଅବସାଦଗ୍ରସ୍ତ ହୋଇଥିଲେ...

ଅବସାଦ ଆଜିକାଲି ଏକ ସାଧାରଣ କଥା ପାଲଟିଗଲାଣି। ଏ ନେଇ ଆମେ ସତର୍କ ରହିବା ନିହାତି ଜରୁରୀ। ନ ହେଲେ ପରବର୍ତ୍ତୀ ସମୟରେ ଆମେ ଆଉ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେବେ ଏପରି ସମସ୍ୟାଠାରୁ ନିଜକୁ



କିପରି ଦୂରେଇ ରଖିବେ ତାହା ଅନେକାଂଶରେ ନିଜ ଉପରେ ହିଁ ନିର୍ଭର କରିଥାଏ। ଖାସ୍ କଥା ହେଲା, ଏହାର ଏକ ସରଳ ତଥା ସହଜ ଉପାୟ ଆପଣଙ୍କ ହାତପାହାନ୍ତାରେ ରହିଛି। ତାହା କ'ଣ ଜାଣନ୍ତି ? ଯଦି ଆପଣ ଅଧିକାଂଶ ସମୟ ନିଜ ମାନସିକତାକୁ ସକାରାତ୍ମକ ରଖିପାରିଲେ ତେବେ ଅବସାଦର ସମ୍ମୁଖୀନ ହେବାର ଆଶଙ୍କା ଅନେକାଂଶରେ କମ୍ ରହିଥାଏ। ୱାଶିଂଟନ୍ ୟୁନିଭର୍ସିଟି ମନୋବିଜ୍ଞାନୀମାନେ ନିକଟରେ ଏପରି ସୂଚନା ଦେଇଛନ୍ତି। 'ସକାରାତ୍ମକ ମାନସିକତା ଏବଂ ଅବସାଦ' ଶୀର୍ଷକ ବିଷୟକୁ ନେଇ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଥିଲା ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜକୁ ଅବସାଦଠାରୁ ଅନେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ।

## ଓଜନକୁ ସନ୍ତୁଳିତ ରଖିବାର ସରଳ ଉପାୟ






ଖରାଦିନ ହୋଇଥିବାରୁ ମୃଦୁ ପାନୀୟଠାରୁ ଆରମ୍ଭ କରି ଆଖୁ ରସ, ଲସି, ପଇଡ଼ ପାଣିର ଚାହିଦା ରହିଥାଏ। ତେବେ ପଇଡ଼ ପାଣି ଶରୀର ପାଇଁ ବହୁତ ଲାଭଦାୟକ। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ, ଏନ୍‌ଜାଇମ୍, ଭିଟାମିନ୍ ବି-କମ୍ପ୍ଲେକ୍ସ ଏବଂ ଭିଟାମିନ୍ 'ସି' ଭରପୂର ମାତ୍ରାରେ ରହିଛି। କେବଳ ଖରାଦିନେ ନୁହେଁ ଯେତେବେଳେ ଚାହିଁଲେ ବି ଆପଣ ଏହାକୁ ପିଇପାରିବେ। ନିୟମିତ ପଇଡ଼ ପାଣି ପିଇବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିଥାଏ। ଶରୀରରେ କୋଲେଷ୍ଟରଲ ବଢ଼ିଗଲେ ନାନାପ୍ରକାର ରୋଗ ଦେଖାଯାଏ। ନିଜ ଖାଦ୍ୟ ତାଲିକାରେ ପଇଡ଼ ପାଣିକୁ ସାମିଲ କରନ୍ତୁ। ପଇଡ଼ ପାଣିରେ ଆଣ୍ଟି ଅକ୍ସିଡାଣ୍ଟର ପରିମାଣ ଅଧିକ ଥାଏ, ଯାହା ଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ। ଏଥିରେ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ଭରିରହିଛି। ପ୍ରତିଦିନ ଏହାକୁ ପିଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହା ମଧ୍ୟ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିଥାଏ। ଗ୍ୟାଷ୍ଟ୍ରିକ୍ ସମସ୍ୟା ଦୂର କରିବାରେ ଏହା ମଧ୍ୟ କେତେକାଂଶରେ ସହାୟକ ହୋଇଥାଏ। କିଡ୍‌ନୀ ପାଇଁ ମଧ୍ୟ ଏହା ହିତକର।

## କୋଲେଷ୍ଟରଲ କମାଏ ଦହି



ଅଧିକାଂଶ ଲୋକ ନିଜ ଖାଦ୍ୟ ତାଲିକାରେ ଦହିକୁ ସାମିଲ କରିଥାନ୍ତି। ଦହିରେ ଅନେକ ପୋଷକ ତତ୍ତ୍ୱ ଭରିରହିଛି। ଏଥିରେ ପ୍ରୋଟିନ୍, କ୍ୟାଲସିୟମ୍, ଭିଟାମିନ୍ ସି, ଭିଟାମିନ୍ ବି-୬ ଏବଂ ଭିଟାମିନ୍ ବି-୧୨ ଭଳି ପୋଷକ ତତ୍ତ୍ୱ ଭରପୂର ରହିଛି। ଦହି ଖାଇବା ଦ୍ୱାରା କୋଲେଷ୍ଟରଲ ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ। ତା' ସହ ଏହାକୁ ଖାଇବା ଦ୍ୱାରା ହଜମ ଶକ୍ତି ବଢିବା ସହିତ ପେଟଜନିତ ସମସ୍ୟା ଦେଖାଯାଏ ନାହିଁ। ଖାଦ୍ୟ ଖାଇବା ସମୟରେ ଦହି ଖାଇବା ଦ୍ୱାରା ଖାଦ୍ୟ ହଜମ ହୋଇଥାଏ। ରକ୍ତଚାପ, ଅସ୍ଥି ଓ କେଶ ପାଇଁ ଏହା ବହୁତ ଉପକାରୀ। ନିଦ୍ରାହୀନତା ଦୂର କରିବା ପାଇଁ ଦହି କେତେକାଂଶରେ ସାହାଯ୍ୟ କରେ।

## ଉପକାରୀ ଲେମ୍ବୁପାଣି

*ଲେମ୍ବୁପାଣିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରିରହିଛି । ଜାଣନ୍ତୁ ସେ ସମ୍ପର୍କରେ...*



➡ଲେମ୍ବୁପାଣିରେ ଭିଟାମିନ୍ 'ସି' ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏହି ପାଣି ପିଇଲେ ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଅନେକାଂଶରେ ସହାୟକ ହୋଇଥାଏ।

➡ଇନ୍‌ଫେକ୍ସନ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ଲେମ୍ବୁପାଣି ପିଇଲେ ତାହା ଏଥିରୁ ଅନେକାଂଶର ଉପଶମ ଦେଇଥାଏ।

➡ଉଚ୍ଚ ରକ୍ତଚାପକୁ ଏହି ପାଣି କେତେକାଂଶରେ ନିୟନ୍ତ୍ରଣକୁ ଆଣିଥାଏ। କେବଳ ସେତିକି ନୁହେଁ, ଯଦି ଆପଣଙ୍କୁ କ୍ଳାନ୍ତି ଲାଗୁଛି କିମ୍ବା ଚିନ୍ତିତ ଅଛନ୍ତି, ତେବେ ଲେମ୍ବୁପାଣି ପିଇଲେ ଆପଣଙ୍କୁ ଆରାମ ଲାଗିବ।

➡ଲେମ୍ବୁପାଣିରେ ଭିଟାମିନ୍ 'ସି' ବ୍ୟତୀତ ସାଇଟ୍ରିକ୍ ଏସିଡ୍ ନାମକ ତତ୍ତ୍ୱ ରହିଛି। ଏହା ଅସ୍ଥିକୁ ମଜଭୁତ ହେବାରେ ସହାଯ୍ୟ କରିଥାଏ।

➡ସବୁଠାରୁ ଖାସ୍ କଥା ହେଲା, ଆମ ଶରୀରରେ ଜଳୀୟ ଅଂଶ ସବୁବେଳେ ସନ୍ତୁଳିତ ରହିବା ନିହାତି ଦରକାର। ଏହି ପାଣି ଏପରି ଅଭାବକୁ ପୂରଣ କରିଥାଏ।

## କଲୋନ୍ କ୍ୟାନ୍ସରରୁ ଉପଶମ ଦେବ ଭେଣ୍ଡି

ଭେଣ୍ଡିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ହେଲେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ତାହା କଲୋନ୍ କ୍ୟାନ୍ସରଠାରୁ କେତେକାଂଶରେ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ ଭେଣ୍ଡିରେ ଏପରି ତତ୍ତ୍ୱ ରହିଛି, ଯାହା କଲୋନ୍ କ୍ୟାନ୍ସର୍ ଯନ୍ତ୍ରଣାରୁ କିଛି ପରିମାଣର ଉପଶମ ଦେଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। 'କଲୋନ୍ କ୍ୟାନ୍ସର୍ ଓ ଭେଣ୍ଡି' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ଲଣ୍ଡନର କ୍ୟାନ୍ସର ବିଜ୍ଞାନୀମାନେ ଏକ ଗବେଷଣା କରି ଏଭଳି ତଥ୍ୟ ବିଷୟରେ ସୂଚନା ଦେଇଛନ୍ତି। ଏପରି କ୍ୟାନ୍ସର୍ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ନିୟମିତ କିଛି ପରିମାଣର ଭେଣ୍ଡିରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ କେତେଜଣ କଲୋନ୍ କ୍ୟାନ୍ସର୍ ରୋଗୀ ଏହି ଯନ୍ତ୍ରଣାରୁ କେତେକାଂଶରେ ଉପଶମ ଅନୁଭବ କରୁଥିବାର ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ସ୍ୱାସ୍ଥ୍ୟ ସୂଚନା

➤ଶୋଇବାକୁ ଯିବା ପୂର୍ବରୁ କେତୋଟି ଦିଗ ପ୍ରତି ନଜର ଦେବା ଜରୁରୀ। ପ୍ରଥମେ ଏହି ସମୟରେ ମନକୁ କୌଣସି ନକାରାତ୍ମକ ଚିନ୍ତାଧାରା ଆଣନ୍ତୁ ନାହିଁ। କାରଣ ଏହାର ପ୍ରଭାବ ନିଦ୍ରା ଉପରେ ପଡିଥାଏ। ଠିକ୍ ଭାବରେ ନିଦ ନ ହେଲେ ତାହା କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ପରୋକ୍ଷରେ ଡାକି ଆଣିଥାଏ।

➤କେତେକେ ବିଳମ୍ବିତ ରାତ୍ରିରେ ଶୋଇଥାଆନ୍ତି। ଏଭଳି ଅଭ୍ୟାସ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ। ପ୍ରତିଦିନ ଅତିକମ୍‌ରେ ୫-୬ ଘଣ୍ଟା ଶୋଇଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିଥାଏ।

➤ଯଦି ସକାଳୁ ଆପଣ ବ୍ୟସ୍ତ ରହୁଛନ୍ତି ଏବଂ ବ୍ୟାୟାମ କରିବାକୁ ଆପଣଙ୍କ ପାଖରେ ସମୟ ନାହିଁ, ତେବେ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ଆପଣ ସକାଳୁ



ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।

➤ନିଜକୁ ସୁସ୍ଥ ରଖିବାକୁ ହେଲେ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ନଜର ଦିଅନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେଉଥିବ।

➤ଯଦି ଘରେ କିଛି ମେଡିସିନ୍ ରଖିଛନ୍ତି ତେବେ ତାହାର ବ୍ୟବହାର ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତୁ। ସବୁଠାରୁ ଖାସ୍ କଥା ହେଲା, ଏହି ମେଡିସିନ୍‌ଗୁଡିକର ଏକ୍ସପାଏରି ତାରିଖକୁ ଡାଏରୀରେ ଟିପି ରଖନ୍ତୁ।

➤ଘରେ କେତେଜଣ ପରିଚିତ ଡାକ୍ତରଙ୍କ ଫୋନ୍ ନମ୍ବର ରଖନ୍ତୁ। ଆବଶ୍ୟକ ହେଲେ ଏହା କାମରେ ଆସିଥାଏ।

➤ନିଜର ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ନିଜର କାମକୁ ବେଶ୍ ସୁଚାରୁ ରୂପେ ସମ୍ପାଦନ କରିପାରିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୪/୨୦୨୨ Bhubaneswar, Monday, March 14/ 2022



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ରବିବାର ଜର୍ମାନୀକୁ ଶୁଟ୍‌ଆଉଟ ୩-୦ ଗୋଲରେ ହରାଇବା ପରେ ଭାରତୀୟ ମହିଳା ହକି ଦଳ ଖୁସି ମୁହୂର୍ତ୍ତରେ।

# ଶୁଟ୍‌ଆଉଟ ପରାଜୟର ମଧୁର ପ୍ରତିଶୋଧ

**ଭୁବନେଶ୍ୱର, ୧୩।୩ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜର୍ମାନୀ ବିପକ୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି ମ୍ୟାଚରେ ଶୁଟ୍ ଆଉଟ ପରାଜୟର ମଧୁର ପ୍ରତିଶୋଧ ଶୁଟ୍‌ଆଉଟରେ ନେଇଛି ଭାରତ। ରବିବାର ଅନୁଷ୍ଠିତ ମ୍ୟାଚରେ ଭାରତ ଶୁଟ୍‌ଆଉଟ ୩-୦ ଗୋଲରେ ଜର୍ମାନୀକୁ ହରାଇ ଦେଇଛି। ଏହି ପର୍ଯ୍ୟାୟରେ ଭାରତ ପକ୍ଷରୁ ସାଲିମା ଟେଟେ, ସଙ୍ଗୀତା କୁମାରୀ ଓ ସୋନିକା ଗୋଲ ଦେଇଥିବାବେଳେ ଜର୍ମାନୀର ଲିଲି ଷ୍ଟୋଫେଲସ୍ମା, ସାରା ଷ୍ଟ୍ରସ ଓ ଲିନା ଫ୍ରେରିକ୍ସ ମିସ୍ କରିଥିଲେ। ଭାରତୀୟ ଗୋଲକିପର ତଥା ଅଧିନାୟିକା ସବିତା ଶୁଟ୍ ଆଉଟ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଭାରତର ନବନୀତ କୌର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କେ. କେ. ମୀନା ଓ କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା ଅତିଥିଭାବେ ଯୋଗ ଦେଇଥିଲେ। ପ୍ରକାଶଯୋଗ୍ୟ ଯେ ପ୍ରୋ ଲିଗ୍‌ର ଶନିବାର ଅନୁଷ୍ଠିତ ମ୍ୟାଚରେ ଜର୍ମାନୀ ଶୁଟ୍ ଆଉଟ ୨-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ରବିବାର ମ୍ୟାଚରୁ ଭାରତ ୨ ଓ ଜର୍ମାନୀ ଗୋଟିଏ ପଏଣ୍ଟ ପାଇଛି। ଫଳରେ ଭାରତ ୬ ମ୍ୟାଚରୁ ୧୨ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଜର୍ମାନୀ ୪ ମ୍ୟାଚରୁ ୩ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି।

ପୂର୍ବ ମ୍ୟାଚ ପରି ଏଥିରେ ମଧ୍ୟ ଭାରତୀୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲା। ମ୍ୟାଚର ପ୍ରଥମ ମିନିଟରେ ଖେଳାଳିମାନେ ବଲ୍ ନେଇ ଜର୍ମାନୀ ଡି' ଏରିଆ ମଧ୍ୟରେ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ପେନାଲ୍ଟି କର୍ନର ପାଇଁ ରେଫରାଲ ମଧ୍ୟ ମାଗିଥିଲେ। ମାତ୍ର ତାହା ନାକଚ ହୋଇ ଯାଇଥିଲା। ପ୍ରଥମ କ୍ୱାର୍ଟର ଶେଷ ଭାଗରେ ଅର୍ଥାତ୍ ୧୩ତମ ମିନିଟରେ ଭାରତକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଖେଳାଳିମାନେ ସୁଯୋଗର ସଦୁପଯୋଗ କରିପାରି ନ ଥିଲେ। ଅଗ୍ରଣୀ ନେବା ପାଇଁ ଦ୍ୱିତୀୟ କ୍ୱାର୍ଟରରେ ସଂଘର୍ଷ ଜୋରଦାର ହୋଇଥିଲା। ଭାରତୀୟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଜର୍ମାନୀକୁ ପେନାଲ୍ଟି ଷ୍ଟ୍ରୋକ ସୁଯୋଗ ଦିଆଯାଇଥିଲା। ମାତ୍ର ଜେଟି ଫ୍ଲେସବୁଜ୍ ମାରିଥିବା ଶଟ୍ ଭାରତୀୟ ଗୋଲପୋଷ୍ଟ ବାର୍‌ରେ ବାଜି ଫେରି ଆସିଥିଲା। ୨୮ତମ ମିନିଟରେ ଜର୍ମାନୀକୁ ପେନାଲ୍ଟି କର୍ନର ମିଳିଥିଲା। ରେଫରିଙ୍କ ହୁଇସିଲ ବାଜିବା ପୂର୍ବରୁ ଭାରତୀୟ ଡିଫେଣ୍ଡର ନିକି ପ୍ରଧାନ ଗୋଲପୋଷ୍ଟ ମଧ୍ୟରୁ ବାହାରି ଆସିବାରୁ ରେଫରି ତାଙ୍କୁ ବିଦା କରିବା ସହ ପୁଣିଥରେ ଜର୍ମାନୀକୁ ସୁଯୋଗ ଦେଇଥିଲେ। ଭାରତୀୟ ଗୋଲକିପର ବିଚୁଦେବୀ ଖରିବାମଙ୍କୁ ଚକ୍‌ମା ଦେଇ ଫେଲିସିଆ ୱାଇଡରମାନ ଡ୍ରାଗ୍‌ଫ୍ଲିକ୍ ମାଧ୍ୟମରେ ଗୋଲକରି ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଜର୍ମାନୀକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଗୋଲ ପରିଶୋଧ ପାଇଁ ଭାରତ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଆକ୍ରମଣକୁ ଜୋରଦାର କରିଥିଲା। ଖେଳାଳିମାନେ ଏକାଧିକଥର ଜର୍ମାନୀ ଗୋଲପୋଷ୍ଟ ମଧ୍ୟକୁ ବଲ୍ ନେଇ ସୁଯୋଗ ସୃଷ୍ଟି କରିଥିଲେ। ୪୦ତମ ମିନିଟରେ ଜର୍ମାନୀ ଡି' ଏରିଆ ମଧ୍ୟରେ ବଲ୍‌କୁ ନିୟନ୍ତ୍ରଣ ପାଇଁ ସଂଘର୍ଷ ଚାଲିଥିବାବେଳେ ଜର୍ମାନୀ ଗୋଲକିପର ମାଜା ସିଲାଫ୍‌ଙ୍କୁ ଚକ୍‌ମା ଦେଇ ଗୋଲଟିକୁ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ ଭାରତର ୧୫ ନମ୍ବର ଜର୍ସି ପରିହିତ ନିଶା। ମ୍ୟାଚ ୧-୧ ସ୍ଥିତିକୁ ଆସିବାରୁ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ରୋମାଞ୍ଚକ ହୋଇଥିଲା। ୪୮ତମ ମିନିଟରେ ଭାରତ ପେନାଲ୍ଟି କର୍ନର ସୁଯୋଗର ସଦୁପଯୋଗ କରିପାରି ନ ଥିଲା। ମ୍ୟାଚ ଶେଷ ହେବାକୁ ମାତ୍ର ୧୭ ସେକେଣ୍ଡ ଥିବାବେଳେ ଜର୍ମାନୀ ପେନାଲ୍ଟି କର୍ନର ପାଇ ବିଜୟ ସମ୍ଭାବନା ସୃଷ୍ଟି କରିଥିଲା। ମାତ୍ର ଶଟ୍ ଭାରତୀୟ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା।





ହକି ଇଣ୍ଡିଆ କର୍ମକର୍ତ୍ତାଙ୍କ ସହ ଅତିଥି କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କେ. କେ. ମୀନା। ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ଭାରତର ନବନୀତ କୌର।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**
- ଜର୍ମାନୀକୁ ୩-୦ ଗୋଲରେ ହରାଇଲା ଭାରତ

## ଲକ୍ଷ୍ୟ ସେନ୍ ରନର୍ସଅପ୍

**ମୁଲିମ୍ ଆନ୍ ଡର୍ ରୁର୍ (ଜର୍ମାନୀ), ୧୩।୩ (ପି.ଟି.):** ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଭାରତର ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ଜର୍ମାନ ଓପନ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନର୍ସଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ୨୦ ବର୍ଷୀୟ ସେନ୍ ଥାଇଲାଣ୍ଡର ଉଦୀୟମାନ ଷ୍ଟାର ଖେଳାଳି କୁନ୍‌ଲାଭଟ୍ ଭିଟିଡ୍‌ସରନଙ୍କଠାରୁ ୧୮-୨୧, ୧୫-୨୧ରେ ହାରିଯାଇଛନ୍ତି। ସୂଚନାଯୋଗ୍ୟ, ଭିଟିଡ୍‌ସରନ ହେଉଛନ୍ତି ୩ ଥର ଜୁନିୟର ବିଶ୍ୱ ଚାମ୍ପିୟନ। ଅନ୍ୟପକ୍ଷରେ ଗତ ଜାନୁୟାରୀରେ ଇଣ୍ଡିଆ ଓପନରେ ତାଙ୍କ ପ୍ରଥମ ସୁପର ୫୦୦ ଟାଇଟଲ ଜିତିଥିବା ସେନ୍ ସେମିଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଭିକ୍ଟର ଏକ୍ସେଲସେନଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଥିଲେ।

## ୬ ଭାରତୀୟ ବକ୍ସରଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୩।୩ (ପି.ଟି.):** ଜୋର୍ଡାନର ଅମାନଠାରେ ଚାଲିଥିବା ଏସିଆନ ୟୁଥ୍ ଓ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍‌ରେ ଭିନି, ୟାକ୍ଷିକା ଓ ବିଧିଙ୍କ ସମେତ ୬ ଭାରତୀୟ ବକ୍ସର ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ହିସାରର ଭିନି ୫୦ କେଜି ଫ୍ଲାଏ ୱେଟ୍ କାଟେଗୋରିରେ କାଜାଖସ୍ତାନର କାରିନା ଟୋକିବେକ୍କୁ ହରାଇ ଦେଇଛନ୍ତି। ସେହିପରି ୟାକ୍ଷିକା (୫୨କେଜି) ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ରାକ୍ଷିମା ବେକ୍‌ନିୟାଜୋଭାଙ୍କ ବିପକ୍ଷରେ ବିଜୟ ଲାଭ କରିଛନ୍ତି।






## ଅଷ୍ଟ୍ରେଲିଆ ୫୦୫/୮

**କରାଚୀ, ୧୩।୩ (ଏପି):** ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୮ ଉଇକେଟରେ ୫୦୫ ରନ କରିଛି। ଉସ୍‌ମାନ ଖ୍ୱାଜାଙ୍କ ମାରାଥନ ବ୍ୟାଟିଂ ଏବଂ ଲୋୟର ଅର୍ଡରରେ ଆଲେକ୍ସ କାରେଙ୍କ ଆକର୍ଷଣୀୟ ୯୩ ରନ ଯୋଗୁ ଦଳ ଏକ ଭଲ ସ୍କୋର କରିପାରିଛି। ପୂର୍ବଦିନରୁ ୧୨୭ରନ କରି ଅପରାଜିତ ରହିଥିବା ଖ୍ୱାଜା ଦୀର୍ଘ ୯ଘଣ୍ଟା ୧୨ମିନିଟ ଧରି କ୍ରିଜରେ ରହି ୧୬୦ ରନ କରିଥିଲେ। ଦ୍ୱିତୀୟ ଦିବସ ଖେଳର ଦ୍ୱିତୀୟ ସେସନରେ ଅଫ୍ ସ୍ପିନର ସାଜିଦ୍ ଖାଁ (୨/୧୫୧) ତାଙ୍କୁ କ୍ଲିନ୍ ବୋଲ୍ଡ କରିଦେଇଥିଲେ। ଚା'ପାନ ବିରତି ବେଳକୁ ଅଷ୍ଟ୍ରେଲିଆ ୭ ଉଇକେଟ ବିନିମୟରେ ୪୦୭ ରନ କରିଥିଲା। ଅନ୍ୟପକ୍ଷରେ କାରେ ଓ ମିଚେଲ ଷ୍ଟାର୍କ କହିବାକୁ ଗଲେ ପୂରା ଶେଷ ସେସନ ଖେଳିଥିଲେ। କାରେ କିନ୍ତୁ ପାକିସ୍ତାନ ଅଧିନାୟକ ବାବର ଆଜାମଙ୍କ ପାର୍ଟଟାଇମ୍ ଅଫ୍‌ସ୍ପିନ୍ ବୋଲିଂରେ ସୁଇପ୍ ଶଟ ଖେଳିବାକୁ ଚେଷ୍ଟା କରି ବୋଲ୍ଡ ହୋଇଯାଇଥିଲେ। ଅଷ୍ଟ୍ରେଲିଆ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୫୧/୩ରୁ ଏହାର ଖେଳ ଆରମ୍ଭ କରିଥିଲା।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୫୦୫/୮ (ଉସ୍‌ମାନ ଖ୍ୱାଜା-୧୬୦, ଆଲେକ୍ସ କାରେ-୯୩, ଷ୍ଟିଭେନ୍ ସ୍ମିଥ୍-୭୨, ଫାହିମ୍ ଅଶ୍ରଫ୍-୨/୫୫, ସାଜିଦ୍ ଖାଁ-୨/୧୫୧)।






## ସିକେ ନାୟୁଡୁ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୩।୩ (କ୍ରୀଡ଼ା ପ୍ରତିନିଧି):** ତ୍ରିଭେନ୍ଦ୍ରମଠାରେ ଚଳିତମାସ ୧୭ରୁ ମେ ୧ ପର୍ଯ୍ୟନ୍ତ କଲୋନେଲ ସିକେ ନାୟୁଡୁ ଟ୍ରଫି (୨୫ ବର୍ଷରୁ କମ୍ ପୁରୁଷ) କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ ୨୨ ଜଣିଆ ଓଡ଼ିଶା ଦଳ ଘୋଷଣା କରିଛନ୍ତି। ରାଜେଶ ମହାନ୍ତିଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଓଡ଼ିଶା ଏଲିଟ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗାଇଡ୍‌ଲାଇନ୍ ଅନୁସାରେ ଓଡ଼ିଶା ଦଳ ଆସନ୍ତା ୧୭ ତାରିଖରେ ତ୍ରିଭେନ୍ଦ୍ରମ ଯାଇ ୩ ଦିନ କ୍ୱାରାଣ୍ଟାଇନ୍‌ରେ ରହିବ। ଏହାପରେ ୨ ଦିନ ଅଭ୍ୟାସ କରି ୨୨ ତାରିଖରେ ଏହାର ପ୍ରଥମ ମ୍ୟାଚ ଝାଡ଼ଖଣ୍ଡ ସହିତ ଖେଳିବ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ରାଜେଶ ମହାନ୍ତି (ଅଧିନାୟକ), ଗୌରବ ଚୌଧାରୀ, ମାରୋଜୁ ପ୍ରଶାନ୍ତ, ରୋଶନ ପ୍ରସାଦ, ଦେବାଶିଷ ସାମନ୍ତରାୟ, କାର୍ତ୍ତିକ ବିଶ୍ୱାଳ, ଅନିଲ ପରିଡ଼ା, ଶୁଭମ୍ ଶତ୍ରୁଜିତ୍, ଶୁଭଙ୍କର ବିଶ୍ୱାସ, ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର), କୃଷ୍ଣଚନ୍ଦ୍ର ବାରିକ (ଉଇକେଟ କିପର), ସୌରଭ କୁମାର ଗୌଡ଼ା, କ୍ରିଷ୍ଣା ପଲେଇ, ସତ୍ୟକାମ ଭରଦ୍ୱାଜ, ରାଜକିଶନ ପଟେଲ, ସୌରଭ କନୋଜିଆ, ତାରିଣୀ ସ', ପ୍ରଶାନ୍ତ ରଣା, ତାପସ କୁମାର ଦାସ, ସୁନୀଲ କୁମାର ରାଉଳ, ସୁଶୀଲ କୁମାର ବାରିକ, ସୁକେଶ ହୀରା। ମୁଖ୍ୟ କୋଚ୍: ଆର. ଶ୍ରୀକାନ୍ତ, ବ୍ୟାଟିଂ କୋଚ୍: ନଟରାଜ ବେହେରା, ବୋଲିଂ କୋଚ୍: ରାକେଶ ମହାନ୍ତି, ମ୍ୟାନେଜର: ସତଭିର ସିଂ ରିଆର।

**ଓଡ଼ିଶା ଦଳର କାର୍ଯ୍ୟସୂଚୀ**

**ମାର୍ଚ୍ଚ ୨୨:** ଓଡ଼ିଶା ବନାମ ଝାଡ଼ଖଣ୍ଡ

**ମାର୍ଚ୍ଚ ୨୯:** ଓଡ଼ିଶା ବନାମ ମଧ୍ୟପ୍ରଦେଶ

**ଏପ୍ରିଲ ୫:** ଓଡ଼ିଶା ବନାମ ହାଇଦ୍ରାବାଦ






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### କଟୁରି ଚୋଟରେ ଯୁବକ ଗୁରୁତର

ବାରଙ୍ଗ,୧୩।୩(ଡି.ଏନ୍.ଏ.): ମେଣ୍ଢାଶାଳ ଗ୍ରାମ ବାରାପିଟା ମୁଣ୍ଡାସାହିରେ ଗୁଣିଗାରେଡ଼ି ସନ୍ଦେହରେ ରବିବାର ଜଣେ ବ୍ୟକ୍ତିଙ୍କ କଟୁରି ଚୋଟରେ ଉକ୍ତ ଗ୍ରାମର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହଲେ ପ୍ରଧାନ ସମାଡ଼। ଚିକିତ୍ସା ପାଇଁ ତାଙ୍କୁ ମେଣ୍ଢାଶାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଏନେଇ ସମାଡ଼ଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ମେଣ୍ଢାଶାଳ ଫାଣ୍ଡି ପୋଲିସ ଅଭିଯୁକ୍ତ ନାଜିର ପିଙ୍ଗୁଆଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କଟୁରି ଜବତ କରିଛି। ଏ ସମ୍ପର୍କରେ ପୋଲିସ ମାମଲା ରୁଜୁକରି ପିଙ୍ଗୁଆଙ୍କୁ କୋର୍ଟଚାଲାଣ କରିଛି।

### ଫଗୁ ଦଶମୀ ପାଳିତ

ଜଟଣୀ,୧୩।୩(ଡି.ଏନ୍.ଏ.): ଫଗୁ ଦଶମୀ ଅବସରରେ ରବିବାର ଜଟଣୀ ପତ୍ରପଡାସ୍ଥିତ ଶ୍ରୀମାଧବ ଗୋଶାଳା ପରିସରରେ ଗୋପୂଜନ ଓ ବନ୍ଦାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଶାଳା ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପଣ୍ଡିତଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇଥିଲା। ଗୋଶାଳାରେ ରହିଥିବା ଗୋମାତାଙ୍କଠାରେ ଅବିର ଲଗାଯାଇ ବନ୍ଦାପନା ପରେ ଖାଦ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ସ୍ୱାଇଁ, ଅଭିମନ୍ୟୁ ସ୍ୱାଇଁ, ବିଜୟ ପରିଡା ପ୍ରମୁଖ ସହଯୋଗ କରିଥିଲେ।

### ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବୋଲଗଡ଼,୧୩।୩(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ରାଜସୁନାଖଳା ନିକଟ କୁଲାସର ଗ୍ରାମଠାରେ ରବିବାର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ପରିବାର ସମେତ ଅନ୍ୟମାନେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମାଗଣାରେ ଔଷଧ ନେଇଥିଲେ। ଡା.ସୟଦ ମୁକାରାମ, ସରୋଜ କୁମାର ମିଶ୍ର, ଅନ୍ନପୂର୍ଣ୍ଣା ମଲ୍ଲିକ ପ୍ରମୁଖଙ୍କ ସମେତ ସ୍ମୃତିପ୍ରଭା ସାହୁ ଶିବିର ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ କୃଷ୍ଣମୟୀ ସାମନ୍ତରାୟ, ସମିତିସଭ୍ୟ ପ୍ରଦୀପ୍ତ କୁମାର ନନ୍ଦ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ସମବାୟ ସମିତି ସମ୍ପାଦକଙ୍କ ପରଲୋକ

ବୋଲଗଡ଼,୧୩।୩(ଡି.ଏନ୍.ଏ.): ବୋଲଗଡ ବ୍ଲକ ଦଳେଇସାହି ପଞ୍ଚାୟତ ମାଣିକାଗୋଡା ଗ୍ରାମର ରବୀନ୍ଦ୍ର ନାଥ ପାଳ(୭୧)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବହୁ ବର୍ଷ ଧରି ବୋଲଗଡ଼, ସଂପୁର, କଳାଙ୍ଗ, ମାଣିକାଗୋଡା ସେବା ସମବାୟ ସମିତି ସମ୍ପାଦକଭାବେ ଦାୟିତ୍ୱ ତୁଲାଇଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

### ସୋଲାର ପ୍ଲେଟ, ଲାଇଟ ଚୋରି

ନିରାକାରପୁର,୧୩।୩(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ମା'ଉଗ୍ରତାରାଙ୍କ ପୀଠକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଲାଗିଥିବା ସୋଲାର ପ୍ଲେଟ ଓ ଲାଇଟକୁ କେହି ଦୁର୍ବୃତ୍ତ ଚୋରାଇ ନେଇଛନ୍ତି। ଦୁଇ ବର୍ଷ ପୂର୍ବେ ୧୬ନଂ. ଜାତୀୟ ରାଜପଥରୁ ଉଗ୍ରତାରା ପୀଠ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଭୁବନେଶ୍ୱର ଏମ୍‌ପିଙ୍କ ପାଣ୍ଠିରୁ ସୋଲାର ଷ୍ଟ୍ରିଟ୍ ଲାଇଟ ଲାଗିଥିଲା। ଶନିବାର ରାତିରେ ଦୁର୍ବୃତ୍ତମାନେ ସୋଲାର ଖୁଣ୍ଟକୁ ତଳେ ପକାଇବା ସହ ସୋଲାର ପ୍ଲେଟ ଓ ଲାଇଟଗୁଡିକୁ ନେଇଯାଇଛନ୍ତି।

### ସାମାଜିକକର୍ମୀଙ୍କ ପରଲୋକ

ଜଟଣୀ,୧୩।୩(ଡି.ଏନ୍.ଏ.): ଜଟଣୀ ପୋରାଅଞ୍ଚଳ କୁଦିଆରୀ ଗ୍ରାମର ସାମାଜିକ କର୍ମୀ ବିଭୁତି ଭୂଷଣ ମିଶ୍ର(୫୫)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସମ୍ପାଦକ, ଦୁଇ ଥର କଂଗ୍ରେସରୁ କାଉନସିଲର ହେବା ସହିତ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହିତ ଜଡିତ ରହିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ, କଳିଙ୍ଗ ସାହୁ, ମନ୍ମଥ ରାଉତରାୟ, ଗୌରୀ ପ୍ରସାଦ ସିଂ, ସୁର ବେହେରା, ଛବି ପାଇକରାୟ, ସୁଦର୍ଶନ ସୁନ୍ଦରାୟ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିବା ବେଳେ ପୁଅ ଅମରଜିତ ମୁଖାଗ୍ନି ଦେଇଥିଲେ।

# ବିଜେଡି ପ୍ରାର୍ଥୀଙ୍କୁ ଟକ୍କର ଦେବେ ସ୍ୱାଧୀନ

ଖୋର୍ଦ୍ଧା ଅଫିସ,୧୩।୩

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ। ଟିକେଟ ବଣ୍ଟନକୁ କେନ୍ଦ୍ର କରି ଭାଜପା ଓ ବିଜେଡିରୁ ଏକାଧିକ ଅସନ୍ତୁଷ୍ଟ କର୍ମୀ ମଇଦାନକୁ ଓହ୍ଲାଇଛନ୍ତି। ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ସ୍ପଷ୍ଟ ଚିତ୍ର ଜଣାପଡିବ। ପୌର ଅଧ୍ୟକ୍ଷ ପ୍ରାର୍ଥୀ ତାଲିକାରୁ ବାଦ୍ ପଡିବା ପରେ ବିଜେଡି ନଗର ସଭାପତି ମହମ୍ମଦ ଆରିଫଙ୍କ ସ୍ତ୍ରୀ ସବନମ ବିବି ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ପରେ ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଜଣାଇ ପ୍ରାର୍ଥତ୍ୱପତ୍ର ପ୍ରତ୍ୟାହାର କରିନେଇଛନ୍ତି। ତେବେ ବିଜେଡିର ଜିଲା ଉପସଭାପତି ଦିଲୀପ ହୋତାଙ୍କ ସ୍ତ୍ରୀ ସୁଚିତ୍ରା ମଧ୍ୟ ସ୍ୱାଧିନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେ ଦଳୀୟ ନିଷ୍ପତ୍ତିକୁ ଚାଲେଞ୍ଜ କରି ନିଜ ଜିଦରେ ଅଟଳ ରହିଛନ୍ତି। ବର୍ତ୍ତମାନ ସେ ସମର୍ଥକଙ୍କ ସହ ସୁଚିତ୍ରାଙ୍କ ପାଇଁ ପ୍ରଚାର ଆରମ୍ଭ କରିଦେଇଛନ୍ତି। ପୂର୍ବରୁ ସେ ନିଜ ହୋଟେଲରେ ମହିଳା କର୍ମୀ ସମାବେଶ କରିଥିଲେ। ତାଙ୍କୁ ସମର୍ଥନ ଜଣାଇବା ପାଇଁ ନିବେଦନ କରିଥିଲେ। ପ୍ରକାଶ ଯେ, ପୂର୍ବରୁ ଦିଲୀପ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସହ ଛାଇ ଭଳି ରହୁଥିଲେ। ଏପରିକି ସେ ବିଧାୟକଙ୍କ ଖୋର୍ଦ୍ଧା ପୌର ପରିଷଦ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ। ତେବେ ଅଧ୍ୟକ୍ଷ ଟିକେଟରୁ ବାଦ ପଡ଼ିବା ପରେ ବିଧାୟକ ଓ ଦଳ ଉପରେ ଅସନ୍ତୋଷ ପ୍ରକାଶ କରି ନିର୍ବାଚନ ମଇଦାନରେ ସ୍ତ୍ରୀଙ୍କୁ ଜିତାଇବା ପାଇଁ ମଙ୍ଗ ଧରିଛନ୍ତି। ସେ ଦଳର ଉପସଭାପତି ସହ ମୋ ପରିବାର ଜିଲା ସଂଯୋଜକ ଭାବେ କାର୍ଯ୍ୟ କରୁଥିଲେ। ସହରରେ କାର୍ଯ୍ୟରତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି, ସ୍ୱଚ୍ଛ ଭାରତରେ କାର୍ଯ୍ୟରତ ମହିଳାମାନଙ୍କ ସହିତ ସେ ଜଡିତ ରହିଛନ୍ତି। ତେଣୁ ମହିଳାଙ୍କୁ ଏକାଠି କରିବାରେ ଲାଗିପଡ଼ିଛନ୍ତି।

ଅନ୍ୟପଟେ ବିଜେଡି କାଉନସିଲର ତାଲିକା ପ୍ରକାଶକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଥିଲା। ଦଳରୁ ଶେଷ ପର୍ଯ୍ୟନ୍ତ କିଏ ପ୍ରାର୍ଥୀ ହେବେ, ନିଶ୍ଚିତ ହୋଇପାରି ନ ଥିଲା। ପୂର୍ବରୁ ଅନେକ କର୍ମୀ ଦଳରୁ ସବୁଜ ସଙ୍କେତ ପାଇ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ପରବର୍ତ୍ତୀ ସମୟରେ ସେହି ୱାର୍ଡରୁ ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରାଯାଇଥିଲା। ନାମାଙ୍କନ ପୂର୍ବରୁ ବିଜେଡି ତାଲିକା ମୋବାଇଲରେ ଘୁରିବୁଲିଥିଲା। ତେବେ ନାମାଙ୍କନ ଶେଷ ଦିବସରେ ତାଲିକା ପରିବର୍ତ୍ତନ କରାଯାଇଥିଲା। ଅନ୍ୟପକ୍ଷରେ ବିଜୁ ଜୟନ୍ତୀ ଉତ୍ସବରେ ଦଳୀୟ ଟିକେଟକୁ ନେଇ ଅସନ୍ତୁଷ୍ଟ କର୍ମୀ ବିଧାୟକଙ୍କୁ ବିରୋଧ କରିଥିଲେ। ଏନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ନଗର ସଭାପତି ମହମ୍ମଦ ଆରିଫ ମଧ୍ୟ ଜିଲା ପର୍ଯ୍ୟବେକ୍ଷକଙ୍କୁ ଟାର୍ଗେଟ କରିଥିଲେ। ଦଳୀୟ ନିଷ୍ପତ୍ତିକୁ ସେହି ସମୟରେ ବିରୋଧ କରିଥିଲେ। ଏଥିରୁ ସ୍ପଷ୍ଟ ଯେ ଖୋର୍ଦ୍ଧା ବିଜେଡିରେ ଅସନ୍ତୋଷର ବହ୍ନି ଜଳୁଛି। ଅସନ୍ତୁଷ୍ଟ କର୍ମୀ ପୌର ନିର୍ବାଚନରେ ପ୍ରଭାବ ପକାଇବା ମଧ୍ୟ ଦଳ ଆଶଙ୍କା କରିଛି। ଶନିବାର ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ୨୨ଟି ୱାର୍ଡରେ ଦଳୀୟ ଚିହ୍ନରେ ଲଢୁଥିବା ପ୍ରାର୍ଥୀଙ୍କୁ ମନ୍ତ୍ର ଦେଇଥିଲେ। ଲୋକଙ୍କ ସହ ରୁହ, ସେମାନଙ୍କ ଆସ୍ଥା, ବିଶ୍ୱାସ ଜିଣିବାକୁ ଚେଷ୍ଟା କର ବୋଲି ପରାମର୍ଶ ଦେଇଥିଲେ। ଅନ୍ୟପଟେ ଭାରତୀୟ ଜନତା ପାର୍ଟି(ଭାଜପା)ରେ ଗୋଷ୍ଠୀ କନ୍ଦଳ ବଢିବାରେ ଲାଗିଛି। ପୌର ନିର୍ବାଚନରେ ଟିକେଟ ବଣ୍ଟନକୁ କେନ୍ଦ୍ର କରି ଅସନ୍ତୋଷ ଦେଖିବାକୁ ମିଳିଛି। ଜଣକ ପରେ ଜଣେ ଦଳ ଛାଡୁଛନ୍ତି। ପ୍ରଥମେ ଖୋର୍ଦ୍ଧା ମଧ୍ୟ ମଣ୍ଡଳ ସଭାପତି ମାନସ ପଟ୍ଟନାୟକ ଇସ୍ତଫା ଦେଇଥିବା ବେଳେ ଏବେ ଭୁବନେଶ୍ୱର ଏମ୍‌ପିଙ୍କ ଟାଉନ ପ୍ରତିନିଧି ଅବନୀ ଜେନା ପଦ୍ମ ଛାଡି ଶଙ୍ଖରେ ଯୋଗଦାନ କରିଛନ୍ତି।

## ମଇଦାନରେ ଅନେକ ଅସନ୍ତୁଷ୍ଟ କର୍ମୀ

# 'ବିନା ଅର୍ଥରେ ପୌର ନିର୍ବାଚନ ଲଢ଼ିବ କଂଗ୍ରେସ'



ଖବରଦାତା ସମ୍ମିଳନୀରେ ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟମାନେ।

ଜଟଣୀ,୧୩।୩(ଡି.ଏନ୍.ଏ.)

ପୌର ନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ବିଭିନ୍ନ ଦଳୀୟ ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଜଟଣୀ ନଗର କଂଗ୍ରେସ ପକ୍ଷରୁ ରବିବାର ମହୁଲଗୁଛକସ୍ଥ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଥିଲେ, ବିଭିନ୍ନ ରାଜନୈତିକ ଦଳ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ କଳ, ବଳ ଏବଂ କୌଶଳ ଲଗାଇ ଦେଇଛନ୍ତି। ଏଭଳି ସ୍ଥିତିରେ ଜଟଣୀରେ କଂଗ୍ରେସ ବିନା ଅର୍ଥରେ ଚଳିତ ପୌର ନିର୍ବାଚନ ଲଢେଇ କରିବ। କଂଗ୍ରେସ ପ୍ରତି ୱାର୍ଡରେ ସଭା କିମ୍ବା ଶୋଭାଯାତ୍ରା କରିବ ନାହିଁ। ନିର୍ବାଚନ ପାଇଁ ଯୋଗାଡ଼ ହୋଇଥିବା ଅର୍ଥ ଜଟଣୀରେ ଥିବା ଶ୍ରୀଜଗନ୍ନାଥ ଗୋଶାଳାକୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ଶାନ୍ତିର ବାର୍ତ୍ତା ଦେଲେ ଶିକ୍ଷକ




ଖୋର୍ଦ୍ଧା ଜୟୀ ରାଜଗୁରୁ ଭବନଠାରେ ଶିକ୍ଷକମାନେ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ ବୋଲି ବାର୍ତ୍ତା ଦେଉଛନ୍ତି।

ଖୋର୍ଦ୍ଧା ଅଫିସ,୧୩।୩

ୟୁକ୍ରେନ ଓ ଋଷ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ସାରା ବିଶ୍ୱରେ ଆତଙ୍କ ପ୍ରକାଶ ପାଇଛି। ଯୁଦ୍ଧ ଯୋଗୁ ବିଶ୍ୱରେ ଅର୍ଥନୀତି ଉପରେ ପ୍ରଭାବ ପଡୁଛି। ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଉଥିବା ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଏଭଳି ସ୍ଥିତିରେ ବୁଦ୍ଧିଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀମାନେ ଯୁଦ୍ଧ ବନ୍ଦ ଲାଗି ସ୍ୱର ଉତ୍ତୋଳନ କରୁଛନ୍ତି। ରବିବାର ନିଖିଳ ଉତ୍କଳ ଶିକ୍ଷକ ମହାସଂଘ, ଖୋର୍ଦ୍ଧା ଜିଲା ପକ୍ଷରୁ ଖୋର୍ଦ୍ଧା ଜୟୀ ରାଜଗୁରୁ ଭବନଠାରେ ଓଷ୍ଟା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷକ ସଙ୍ଗଠନର କର୍ମକର୍ତ୍ତାମାନେ କହିଥିଲେ, ଯୁଦ୍ଧ ଯୋଗୁ ୟୁକ୍ରେନର ଅଧିକାଂଶ ସହର କ୍ଷତିଗ୍ରସ୍ତ ହେଲାଣି । ଉଭୟ ଦେଶର ଅଧିକାଂଶ ସୈନ୍ୟ ମୃତ୍ୟୁବରଣ କଲେଣି। ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଦରଦାମ୍ ବଢିବାରେ ଲାଗିଛି। କର୍ମକର୍ତ୍ତାମାନେ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ ବୋଲି ବାର୍ତ୍ତା ଦେଇଥିଲେ। ସଭାରେ ଶିକ୍ଷକ ପ୍ରଫୁଲ୍ଲ ସାମନ୍ତରାୟ, ରବିନ୍ଦ୍ରନାଥ ଶତପଥି, ଗୌରହରି ମିଶ୍ର, ସତ୍ୟବାନ୍ ଶ୍ରୀଚନ୍ଦନ, ବିଷ୍ଣୁ ପ୍ରସାଦ ହରିଚନ୍ଦନ, ଦେବରାଜ ପ୍ରଧାନ, ଓଷ୍ଟା ସମ୍ପାଦକ ସୁଧାକର ମହାପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ପ୍ରସନ୍ନ କୁମାର ମହାପାତ୍ର, ନବ କିଶୋର ମହାପାତ୍ର, ଗୋପାଳ ଚନ୍ଦ୍ର ତ୍ରିପାଠୀ, ଗୋପାଳ ଚନ୍ଦ୍ର ବାରିକ, ଭକ୍ତବଲ୍ଲଭ ଜେନା, ଦୁର୍ଗାପ୍ରସାଦ ମଙ୍ଗରାଜ ଏବଂ ସୁରେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବାସନ୍ତୀକ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ଜଟଣୀ,୧୩।୩(ଡି.ଏନ୍.ଏ.)

ଜଟଣୀ ପୌର ପରିଷଦ ଅନ୍ତର୍ଗତ କୁଦିଆରି ଗ୍ରାମସ୍ଥିତ ମା'ଜାଗୁଲାଇଙ୍କ ପୀଠରେ ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ପାଳନ ନିମନ୍ତେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଧାମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ଏଲ୍.ଡି. ମହାନ୍ତି ଗତବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ପରେ କମିଟି ସଭାପତି ପଟ୍ଟନାୟକ ନୂତନ ପରିଚାଳନା କମିଟି ନିର୍ବାଚନ ପାଇଁ ଘୋଷଣା କରିଥିଲେ। ସର୍ବସମ୍ମତିକ୍ରମେ ସଭାପତି ଭାବେ ରାଧାମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ର ଶେଖର ପଣ୍ଡା, ଅଶୋକ ଦାସ କୋଷାଧ୍ୟକ୍ଷ, ଉପ ସଭାପତି ତ୍ରିନାଥ ପାଟସାହାଣୀ, ପବିତ୍ରମୋହନ ରଣସିଂହ, ସମ୍ପାଦକ ଏଲ୍.ଡି.ମହାନ୍ତି, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଣ୍ଡା, ସହସମ୍ପାଦକ ଭାବେ ବାଉରୀବନ୍ଧୁ ସାହାଣି, ସତିଶ ପରିଡ଼ା, ପ୍ରଦୀପ ସୁନ୍ଦରାୟ, ପୂର୍ଣ୍ଣଚନ୍ଦ୍ର ସାହାଣୀ ପ୍ରମୁଖ ନିର୍ବାଚିତ ହୋଇଥିଲେ।

## ମାଂସ ବୋଝେଇ କଣ୍ଟେନର ଜବତ

ଯାଁଳା,୧୩।୩(ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ନିକଟ କାଇମାଟିଆ ରାସ୍ତାରୁ ରବିବାର ଇନଫୋସିଭ୍ୟାଲି ଥାନା ପୋଲିସ ଏକ ମାଂସ ବୋଝେଇ କଣ୍ଟେନର ଜବତ କରିଛି। ତେବେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଗାଡି ମାଲିକଙ୍କ ସହ ଯୋଗାଯୋଗ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଏନଏଚ-୧୬ ତମାଣ୍ଡୋ ଛକରୁ ଏକ ମାଂସ ବୋଝେଇ କଣ୍ଟେନର ଚାଳକଙ୍କୁ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରି ନେଇଯାଇଥିଲେ। ରବିବାର ସକାଳେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ନିକଟ କାଇମାଟିଆ ଗାଁ ରାସ୍ତାରେ ଏହି ଗାଡ଼ି ଛିଡ଼ା ହୋଇଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଗନ୍ଧ ହେବାରୁ ଗୋମାଂସ ଚୋରାଚାଲାଣ ହେଉଥିବା ସନ୍ଦେହ କରି ଥାନାକୁ ଜଣାଇଥିଲେ। ଖବରପାଇ ଇନଫୋସିଭ୍ୟାଲି ଥାନା ଓ ଯାଁଳା ଫାଣ୍ଡି ପୋଲିସ ପହଞ୍ଚି ଗାଡ଼ି ମାଲିକଙ୍କୁ ଯୋଗାଯୋଗ କରିବା ସହ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ପୋଲିସ ଉକ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ ଚଳାଇଛି।

## ସାନକୁମାରୀକୁ ହରାଇ ଗୋଡ଼ିଆଳି ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳି ଓ ଅନ୍ୟମାନେ।

ବୋଲଗଡ଼,୧୩।୩(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଗୋଡିଆଳିଠାରେ ଶ୍ରୀରଘୁନାଥ ଦେବ ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ୧୫ରୁ ୧୮ବର୍ଷ ବୟସ ଖେଳାଳିଙ୍କୁ ନେଇ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଗୋଡିଆଳି ଟିମ୍ ଚାମ୍ପିୟନ ହୋଇଥିବା ବେଳେ ସାନକୁମାରୀ ଟିମ୍ ରନର୍ସଅପ ହୋଇଛି। ଟୁର୍ନାମେଣ୍ଟରେ ବୋଲଗଡ଼ ବ୍ଲକ ଅଞ୍ଚଳର ଗୋଡିଆଳି, ସାଗରଗୁଆଁ, ସାନକୁମାରୀ, ଖାଉରୁଣୀ, ଜରିପଡା, କପାସିଆ ଏବଂ ଭାପୁର ବ୍ଲକର ଚକ୍ରଧରପ୍ରସାଦ ଓ ତରବାଲୋ ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରୀତମ କୁମାର ଦାସ ଓ ଜଗଜ୍ୟୋତି ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃଷ୍ଣ ଚନ୍ଦ୍ର ବାରିକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

# ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୧୩।୩

ଖୋର୍ଦ୍ଧା ଜିଲା ପରିଷଦ ସଭାପତି ଭାବେ ଖୋର୍ଦ୍ଧା ବ୍ଲକ ୩ନଂ. ଜୋନର ରୁପଶ୍ରୀରାଣୀ ଗୁମାନସିଂ ରବିବାର ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରକାଶ ଯେ, ଚଳିତ ପଞ୍ଚାୟତ ନିର୍ବାଚନରେ ଖୋର୍ଦ୍ଧା ଜିଲାରେ ୩୦ଟି ଜିଲା ପରିଷଦ ଆସନରୁ ବିଜେଡି ଏକତରଫା ଭାବେ ୨୮ଟି ଆସନରେ ବିଜୟୀ ହୋଇଥିବା ବେଳେ ଭାଜପାକୁ ୨ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି। ତେଣୁ ବିଜେଡି ଜିଲା ପରିଷଦ ଗଠନ କରିବା ନିଶ୍ଚିତ ହୋଇଥିଲା। ଶନିବାର ପୂର୍ବାହ୍ନରେ ଖୋର୍ଦ୍ଧା ଜାତୀୟ ରାଜପଥରେ ଥିବା ଏକ ହୋଟେଲ ପରିସରରେ ଜିଲା ପର୍ଯ୍ୟବେକ୍ଷିକା ପ୍ରମିଳା ମଲ୍ଲିକ, ଜିଲା ନିର୍ବାଚନ ପର୍ଯ୍ୟବେକ୍ଷକ ବୁଟୁ ପାତ୍ର, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ରାଜେନ୍ଦ୍ର ସାହୁ ଏବଂ ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ଟାରେ ସମସ୍ତ ଜିଲା ପରିଷଦମାନେ ଜିଲା ପ୍ରକଳ୍ପ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରୁପଶ୍ରୀରାଣୀ ଦଳରୁ ଜଣେ ମାତ୍ର ପ୍ରାର୍ଥୀଭାବେ ସମର୍ଥକ ଓ ପ୍ରସ୍ତାବକଙ୍କ ସହ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପରେ ପିଡି ଦିଗନ୍ତ ରାଉତରାୟ ତାଙ୍କୁ ବିଜୟୀ ଘୋଷଣା କରିଥିଲେ। ବିଜେଡି କ୍ରମାଗତ ଭାବେ ୨୦୧୨, ୨୦୧୭ ପରେ ୨୦୨୨ରେ ତୃତୀୟ ଥର ଲାଗି ଜିଲା ପରିଷଦ ଗଠନ କରିଛି। ଜିଲା ପରିଷଦ ସଭାପତି ଭାବେ ନିର୍ବାଚିତ ହେବା ପରେ ରୁପଶ୍ରୀରାଣୀ କହିଥିଲେ ଯେ, ଜିଲାର ସର୍ବାଙ୍ଗୀନ ବିକାଶ ପ୍ରତି ଗୁରୁତ୍ୱ ଦେବି। ରାସ୍ତାଘାଟ, ବିଶୁଦ୍ଧ ପାନୀୟଜଳ, ସ୍ୱାସ୍ଥ୍ୟ, ତଥା ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶକୁ ପ୍ରାଥମିକତା ଦେବି ବୋଲି କହିଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷ ଜିଲା ପରିଷଦ ସଭାପତି ଆସନ ମହିଳା ପାଇଁ ସଂରକ୍ଷିତ ରହିଥିଲା। ଅଧ୍ୟକ୍ଷା ଦୌଡରେ ଖୋର୍ଦ୍ଧା, ଜଟଣୀ, ବାଲିଅନ୍ତା ଓ ବାଲିପାଟଣାରୁ ୪ଜଣ ଆଶାୟୀ ରହିଥିବା ବେଳେ ଦଳ ଶେଷ ମୁହୂର୍ତ୍ତରେ ରୁପଶ୍ରୀଙ୍କୁ ମୋହର ମାରିଥିଲା। ତେବେ ଆସନ୍ତା ମାର୍ଚ୍ଚ ୨୫ରେ ଉପାଧ୍ୟକ୍ଷା ଉପରେ ସମସ୍ତଙ୍କ ନଜର ରହିଛି। ଉପାଧ୍ୟକ୍ଷ ପାଇଁ ୩ଜଣ ଜିଲା ପରିଷଦ ଲବିରେ ରହିଥିବା ବେଳେ ଦଳ କାହାକୁ ମୋହର ମାରିବ, ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ନୂତନ ଜିଲା ପରିଷଦ ସଭାପତି ରୁପଶ୍ରୀରାଣୀ ଗୁମାନସିଂଙ୍କୁ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ରାଜେନ୍ଦ୍ର ସାହୁ, ଜିଲା ସଭାପତି ବିଭୁତି ବଳବନ୍ତରାୟ ଏବଂ ରାଜ୍ୟ ସଙ୍ଗଠନ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଶୁଭେଚ୍ଛା ଜଣାଇଛନ୍ତି।



ବିଜୟୀ ଜିଲାପରିଷଦ ସଭାପତିଙ୍କ ସହ ବିଧାୟକ ଓ ଅନ୍ୟମାନେ।

## ଜିଲାପରିଷଦ ସଭାପତି ହେଲେ ରୁପଶ୍ରୀରାଣୀ ଗୁମାନସିଂ

## ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ଶିବିର

ବାଲିପାଟଣା,୧୩।୩(ଡି.ଏନ୍.ଏ.)

ବାଲିପାଟଣା ସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ତିନିଦିନିଆ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ସହକାରୀ ଜିଲାପାଳ ଜ୍ୟୋସ୍ନାରାଣୀ ପାତ୍ର ଓ ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ.ବ୍ରଜନାରାୟଣ ପାତ୍ର ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଡ.ବୈକୁଣ୍ଠ ନାରାୟଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ କଲେଜ ଏନଏସ୍ଏସ୍ ଅଧିକାରୀ ଡ.ସହଦେବ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କ ସମେତ ୧୫ଜଣ ଯୋଜନା ଅଧିକାରୀ ଯୋଗ ଦେଇଛନ୍ତି। ଅପରାହ୍ନ କାର୍ଯ୍ୟକ୍ରମରେ ଜାତୀୟ ଯୁବ ପ୍ରକଳ୍ପର ଆବାହକ ମଧୁସୂଦନ ଦାସ ଓ ଆଇଏମଏସ୍‌ର ରଘୁନାଥ ମଣ୍ଡଳ ଯୋଗଦେଇ ସେବାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଯୋଗାଯୋଗ ଭାଷା ସମ୍ପର୍କରେ ଏହାର ଗୁରୁତ୍ୱ ଉପଲବ୍ଧି କରିବାକୁ ପରାମର୍ଶ ଦେଇଥିଲେ।

## ଶବରଙ୍କୁ ଆଦିବାସୀ ଜାତିଗତ ପ୍ରମାଣପତ୍ର ଦିଆଯାଉ

ଭୁବନେଶ୍ୱର,୧୩।୩(ବ୍ୟୁରୋ)

ଶବରମାନଙ୍କୁ ଆଦିବାସୀ ଜାତିଗତ ପ୍ରମାଣପତ୍ର ପ୍ରଦାନ କରିବାକୁ ପୁଣି ଦାବି କରିଛି ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ। ନ୍ୟାୟ ନ ମିଳିଲେ ଏଣିକି ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ବି ଦିଆଯାଇଛି। ଏ ସଂକ୍ରାନ୍ତରେ ରବିବାର ବୁଦ୍ଧମନ୍ଦିର ପରିସରରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚ ଅଧ୍ୟକ୍ଷ ବିଦ୍ୟାଧର ଦେହୁରୀ ଏଥିରେ ଅଧ୍ୟକ୍ଷତା କରି କହିଲେ, ଶବର ଶବ୍ଦକୁ ଅପଭ୍ରଂଶ କରାଯାଇ ସଅର ଲେଖିଦେବା ଫଳରେ ଶବରମାନେ ଜାତିଗତ ପ୍ରମାଣପତ୍ର ପାଇପାରୁନାହାନ୍ତି। ଫଳରେ ସରକାରୀ ସୁବିଧା ସୁଯୋଗ ଓ ସମସ୍ତ ପ୍ରକାର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କିଛି ସୁଫଳ ମିଳୁନି। ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ତେଣୁ ଏହା ସରକାରଙ୍କର ଏକ ଚକ୍ରାନ୍ତ ବୋଲି ଜଣାପଡୁଛି। ଆଗାମୀ ଦିନରେ ଏହି ଅନ୍ୟାୟ ବିରୋଧରେ ରାଜ୍ୟବ୍ୟାପୀ ଲଢ଼େଇ କରିବାକୁ ପ୍ରସ୍ତୁତ ରହିବା ପାଇଁ ଅଧ୍ୟକ୍ଷ ଦେହୁରୀ ଆହ୍ୱାନ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ମୋହନ ଜେନା, ଶରତ ନାୟକ, ଗୌତମ ଗୋପାଳ, ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ନ୍ୟାୟ ନ ମିଳିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ

# ମଣ୍ଡିରୁ ଧାନ ନ ଉଠିଲେ ଆନ୍ଦୋଳନ

ବୋଲଗଡ଼,୧୩।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ମଣ୍ଡିରେ ଧାନବସ୍ତା ରଖି ଚାଷୀ ଜଗି ବସିଥିବା ବେଳେ ମିଲର୍ସଙ୍କ ଦେଖା ମିଳୁନାହିଁ। ଫଳରେ ଚାଷୀ ମଣ୍ଡିରେ ଧାନ ଦେଇ ନ ପାରି ଶୋଷଣର ଶିକାର ହେଉଛି। ଟୋକନ ଅବଧି ସରିଯିବାରୁ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଅନ୍ୟପଟେ ଅବଧି ସରିଥିବା ଟୋକନଗୁଡ଼ିକର ପୁନଃ କାର୍ଯ୍ୟକ୍ଷମ ଓ ଚାଷୀଙ୍କ ବଳକା ଧାନ ତୁରନ୍ତ ନ କିଣାଯାଏ ଆସନ୍ତା ୧୫ତାରିଖରେ ରାଜରାସ୍ତା କିମ୍ବା କୌଣସି ସରକାରୀ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରାଯିବ ବୋଲି ନବନିର୍ମାଣ କୃଷକ ସଙ୍ଗଠନ ଚେତାବନୀ ଦେଇଛି। ପ୍ରକାଶ ଯେ, ଶନିବାର ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗବଡ଼ିହପାଟଣା ଭାଗବତ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୈତାରି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶତାଧିକ ଚାଷୀ ଯୋଗଦେଇଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ଖୋର୍ଦ୍ଧା ଜିଲା ସଭାପତି ସୁରେଶ ମାନସିଂହ, ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀ, ଖଙ୍ଗୁରିଆ ପଞ୍ଚାୟତ ସଂଯୋଜକ ସୋମନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ନିଷ୍ପତ୍ତି ନେଇଥିଲେ। ବ୍ଲକ ସଂଯୋଜକ ତ୍ରିପାଠୀ ଜିଲାପାଳଙ୍କୁ ଭେଟିବା ସହ ଚାଷୀଙ୍କ ବଳକା ଧାନ କିଣିବା ଲାଗି ଦାବି କରିବେ ବୋଲି କହିଥିଲେ। ଏହି ଅବସରରେ ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟ ଥିବା ୫୦ଜଣ ଚାଷୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା।



ବୈଠକରେ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଓ ଚାଷୀମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୩।୨୦୨୨

| | |
|---|---|
| ୩,୪୩,୦୬୫ ଟଙ୍କା | |
| ସୁନା | ୧୮୦ ମିଲିଗ୍ରାମ |
| ରୁପା | ୧.୮୦୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ପଦଯାତ୍ରା, ଟାଉନହଲଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ। ପୂର୍ବାହ୍ନ ୧୦ଟା।
- ପୂର୍ବତଟ ରେଳବାଇ ଶ୍ରମିକ ୟୁନିୟନ ପକ୍ଷରୁ ବିରୋଧ ପ୍ରଦର୍ଶନ, କୋଚିଙ୍ଗ୍ ଡିପୋ, ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଲେ ସରପଞ୍ଚ

ଗୋପ,୧୩।୩(ଡି.ଏନ୍.ଏ.): ଗୋପ ବ୍ଲକ ଅଧୀନ ନୂଆଖୋଲମରା ଓ ଡଭାର ପଞ୍ଚାୟତର ନବନିର୍ବାଚତ ସରପଞ୍ଚ ଶପଥ ନେବା ପରେ ଶିକ୍ଷାକୁ ଗୁରୁତ୍ୱ ଦେଇ କେତେକ ସ୍କୁଲ ବୁଲି ଦେଖିଥିଲେ। ନୂଆଖୋଲମରା ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର କାନୁନଗୋ ବାଲିବସ୍ତ ପ୍ରାଥମିକ ବିଦ୍ୟାଳୟ , ଓରତଣ୍ଡା ପ୍ରାଥମିକ ବିଦ୍ୟାଳୟ, ବିମଳା ଉଚ୍ଚ ବିଦ୍ୟାଳୟ, ଗୋପୀନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ସହିତ ୫ଟି ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେହିପରି ଡଭାର ସରପଞ୍ଚ ଜଗବନ୍ଧୁ ବରାଳ ଭଦିଷ ପ୍ରାଥମିକ ବିଦ୍ୟାଳୟ, ଶଙ୍ଖତିରା ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିଥିଲେ। ସରପଞ୍ଚମାନେ କିଛି ସମୟ ଛାତ୍ରୀ ଛାତ୍ରଙ୍କୁ ପାଠ ପଢ଼ାଇଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପିଲାଙ୍କ ଭବିଷ୍ୟତ ପ୍ରତି ଦୃଷ୍ଟି ଦେବାକୁ କହିଥିଲେ।

### ବରିଷ୍ଠ ନାଗରିକ ମଞ୍ଚର ବୈଠକ

କାକଟପୁର,୧୩।୩(ଡି.ଏନ୍.ଏ.): ନୟାହାଟ ବଜାରଠାରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ଭ୍ରମରବର ଓଝା ସଭାପତିତ୍ୱ କରିଥିଲେ। ସମ୍ପାଦକ କୈଳାଶ ଚନ୍ଦ୍ର ଦାଶ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଯୁଗ୍ମ ସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକ ୭୦ଜଣ ନୂତନ ସଭ୍ୟ ମଞ୍ଚରେ ଯୋଗଦେଇଥିବା କହିଥିଲେ। ଆଗାମୀ ଦିନରେ ପୀଡ଼ିତ ଓ ଅସହାୟ ବ୍ୟକ୍ତିଙ୍କୁ ସହାୟତା କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସୁରେନ୍ଦ୍ର ମୋହନ ମିଶ୍ର, ସୁରେନ୍ଦ୍ର ମୋହନ ବିଟି, ନଳିନୀକାନ୍ତ ଖୁଣ୍ଟିଆ, ଉମେଶ ଚନ୍ଦ୍ର ପରିଡ଼ା, ଲକ୍ଷ୍ମୀଧର ସାହୁ, ବୈଷ୍ଣବ ଚରଣ କାଣ୍ଡ, ରାଜକିଶୋର ଖୁଣ୍ଟିଆ, ଜୟରାମ ମଲ୍ଲିକ, ରବି ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାତିଛନ୍ତି ଅଷ୍ଟଧାତୁ ମୂର୍ତ୍ତିଚୋର

■ ୨ ମାସରେ ୭ ମନ୍ଦିରରୁ ଚୋରି କଲେଣି ବହୁ ମୂର୍ତ୍ତି

■ ଟେର୍ ପାଉନି ପୋଲିସ, ଗ୍ରାମାଞ୍ଚଳରେ ଆତଙ୍କ

ପୁରୀ ଅଫିସ,୧୩।୩: ପୁରୀ ଜିଲାରେ ଅଷ୍ଟଧାତୁ ମୂର୍ତ୍ତି ଚୋରି ର୍‍ୟାକେଟ୍ ସକ୍ରିୟ ହୋଇଉଠିଛନ୍ତି। ବିଭିନ୍ନ ମନ୍ଦିରରୁ ମୂର୍ତ୍ତି ଚୋରମାନେ ପ୍ରାଚୀନ ମୂର୍ତ୍ତି ଚୋରାଇ ନେଉଛନ୍ତି। କିଛିଦିନ ତଳେ କଣାସ, ସତ୍ୟବାଦୀ ଓ ଚନ୍ଦନପୁର ପ୍ରଭୃତି ଅଞ୍ଚଳରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଶୁକ୍ରବାର ରାତିରେ ବୀରନରସିଂହପୁର ଗ୍ରାମସ୍ଥିତ ଗୋପୀନାଥ ମନ୍ଦିରରୁ ୫ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଛି। ଏହି ମାମଲାକୁ ୪୮ ଘଣ୍ଟା ବିତିସାରିଥିଲେ ମଧ୍ୟ ପୋଲିସ କାହାକୁ ଧରିପାରି ନାହିଁ। ଗତ ୨ମାସ ମଧ୍ୟରେ ଜିଲାର ୭ଟି ସ୍ଥାନରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇସାରିଲାଣି।

ଚୋରମାନଙ୍କ ଟେର୍ ପାଇପାରୁନାହିଁ ପୋଲିସ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ଚନ୍ଦନପୁର ଥାନା ଅଧୀନ ଜଗନ୍ନାଥପୁରସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିରରୁ ବାବା ବୁଢ଼ାଦିଅଁଙ୍କ ଚଳନ୍ତି ପ୍ରତିମା ସହ ୫ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ତାହାର ଦୁଇ ଦିନ ପୂର୍ବରୁ ମୋରଡ଼ପଡ଼ାସ୍ଥିତ ଏକ ମଠରୁ ଠାକୁରଙ୍କ ବହୁମୂଲ୍ୟ ଅଳଙ୍କାର ଓ ସୁନ୍ଦର ଗ୍ରାମସ୍ଥିତ ବଟେଶ୍ୱର ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ସେହିପରି ସତ୍ୟବାଦୀ ଥାନା ଅନ୍ତର୍ଗତ ନୂଆସୋମେଶ୍ୱରପୁର ଗ୍ରାମ ମନ୍ଦିରରୁ ଅଷ୍ଟଧାତୁ ମୂର୍ତ୍ତି ଓ ଗତ ୩୧ ତାରିଖରେ କଣାସ ଥାନା ଅନ୍ତର୍ଗତ ବୈଦ୍ୟନାଥ ପାଟଣା ଗ୍ରାମର ଠାକୁର ବୈଦ୍ୟନାଥ ଦେବଙ୍କ ୪୦ କେଜିର ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଏହାପରେ କଣାସ ବ୍ଲକ୍ ତଥା ଗଡ଼ିଶାଗଡା ଥାନା ଅଧୀନ ଶ୍ରୀମୁକୁନ୍ଦପୁର ଗ୍ରାମ ଈଶାନେଶ୍ୱର ମନ୍ଦିରରୁ ଗତ ୮ତାରିଖ ରାତିରେ ଶିବପାର୍ବତୀ ଓ ରାଧାକୃଷ୍ଣଙ୍କ ମୂର୍ତ୍ତି ଚୋରିକରି ନିଆଯାଇଥିଲା। ଦୁର୍ବୃତ୍ତମାନେ ରାତିଅଧିଆ ମନ୍ଦିର କବାଟ ଭାଙ୍ଗି ମୂର୍ତ୍ତି ଉଠାଇନେଇ ଚାଲିଯାଉଛନ୍ତି। ଏସବୁ ଘଟଣାରୁ ଜିଲାରେ ଆନ୍ତଃରାଜ୍ୟ ମୂର୍ତ୍ତିଚୋର ମାତିଥିବା ସ୍ପଷ୍ଟ ହେଉଛି। ଫଳରେ ଗ୍ରାମାଞ୍ଚଳରେ ଆତଙ୍କ ଖେଳିଯାଇଛି। ଗ୍ରାମର ଆରାଧ୍ୟ ଦେବଦେବୀଙ୍କ ମୂର୍ତ୍ତି ଚୋରି ଘଟଣାକୁ ଗ୍ରାମବାସୀ ସହଜେ ଗ୍ରହଣ କରିପାରୁନାହାନ୍ତି। ସେହିଭଳି ଅଧିକାଂଶ ଗ୍ରାମର ଦେବଦେବୀ ମନ୍ଦିରକୁ ଗ୍ରାମବାସୀ ପାଳି କରି ରାତି ଅନିଦ୍ରା ହୋଇ ଜଗୁଛନ୍ତି। କଣାସର କେତେକ ଗ୍ରାମରେ ଗ୍ରାମବାସୀ ରାତିରେ ମନ୍ଦିର ନିକଟରେ ପଇଁତରା ମାରିବାକୁ ନିଷ୍ପତ୍ତି ନେଇଛନ୍ତି। ଗଡ଼ିଶାଗଡା ଗ୍ରାମର ବାସିନ୍ଦା ପଙ୍କଜ ମିଶ୍ର କହିଛନ୍ତି, କ୍ରମାଗତ ଭାବେ ମୂର୍ତ୍ତି ଚୋରି ହେଉଥିଲେ ମଧ୍ୟ ପୋଲିସ କିଛି ପତ୍ତା ପାଇପାରୁନାହିଁ। ତେଣୁ ଗ୍ରାମବାସୀ ପାଳି କରି ମନ୍ଦିରକୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଛନ୍ତି। ବିଭିନ୍ନ ମନ୍ଦିରରୁ ଏଭଳି ଚୋରି ହେଉଥିବାରୁ ଏକ ନିର୍ଦ୍ଦିଷ୍ଟ ଗ୍ୟାଙ୍ଗ ଏଥିରେ ସମ୍ପୃକ୍ତ ବୋଲି ସନ୍ଦେହ କରାଯାଉଛି। ସଦର ଏସ୍‌ଡିପିଓ କିଶୋର ମୁଣ୍ଡ କହିଛନ୍ତି, ପୋଲିସ ଏ ନେଇ ଅନୁସନ୍ଧାନ ଚଳାଇଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଠାବ କରାଯିବ। ସେହିପରି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଲୁଟେରା ଗ୍ୟାଙ୍ଗକୁ ଗିରଫ ନ କରାଯିବା ପର୍ଯ୍ୟନ୍ତ ଗ୍ରାମବାସୀ ସଚେତନ ରୁହନ୍ତୁ ଓ ମନ୍ଦିରଗୁଡ଼ିକ ଉପରେ ନଜର ରଖନ୍ତୁ। ସେହିଭଳି କେହି ଲୁଟେରାଙ୍କ ସମ୍ପର୍କରେ ସୂଚନା ପାଇଲେ ତୁରନ୍ତ ପୋଲିସକୁ ଜଣାନ୍ତୁ। ପୋଲିସ ସମସ୍ତ ମାମଲାର ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ମନ୍ଦିରରୁ ଦେବଦେବୀଙ୍କ ମୂର୍ତ୍ତି ଚୋରି ଯୋଗୁ ଧାର୍ମିକ ଭାବାବେଗ ପ୍ରତି ଆଘାତ ପହଞ୍ଚୁଛି। ତେଣୁ ପୋଲିସ ଏହାର ଗୁରୁତ୍ୱକୁ ବୁଝି ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

## 'ମନ୍ଦିରରେ ପୁରାତନ ମୂର୍ତ୍ତି ଅସୁରକ୍ଷିତ'

ସାକ୍ଷୀଗୋପାଳ,୧୩।୩(ଡି.ଏନ୍.ଏ.): ପୁରୀ ଜିଲାର ମନ୍ଦିରଗୁଡ଼ିକରୁ ଦେବଦେବୀ ମୂର୍ତ୍ତି ଚୋରି ଘଟଣା ବୃଦ୍ଧି ପାଉଛି। ଫଳରେ ଦୈନନ୍ଦିନ ଦେବନୀତି ସହିତ ଯାନିଯାତ୍ରା ଓ ପାରମ୍ପରିକ ପର୍ବ ପାଳନରେ ପ୍ରତିବନ୍ଧକ ଦେଖାଯାଇଛି। ସଚେତନତା ସୃଷ୍ଟି କରିବା, ମୂର୍ତ୍ତି ଚୋରି ରୋକିବା ଓ ପ୍ରଶାସନିକ ପଦକ୍ଷେପ ପାଇଁ ବ୍ରାହ୍ମଣ ମହାସଂଘ ଏବଂ ମୁକ୍ତିମଣ୍ଡପ ପଣ୍ଡିତ ସଭାର ମିଳିତ ଆନୁକୂଲ୍ୟରେ ରବିବାର ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଗ୍ରାମର ମନ୍ଦିରଗୁଡିକ ଗ୍ରାମକୋଠ ଓ ଗ୍ରାମବାସୀଙ୍କ ପ୍ରୋତ୍ସାହନରେ ପରିଚାଳିତ ହୋଇଥାଏ। ପ୍ରାକୃତିକ ବିପର୍ଯ୍ୟୟରେ ଠାକୁରଙ୍କ ଧାନ, ନଡ଼ିଆ ଆୟ ପ୍ରଭାବିତ ହେବାରୁ ଦେବନୀତି ପରିଚାଳନା କରିବା କଷ୍ଟକର ହୋଇପଡ଼େ ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି। ମୂର୍ତ୍ତି ସୁରକ୍ଷା ନିମନ୍ତେ ମନ୍ଦିରରେ ସିସି କ୍ୟାମେରା ଲଗାଇବା, ପୋଲିସ ପାଟ୍ରୋଲିଂ କଡ଼ାକଡି କରାଯିବାକୁ ଦାବି ହୋଇଛି। ସମ୍ମିଳନୀରେ ବ୍ରାହ୍ମଣ ମହାସଂଘ ସଭାପତି ଅଶ୍ୱିନୀ ନନ୍ଦ, ସାକ୍ଷୀଗୋପାଳ ମନ୍ଦିର ପଣ୍ଡିତ ରାଜକିଶୋର ମହାପାତ୍ର, ସେବାୟତ ପିତାମ୍ବର ସହାପାତ୍ର, କିଶୋର ଚନ୍ଦ୍ର ମହାପାତ୍ର, ବ୍ରାହ୍ମଣ ମହାସଂଘର ସଭ୍ୟ ବୀରଞ୍ଚି ନାରାୟଣ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀଠାରେ ରବିବାର ସିଂହସ୍ଥାନ ମଧୁବୈଶ୍ୟ ସମିତିର ପାରିବାରିକ ବନ୍ଧୁମିଳନ ମହୋତ୍ସବରେ ମଞ୍ଚାସୀନ ଅତିଥିଙ୍କ ସହ ଅନ୍ୟମାନେ ।

## ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ମନ୍ତ୍ରୀ

ନିମାପଡ଼ା,୧୩।୩(ଡି.ଏନ୍.ଏ.): ଆଉ ଦିନ କେଇଟା ପରେ ପୌର ନିର୍ବାଚନ। ନିମାପଡ଼ା ଏନ୍‌ଏସିରେ ପୌର ନିର୍ବାଚନ ପାଇଁ ମଇଦାନକୁ ଓହ୍ଲାଇଛନ୍ତି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଭିନ୍ନ ୱାର୍ଡ, ସାହି ପରିକ୍ରମା କରି ପ୍ରଚାର କରିବା ସହ ଭୋଟ୍ ପାଇଁ ନିବେଦନ କରୁଛନ୍ତି। ରବିବାର ମନ୍ତ୍ରୀ ଦାଶ ବିଜେଡି ପରୋଧକ୍ଷା ପ୍ରାର୍ଥୀ ସସ୍ମିତା ସାହୁ, ୧ନଂ. ୱାର୍ଡ କାଉନ୍‌ସିଲର ପ୍ରାର୍ଥୀ କବିତା ପ୍ରଧାନ, ୨ନଂ. ୱାର୍ଡର କାଉନସିଲର ପ୍ରାର୍ଥୀ ଲିଲିବାଳା ବିଶ୍ୱାଳ, ନଗର ସଭାପତି ଟୀବନାନନ୍ଦ ମହାପାତ୍ର, ମହିଳା ନେତ୍ରୀ କୌଶଲ୍ୟା ସାହୁ ପ୍ରମୁଖ ପ୍ରଚାର କରିଥିଲେ। ୧ନଂ.ୱାର୍ଡର କିଆକଣ୍ଟା, ମେଲକସାହି, ପାଟପୁର, ପଣ୍ଡାସାହି, ମହାପାତ୍ର ସାହି, ପ୍ରଧାନ ସାହି, ମହାନ୍ତି ସାହି, ୨ନଂ. ୱାର୍ଡର ବାଛେରା ସାହି, ଦକ୍ଷିଣ ଭୋଇ ସାହି, ମଲିକ ସାହି ଆଦି ଗ୍ରାମରେ ଶୋଭାଯାତ୍ରାରେ ପରିକ୍ରମା କରି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ନିବେଦନ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମରେ ଆୟୋଜିତ ପଥପ୍ରାନ୍ତ ସଭାରେ ମନ୍ତ୍ରୀ ଦାଶ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ସ୍ୱଚ୍ଛ ନିର୍ମଳ ଶାସନ ସମ୍ପର୍କରେ ଭୋଟରଙ୍କୁ ଅବଗତ କରାଇଥିଲେ। ଏହି ରୋଡ୍ ଶୋ, ଶୋଭାଯାତ୍ରରେ ଗ୍ରାମଗୁଡ଼ିକ ପ୍ରକମ୍ପିତ ହୋଇଉଠିଥିଲା।


ବିଜେଡି ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରଚାର କରୁଛନ୍ତି ।

## କୋଣାର୍କ ବାର୍ ଆସୋସିଏଶନ ନିର୍ବାଚନ: ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

କୋଣାର୍କ,୧୩।୩(ଡି.ଏନ୍.ଏ.): ୨୦୨୨-୨୩ ବର୍ଷ ନିମନ୍ତେ କୋଣାର୍କ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଗତ ୫ତାରିଖରୁ ଆରମ୍ଭ ହୋଇଥିଲା । ନିର୍ବାଚନ ଅଧିକାରୀ ସଚ୍ଚିକାନ୍ତ ମିଶ୍ରଙ୍କ ସୂଚନା ଅନୁଯାୟୀ, କୋଣାର୍କ ଓକିଲ ସଂଘର ସମସ୍ତ ପଦବୀ ପାଇଁ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଂଘର ସଭାପତି ଭାବେ ଶ୍ରୀଜୟ ବରାଳ, ସାଧାରଣ ସମ୍ପାଦକ ଭାବେ ଭାବଗ୍ରାହୀ ସାଇଁ, ଉପ-ସଭାପତି ବିଜୟଲକ୍ଷ୍ମୀ ବିଶାଳ, ଯୁଗ୍ମ-ସମ୍ପାଦକ ବିଜୟ କୁମାର ମହାନ୍ତି ଓ ସତ୍ୟଭାମା ରଥ, କୋଷାଧ୍ୟକ୍ଷ ଭାବେ ବନିତା ପାତ୍ର ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ କମିଟିକୁ ଅଶୋକ ବିଶ୍ୱାଳ, ସବିତା ମିଶ୍ର, ଗନ୍ଧର୍ବ ଦଳାଇ, ଭଗବାନ ମହାପାତ୍ର, ପ୍ରସ୍ମଜିତ ପରିଡା, ବରୁଣ ନାୟକ, ଅଖତରୁନ ନିଶା, ଅଜୟ ସେଠୀ, ଲକ୍ଷ୍ମୀକାନ୍ତ ଖଟୋଇ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।

# ସ୍ୱପ୍ନାରାଣୀ ସ୍ୱାଇଁ ପୁରୀ ଜିଲା ପରିଷଦ ସଭାପତି

### ବାଜି ମାରିନେଲେ ସଞ୍ଜୟ

ପୁରୀ ଅଫିସ,୧୩।୩: ପୁରୀ ଜିଲା ପରିଷଦ ସଭାପତି ପଦ ହାତେଇଛି ବିଜେଡି। ବ୍ରହ୍ମଗିରି ବ୍ଲକ ୨୯ ନମ୍ବର ଜୋନ୍‌ର ବିଜେଡି ପ୍ରାର୍ଥୀ ସ୍ୱପ୍ନାରାଣୀ ସ୍ୱାଇଁ ଜିଲା ପରିଷଦ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସ୍ୱପ୍ନାରାଣୀଙ୍କ ବିରୋଧରେ ୩୨ନମ୍ବର ଜୋନ୍‌ର ଭାଜପାର ବିଷ୍ଣୁପ୍ରିୟା ବରାଳ ପ୍ରାର୍ଥୀ ହୋଇଥିଲେ। ମୋଟ ୩୩ ଜିଲା ପରିଷଦ ସଭ୍ୟଙ୍କ ମଧ୍ୟରୁ ସ୍ୱପ୍ନାରାଣୀଙ୍କୁ ୩୦ ଓ ବିଷ୍ଣୁପ୍ରିୟାଙ୍କୁ ୩ଟି ଭୋଟ ମିଳିଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ସମର୍ଥ ବର୍ମା ନବନିର୍ବାଚିତ ଜିଲା ପରିଷଦ ସଭ୍ୟାସଭ୍ୟମାନଙ୍କୁ ଶପଥପାଠ କରାଇଥିଲେ। ଏହାପରେ ଜିଲା ପରିଷଦ ସଭାପତି ପଦ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା ନିର୍ବାଚନ ପରିଚାଳନା କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ଜିଲା ପଞ୍ଚାୟତ ଅଧିକାରୀ ଚିନ୍ମୟ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ସମର୍ଥିତ ପ୍ରାର୍ଥୀ ସ୍ୱପ୍ନାରାଣୀ ସ୍ୱାଇଁ ଜିଲା ପରିଷଦ ସଭାପତି ହେବା ନେଇ ରାଜନୈତିକ ମହଲରେ ଆଲୋଚନା ଜୋର ଧରିଛି। ଗଣଶିକ୍ଷା ମନ୍ତ୍ରୀ ତଥା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏବଂ କ୍ରୀଡ଼ା ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ କେହି ସମର୍ଥକ ପ୍ରାର୍ଥୀ ଏହି ପଦ ଅକ୍ତିଆର କରିବା ନେଇ ଚର୍ଚ୍ଚା ହେଉଥିଲା। ମାତ୍ର ସମସ୍ତ ଚର୍ଚ୍ଚା ଓ ରାଜନୈତିକ ଆକଳନକୁ ଭୁଲ ପ୍ରମାଣିତ କରି ଦାସବର୍ମା ପୁରୀ ଜିଲା ବିଜେଡିରେ ତାଙ୍କର ପ୍ରଭାବକୁ ପ୍ରମାଣିତ କରିପାରିଛନ୍ତି ବୋଲି କୁହାଯାଉଛି। ନବନିର୍ବାଚିତ ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ କହିଛନ୍ତି, ଗ୍ରାମାଞ୍ଚଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ ଧ୍ୟାନ ଦେବି। ସେହିପରି ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ସହ ଅଧିକରୁ ଅଧିକ ଆଦର୍ଶ ଗ୍ରାମ ଗଠନ ପାଇଁ ଚେଷ୍ଟା କରିବି।


ସ୍ୱପ୍ନାରାଣୀ ସ୍ୱାଇଁ ଜିଲା ପରିଷଦ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରୁଛନ୍ତି ।

## ପ୍ରଦର୍ଶନୀ ଭଲିବଲ ମ୍ୟାଚ୍: ଓଡ଼ିଶା ସ୍ପୋର୍ଟସ ବିଜୟୀ

### ଯୋଗଦେଲେ ବ୍ରିଟିଶ ଡେପୁଟି ହାଇକମିଶନର

ପୁରୀ ଅଫିସ, ୧୩।୩: ରାଜ୍ୟଗୋଷ୍ଠୀ ଦିବସ ଉପଲକ୍ଷେ ରବିବାର ପୁରୀ ବ୍ଲୁଫ୍ଲାଗ୍ ବିଚରେ ପ୍ରଦର୍ଶନୀ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସ୍ପୋର୍ଟସ ଏବଂ ୟୁକେ ଇନ୍ କୋଲକାତା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସ୍ପୋର୍ଟସ ବିଜୟୀ ହୋଇଥିଲା। କୋଲକାତାସ୍ଥିତ ବ୍ରିଟିଶ ହାଇକମିଶନର ନିକ ଡି' ଲୋ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଡିଏଫ୍‌ଓ ପି. ରାମାସ୍ୱାମୀ, ଜିଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ଯୁବ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଯୁବ ବିକାଶ ବିଶେଷଜ୍ଞ ଡ. ପ୍ରବୀର ମିଶ୍ର, ରଶ୍ମିରଞ୍ଜନ ମହାପାତ୍ର, ଦୀପ୍ତି ମିଶ୍ର ଏବଂ ୟୁକେ ଇନ କୋଲକାତା ଟିମ୍‌ରେ ପୂର୍ବ ଓ ଉତ୍ତର- ପୂର୍ବ ଭାରତର ଯୋଗାଯୋଗ ମୁଖ୍ୟ ଅମିତ ସେନଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ପରେ ବ୍ରିଟିଶ ଡେପୁଟି ହାଇକମିଶନର ଅରୁଣସ୍ତମ୍ଭ ନିକଟରେ ଶ୍ରୀପତିତପାବନ ଓ ନୀଳଚକ୍ର ଦର୍ଶନ କରିଥିଲେ। ପରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ ପାଇଁ ଯାଇଥିଲେ।


ଶ୍ରୀମନ୍ଦିର ସମ୍ମୁଖରେ ବ୍ରିଟିଶ ଡେପୁଟି ହାଇକମିଶନର ଏବଂ ଅନ୍ୟମାନେ ।

## ସାହିତ୍ୟ ଆଲୋଚନାଚକ୍ର

ପୁରୀ ଅଫିସ ୧୩।୩: ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ମାସିକ ସାହିତ୍ୟ ଆଲୋଚନାଚକ୍ର ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଜୟଲକ୍ଷ୍ମୀ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନା ଚକ୍ରରେ ଋତୁ ସମ୍ବନ୍ଧୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ଶିବ ସୁନ୍ଦର ମିଶ୍ର ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଇଧର ପ୍ରହରାଜ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟନାରାୟଣ ମିଶ୍ର ଓ ସଦାଶିବ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ଷଡ଼ଋତୁର ସମ୍ଭାର ଉପରେ ଆଲୋକପାତ କରିଥିଲେ। କ୍ରିଷ୍ଣା ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଇଷ୍ଟକୋଷ୍ଟ ରେଲ୍‌ୱେ ମଜଦୁର ୟୁନିୟନ ବାର୍ଷିକ ଅଧିବେଶନ

ପୁରୀ ଅଫିସ, ୧୩।୩: ଇଷ୍ଟକୋଷ୍ଟ ରେଲୱେ ମଜଦୁର ୟୁନିୟନର ଦ୍ୱିଦିବସୀୟ ବାର୍ଷିକ ଅଧିବେଶନ ରବିବାର ପୁରୀ ରେଲୱେ କଲ୍ୟାଣମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଡିପୋର ବରିଷ୍ଠ ଅଧିକାରୀ ଲିଙ୍ଗରାଜ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଙ୍ଗଠନ ପ୍ରତିଷ୍ଠାତା ସ୍ୱର୍ଗତ ଦତ୍ତୋପନ୍ତ ଠେଙ୍ଗଡୀଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଜୋନ୍ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ସଙ୍ଗଠନର ଆଗାମୀ ଲକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ। ଜୋନ୍ କୋଷାଧ୍ୟକ୍ଷ ତ୍ରିଲୋଚନ ସାହୁ ୨୦୨୦-୨୧ ବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଉପାଧ୍ୟକ୍ଷ ବିବେକାନନ୍ଦ ସ୍ୱାଇଁ ୟୁନିୟନର ବାଇ-ଲ'ରେ କିଛି ପରିବର୍ତ୍ତନ ସହ ୟୁନିୟନ ନାମ ଇଷ୍ଟକୋଷ୍ଟ ରେଲୱେ ମଜଦୁର ସଂଘ ରୂପେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ରଖିଥିଲେ। ଏହା ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। ଭାରତୀୟ ମଜଦୁର ସଂଘର ଉପାଧ୍ୟକ୍ଷ ବୀଣାପାଣି ପଣ୍ଡା ଏବଂ ଓଡ଼ିଶା ପ୍ରଦେଶ ଉପାଧ୍ୟକ୍ଷ ଶ୍ରୀନିବାସ ରାଓ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୨୦୨୨-୨୪ ବର୍ଷ ନିମନ୍ତେ ନୂତନ କମିଟି ଗଠନ କରାଯାଇଥିଲା। ଜୋନ୍ ଅଧ୍ୟକ୍ଷ ଭାବେ ବିଶ୍ୱଜିତ୍ ପରିଡ଼ା ଓ ସାଧାରଣ ସମ୍ପାଦକ ଭାବେ ରଞ୍ଜନ କୁମାର ଦାସଙ୍କୁ ନିର୍ବାଚିତ କରାଯାଇଥିଲା। ସେହିପରି ଆଗାମୀ ବର୍ଷ ପାଇଁ ପୁରୀ ଶାଖା ଓ ଖୋର୍ଦ୍ଧା ମଣ୍ଡଳର ନୂତନ କାର୍ଯ୍ୟକର୍ତ୍ତା ଘୋଷଣା କରାଯାଇଥିଲା। ପୁରୀ ଶାଖା ସଭାପତି ଭାବେ ଶଶାଙ୍କ ଶେଖର ମିଶ୍ର ଓ ସମ୍ପାଦକ ଭାବେ ଜ୍ୟୋତି ରଞ୍ଜନ ମହାନ୍ତିଙ୍କୁ ନିର୍ବାଚିତ କରାଯାଇଥିଲା। ଖୋର୍ଦ୍ଧା ମଣ୍ଡଳ ସଭାପତି ଭାବେ ଅରୁଣ କୁମାର ପାଣିଗ୍ରାହୀ ଓ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ନାୟକ ନିର୍ବାଚିତ ହୋଇଥିଲେ। ଉକ୍ତ ଅଧିବେଶନରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଜୋନାଲ୍ ସଙ୍ଗଠନ ସମ୍ପାଦକ ଶ୍ରୀକାନ୍ତ କୁମାର ଭୂୟାଁ ପରିଚାଳନା କରିଥିବା ବେଳେ ଜୋନ୍ ଅଧ୍ୟକ୍ଷ ଏ.ଭି.ଏସ୍. ପ୍ରସାଦ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ

କୋଣାର୍କ,୧୩।୩(ଡି.ଏନ୍.ଏ.): କୋଣାର୍କ ସ୍ଥିତ ଯାତ୍ରୀ ନିବାସରେ ଥିବା ବାଙ୍କୁଏଟ ହଲ ପରିସରରେ ନେହେରୁ ଯୁବ କେନ୍ଦ୍ର, ପୁରୀ ସହଯୋଗରେ ସାମାଜିକ ସଙ୍ଗଠନ ଫ୍ରେଣ୍ଡସ କ୍ଲବ, ସମ୍ପର୍କ ଏବଂ ସତ୍ୟସାଇ ଯୋଗ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫ୍ରେଣ୍ଡସ କ୍ଲବ ସଭାପତି ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି, ନମସ୍କାର ରେଡିଓର ପ୍ରତିଷ୍ଠାତା ନିର୍ଦ୍ଦେଶକ ଏନ୍.ଶାହା ଅନସାରୀ, ପୂର୍ବତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ନେହେରୁ ଯୁବକେନ୍ଦ୍ରର ଯୁବ ସଂଯୋଜକ ଜୟଶଙ୍କର ଯୋଶୀ, ସାମାଜିକ କର୍ମୀ ହୃଦାନନ୍ଦ ସେଠୀ, ଜବାହର ନବୋଦୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବି.ଏନ୍. ଚାଲା, କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ, ସମ୍ପର୍କର ସମ୍ପାଦକ ଗଣେଶ ଚନ୍ଦ୍ର ସାଇଁ ପ୍ରମୁଖ ଯୋଗଦେଇ ଯୁବ ସଂସଦ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ସମାଜ ମଧ୍ୟରେ ନେତୃତ୍ୱ ନେବାର ସୁପରିଚାଳନା, ସୁସ୍ଥ ଓ ଶୃଙ୍ଖଳିତ ରାଷ୍ଟ୍ର ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ସଫଳତା ପାଇଁ ପୁରୀ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରିୟ ରଞ୍ଜନ ରଥ, ଶୁଭ୍ରାଂଶୁ ସେଠୀ, କାହ୍ନୁଚରଣ ପାତ୍ର, କୁନାଲ ପାତ୍ର, ସୌଭାଗ୍ୟ ସ୍ୱାଇଁ, ଅନିଲ ସ୍ୱାଇଁ, ସତ୍ୟଜିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଯୁବ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# 'ଡାକ ବିଭାଗକୁ ସଂକୁଚିତ କରିବ ଘରୋଇକରଣ'

### ଡାକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

ପୁରୀ ଅଫିସ୍, ୧୩।୩: କେନ୍ଦ୍ର ସରକାରଙ୍କ ଦ୍ୱାରା ଡାକ ବିଭାଗକୁ ଘରୋଇକରଣ ଓ ଡାକମିତ୍ର କମନ୍ ସର୍ଭିସ୍ ସେଣ୍ଟର ଭଳି ମାରାତ୍ମକ ବ୍ୟବସ୍ଥା କରାଯାଉଛି, ଯାହା ଡାକ ବିଭାଗକୁ ସଙ୍କୁଚିତ କରିବା ପାଇଁ ବିଧିବଦ୍ଧ ଚକ୍ରାନ୍ତ ବୋଲି ରବିବାର ପୁରୀଠାରେ ଆୟୋଜିତ ଅଖିଳ ଭାରତ ଡାକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅଖିଳ ଭାରତ ଡାକ କର୍ମଚାରୀ ସଂଘ ଏବଂ ପୋଷ୍ଟମ୍ୟାନ ଏମ୍‌ଟିଏସ୍ ଏବଂ ଗ୍ରାମୀଣ ଡାକସେବକ ସଂଘର ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ପୁରୀ ୟୁଥ ହଷ୍ଟେଲ ପରିସରରେ ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ଆରମ୍ଭ ହୋଇଛି। ଏହାକୁ ସିଟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସରକାରୀ କର୍ମଚାରୀ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ଧଳ, ସମ୍ମାନିତ ଅତିଥି ଭାବେ ପୋଷ୍ଟମ୍ୟାନ ଏମ୍‌ଟିଏସ୍‌ସଂଘର ସର୍ବଭାରତୀୟ ମହାସଚିବ ଦେବବ୍ରତ ମହାନ୍ତି, ଗ୍ରାମୀଣ ଡାକସେବକ ସଂଘର ମହାସଚିବ ପି. ପାଣ୍ଡୁରଙ୍ଗା ରାଓ, ରେଳ ଡାକ କର୍ମଚାରୀ ସଂଘର କଟକ ମଣ୍ଡଳ ସମ୍ପାଦକ ଫଣୀ ଭୂଷଣ ତ୍ରିପାଠୀ, ରେଳ ଡାକ ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ରବିନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୮ ଓ ୨୯ ତାରିଖରେ ହେବାକୁ ଥିବା ଧର୍ମଘଟକୁ ସଫଳ କରିବା ପାଇଁ ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି। ଏମ୍.ସି.ଏସ୍.ରାଓ ଏବଂ ଅଶୋକ କୁମାର ପଣ୍ଡା ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଅଜୟ କୁମାର ପାତ୍ର ଓ ଯୋଗେଶ ଚନ୍ଦ୍ର ସାହୁଙ୍କୁ ନେଇ ଏକ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ରାଜୀବ ନାୟକ ଧନ୍ୟବାଦ ଦେଇଥିଲେ।



ଡାକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀରେ ସିଟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଏବଂ ଅନ୍ୟ ଅତିଥିମାନେ ।

**୨ ସ୍ଥାନରେ ଅଗ୍ନିକାଣ୍ଡ**

**ଚୌଦ୍ୱାର,(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗୁଳିଛକ ନିକଟ ଏକ କବାଡ଼ି ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପୁରୁଣା ଟ୍ରକ, ଛୋଟଗାଡ଼ି ସମେତ ଅନେକ ସାମଗ୍ରୀ ଜଳିଯାଇଛି। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଓ କ୍ଷୟକ୍ଷତିର ପରିମାଣ ଜଣାପଡିନାହିଁ। ସେହିପରି ଚାରବାଟିଆ ଲେବର ଟେନାମେଣ୍ଟସ୍ଥିତ ବିରାଟ କଟକ ପ୍ରାଥମିକ ବିଦ୍ୟାଳୟରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବହି, ଖାତା, ରେକର୍ଡ ସମେତ ଅନେକ ଆସବାବପତ୍ର ପୋଡିଯାଇଛି। ବିଦ୍ୟୁତ୍ ଶଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।



## ସଂକ୍ଷେପରେ

### ଆଜିଠୁ ୯ କେନ୍ଦ୍ରରେ ଟିକାକରଣ

**କଟକ ଅଫିସ,୧୩।୩:** ସହରରେ ପୁଣିଥରେ କରୋନା ଟିକାକରଣ ଆରମ୍ଭ ହେବ। ସୋମବାରଠାରୁ ୯ଟି କେନ୍ଦ୍ରରେ ଟିକା ଦିଆଯିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏସ୍‌ସିବି ମେଡିକାଲ, ଜିଲା ମୁଖ୍ୟ ଚିକିତ୍ସାଳୟ, ଜଗତ୍‌ପୁରସ୍ଥିତ ହରିହରନନ୍ଦ ଆଶ୍ରମ, ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସିଡିଏ ସେକ୍ଟର-୭ସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜଗତ୍‌ପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଷଣ୍ଢପୁର, ବର୍ଣ୍ଣକୁଦ ଏବଂ ଓଡ଼ିଆ ବଜାରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ଟିକା ଦିଆଯିବ।

### ଶିବିରରେ ୧୦୩ ଜଣଙ୍କ ଚକ୍ଷୁ ପରୀକ୍ଷା

**କଟକ ଅଫିସ,୧୩।୩:** ଜଗତ୍‌ପୁରସ୍ଥିତ ନିମପୁର ଗଜାନନ ସେବା ସମିତି ପକ୍ଷରୁ ସ୍ଥାନୀୟ କିଶୋର କ୍ଲବଠାରେ ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଲଳିତେନ୍ଦୁ ଶତପଥୀ ଯୋଗ ଦେଇଥିଲେ। ଏଥିରେ ୧୦୩ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବାବେଳେ ୬୨ ଜଣଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ଏଥିସହ ୭ ଜଣଙ୍କର ମୋତିଆବିନ୍ଦୁ ପରୀକ୍ଷା କରାଯାଇ ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱରସ୍ଥିତ ଭିଜନ କେୟାର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ଗଜାନନ ସେବା ସମିତି ସଭାପତି କାହ୍ନୁ ଚରଣ ପଣ୍ଡା, ସୌମ୍ୟ ରଞ୍ଜନ ପଣ୍ଡା, ମାନସ ପଣ୍ଡା, ବିଜୟ ଭୂୟାଁ, ବିଶ୍ୱ ରଞ୍ଜନ ପଣ୍ଡା, ପ୍ରଦୀପ ବେଜ୍, ପ୍ରଶାନ୍ତ ପାଇକ, ମାନସ ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଚୌଦ୍ୱାର କଲେଜରେ ଅନ୍ତର୍ଜାତୀୟ ମହିଳା ଦିବସ

**ଚୌଦ୍ୱାର,୧୩।୩(ଡି.ଏନ୍.ଏ.):** ଚୌଦ୍ୱାର କଲେଜରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିର କଲେଜ ଅଧକ୍ଷ ଡ. ଉମେଶ ଚନ୍ଦ୍ର ଦେବତା, ପ୍ରଭାବତୀ ପଢିହାରୀ, ଅଧାପିକା ସସ୍ମିତା ଭୂୟାଁ, କଟକ ଗ୍ରାସ୍‌ରୁଟ ସଂସ୍ଥାର ସଦସ୍ୟା ସି.ଏ. ପ୍ରଜ୍ଞା ନାୟକ, ସାଗରିକା ବର୍ଦ୍ଧନ ପ୍ରମୁଖ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ରଶ୍ମି ରାଉତରାୟ, ହରପ୍ରିୟା ମହାପାତ୍ର, କ୍ଷିରାବ୍ଧୀ ଚୌଧୁରୀ, ମମତା ସାହୁ, କ୍ରିଷ୍ଣା କାବେରୀ ଦାସ, ସୁଜାତା ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରିୟଙ୍କା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କଟକ ଅଫିସ,୧୩।୩:** ଅଭିନବ ବିଡାନାସୀ ପଥଚାରୀ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ପରିବା ମାର୍କେଟରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଡା. ନିରଞ୍ଜନ ମହାନ୍ତି ଯୋଗଦେଇ ବୟସ୍କ ବ୍ୟକ୍ତିମାନଙ୍କୁ କେଉଁ ରୋଗ ହେବାର ସମ୍ଭାବନା ଅଧିକ ରହିଛି, ତାହାର ପ୍ରାରମ୍ଭିକ ଲକ୍ଷଣ କ'ଣ ଓ କିପରି ଚିକିତ୍ସା କରିହେବ ସେ ସମ୍ପର୍କରେ କହିଥିଲେ। ସଂଘ ସଭାପତି ଦେବେନ୍ଦ୍ର ସୂତାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏଥିରେ ଡା. ମଦନ ମୋହନ ମହାପାତ୍ର, ଡା. ବୃନ୍ଦାବନ ବିଶ୍ୱାଳ, ପ୍ରଦୀପ କୁମାର ସିହ୍ନା, ତପନ ମହାପାତ୍ର, ମନୋରଞ୍ଜନ ଦାସ, ଦୁର୍ଗା ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ।

### ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣା: ୨ କୋର୍ଟଚାଲାଣ

**ଖୁଣ୍ଟୁଣୀ,୧୩।୩(ଡି.ଏନ୍.ଏ.):** ମହିଳାଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ଗୁରୁଡିଝାଟିଆ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ କୋଳଥପଙ୍ଗି ଗ୍ରାମର ରଞ୍ଜନ ବେହେରା ଓ ବୈଦ୍ୟନାଥ ନାୟକ। ଅଭିଯୋଗ ଅନୁଯାୟୀ, ଏହି ଥାନା ଅଞ୍ଚଳରେ ସମ୍ପୃକ୍ତା ମହିଳା ଘରଭଡା ନେଇ ରହୁଥିଲେ। ଶନିବାର ତାଙ୍କ ସ୍ୱାମୀ ନିକଟସ୍ଥ ଏକ କାରଖାନାକୁ କାମ କରିବା ପାଇଁ ଯାଇଥିଲେ। ଘରେ ମହିଳା ଜଣଙ୍କ ଏକୁଟିଆ ଥିବାର ସୁଯୋଗ ନେଇ ଯୁବକ ଦ୍ୱୟ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ମହିଳା ଜଣଙ୍କ ସେଠାରୁ ଖସି ଆସି ପାଟି କରି ଡାକିବାରୁ ଲୋକେମାନେ ପହଞ୍ଚି ଯାଇଥିଲେ। ଏହି ସମୟ ମଧରେ ଯୁବକ ଦ୍ୱୟ ଖସି ପଳାଇଥିଲେ। ପରେ ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୯/୨୨) ରୁଜୁ କରିଥିଲା।

# ବିଜେଡି ପାଇଁ ଅନେକ ଚ୍ୟାଲେଞ୍ଜ

**ମେୟର ନିର୍ବାଚନ**

**କଟକ ଅଫିସ, ୧୩।୩**

ଆସନ୍ତା ୨୪ରେ କଟକ ମହାନଗର ନିଗମ(ସିଏମ୍‌ସି) ନିର୍ବାଚନ। ଏଥିପାଇଁ ହାତରେ ଆଉ ଅଳ୍ପଦିନ ବାକି ଥିବାବେଳେ ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର୍ କରିଛନ୍ତି। ଚଳିତ ନିର୍ବାଚନରେ ୨ଲକ୍ଷ ୧୯ ହଜାର ୫୯୮ ଜଣ ମହିଳା, ୨ଲକ୍ଷ ୩୧ ହଜାର ୩୦ ଜଣ ପୁରୁଷ ଓ ୧୩୧ ଜଣ କିନ୍ନର ମତଦାନ କରିବେ। ତେବେ ଏଥର ପ୍ରଥମଥର ମେୟର ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ୧୮ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, କଂଗ୍ରେସରୁ ଗିରିବାଳା ବେହେରା, ଭାଜପାରୁ ଶ୍ରୀତମ ଦାସ, ବିଏସ୍‌ପିରୁ ବିଜୟ କୁମାର ସାମଲ, କୃପା ପାର୍ଟିରୁ ପ୍ରେମଜିତ୍ ସାହୁ, ଏଏପିରୁ ସେକ୍ ମୁସ୍ତାକ ଅଲ୍ଲୀ, ଏସ୍‌ୟୁସିଆଇ(ସି)ରୁ ବବି ବଳବନ୍ତରାୟ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ବିକାଶ କୁମାର ସାହୁ, ଓମ୍ ପ୍ରକାଶ ପଣ୍ଡା, ସଞ୍ଜିତ କୁମାର ସାମଲ, ରୁଦ୍ର ମହାଦେବ ପଣ୍ଡା, ଜୟଶଙ୍କର ଆଚାର୍ଯ୍ୟ, ଦେବାନନ୍ଦ ମହାପାତ୍ର, ସୌଦାମିନୀ ମିଶ୍ର, ଦୟାନିଧି ନାୟକ, ହେମନ୍ତ କୁମାର ସାହୁ, ଶ୍ରୀରାମ ପାଣ୍ଡେ, ବୃନ୍ଦାବନ ଦାସ ଆଜାଦ ନିର୍ବାଚନ ପାଇଁ ପ୍ରଚାର ଚଳାଇଛନ୍ତି। ଏହି ଲଢେଇରେ ନେତାଙ୍କଠାରୁ ଆରମ୍ଭ କରି ଆଇନଜୀବୀ, ଡାକ୍ତର, ଆଇନ ଛାତ୍ରଙ୍କୁ ଦେଖିବାକୁ ମିଳୁଛି। ୨୧ ବର୍ଷୀୟ ଆଇନ ଛାତ୍ର ଓମ୍‌ପ୍ରକାଶ ପଣ୍ଡା, ଡା. ଦେବେନ୍ଦ୍ର ମହାପାତ୍ର ଓ ଆଇନଜୀବୀ ଜୟଶଙ୍କର ଆଚାର୍ଯ୍ୟ ଲୋକଙ୍କ ପାଇଁ କିଛି କରିବା ଆଶାରେ ନିର୍ବାଚନ ଲଢୁଛନ୍ତି। ତେବେ ନିର୍ବାଚନରେ ବିଭିନ୍ନ ବର୍ଗର ପ୍ରାର୍ଥୀ ଥିଲେ ମଧ୍ୟ ୩ ପ୍ରମୁଖ ରାଜନୈତିକ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢେଇ ହେବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି।

ବିଜେଡି ପ୍ରାର୍ଥୀ ସୁବାସ କଟକରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ରାଜ୍ୟ ସଭା ସଦସ୍ୟ ହେବା ପରେ ସେ କଟକ ସହରର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଛନ୍ତି। ତେବେ ମେୟର ପାଇଁ ବିଜେଡିରେ ଅନେକ ଆଶାୟୀ ଥିବାବେଳେ ଦଳ ସୁବାସଙ୍କୁ ଟିକେଟ ଦେଇଛି। ଏଥିପାଇଁ ଅନେକ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଥିବାବେଳେ ଭୋଟ ବିଭାଜନରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଚର୍ଚ୍ଚା ହେଉଛି। ଏହା ମଧ୍ୟ କୁହାଯାଉଛି, ସୁବାସ ବସ୍ତିବାସିନ୍ଦାଙ୍କ ନେତା ଥିଲେ। ତେଣୁ ବସ୍ତିଲୋକଙ୍କ ଭୋଟ୍ ହାତେଇବା ତାଙ୍କ ପାଇଁ ସହଜ ହେବ ଭାବି ଦଳ ତାଙ୍କୁ ପ୍ରାର୍ଥୀ କରିଛି। ହେଲେ ତାଙ୍କ ପାଇଁ ଏହା ଏତେଟା ସହଜ ହୋଇ ନ ପାରେ। ବସ୍ତିନେତା ବୃନ୍ଦାବନ ଦାସ ଆଜାଦ୍ ସ୍ୱାଧୀନ ଭାବରେ ମେୟର ପ୍ରାର୍ଥୀ ହୋଇଥିବାରୁ ସୁବାସଙ୍କୁ ଅଡୁଆ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

ସେହିପରି ଗତ ବିଧାନସଭା ନିର୍ବାଚନରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସରୁ ଇଂ. ମହମ୍ମଦ ମୋକିମ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେଣୁ ତାଙ୍କର ପରିଚାଳନାଗତ ଦକ୍ଷତା ପାଇଁ ଦଳ ତାଙ୍କ ଉପରେ ଆସ୍ଥାପ୍ରକଟ କରି ଚଳିତ ପୌର ନିର୍ବାଚନର ଦାୟିତ୍ୱ ଦେଇଛି। ଭାଜପା ଓ ବିଜେଡିକୁ କଡା ଟକ୍କର ଦେବା ପାଇଁ ସେ ତାଙ୍କ ସମର୍ଥକମାନଙ୍କ ସହ ଗିରିବାଳାଙ୍କୁ ନେଇ ବିଭିନ୍ନ ୱାର୍ଡରେ ପ୍ରଚାର ଚଳାଇଛନ୍ତି। କଟକ ସହରର ସମସ୍ୟାକୁ ପ୍ରସଙ୍ଗ କରି ଦଳୀୟ ପ୍ରାର୍ଥୀ ଓ କର୍ମୀମାନେ ଭୋଟରଙ୍କ ନିକଟରେ ପହଞ୍ଚୁଥିବା ଦେଖିବାକୁ ମିଳିଛି।

ଅଭିନେତାରୁ ରାଜନେତା ସାଜିଥିବା ଶ୍ରୀତମ ଦାସଙ୍କୁ ଭାଜପା ମେୟର ପ୍ରାର୍ଥୀ କରିଛି। ଏଥିସହ ସହରରେ ଥିବା ଦଳର ନେତୃତ୍ୱ ସଙ୍କଟକୁ ଦୂର କରିବା ଲାଗିଚଳିତଥର ସମସ୍ତଙ୍କୁ ଏକଜୁଟ କରିବା ପାଇଁ ପ୍ରୟାସ କରାଯାଇଛି। ଲକ୍‌ଡାଉନ୍ ସମୟରେ ଗରିବ ଲୋକଙ୍କୁ ଖାଦ୍ୟ ଯୋଗାଇବାଠାରୁ ନେଇ ଆର୍ଥିକ ଅନଟନରେ ଥିବା କଳାକାରମାନଙ୍କୁ ଶ୍ରୀତମ ସହାୟତାର ହାତ ବଢାଇଥିଲେ। ଏଥିସହ ସେ ଚା' ଖଟି କରି ଲୋକଙ୍କ ସମସ୍ୟା ବୁଝି ଘରେ ପହଞ୍ଚୁଥିଲେ। ନିର୍ବାଚନ ପାଇଁ ଶ୍ରୀତମଙ୍କୁ ଦଳୀୟ କର୍ମୀଙ୍କ ସହଯୋଗ ମିଳୁଥିବା ପ୍ରଚାରବେଳେ ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ମେୟର ପଦବୀ କିଏ ହାତେଇବ, ତାହା ନିର୍ବାଚନ ଫଳ ଘୋଷଣା ପରେ ଜଣାପଡିବ।



କଟକ ତେଲେଙ୍ଗାବଜାର ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ ମେଳ ସ୍ଥଳକୁ ଶୋଭାଯାତ୍ରାରେ ଯାଉଥିବା ଦୋଳବିମାନ।

## 'ବାଉରୀବନ୍ଧୁ ଥିଲେ ସତ୍ୟନିଷ୍ଠ ସମାଲୋଚକ'

**କଟକ ଅଫିସ,୧୩।୩**

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ପ୍ରଫେସର ବାଉରୀବନ୍ଧୁ କରଙ୍କ ତୈଳଚିତ୍ର ରବିବାର ଉନ୍ମୋଚିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାହିତ୍ୟ ସମାଲୋଚକ ପ୍ରଫେସର ଦାଶରଥି ଦାସ ଯୋଗଦେଇ ତୈଳଚିତ୍ରକୁ ଉନ୍ମୋଚନ କରିଥିଲେ। ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ବାଉରୀବନ୍ଧୁ ଜଣେ ସତ୍ୟନିଷ୍ଠ ସମାଲୋଚକ ଥିଲେ ବୋଲି ଦାସ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ କବି ଫନୀ ମହାନ୍ତି ଯୋଗଦେଇ କହିଥିଲେ, ପ୍ରଫେସର କର ଥିଲେ ଅନ୍ତର୍ଦୃଷ୍ଟିସମ୍ପନ୍ନ ସମୀକ୍ଷକ। ସେହିପରି ସମ୍ମାନିତ ଅତିଥି କଥାକାର ଦାଶ ବେନହୁର କହିଥିଲେ, ପ୍ରଫେସର କର ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ନାଟ୍ୟକାର ବିଜୟ କୁମାର ଶତପଥୀ ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ, ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ଅଧ୍ୟାପକ କମଳ ମାହୁନ୍ତ ଧନ୍ୟବାଦ ଦେଇଥିଲେ।



ପ୍ରଫେସର ବାଉରୀବନ୍ଧୁ କରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: କଣ୍ଟାପାରୀ କ୍ଲବ ଚାମ୍ପିୟନ

**ନିଶ୍ଚିନ୍ତକୋଇଲି, ୧୩।୩(ସ୍ୱ.ପ୍ର./ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଦୁଧେଇ ମା' କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମାଞ୍ଚଳର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ଲୁଜର ଇଲେଭେନ ବୁହାଲୋ କ୍ରିକେଟ କ୍ଲବ ଓ କଣ୍ଟାପାରୀ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। କଣ୍ଟାପାରୀ କ୍ରିକେଟ କ୍ଲବ ୪ ଓଭରରେ ୪ ଉଇକେଟ ହରାଇ ୪୦ ରନ କରିଥିଲା। ଜବାବରେ ଲୁଜର ଇଲେଭେନ କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ଆବଶ୍ୟକ ରନ ସଂଗ୍ରହ କରିପାରି ନ ଥିଲା। ଫଳରେ କଣ୍ଟାପାରୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ଖେଳକୁ କାଳିପ୍ରସାଦ ଶତପଥୀ, ହରିହର ହୋତା, ରଞ୍ଜିତ ସାହୁ, ମଧୁସୂଦନ ସାହୁ, ଗଗନ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଖେଳରେ ସୌମ୍ୟରଞ୍ଜନ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ ଓ ମକର ଚରଣ ସାହୁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବୁହାଲୋର ନବନିର୍ବାଚିତ ସରପଞ୍ଚ ରମାକାନ୍ତ ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ସମିତିସଭ୍ୟଙ୍କ ପରିବାରକୁ ଆକ୍ରମଣ

**ନିଶ୍ଚିନ୍ତକୋଇଲି,୧୩।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ କିଶନନଗର ଥାନା ବାବୁଜଙ୍ଗ ପଞ୍ଚାୟତର ନବନିର୍ବାଚିତ ସମିତିସଭ୍ୟ ଅଜୟ କୁମାର ଲେଙ୍କାଙ୍କ ପରିବାର ଉପରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଗତ ୧୧ତାରିଖ ଅପରାହ୍ନ ସାଢେ ୧ଟାରେ ସମିତିସଭ୍ୟ ଅଜୟ ଘରେ ଅନୁପସ୍ଥିତ ଥିଲେ। ଏହି ସମୟରେ ତାଙ୍କ ପରିବାର ଲୋକେ ଘରେ ଖାଉଥିବା ବେଳେ ସ୍ଥାନୀୟ ଭୂୟାଁସାହିର ବିଶ୍ୱ ଧନଞ୍ଜୟ ଭୂୟାଁ, ଲାଲାଜି ଭୂୟାଁ, କିଶୋର ଭୂୟାଁ ପ୍ରମୁଖ ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଅଜୟଙ୍କ ସ୍ତ୍ରୀ ମାନସୀ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଏହି ସମୟରେ ତାଙ୍କର ଦିଅର ଓ ସ୍ୱାମୀ ପହଞ୍ଚି ଯିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ଆକ୍ରମଣ କରିଥିଲେ। ଏଥିରେ ସେମାନେ ଆହତ ହୋଇଥିଲେ। ଏପରିକି ସମ୍ପୃକ୍ତ ବ୍ୟକ୍ତିମାନେ ମାନସୀଙ୍କ ଯାଆ ସଞ୍ଜୁକ୍ତାଙ୍କ ଗୋଟିଏ ସୁନାଚେନ ଛିଣ୍ଡାଇ ନେଇଯାଇଥିବା ଅଭିଯୋଗ ହୋଇଛି। ପରେ ତାଙ୍କ ପରିବାରକୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ମାନସୀ ଥାନାରେ ଅଭିଯୋଗ କରିଥିଲେ। ଥାନାରେ ନଂ. ୩୬/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

## କ୍ରିକେଟ: ଉଦୟନାଥ କ୍ଲବ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

**ଫୁଲନଖରା, ୧୩।୩(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ବର୍ଣ୍ଣକୁଦ ଖେଳପଡିଆରେ ୨ ସପ୍ତାହ ଧରି ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ମୋଟ୍ ୧୬ଟି ଟିମ୍ ଭାଗ ନେଇଥିଲା। ହରିଅନ୍ତାର ଉଦୟନାଥ କ୍ରିକେଟ କ୍ଲବ ଓ ଫୁଲନଖରାର ଏଭରଗ୍ରୀନ୍ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ପ୍ରଥମେ ଉଦୟନାଥ ଟିମ୍ ବ୍ୟାଟିଂ କରି ୧୨ ଓଭରରେ ୮ ଉଇକେଟ ହରାଇ ୧୬୩ ରନ୍ କରିଥିଲା। ଜବାବରେ ଏଭରଗ୍ରୀନ୍ ଟିମ୍ ୧୨ ଓଭର ଖେଳି ୮ ଉଇକେଟ ହରାଇ ୧୪୪ ରନ୍ କରିଥିଲା। ସୁନୀଲ କୁମାର ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ରଜତ ଦାସ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପାର କଟକ ନଗର ଜିଲା ଉପସଭାପତି ସ୍ୱାଧୀନଚେତା ମହାନ୍ତି, ସମ୍ମାନିତ ଅତିଥି ଭାବେ ଚିତ୍ତ ଦାସ, ଧ୍ରୁବଚରଣ ଜେନା, ପ୍ରବୀର ପତି, ଦିଲୀପ କୁମାର ଜେନା, ଖବରଦାତା କାନନ ବିହାରୀ ନାୟକ, ରାଜକିଶୋର ବେହେରା ପ୍ରମୁଖ ଅତିଥି ଯୋଗଦେଇ ବିଜୟୀ ଓ ରନର୍ସ ଅଫ ଟିମ୍‌କୁ ପୁରସ୍କୃତ କରିଥିଲେ। ମା' ଯୋଗିଆଣୀ କ୍ରିକେଟ କ୍ଲବ ଅଧିନାୟକ ଟୁନା ଜେନା ଖେଳ ପରିଚାଳନା କରିଥିଲେ।

## କବିତା ମାଧ୍ୟମରେ ଦୁଃଖ ଲାଘବ କରିହେବ

**କଟକ ଅଫିସ,୧୩।୩**

ସଂପର୍କ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ସ୍ଥାନୀୟ ଉତ୍କଳମଣୀ ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଦୁର୍ଗା ସାହିତ୍ୟ ସଂସଦର ପ୍ରତିଷ୍ଠାତା ପଣ୍ଡିତ ଚୈତନ୍ୟ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରରେ ମୁଖ୍ୟ ଅତିଥି ଭାବେ ଦାର୍ଶନିକ ତଥା ପ୍ରଫେସର ନୀଳକଣ୍ଠ ରାଉତ, ମୁଖ୍ୟବକ୍ତା ଭାବେ ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ତଥା କବି ଉଦୟ କେଶରୀ ବର୍ମା, ସମ୍ମାନିତ ବକ୍ତାଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇ କବିତା ମାଧ୍ୟମରେ ଦୁଃଖ ଲାଘବ କରିହେବ ବୋଲି କହିଥିଲେ। ଡା. ବସନ୍ତ କୁମାରୀ ନନ୍ଦ ଓ ମହେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ କବି ଅକ୍ଷୟ ବଳ, ନମିତା ମହାନ୍ତି, ଛବିରାମ ସେଠୀ, କ୍ଷୀରୋଦ ଜେନା, ସଚ୍ଚିଦାନନ୍ଦ କର, ନିରୁପମା ସାହୁ, ଉତ୍ତମ ଚରଣ ପ୍ରଧାନ, ଆଶିଷ ରଞ୍ଜନ ଦାଶ, ରତନ ମହାନ୍ତି ଓ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ କବିତା ପାଠ କରିଥିଲେ। କବି ମନୋରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଓ କବି ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।



କଟକ ରାଜାବଗିଚା ଅଞ୍ଚଳରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସଙ୍କ ନିର୍ବାଚନୀ ପ୍ରଚାର।



ସିଏମ୍‌ସିର ଡଗରପଡା ଅଞ୍ଚଳରେ ବିଜେଡି କର୍ପୋରେଟର ପ୍ରାର୍ଥିନୀ ଆରତି ସାହୁ ପ୍ରଚାର କରୁଛନ୍ତି।



ବିଧାୟକ ଇଂ. ମହମ୍ମଦ ମୋକିମ ସମର୍ଥକଙ୍କ ସହ କର୍ପୋରେଟର ପ୍ରାର୍ଥୀ ଗିରିବାଳା ବେହେରା ପ୍ରଚାର ଚଳାଇଛନ୍ତି।

# ସମର୍ଥକଙ୍କୁ ଧରି ପ୍ରଚାର କରୁଛନ୍ତି ପ୍ରାର୍ଥୀ

**ଭାଜପାର ମଙ୍ଗ ଧରିଛନ୍ତି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ**

**କଟକ ଅଫିସ, ୧୩।୩**

କଟକ ମହାନଗର ନିଗମ(ସିଏମ୍‌ସି) ପୌର ନିର୍ବାଚନ ପାଇଁ ବିଭିନ୍ନ ୱାର୍ଡରେ ପ୍ରାର୍ଥୀମାନେ ପ୍ରଚାର ଚଳାଇଛନ୍ତି। ରବିବାର ଭାଜପା ପ୍ରାର୍ଥୀଙ୍କ ପ୍ରଚାରରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇଥିଲେ। ସେ କଟକରେ ପ୍ରଚାରର ମଙ୍ଗ ଧରିଛନ୍ତି। ୧୧, ୧୨, ୨୮, ୨୯ ଓ ୩୦ ନଂ. ୱାର୍ଡରେ ସେ ଦଳୀୟ ପ୍ରାର୍ଥୀଙ୍କୁ ନେଇ ଭୋଟରଙ୍କ ପାଖରେ ପହଞ୍ଚି ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଅଧିକାଂଶ ୱାର୍ଡରେ ଦଳୀୟ ପ୍ରାର୍ଥୀ ଜିତିବେ ବୋଲି ଆଶା କରୁଛି। ଏହି ପ୍ରଚାରରେ ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସଙ୍କ ସମେତ ନଗର ସଭାପତି ଲଲାଟେନ୍ଦୁ ବଡ୍ଡୁ, କର୍ପୋରେଟର ପ୍ରାର୍ଥୀ ରୀତା ମହାପାତ୍ର, ସୁପ୍ରୀତି ଦାସ, ଅଳକା ମହାନ୍ତି, ମାନିନୀ ରାଉତ, ସନତ ମାହାର ପ୍ରମୁଖ ଉପସ୍ଥିତ ଥିଲେ।

ବିଜେଡି ମେୟର ପ୍ରାର୍ଥୀ ସୁବାସ ସିଂ ୪୯ ନଂ. ୱାର୍ଡରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ସେହିପରି ବସ୍ତିବାସୀଙ୍କ ଏକତା ମଞ୍ଚ ସଭାରେ ଯୋଗଦେଇ ଭୋଟର ଓ କର୍ମୀମାନଙ୍କ ସହଯୋଗ ଲୋଡିଥିଲେ। ସେହିପରି ସ୍ଥାନୀୟ ସେଲିବ୍ରେଶନ ମଣ୍ଡପରେ ନିର୍ବାଚନୀ ସଭା ହୋଇଥିଲା। ଏଥିରେ ମେୟର ପ୍ରାର୍ଥୀ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟପକ୍ଷରେ ସିଏମ୍‌ସିର ୧୧ନଂ. ୱାର୍ଡ ଡଗରପଡା ଅଞ୍ଚଳରେ ବିଜେଡି କର୍ପୋରେଟର ପ୍ରାର୍ଥିନୀ ଆରତି ସାହୁ ସମର୍ଥକମାନଙ୍କ ସହିତ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ସେ ଘର ଘର ବୁଲି ନିଜ ସପକ୍ଷରେ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ।

କଂଗ୍ରେସ ମେୟର ପ୍ରାର୍ଥୀ ଗିରିବାଳା ବେହେରାଙ୍କୁ ନେଇ ବିଧାୟକ ମହମ୍ମଦ ମୋକିମ ପ୍ରଚାର କରିଛନ୍ତି। ସେମାନେ ୫୬ ଓ ୫୭ନଂ. ୱାର୍ଡ ବୁଲି ଭୋଟ ଦେବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ପୂର୍ବାହ୍ନରେ ଗିରିବାଳା ବେହେରା, ବରିଷ୍ଠ କଂଗ୍ରେସ ନେତା ଅନିଲ ବେଉରା, ସୁଧୀର ଦାସ, ସାଗର ବେଉରା, ବାବୁଲି ବେହେରା, ଅଜୟ ନାୟକ, ସତ୍ୟାନନ୍ଦ ରାଉତ, ପ୍ରତାପ ବେହେରାଙ୍କ ସମେତ ୫୬ନଂ. ୱାର୍ଡର କର୍ପୋରେଟର ପ୍ରାର୍ଥିନୀ ଇଂ. ଶ୍ୱେତା ମହାନ୍ତି ଓ ୫୭ ନଂ. କର୍ପୋରେଟର ପ୍ରାର୍ଥିନୀ ଅନ୍ନପୂର୍ଣ୍ଣା ସାହୁ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ୧୫, ୧୭ ଓ ୧୮ ନମ୍ବର ୱାର୍ଡରେ ମଧ୍ୟ ନିର୍ବାଚନୀ ପ୍ରଚାର କରାଯାଇଥିଲା।

ଏସ୍‌ୟୁସିଆଇ(ସି)ର ମେୟର ପ୍ରାର୍ଥିନୀ ବବି ବଳବନ୍ତରାୟ ନୂଆପଡା ବାଲିସାହି ବସ୍ତି ଅଞ୍ଚଳରେ ନିର୍ବାଚନ ପ୍ରଚାର କରିଥିଲେ। ଏହି ସମୟରେ ସେ ଜନସାଧାରଣଙ୍କୁ ବିଚାର କରି ଭୋଟ ଦେବାକୁ କହିଥିଲେ।

## ୨ ୱାର୍ଡରେ ବିଜେଡିର ନିର୍ବାଚନୀ ସଭା

**କଟକ ଅଫିସ,୧୩।୩**

କଟକ ମହାନଗର ନିଗମ(ସିଏମ୍‌ସି)ର ୪୮ନଂ. ୱାର୍ଡ ସ୍ଥିତ ନିମପୁର କୃଷ୍ଣେଶ୍ୱର ଦୋଳ ମଣ୍ଡପ ବିଜେଡିର ନିର୍ବାଚନୀ ସଭା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୱାର୍ଡ ସଭାପତି ବିଜୟ କୁମାର ଭୂୟାଁ ସଭାପତିତ୍ୱ କରି ଦଳର କର୍ପୋରେଟର ପ୍ରାର୍ଥିନୀ ନଳିନୀ ବେହେରା ଓ ମେୟର ପ୍ରାର୍ଥୀ ସୁବାସ ସିଂଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସେହିପରି ୪୯ନଂ. ୱାର୍ଡର ତ୍ରିନାଥ ସାହି ଆଦିବାସୀ ବସ୍ତି ପାର୍ଶ୍ୱ ପଡିଆରେ ବିଜେଡିର ନିର୍ବାଚନି ସଭା ହୋଇଥିଲା। ଏଥିରେ ୱାର୍ଡ ସଭାପତି ନବ କିଶୋର ସ୍ୱାଇଁ ସଭାପତିତ୍ୱ କରି କର୍ପୋରେଟର ପ୍ରାର୍ଥିନୀ ଦମୟନ୍ତୀ ମାଝି ଏବଂ ମେୟର ପ୍ରାର୍ଥୀ ସିଂଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ସଭାରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାପସ ମହାନ୍ତି, ଅନିତା ମହାନ୍ତି, ଲଳିତେନ୍ଦୁ ଶତପଥୀ, ଇତିଶ୍ରୀ ପଣ୍ଡା, ଅଜୟ ଜେନା, ପ୍ରଶାନ୍ତ ସ୍ୱାଇଁ, କଳ୍ପନା ଜେନା, ମାଧବାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।